78th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org
୭୯ବର୍ଷ ❑ ସଂଖ୍ୟା-୩୫୯ ● କଟକ ● ବୁଧବାର ● ୦୫ ଅଗଷ୍ଟ-୨୦୨୬ ● ସିଂହ-୦୬ ● ସାଲ୍-୧୪୩୧
CUTTACK ● WEDNESDAY ● 05 AUGUST-2026 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

ଭଞ୍ଜମାଟିରେ ରାଷ୍ଟ୍ରପତି

ଗଞ୍ଜାମ ଇତିହାସରେ ଯୋଡ଼ିହେଲା ଏକ ଗୌରବମୟ ଅଧ୍ୟାୟ

● ରେଳଷ୍ଟେସନରୁ ତପ୍ତପାଣି ପର୍ଯ୍ୟନ୍ତ ଭବ୍ୟ ସ୍ୱାଗତ କଲେ ଜିଲ୍ଲାବାସୀ

● କଳାକାରଙ୍କ ସହ ଭାବବିନିମୟ, ସୁବିଧା-ଅସୁବିଧା ବୁଝିଲେ

● ସାଂସ୍କୃତିକ ପରମ୍ପରାର ଝଲକ ଦେଖି ବିମୋହିତ

● ପ୍ରଥମଥର ପହଞ୍ଚିଲେ ଆଦିବାସୀ ଆସ୍ଥାକେନ୍ଦ୍ରରେ

ବ୍ରହ୍ମପୁର,(ପିପିଏସ୍): ଭଞ୍ଜମାଟିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଦୁଇଦିନିଆ ଗଞ୍ଜାମ ଗସ୍ତ ମଙ୍ଗଳବାର ପୂର୍ବାହ୍ନରେ ଆରମ୍ଭ ହୋଇଛି। ପୂର୍ବାହ୍ନ ୧୧.୧୦ମିନିଟ୍‌ରେ ସେ ସ୍ଥାନୀୟ ରେଳଷ୍ଟେସନର ୪ ନମ୍ବର ପ୍ଲାଟଫର୍ମରେ ପହଞ୍ଚିଥିଲେ। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ରେଳ ଷ୍ଟେସନରେ ଭବ୍ୟ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାରଙ୍କ ସମେତ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର, ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର, ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ, ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ରେଳଷ୍ଟେସନରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ସୁନ୍ଦର ସାଜସଜ୍ଜା ଏବଂ ପରିଷ୍କାର-ପରିଚ୍ଛନ୍ନତାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଗଞ୍ଜାମର ସମୃଦ୍ଧ ଲୋକକଳା ଓ ସାଂସ୍କୃତିକ ପରମ୍ପରାର ଝଲକ ସ୍ୱରୂପ ବ୍ୟାଘ୍ର ନୃତ୍ୟ, ସଂକୀର୍ତ୍ତନ, ପାରମ୍ପରିକ ନୃତ୍ୟ ପରିବେଷଣ ଏବଂ ଶୁଭ ଶଙ୍ଖଧ୍ୱନି ମଧ୍ୟରେ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ରାଷ୍ଟ୍ରପତି କଳାକାରମାନଙ୍କ ସହ ସୌଜନ୍ୟମୂଳକ ଆଲୋଚନା କରିବା ସହ ସେମାନଙ୍କ ସହ ଫଟୋ ଉଠାଇ ଉତ୍ସାହିତ କରିଥିଲେ। ରେଳଷ୍ଟେସନ ପରିସରରେ ଉପସ୍ଥିତ ସାଧାରଣ ଜନତା ଓ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଜାତୀୟ ପତାକା ଓ ପ୍ଲାକାର୍ଡ ପ୍ରଦର୍ଶନ କରି ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। ମାନ୍ୟବର ରାଷ୍ଟ୍ରପତି ମଧ୍ୟ ହାତ ହଲାଇ ସେମାନଙ୍କ ଅଭିବାଦନ ଗ୍ରହଣ କରିଥିଲେ। ବ୍ରହ୍ମପୁର ରେଳଷ୍ଟେସନରେ ସ୍ୱଳ୍ପ ସମୟ ଅବସ୍ଥାନ ପରେ ରାଷ୍ଟ୍ରପତି ତପ୍ତପାଣି ଅଭିମୁଖେ ଯାତ୍ରା କରିଥିଲେ। ତାଙ୍କ ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ତପ୍ତପାଣି ଅଭିମୁଖେ ଯାତ୍ରା କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ବିପୁଳ ସଂଖ୍ୟାରେ ଆବାଳ ବୃଦ୍ଧବନିତା ଓ ଛାତ୍ରଛାତ୍ରୀମାନେ ଜାତୀୟ ପତାକା ଓ ସ୍ୱାଗତଂ ପ୍ଲାକାର୍ଡ ପ୍ରଦର୍ଶନ କରି ରାଷ୍ଟ୍ରପତିଙ୍କୁ ଅଭିବାଦନ ଜଣାଇଥିଲେ। ବ୍ରହ୍ମପୁର ସହରର ମିନାକ୍ଷୀନଗର ଠାରେ ରାଷ୍ଟ୍ରପତି କୁନିକୁନି ଛୁଆ ତାଙ୍କୁ ଦେଖିବାର ଉତ୍ସାହ ହୃଦୟଙ୍ଗମ କରି ଗାଡିରୁ ଓହ୍ଲାଇ ପିଲାଙ୍କୁ ଚକୋଲେଟ ବାଣ୍ଟି ଥିଲେ।

ମା' କନ୍ଧୁଣୀ ଦେବୀଙ୍କ ଆଶୀର୍ବାଦ ନେଉଛନ୍ତି ମହାମହିମ ରାଷ୍ଟ୍ରପତି

କନ୍ଧୁଣୀ ଦେବୀଙ୍କ ଆଶୀର୍ବାଦ ନେଲେ

ବ୍ରହ୍ମପୁର(ପିପିଏସ୍): ମା' କନ୍ଧୁଣୀ ଦେବୀଙ୍କ ଆଶୀର୍ବାଦ ନେଲେ ମହାମହିମ ରାଷ୍ଟ୍ରପତି। ପୂର୍ବଘାଟ ପର୍ବତମାଳାର ସବୁଜ ଅରଣ୍ୟର କୋଳରେ, ଉଷ୍ଣପ୍ରସ୍ରବଣର ଅବିରତ ଉଷ୍ଣତା ଓ ଆଧ୍ୟାତ୍ମିକ ଆସ୍ଥାର ଦିବ୍ୟ ଆଲୋକରେ ଶତାବ୍ଦୀ ଧରି ନିଜର ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛି ତପ୍ତପାଣି ଉଷ୍ଣପ୍ରସ୍ରବଣ। ପ୍ରକୃତି, ପରମ୍ପରା ଓ ପରମାତ୍ମାଙ୍କ ଅପୂର୍ବ ସଙ୍ଗମସ୍ଥଳ ଭାବେ ପରିଚିତ ଏହି ପବିତ୍ର ଭୂମି ଗଞ୍ଜାମ ଜିଲ୍ଲାର ମୁକୁଟରେ ଏକ ଅମୂଲ୍ୟରତ୍ନ ସଦୃଶ ଶୋଭାପାଉଛି । ମା' କନ୍ଧୁଣୀ ଦେବୀଙ୍କ ପ୍ରାଚୀନ ଶକ୍ତିପୀଠ, ନିକଟସ୍ଥ ମହାଦେବଙ୍କ ମନ୍ଦିର ଏବଂ କନ୍ଧ ଆଦିବାସୀ ସମ୍ପ୍ରଦାୟର ଜୀବନ୍ତ ପରମ୍ପରା ତପ୍ତପାଣିକୁ କେବଳ ଏକ ପର୍ଯ୍ୟଟନସ୍ଥଳୀ ନୁହେଁ, ବରଂ ଆସ୍ଥା, ଆରୋଗ୍ୟ ଓ ଆଧ୍ୟାତ୍ମିକ ଚେତନାର ଏକ ଅନନ୍ୟ ପୀଠରେ ପରିଣତ କରିଛି। ଏହି ପବିତ୍ର ଭୂମିରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପଦାର୍ପଣ ଗଞ୍ଜାମ ଇତିହାସରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି। ଦେଶର ପ୍ରଥମ ନାଗରିକ ପ୍ରଥମଥର ପାଇଁ ଏହି ଆଦିବାସୀ ଆସ୍ଥାକେନ୍ଦ୍ରରେ ପହଞ୍ଚି ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ନିକଟସ୍ଥ ମହାଦେବ ମନ୍ଦିରରେ ଦର୍ଶନ କରିଥିଲେ। ଦେଶର ଶାନ୍ତି, ସମୃଦ୍ଧି ଓ ସର୍ବଜନଙ୍କ କଲ୍ୟାଣ କାମନା କରି ତାଙ୍କର ଏହି ପ୍ରାର୍ଥନା ସମଗ୍ର ପରିବେଶକୁ ଭକ୍ତି ଓ ଆଧ୍ୟାତ୍ମିକତାରେ ଭରି ଦେଇଥିଲା। ଏହି ଅବସରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିଥିଲେ। (ଅଧିକ ପୃଷ୍ଠା-୩)

ବୀମା ନଥିଲେ ମିଳିବନି ପେଟ୍ରୋଲ୍

ନୂଆଦିଲ୍ଲୀ,(ପିପିଏସ୍): ବିନା ଥାର୍ଡ ପାର୍ଟି ବୀମାରେ ଚାଲୁଥିବା ଗାଡ଼ିକୁ ନେଇ କଠୋର ହେଲେ ସୁପ୍ରିମକୋର୍ଟ। ଅଦାଲତ କହିଛନ୍ତି ଯେଉଁ ଗାଡ଼ିଗୁଡ଼ିକର ବୈଧ ଥାର୍ଡ ପାର୍ଟି ବୀମା ନାହିଁ ସେହି ଗାଡ଼ିଗୁଡ଼ିକୁ ପେଟ୍ରୋଲ ପମ୍ପରେ ତେଲ ଦିଆ ନ ଯାଉ। ଏହାକୁ ନେଇ କେନ୍ଦ୍ର ସରକାର ଏକ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରନ୍ତୁ। ବିଚାରପତି ସଞ୍ଜୟ କରୋଲ ଓ ବିଚାରପତି ପ୍ରଶାନ୍ତ କୁମାର ମିଶ୍ରଙ୍କ ଖଣ୍ଡପୀଠ କହିଛନ୍ତି, ଦେଶରେ ବ୍ୟାପକ ସଂଖ୍ୟାରେ ଗାଡ଼ି ବିନା ଇନସ୍ୟୁରାନ୍ସରେ ରାସ୍ତାରେ ଚାଲୁଛି। ଏହି କାରଣରୁ ସଡ଼କ ଦୁର୍ଘଟଣାରେ ପୀଡ଼ିତଙ୍କୁ ଉଚିତ୍ ସମୟରେ କ୍ଷତିପୂରଣ ମିଳି ପାରୁ ନାହିଁ।

ଅଦାଲତ ବୀମା ନିୟାମକ ଆଇଆର୍‌ଡିଏଆଇ ଏବଂ ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରଣାଳୟକୁ ମିଳିତ ଭାବେ ଏମିତି ବ୍ୟବସ୍ଥା ପ୍ରସ୍ତୁତ କରିବାକୁ କହିଛନ୍ତି, ଯେଉଁଥିରେ ଗାଡ଼ିର ବୀମା ଅଛି କି ନାହିଁ ଯାଞ୍ଚ ପରେ ହିଁ ଟାଙ୍କିରେ ତେଲ ଦିଆଯିବ। ଏଥିପାଇଁ ଅଟୋମେଟିକ ନମ୍ବର ପ୍ଲେଟ୍ ରିକଗ୍ନିଶନ କ୍ୟାମେରାର ଉପଯୋଗ କରିବା ପ୍ରସ୍ତାବ ଦିଆଯାଇଛି। ସୁପ୍ରିମକୋର୍ଟ ନିଜ ଆଦେଶରେ କହିଛନ୍ତି, ସଂସଦର ଆର୍ଥିକ ସମ୍ପର୍କିତ ସ୍ଥାୟୀ କମିଟିର ୨୦୨୪-୨୫ର ରିପୋର୍ଟ ଅନୁସାରେ ଦେଶରେ ପ୍ରାୟ ୫୬ ପ୍ରତିଶତ ଗାଡ଼ି ବିନା ଇନସ୍ୟୁରାନ୍ସରେ ଚାଲୁଛି। ଏହି ସଂଖ୍ୟା ପ୍ରାୟ ୧୬.୫୪ କୋଟି ଥିବା ବେଳେ ମୋଟ୍ ପଞ୍ଜିକୃତ ଗାଡ଼ି ସଂଖ୍ୟା ହେଉଛି ୩୦.୪୮ କୋଟି। ସୁପ୍ରିମକୋର୍ଟ କହିଛନ୍ତି, ମୋଟର ବାହାନ ଅଧିନିୟମର ଧାରା ୧୪୬ ଆଧାରରେ ଗାଡ଼ି ପାଇଁ ଥାର୍ଡ ପାର୍ଟି ବୀମା ଅତି ଆବଶ୍ୟକ। ମାତ୍ର ଏହାର ସଠିକ ଢଙ୍ଗରେ ପାଳନ ହେଉ ନାହିଁ। ଯଦି ବିନା ବୀମା ଥିବା ଗାଡ଼ିଗୁଡ଼ିକୁ ପେଟ୍ରୋଲ ପମ୍ପରେ ତେଲ ମିଳିବନି ତେବେ ଏମିତି ଗାଡ଼ିର ଚିହ୍ନଟ ସହଜରେ ହୋଇ ପାରିବ ଏବଂ ଗାଡ଼ି ମାଲିକ ମଧ୍ୟ ଠିକ୍ ସମୟରେ ବୀମା କରିବା ପାଇଁ ପ୍ରେରିତ ହେବେ। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ମଧ୍ୟ ଏହି ପ୍ରସ୍ତାବ ଉପରେ କୌଣସି ଆପତ୍ତି ପ୍ରକାଶ କରି ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଅଦାଲତ ଏହା ମଧ୍ୟ କହିଛନ୍ତି, ରାଷ୍ଟ୍ରୀୟ ରାଜମାର୍ଗ ଉପରେ ଦୁର୍ଘଟଣା ଏବଂ ଟୋଲ୍ ପ୍ଲାଜାରେ ଲମ୍ବା ଧାଡ଼ି ସମସ୍ୟାକୁ ଦେଖି କିଛି ରାସ୍ତାରେ ଏମିତି ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରାଯାଉ। ଯଦ୍ୱାରା ଗାଡ଼ିଗୁଡ଼ିକୁ ଟୋଲ୍ ଉପରେ ବିନା ଅଟକାଇ ଅଟୋମେଟିକ ସିଷ୍ଟମରେ ସେମାନଙ୍କୁ ଚିହ୍ନଟ କରାଯାଇ ଟ୍ୟାକ୍ସ ଆଦାୟ କରାଯାଇ ପାରିବ। ଏହା ବ୍ୟତୀତ ଏଏନପିଆର କ୍ୟାମେରାକୁ ବୀମା ସୂଚନା ବ୍ୟୁରୋ ଓ ବାହନ ପୋର୍ଟାଲର ତଥ୍ୟ ସହ ଯୋଡ଼ି ବିନା ବୀମା ଗାଡ଼ି ଉପରେ ଅଟୋମେଟିକ ଇ-ଚାଲାଣ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

'ମହାପ୍ରଭୁ ଶ୍ରୀଜଗନ୍ନାଥ' ଫିଲ୍ମ ପ୍ରସଙ୍ଗରେ ବଡ଼ ବୈଠକ

ଖୁବ୍‌ଶୀଘ୍ର ସମାଧାନ: ଗଜପତି



ଭୁବନେଶ୍ୱର,(ପିପିଏସ୍): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ନିର୍ମିତ କାର୍ଟୁନ୍ ଚଳଚ୍ଚିତ୍ର 'ମହାପ୍ରଭୁ ଶ୍ରୀଜଗନ୍ନାଥ'କୁ ନେଇ ବଡ଼ ବୈଠକ। ସୁପ୍ରିମ୍‌କୋର୍ଟଙ୍କ ଜୁଲାଇ ୨୯ ତାରିଖ ନିଷ୍ପତ୍ତିରେ ଫିଲ୍ମ ବ୍ୟାନ ନେଇ ହୋଇଥିବା ପିଟିସନ ଖାରଜ କରିବା ପରେ ମଙ୍ଗଳବାର ରାଜ୍ୟ ଅତିଥି ଭବନରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ। ଏଥିରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଆଡଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ସଚିବ ଅନୁ ଗର୍ଗ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବୈଠକ ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଛନ୍ତି, ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତି ପରେ ମହାପ୍ରଭୁଙ୍କ ସଂସ୍କୃତି ଓ ମହିମାର ପ୍ରଚାର କିପରି ଉତ୍ତମ ଭାବେ ହୋଇପାରିବ, ସେନେଇ ବୈଠକରେ ଆଲୋଚନା ହୋଇଥିଲା। ବୁଧବାର ଏହି ମାମଲା ହାଇକୋର୍ଟରେ ଶୁଣାଣି ହେବାକୁ ଥିବାରୁ, ଏବେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଅପେକ୍ଷା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ଜଡ଼ିତ ଏହି ପ୍ରସଙ୍ଗ ପ୍ରତ୍ୟେକ ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଜଡ଼ିତ। ତେଣୁ ଏହାର ସମାଧାନ ଖୁବ୍‌ଶୀଘ୍ର ହେବ ବୋଲି ଆଶା ପ୍ରକାଶ କରିଛନ୍ତି ଗଜପତି ମହାରାଜା। ସୂଚନାଥାଉକି, ସୁପ୍ରିମକୋର୍ଟ ଜୁଲାଇ ୨୮ରେ ଓଡ଼ିଶା ସରକାରଙ୍କ ସେହି ଆବେଦନକୁ ଖାରଜ କରିଦେଇଛନ୍ତି ଯେଉଁଥିରେ, 'ମହାପ୍ରଭୁ ଜଗନ୍ନାଥ' ଫିଲ୍ମର ରିଲିଜ ନିମନ୍ତେ ପୂର୍ବରୁ ଦିଆଯାଇଥିବା ଆଦେଶରେ ସଂଶୋଧନ ଦାବି କରାଯାଇଥିଲା। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ରଚନାତ୍ମକତା, କଳା ଓ ସଂସ୍କୃତିକୁ କେବଳ ଏଥିପାଇଁ ସୀମିତ କରାଯାଇପାରିବନି। କାରଣ କିଛି ଲୋକେ ଦେବୀ ଦେବତାଙ୍କ ଲାଗି ସମ୍ବେଦନଶୀଳ। ଜଷ୍ଟିସ୍ ବି.ଭି. ନାଗରତ୍ନା ଓ ଜଷ୍ଟିସ୍ ଆର.ମହାଦେବନଙ୍କ ପୀଠ ଓଡ଼ିଶାରେ ରଥଯାତ୍ରା ଉତ୍ସବ ପରେ ଫିଲ୍ମକୁ ମୁକ୍ତିଲାଭ ଅନୁମତି ଦେଇଥିବା ନିଜର ପୂର୍ବ ଆଦେଶରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି।

ବନ୍ୟା ପରର ସ୍ଥିତି ଉପରେ ନଜର: ଗ୍ରାଉଣ୍ଡରେ ରହିବେ ସ୍ୱାସ୍ଥ୍ୟ ଟିମ୍

ଭୁବନେଶ୍ୱର,(ପିପିଏସ୍): ରାଜ୍ୟରେ ବନ୍ୟା ପରିସ୍ଥିତି ଏବଂ ବନ୍ୟା ପରବର୍ତ୍ତୀ ମରାମତି କାର୍ଯ୍ୟକୁ ନେଇ ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସଚିବ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ସବୁ ବିଭାଗର ସଚିବମାନେ ଉପସ୍ଥିତ ରହି ବନ୍ୟା ପରିଚାଳନା ଏବଂ ଉନ୍ନୟନମୂଳକ କାର୍ଯ୍ୟସୂଚୀ ଉପରେ ଆଲୋଚନା କରିଛନ୍ତି। ବନ୍ୟା ପାଣି କମିବା ପରେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ମରାମତି ଓ ପୁନଃଉଦ୍ଧାର କାର୍ଯ୍ୟକୁ ତୁରନ୍ତ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ସଚିବ ସମସ୍ତ ବିଭାଗୀୟ ସଚିବଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରିସ୍ୱାସ୍ଥ୍ୟ ସେବା ଏବଂବିଶୁଦ୍ଧ ପିଇବା ପାଣିଯୋଗାଣ ଉପରେ ସର୍ବାଧିକ ଗୁରୁତ୍ୱ କୁହାଯାଇଛି। ବନ୍ୟା ପରବର୍ତ୍ତୀ ରୋଗବ୍ୟାଧି ରୋକିବା ପାଇଁ ଗ୍ରାଉଣ୍ଡ ସ୍ତରରେ ଯଥେଷ୍ଟ ସଂଖ୍ୟକ ଡାକ୍ତରୀ ଟିମ୍ ମୁତୟନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ କେବଳ ବନ୍ୟା ସ୍ଥିତି ନୁହେଁ, ବରଂ ବିଭିନ୍ନ ବିଭାଗର ବଜେଟ୍ ଖର୍ଚ୍ଚ, ନୂତନ ନିଯୁକ୍ତି ପ୍ରକ୍ରିୟା ଏବଂ ଚାଲୁରହିଥିବା ସରକାରୀ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି। ରାଜ୍ୟରେ ନିଶା ନିବାରଣ ଅଭିଯାନକୁ ଅଧିକ କ୍ରିୟାଶୀଳ ଓ ସଫଳ କରିବା ପାଇଁ ପୂର୍ବରୁ ଦିଆଯାଇଥିବା ସମସ୍ତ କାର୍ଯ୍ୟକ୍ରମଗୁଡ଼ିକୁ ସୁନିଶ୍ଚିତ ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସଚିବ ସ୍ତରୀୟ ବୈଠକରେ ଗଜପତି ଜିଲ୍ଲାପାଳଙ୍କ ପକ୍ଷରୁ 'ବିକଶିତ ଗଜପତି'ବ୍ଲୁ-ପ୍ରିଣ୍ଟ ଉପସ୍ଥାପନ କରାଯାଇଥିଲା। ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରସ୍ତୁତ ୨୫ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବାବଦରେ ଜିଲ୍ଲାପାଳ ବୈଠକରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ।

୮ ଓଏଏସ୍‌ଙ୍କୁ ନୂତନ ଦାୟିତ୍ୱ

ଭୁବନେଶ୍ୱର,(ପିପିଏସ୍): ରାଜ୍ୟ ଓଏଏସ୍ ସ୍ତରରେ ୮ଜଣ ଓଏଏସ୍ ଅଧିକାରୀଙ୍କୁ ସରକାର ଅଦଳବଦଳ କରିଛନ୍ତି । ବାଣିଜ୍ୟ ଓ ପରିବହନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଥିବା ଦେବଦତ୍ତ ସୁରଞ୍ଜିତା ଜେନାଙ୍କୁ ଶକ୍ତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଭାବେ ଦାୟିତ୍ୱ ମିଳିଛି । ଜଳସମ୍ପଦ ବିଭାଗର ରଶ୍ମିରଞ୍ଜନ ନାୟକଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ନିଯୁକ୍ତି ମିଳିଛି । ସେ ବେସାମରିକ ବିମାନ ଚଳାଚଳର ନିର୍ଦ୍ଦେଶକ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଶକ୍ତି ବିଭାଗ ଅତିରିକ୍ତ ଶାସନ ସଚିବ ରମେଶ ଚନ୍ଦ୍ର ପଣ୍ଡାଙ୍କୁ ରାଜ୍ୟ ସୂଚନା କମିଶନର ସଚିବ ଭାବେ ନିଯୁକ୍ତି କରାଯାଇଛି। ସେହିପରି ନିରୂପମା ସ୍ୱାଇଁଙ୍କୁ ରାଜସ୍ୱ ପରିଷଦର ଅତିରିକ୍ତ ସଚିବ ନିଯୁକ୍ତ କରାଯାଇଛି । ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଥିବା ସବିତା ମଲ୍ଲିକଙ୍କୁ ଜଳସମ୍ପଦ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ଦାୟିତ୍ୱ ମିଳିଛି । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳସଚିବ ଅନାମିକା ଅଧିକାରୀଙ୍କୁ କୃଷି ବିଭାଗର ଯୁଗ୍ମ ଶାସନ ସଚିବ ଭାବେ ନୂତନ ଦାୟିତ୍ୱ ମିଳିଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଉପଶାସନ ସଚିବ ଥିବା ଦେବାଶିଷ ପାତ୍ର ପିସିସିଏଫ୍ କାର୍ଯ୍ୟାଳୟରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି । ରାୟଗଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ଗଜପତି ଜିଲ୍ଲା ଛେଳିଗଡ଼ ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କୁ ନିଯୁକ୍ତି ମିଳିଛି ।

ଜାରି ରହିବ ପ୍ରବଳ ବର୍ଷା

ଭୁବନେଶ୍ୱର,(ପିପିଏସ୍): ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ବର୍ତ୍ତମାନ ଉପର ମୁଣ୍ଡରେ ବର୍ଷା ନ ଥିବାରୁ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ୬୧୯.୬୨ ଫୁଟକୁ ଖସିଛି କିଛି ଗେଟ୍ ବନ୍ଦ କରାଯାଇଛି। ସେଥିପାଇଁ ମହାନଦୀରେ ପାଣି କମିଛି ଏବଂ ନରାଜଠାରେ ପାଣି ବିପଦ ସଙ୍କେତ ତଳେ ରହିଛି। ଖଇରମାଳ, ବରମୂଳ ଓ ମୁଣ୍ଡଳିରେ ବି ଜଳସ୍ତର କମିଛି। ପସପ୍ତାହ ଯାଏ ରାଜ୍ୟରେ ବର୍ଷାର ପ୍ରଭାବ ଜାରି ରହିବ। ୧୫ଟି ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ଟ୍ୱିନ୍ ସିଟି ସମେତ ଉପକୂଳ ଓ ଉତ୍ତର ଓଡ଼ିଶାର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ସତର୍କତା ଜାରି ହୋଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ମଧ୍ୟମ ଧରଣର ବର୍ଷା ହୋଇପାରେ। ବୁଧବାର ୫ ତାରିଖ ପାଇଁ ୧୭ଟି ଜିଲ୍ଲା ୟେଲୋ ଆଲର୍ଟରେ ରହିଛି।

ସମ୍ପାଦକୀୟ

ଦାନ ଚୋରି ନେଇ ସୁଆଙ୍ଗ

ବାଟେଘାଟେ

ହଜାର ଟଙ୍କାର ଭତ୍ତା ପାଇବାକୁ
ହଜାର ଟଙ୍କା ଖର୍ଚ୍ଚ ହୁଏ
ପାହାଡ଼ ଉପରେ ଗାଁ ରହିଅଛି
ଟ୍ରଲି ରିକ୍ସାବାଲା ଭଡ଼ା ନିଏ
ଏହି ଅସୁବିଧା ଦେଖେ କିଏ
ଭତ୍ତା ଅପେକ୍ଷାରେ ହଜାର ହଜାର
ତାଙ୍କ ଦରଖାସ୍ତ ଉଇ ଖାଏ
ଗାଆଁକୁ ନଥାଏ ରାସ୍ତାଟିଏ
ବିକାଶ ସ୍ୱପ୍ନ ଦେଖାଇବା ପାଇଁ
କୋଟି କୋଟି ଟଙ୍କା ଉଡ଼ିଯାଏ
ଭୋଟର ଏବେଠୁ ଭାବିହୁଏ
ଆଗକୁ ଆସୁଛି ପଞ୍ଚାୟତ ଭୋଟ
ଶାସକ ବିରୋଧୀ ହେବ ସିଏ

-ରାହୀ

ମଙ୍ଗଳ ବିଭାଗ ହଷ୍ଟେଲ୍‌ରେ ଅଭାବନୀୟ କାଣ୍ଡ: ତଦନ୍ତ ଆରମ୍ଭ

ଦଶମ ଛାତ୍ର ନବମ ଶ୍ରେଣୀର ୨୭ ଛାତ୍ରଙ୍କୁ ପିଟିଲେ

❑ ଭିଡିଓ ଭାଇରାଲ୍ ପରେ ଆକ୍ସନ ମୁଡ୍‌ରେ ପ୍ରଶାସନ

❑ ନଡ଼ିଆ ବାହୁଙ୍ଗା, ବାଡ଼ି ଓ କ୍ରିକେଟ ବ୍ୟାଟ୍‌ରେ ଆକ୍ରମଣ

ରାୟଗଡ଼ା ,(ପିପିଏସ୍): ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଏକ ହଷ୍ଟେଲରେ ଜଣେ ଦଶମ ଶ୍ରେଣୀର ଛାତ୍ର ୨୭ ଜଣ ନବମ ଶ୍ରେଣୀର ଛାତ୍ରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆସିଛି ରାୟଗଡ଼ା ଜିଲ୍ଲା ରିଭଲକୋଣା ଏସଏସଡି ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରୁ। ଘଟଣାଟି ସାମ୍ନାକୁ ଆସିବା ପରେ ସ୍କୁଲ କର୍ତ୍ତୃପକ୍ଷ ଥାନାରେ ଏତଲା ଦେଇଥିବା ବେଳେ ଜିଲ୍ଲା ମଙ୍ଗଳ ବିଭାଗ ଏହାର ତଦନ୍ତ ଆରମ୍ଭ କରି ଦେଇଛି। ସାମ୍ନାକୁ ଆସିଥିବା ଭିଡିଓରେ ଜଣେ ଦଶମ ଶ୍ରେଣୀର ଛାତ୍ର ନଡ଼ିଆ ବାହୁଙ୍ଗା, ବାଡ଼ି ଓ କ୍ରିକେଟ ବ୍ୟାଟରେ ଜଣେ ପରେ ଜଣେ ୨୭ଜଣ ନବମ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ମାରୁଥିବା ଦେଖିବାକୁ ମିଳିଛି। ଅଭିଯୋଗ ଅନୁସାରେ, ଉକ୍ତ ଦଶମ ଶ୍ରେଣୀ ଛାତ୍ରଙ୍କ ବିରୋଧରେ ପ୍ରଧାନଶିକ୍ଷକଙ୍କ ନିକଟରେ ଅଭିଯୋଗ କରାଯିବା ପରେ ସେ ପ୍ରତିଶୋଧପରାୟଣ ହୋଇ ରାତି ପ୍ରାୟ ୧୨ଟା ବେଳେ ନବମ ଶ୍ରେଣୀ ଛାତ୍ରମାନଙ୍କୁ ମାଡ଼ ମାରିଥିଲେ। ଆହତ ଛାତ୍ରମାନଙ୍କ ଅଭିଯୋଗ ଅନୁସାରେ ଅଭିଯୁକ୍ତ ଛାତ୍ର ସେମାନଙ୍କୁ ପିଟୁଥିବା ବେଳେ ଅନ୍ୟ କିଛି ସିନିୟର ଛାତ୍ର ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ସେମାନେ ତାଙ୍କୁ ଉସକାଇବା ସହ ଘଟଣାର ଭିଡିଓ ମୋବାଇଲରେ ରେକର୍ଡ କରୁଥିଲେ। ଏପରି କି ହଷ୍ଟେଲ ପରିସରରେ କିଛି ସିନିୟର ଛାତ୍ର ନିଶା କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗ ଆଣିଛନ୍ତି ଆହତ ଛାତ୍ରମାନେ। ଘଟଣା ସାମ୍ନାକୁ ଆସିବା ପରେ ମଙ୍ଗଳ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ସେପଟେ ସ୍କୁଲ କର୍ତ୍ତୃପକ୍ଷ ଅଭିଯୁକ୍ତ ଛାତ୍ରଙ୍କ ବିରୋଧରେ ଚାନ୍ଦିଲି ଥାନାରେ ଏତଲା ଦେବା ସହ ତାଙ୍କୁ ଘରକୁ ପଠାଇ ଦେଇଛନ୍ତି।

ରାୟଗଡ଼ା ଜିଲ୍ଲାପାଳ କହିଛନ୍ତି ଯେ ଏହି ଘଟଣା ଦୁର୍ଭାଗ୍ୟଜନକ। କାର୍ଯ୍ୟାନୁଷ୍ଠାନ ନେବାକୁ ମଙ୍ଗଳ ବିଭାଗକୁ କୁହାଯାଇଛି। ଯେଉଁ ପିଲା ରାଗିଂ କରିଥିଲେ, ତାଙ୍କ ବିରୋଧରେ ଥାନାରେ ଏଫ୍‌ଆଇଆର ଦିଆଯାଇଛି। ଭିଡିଓଟି ଭାଇରାଲ ହେବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିଲା। ସେଥିପାଇଁ ପ୍ରଧାନ ଶିକ୍ଷକଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ୍ କରାଯାଇଛି। ଯଦି ଘଟଣା ଘଟିଥିଲା, ତା'ହେଲେ ସେ ତତ୍‌କ୍ଷଣାତ୍ କାହିଁକି ପ୍ରଶାସନକୁ ଜଣାଇନଥିଲେ। ନିଶ୍ଚିତ ଭାବେ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ହଷ୍ଟେଲ ପରିସରରେ ଏଭଳି ଘଟଣା ପୁଣି ଥରେ ମଙ୍ଗଳ ବିଭାଗ ପରିଚାଳିତ ଆବାସିକ ବିଦ୍ୟାଳୟଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ତେବେ ଘଟଣାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିବା ବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କହିଛନ୍ତି ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଉମ୍ବରୁଧର ତ୍ରିପାଠୀ। ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ଏବଂ ଦୋଷୀଙ୍କ ବିରୋଧରେ କି ପଦକ୍ଷେପ ନିଆଯିବ, ତାହା ଉପରେ ରହିଛି ସମସ୍ତଙ୍କ ନଜର।

ପ୍ରଜାତନ୍ତ୍ର

ଅଦୃଶ୍ୟ ଡ୍ରୋନ୍

ଯୁକ୍ତରାଷ୍ଟ୍ର ଆମେରିକାର ନର୍ଥୱେଷ୍ଟର୍ନ ୟୁନିଭର୍ସିଟିର ଇଂଜିନିଅର୍ମାନେ ଏକ ପରୀକ୍ଷାମୂଳକ ଡ୍ରୋନ୍ ନିର୍ମାଣ କରିଛନ୍ତି ଯାହା ଉଡ଼ିବା ବେଳେ ଅଦୃଶ୍ୟପ୍ରାୟ ହୋଇଯାଉଛି। ଏହି ଡ୍ରୋନର୍ ନାମ 'ଫାଣ୍ଟମ୍ ଟୁଇଷ୍ଟ'। ଚିରାଚରିତ ଡ୍ରୋନ୍ କେବଳ ଡେଣାଗୁଡ଼ିକ ବୁଲୁଥିବା ବେଳେ ଏହି ଡ୍ରୋନ୍ ଗୋଟାପଣେ ଘୂରିଥାଏ। ସେହିପରି ଏଥିରେ କେବଳ ଗୋଟିଏ ଡେଣା ଲାଗିଛି। ମଣିଷ ଆଖିରୁ ଲୁଚିବା ଲାଗି ଏହା ସେକେଣ୍ଡକୁ ୨୫ ଥର ଆବର୍ତ୍ତନ କରିଥାଏ। ଫଳସ୍ୱରୂପ ଏହା ଉଡ଼ିବା ସମୟରେ ସଂପୂର୍ଣ୍ଣ ନହେଲେ ବି ପାଖାପାଖି ଅଦୃଶ୍ୟ ହୋଇଯାଉଛି। ମାନବ ପରୀକ୍ଷଣରୁ ଜଣାପଡ଼ିଛି ଯେ ଜଣେ ବ୍ୟକ୍ତି ଏହାକୁ ଉଡ଼ିବା ଅବସ୍ଥାରେ ଠାବ କରିବାର ସମ୍ଭାବନା ସାଧାରଣ ଡ୍ରୋନ୍ ତୁଳନାରେ ଦଶଗୁଣ କମ୍। ଏହି ଡ୍ରୋନ୍ ବନ୍ୟଜୀବ ଗବେଷଣା କ୍ଷେତ୍ରରେ ବିଶେଷ ଉପାଦେୟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଡ୍ରୋନ୍‌ର ଆକାର, ଧ୍ୱନିର ତୀବ୍ରତା, ଦୃଶ୍ୟମାନତା ଆଦି ବନ୍ୟଜୀବଙ୍କ ହାବଭାବକୁ ପ୍ରଭାବିତ କରୁଥିବାରୁ 'ଫାଣ୍ଟମ୍ ଟୁଇଷ୍ଟ' ସାହାଯ୍ୟରେ ସେମାନଙ୍କୁ ଅଧିକ ନିକଟରୁ ଅଧ୍ୟୟନ କରିବା ସମ୍ଭବ ହେବ।

ସହଜରେ ମନେରହିବ

ପାଠ ମନେରହୁନି ବୋଲି ପିଲାଙ୍କ ଉପରେ ରାଗନ୍ତୁ ନାହିଁ। ବରଂ ପିଲାଙ୍କ ଏଭଳି ସ୍ଥିତିରେ କିପରି ସାହାଯ୍ୟ କରିହେବ ସେଥିପ୍ରତି ଅଧିକ ଧ୍ୟାନ ଦିଅନ୍ତୁ।

- ପ୍ରଥମେ ପିଲାଙ୍କୁ କୌଣସି ଏକ ବିଷୟରେ ପାଠ ପଢ଼ାଉଥିଲେ ଭଲଭାବେ ବୁଝାନ୍ତୁ। ସଙ୍ଗେ ସଙ୍ଗେ ମନେରଖିବା ପାଇଁ ଚାପ ପକାନ୍ତୁ ନାହିଁ। ଯେକୌଣସି ବିଷୟକୁ ବୁଝାଇଥିଲେ ପିଲାର ହୁଏତ କିଛିଟା ଧାରଣା ରହିବ। ଏମିତି ବି ହୋଇପାରେ ଯଦି ସେ ସେହି ବିଷୟ ସମ୍ପର୍କିତ ଉତ୍ତର ଭୁଲିଯାଇଥିବ ତେବେ ନିଜେ ବୁଝିଥିବା ଭାଷାରେ କିଛିଟା ଲେଖିପାରିବ।
- ପିଲାଙ୍କୁ ସବୁବେଳେ ଜୀବନୀ ସହ ଉଦାହରଣ ଦେଇ ପାଠ ପଢ଼ାନ୍ତୁ। ପାଠ ମନେ ରଖିବା ପାଇଁ ଏହା ସବୁଠାରୁ ସହଜ ଉପାୟ। କାରଣ ଉଦାହରଣକୁ ପିଲାମାନେ ମନେରଖି ପାଠକୁ ମନେପକାଇ ପାରିବେ।
- ପିଲାଙ୍କୁ ବୋରିଂ ଲାଗୁଥିବା ବିଷୟକୁ ଗୀତ ମାଧ୍ୟମରେ ପଢ଼ାନ୍ତୁ। ସେମାନଙ୍କୁ କଷ୍ଟକର ମନେ ହେଉଥିବା ବିଷୟକୁ କବିତା ଭଳି ପଢ଼ାଇଲେ ତାଙ୍କୁ ଭିନ୍ନ ମନେହେବ ଏବଂ ସେମାନେ ସେଥିପ୍ରତି ଆକୃଷ୍ଟ ହୋଇ ଶୀଘ୍ର ମନେରଖିପାରିବେ। ଏମିତିକି କିଛି ବିଷୟରେ ବିଭିନ୍ନ ଫର୍ମୁଲା ମନେରଖିବା ପାଇଁ ସୁନ୍ଦର ଛୋଟ ଛୋଟ କବିତା ମଧ୍ୟ କରିପାରିବେ। ଏହି ମାଧ୍ୟମରେ ପିଲାମାନେ ନିଜେ ଗୁଣୁଗୁଣୁ ହୋଇ ସହଜରେ ପାଠ ମନେ ରଖିପାରିବେ।
- ପିଲାଙ୍କୁ ଯାହା ବି ପଢ଼ାଇବେ ସେସବୁକୁ ରିଭିଜନ ନିଶ୍ଚୟ କରାନ୍ତୁ। ଅର୍ଥାତ୍ ପୂର୍ବଦିନ ଯାହା ପଢ଼ିଥିବେ ସେସବୁକୁ ତା' ପରଦିନ ପ୍ରଶ୍ନ କରି ପୁଣି ଥରେ ମନେ ପକାଇଦେବେ।

ଆଜିର ରାଶିଫଳ

ମେଷ – ଆତ୍ମବିଶ୍ୱାସ ବଳରେ ଆପଣଙ୍କ କାମ ପୂରା କରିନେବେ। ବ୍ୟବସାୟ କାମ ପାଇଁ ଦୂରସ୍ଥାନକୁ ଯିବେ। ଚାକିରି ବିଷୟରେ ଆପଣ ବହୁତ ବ୍ୟବହାରିକ ରହିବେ। ବୈବାହିକ ଜୀବନ ସୁଖମୟ ହେବ।

ବୃଷ – ଘରେ ପୂଜାପାଠର ଆୟୋଜନ କରିପାରନ୍ତି। ଶିକ୍ଷାର୍ଥୀଙ୍କୁ ପରିଶ୍ରମ ଅନୁସାରେ ସଫଳତା ମିଳିବ। ଚାକିରିଆଙ୍କୁ ଭଲ ପରିଣାମ ପାଇଁ ଅଧିକ ପରିଶ୍ରମ କରିବାକୁ ହେବ। ପ୍ରେମୀଯୁଗଳଙ୍କୁ ଦିନଟି ଖୁସି ଦେବ।

ମିଥୁନ – ଆପଣଙ୍କର ଅଧୁରା ଥିବା ସବୁ କାମ ପୂରା କରିପାରିବେ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସା ପାଇବେ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗ ପାଇବେ। ସାମାଜିକ ପରିସର ବୃଦ୍ଧି ହେବ। ପ୍ରେମ ଜୀବନ ଭଲ ରହିବ।

କର୍କଟ – କାହାରି ମାମଲାରେ ଦଖଲ ଦେବାରେ ନିବୃତ୍ତ ରହନ୍ତୁ। ବନ୍ଧୁ ଦେଇଥିବା ପରାମର୍ଶ ଗ୍ରହଣ କରିନିଅନ୍ତୁ। ପିଲାମାନଙ୍କ ପାଠପଢ଼ାକୁ ନେଇ ଆପଣ ସତର୍କ ରହିବା ଦରକାର।

ସିଂହ – ଅକୋର୍ଟ କଚେରି ମାମଲାରେ ନିସ୍ତାର ପାଇବେ। ଇଂଜିନିୟରଙ୍କ ଲାଗି ଦିନଟି କିଛି ପରିବର୍ତ୍ତନ ଆଣିବ। ମାଆଙ୍କ ସ୍ୱାସ୍ଥ୍ୟରେ ସୁଧାର ହେବ। ପ୍ରେମୀଯୁଗଳ ଜଣେ ଅନ୍ୟଜଣଙ୍କ ଭାବନାକୁ ସମ୍ମାନ କରିବେ।

କନ୍ୟା – ବ୍ୟବସାୟରେ ଯଥେଷ୍ଟ ଲାଭ ପାଇବେ। ସବୁ ଅଶାନ୍ତିର ସମାଧାନ ବାହାରିବ। ଜୀବନସାଥୀ ସହ କିଛି ଖୁସିର ମୁହୂର୍ତ୍ତ ଅତିବାହିତ କରିବେ। ଶାରୀରିକ ଦୃଷ୍ଟିରୁ ସୁସ୍ଥ ଓ ସତେଜ ରହିବେ।

ତୁଳା – ଚାକିରି ବୃତ୍ତିରେ ଲାଗି ରହିଥିବା ବାଧା ସମାପ୍ତ ହୋଇଯିବ। ଆର୍ଥିକ କ୍ଷେତ୍ରରେ ଆପଣଙ୍କୁ ଉନ୍ନତି ମିଳିବ। ଖୁସି ଖବର ପାଇବେ। ବନ୍ଧୁ ସହ ସିନେମା ଦେଖିବାର ଯୋଜନା କରିବେ।

ବିଛା – ଲୋକମାନଙ୍କ ମଧ୍ୟରେ ଆପଣଙ୍କର ମାନସମ୍ମାନ ବଢ଼ିବ। ବିଦେଶୀ କଂପାନି ସହ ଡିଲ୍ ହେବାର ଯୋଗ ଅଛି। କୌଣସି ବନ୍ଧୁ ସହ ମିଶିବା ଲାଗି ତାଙ୍କ ଘରକୁ ଯିବେ। ରାଜନୀତିରେ ସଫଳତା ପାଇବେ।

ଧନୁ – ଅକାରଣରେ ଆରମ୍ଭ ହୋଇଥିବା ବାଧା ଆପେଆପେ ଶେଷ ହୋଇଯିବ। ଧର୍ମକାର୍ଯ୍ୟରେ ସହଯୋଗ ଦେବାର ଅବସର ପାଇବେ। ପିଲାମାନେ ନିଜର ମନକଥା ବାପା ମାଆଙ୍କୁ କହିବେ।

ମକର – ଦାମ୍ପତ୍ୟ ଜୀବନ ମିଷ୍ଟତାରେ ପୂର୍ଣ୍ଣ ରହିବ। ସଚ୍ଚୋଟ ଲୋକଙ୍କ ସହଯୋଗରେ ବଡ଼ ପ୍ରୋଜେକ୍ଟ ପୂରା କରିବାରେ ସଫଳ ହେବେ। ନୂଆ ବ୍ୟବସାୟ ଆରମ୍ଭ ପୂର୍ବରୁ କାହାରି ପରାମର୍ଶ ନିଅନ୍ତୁ।

କୁମ୍ଭ – ଆର୍ଥିକ ସ୍ଥିତି ସୁଦୃଢ଼ କରିବା ଲାଗି ଆପଣଙ୍କ ରଚନାତ୍ମକ କ୍ଷମତା ପ୍ରୟୋଗ କରିବେ। ନୂଆ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ନିଅନ୍ତୁ। ପାରିବାରିକ ଜୀବନ ସୁଖମୟ ହେବ।

ମୀନ – ଆପଣଙ୍କ ସମ୍ମୁଖକୁ ଆସୁଥିବା ସବୁ ଆହ୍ୱାନର ଦୃଢ଼ଭାବେ ମୁକାବିଲା କରିପାରିବେ। ଯେଉଁମାନେ ପ୍ରେମ କରୁଛନ୍ତି ସେମାନଙ୍କ ସମ୍ବନ୍ଧରେ ମଧୁରତା ଆସିବ। ବଜେଟକୁ ଧ୍ୟାନ ରଖି ଖର୍ଚ୍ଚ କରନ୍ତୁ।

ଆଜିକାଲି ମହିଳାମାନେ ଚାହୁଁ ନାହାନ୍ତି ବିବାହ

ଆଜିର ସମୟରେ ସାମାନ୍ୟ କଥାକୁ ନେଇ କଳି-ଝଗଡା ଯୋଗୁଁ ବୈବାହୀକ ସଂପର୍କ ଦୀର୍ଘସ୍ଥାୟୀ ହେଉନି। ଛୋଟ ଛୋଟ କଥାକୁ ନେଇ ସଂପର୍କରେ ତାଲା ପଡୁଛି। ସାରା ଭାରତରେ ଛାଡପତ୍ର ଏକ ସାଧାରଣ କଥା ହୋଇଗଲାଣି।

ଯାହା କ୍ଷେତ୍ରରେ ଏହା ଘଟୁଛି ସେମାନେ ଚାପରେ ରହିବା ସ୍ୱାଭାବିକ। ସେଥିପାଇଁ ଆଜିକାଲି ଅନେକ ମହିଳା 'ନୋ ମ୍ୟାରେଜ୍' ନୀତିକୁ ଆପଣାଉଛନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ କୌଣସି ପାର୍ଟନର୍ ଅପେକ୍ଷା ସିଙ୍ଗଲ୍ ରହିବାରେ ସେମାନେ ଅଧିକ ଖୁସି। ଆଜିକାଲି ଖୁସିର ଅର୍ଥ ହେଉଛି ଆଜିର ଆଧୁନିକ ମହିଳାମାନେ ଆଉ ବିବାହକୁ ଆବଶ୍ୟକ ବୋଲି ଭାବୁ ନାହାନ୍ତି। ସେମାନେ କୌଣସି ଜଣେ ବ୍ୟକ୍ତିଙ୍କ ସହିତ ସମ୍ପର୍କରେ ରହିବା କିମ୍ବା ବିବାହ କରିବା ପରିବର୍ତ୍ତେ ଏକା ରହିବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି, ଏବଂ ସେମାନେ ଏଥିରେ ଖୁସି ମଧ୍ୟ ପାଉଛନ୍ତି। ତେବେ ଏହା ନୁହେଁ ଯେ ସେମାନେ କୌଣସି ବାଧହୋଇ ଏହି କାମ କରୁଛନ୍ତି। ଏହି ଟ୍ରେଣ୍ଡ୍ ପଛରେ କିଛି ମୁଖ୍ୟ କାରଣ ମଧ୍ୟ ରହିଛି। ତେବେ ଆସନ୍ତୁ ଜାଣିବା ଏହା ପଛର କାରଣ କ'ଣ।

ସ୍ୱାଧୀନତାର ଇଚ୍ଛା:
ଆଜିର ମହିଳାମାନେ ନିଜେ ରୋଜଗାର କରି ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ହୋଇଗଲେଣି, ଏବଂ ନିଜର ନିଷ୍ପତ୍ତି ନିଜେ ନେବାକୁ ପସନ୍ଦ କରନ୍ତି। ସେ କୌଣସି ବିଷୟରେ ଅନ୍ୟମାନଙ୍କ ହସ୍ତକ୍ଷେପକୁ ପସନ୍ଦ କରୁ ନାହାନ୍ତି।

କ୍ୟାରିୟର୍ ପ୍ରତି ଧ୍ୟାନ:
ଆଜିର ପିଢ଼ି ନିଜ କାମ ପ୍ରତି ଅଧିକ ସମର୍ପିତ ହୋଇଗଲେଣି। ସେମାନଙ୍କ ପାଇଁ କ୍ୟାରିଅର ସବୁଠାରୁ ବଡ଼ ପ୍ରାଥମିକତା ପାଲଟିଯାଇଛି। ଏହା ପରେ ଯାଇ ବିବାହକୁ ନେଇ ଚିନ୍ତା କରାଯାଉଛି। କାମରେ ବ୍ୟସ୍ତ ହୋଇଯିବାର କିଛି ଦିନ ପରେ ମନରୁ ବିବାହର ଚିନ୍ତା ଦୂରେଇ ଯାଉଛି।

ବ୍ୟକ୍ତିଗତ ଅଭିବୃଦ୍ଧି:
ଏକାକୀ ରହିବା ଦ୍ୱାରା, ସେମାନେ ନିଜକୁ ଭଲ ଭାବରେ ବୁଝିପାରୁଛନ୍ତି, ତାଙ୍କର ହବି ପୂରଣ କରିପାରୁଛନ୍ତି ଏବଂ ଯୁଆଡେ ଇଚ୍ଛା ସିଆଡେ ବୁଲିପାରୁଛନ୍ତି। ଏହା ବ୍ୟତୀତ, ପରିବାର ଏବଂ ପିଲା ନଥିବାରୁ କେବଳ କାମକୁ ଛାଡିଦେଲେ ଅନ୍ୟ ସମୟରେ ଜୀବନକୁ ମସ୍ତିର ସହ ଉପଭୋଗ କରୁଛନ୍ତି।

ସମାଜର ପରିବର୍ତ୍ତନଶୀଳ ମନୋଭାବ:
ପୂର୍ବରୁ ବିବାହ ନ କରିବା କିମ୍ବା ବିବାହ ନ ହୋଇପାରୁଥିବାରୁ ସମାଜ ଏହାକୁ ଏକ ବଡ଼ କ୍ଷତି ବୋଲି ଭାବୁଥିଲା। ଏବେ କିନ୍ତୁ ଏକା ରହିବା କିମ୍ବା ବିବାହ ନ କରିବା ଦ୍ୱାରା କୌଣସି ଫରକ ପଡୁନି। ସମୟ ସହିତ ଲୋକଙ୍କ ଚିନ୍ତାଧାରା ମଧ୍ୟ ବହୁତ ପରିବର୍ତ୍ତନ ହୋଇଛି।

ଖରାପ ସମ୍ପର୍କର ଭୟ:
ସମାଜରେ ଅନେକ ମହିଳା ବିଷାକ୍ତ କିମ୍ବା ଅସଫଳ ସମ୍ପର୍କକୁ ଭୟ କରନ୍ତି, ଯେଉଁ କାରଣରୁ ସେମାନେ ନିଜର ଖୁସି ଏବଂ ନିଜର ମାନସିକ ଶାନ୍ତିକୁ ଅଧିକ ପ୍ରାଥମିକତା ଦିଅନ୍ତି। ଏହା ମଧ୍ୟ ଅବିବାହିତ ରହିବାର ଏକ କାରଣ।

ଜୁଆଣୀର ଚମତ୍କାରୀ ଗୁଣ

ବର୍ତ୍ତମାନର ବ୍ୟସ୍ତବହୁଳ ଲାଇଫ୍ ଷ୍ଟାଇଲ୍ ଲୋକଙ୍କୁ ଅନେକ ରୋଗରେ ପକାଉଛି । ଘରେ ଘରେ ଏବେ ପେଟ ଗ୍ୟାସ୍ ଓ ବଦହଜମୀ ଭଳି ସମସ୍ୟା ଦେଖିବାକୁ ମିଳୁଛି । ଯାହା ଏବେ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି । ଫାଷ୍ଟଫୁଡ୍ ଓ ଜଙ୍କ ଫୁଡ ଖାଦ୍ୟର ଲୋଭ ଏସବୁ ସମସ୍ୟାର କାରଣ । ଏଥିପାଇଁ ମେଡିସିନ୍ ନଖାଇ ଏକ ଦେଶୀ ତରିକା ଆପଣାଇ ପାରିବେ । ଯାହା ଆମ ପ୍ରତ୍ୟକଙ୍କ ରୋଷେଇ ଘରେ ମହଜୁଦ୍ ଅଛି । ସେହିଭଳି ଏକ ଘରୋଇ ଉପଚାର ହେଉଛି ଜୁଆଣି ।

ଜୁଆଣିକୁ ସାଧାରଣତଃ ଆମେ ମସଲାରେ ବ୍ୟବହାର କରିଥାଉ । ଆଚାର ପ୍ରସ୍ତୁତିରେ ଜୁଆଣିର ରହିଛି ବଡ଼ ଭୂମିକା । ଏହା କେବଳ ରୋଷେଇ କାର୍ଯ୍ୟରେ ନୁହେଁ ବରଂ ଔଷଧ ଭାବରେ ମଧ କାମ କରେ । ଏହାକୁ ବ୍ୟବହାର କଲେ ଖାଦ୍ୟର ସ୍ୱାଦ ଦ୍ୱିଗୁଣିତ ହୋଇଥାଏ। ଜୁଆଣିରେ ଭରପୁର ମାତ୍ରାରେ ପୋଷଣ ରହିଛି । ଜୁଆଣି ପାଣି ପିଇବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । ଆଖିକୁ ଛୋଟ ଦିଶୁଥିବା ଏହି ଜୁଆଣି ଅନେକ ଗମ୍ଭୀର ସମସ୍ୟାରୁ ମୁକ୍ତି ଦେଇଥାଏ । ତେଣୁ ଏହାକୁ ନିୟମିତ ଖାଇବା ଅତ୍ୟନ୍ତ ଲାଭଦାୟକ ହୋଇପାରେ । ଏବେ ଆସନ୍ତୁ ଜାଣିବା ଜୁଆଣୀ ଖାଇବା ଦ୍ୱାରା କେଉଁ ସବୁ ରୋଗରୁ ମୁକ୍ତି ମିଳେ ଏବଂ ଏହା କେଉଁ ସବୁ ପୋଷକତତ୍ୱରେ ଭରପୁର ।

ଗ୍ୟାସ୍ ଓ ଏସିଡ଼ିଟିରୁ ମୁକ୍ତି ଦିଏ : ବଦହଜମୀ, ଗ୍ୟାସ,ଏସିଡିଟି ଓ ପେଟ ସମସ୍ୟାର ଅବ୍ୟର୍ଥ ଔଷଧ ହେଉଛି ଜୁଆଣୀ । ଏହାକୁ କେବଳ ପାଣିରେ ବତୁରାଇ ପିଇବା ଦ୍ୱାରା ଉପଶମ ମିଳିଥାଏ । ଯଦି ଅଧିକ ପେଟ ଖରାପ ତେବେ ଲୁଣ ସହ ଜୁଆଣୀ ମିଶାଇ ଚୋବାଇ ଖାଆନ୍ତୁ । ତୁରନ୍ତ ଆରାମ ମିଳିବ ।

ଶ୍ୱାସକ୍ରିୟା ସମସ୍ୟାରୁ ମୁକ୍ତି ଦିଏ : ଜୁଆଣୀରେ ଥାଇମଲ୍ ନାମକ ଏକ ତତ୍ତ୍ୱ ଥାଏ । ଯାହା ଆଣ୍ଟିବ୍ୟାକ୍ଟେରିଆଲ ଏବଂ ଆଣ୍ଟି ଇନଫ୍ଲେମେଷ୍ଟାରୀ ଗୁଣରେ ଭରପୁର ହୋଇ ରହିଛି । ଯଦି ଆପଣ ଥଣ୍ଡା, କାଶ, ନାକ ବନ୍ଦ ହୋଇଯାଏ କିମ୍ବା ଶ୍ୱାସରୋଗରେ ପୀଡ଼ିତ, ତେବେ ଆପଣ ଜୁଆଣି ଖାଇବା ଉଚିତ୍ ।

ଗଣ୍ଠି ଯନ୍ତଣାରୁ ମୁକ୍ତି ଦିଏ : ବୟସ ବଢ଼ିବା ସହିତ ଆଣ୍ଠୁ ଓ ଗଣ୍ଠି ଯନ୍ତ୍ରଣା ଦେଖିବାକୁ ମିଳିଥାଏ । ଜୁଆଣୀରେ ପ୍ରଦାହ ବିରୋଧୀ ଗୁଣ ଥିବାରୁ ଏହା ଗଣ୍ଠି ଫୁଲା ଏବଂ ଯନ୍ତ୍ରଣା କମାଇବା ପାଇଁ ପ୍ରଭାବଶାଳୀ। ଏହି ସମସ୍ୟା ପାଇଁ ଜୁଆଣିର କାଢ଼ା କରି ପିଅନ୍ତୁ । ନଚେତ୍ ଜୁଆଣି ତେଲକୁ ଆଣ୍ଠୁ ଓ ଗଣ୍ଠି ଯନ୍ତ୍ରଣା ହେଉଥିବା ସ୍ଥାନରେ ମାସିଲ କରନ୍ତୁ । ଯାହା ତୁରନ୍ତ ଯନ୍ତ୍ରଣାରୁ ମୁକ୍ତି ଦେବ ।

ଓଜନ ହ୍ରାସ କରେ : ଯଦି ଆପଣ ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ଏଥିପାଇଁ ଜୁଆଣୀ ଏକ ପ୍ରାକୃତିକ ଚର୍ବି ନଷ୍ଟକାରୀ ଭାବରେ କାର୍ଯ୍ୟ କରିପାରିବ । ସକାଳେ ଖାଲି ପେଟରେ ଉଷୁମ ଜୁଆଣି ପାଣି ପିଇବା ଦ୍ୱାରା ଆପଣଙ୍କର ମେଟାବୋଲିଜିମ୍ ବୃଦ୍ଧି ପାଇଥାଏ । ଯାହା କ୍ୟାଲୋରୀକୁ ଶୀଘ୍ର ନଷ୍ଟ କରିବାରେ ସାହାଯ୍ୟ କରେ ଏବଂ ଓଜନକୁ ନିୟନ୍ତ୍ରଣରେ ରଖିଥାଏ ।

ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ : ଜୁଆଣିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଫଙ୍ଗାଲ୍ ଗୁଣ ରହିଛି । ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିଥାଏ ଏବଂ ପରିବର୍ତ୍ତନଶୀଳ ପାଗ ଯୋଗୁଁ ହେଉଥିବା ବିଭିନ୍ନ ସଂକ୍ରମଣରୁ ରକ୍ଷା କରିଥାଏ ।

ମାଛ ପୋସ୍ତ

ଆବଶ୍ୟକ ସାମଗ୍ରୀ: ମାଛ, ହଳଦୀ ଗୁଣ୍ଡ, କଞ୍ଚା ଲଙ୍କା, ପୋସ୍ତ, ଅଦାରସୁଣ ବଟା, କଟା ପିଆଜ, କଟା ଟମାଟୋ, ଲଙ୍କା ପାଉଡର, ଧନିଆପାତ୍ର, ଗରମ ମସଲା

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମାଛକୁ ଧୋଇ ସେଥିରେ ଲୁଣ, ହଳଦୀ ଗୋଳାଇ ଏକ ପାତ୍ରରେ ରଖନ୍ତୁ। ପରେ ପ୍ୟାନରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ ମାଛକୁ ଛାଣନ୍ତୁ। ମାଛ ଛାଣି ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପରେ ପ୍ୟାନରେ ପୁଣି ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ କଟା ପିଆଜ ପକାନ୍ତୁ। ପିଆଜ ଭାଜି ହୋଇଗଲା ପରେ ସେଥିରେ ଅଦା,ରସୁଣ ପେଷ୍ଟ ଓ କଟା କଞ୍ଚା ଲଙ୍କା ପକାଇ କିଛି ସମୟ କଷନ୍ତୁ। ପରେ ସେଥିରେ କଟା ଟମାଟୋ,ଲଙ୍କା ପାଉଡର,ହଳଦୀ ଗୁଣ୍ଡ ଓ ଆବଶ୍ୟକ ଅନୁସାରେ ଲୁଣ ପକାଇ କଷନ୍ତୁ। ମସଲା କଷି ହେବାପରେ ସେଥିରେ ପୋସ୍ତ ବଟାକୁ ପକାଇ କଷନ୍ତୁ। ମସଲା କଷି ହେବାପରେ ସେଥିରେ ଅଳ୍ପ ପାଣି ଦିଅନ୍ତୁ। ପରେ ମସଲାକୁ କିଛି ସମୟ ପାଇଁ ଫୁଟିବାକୁ ଛାଡ଼ି ଦିଅନ୍ତୁ। ପରେ ସେଥିରେ ଭାଜି ରଖିଥିବା ମାଛକୁ ପକାଇ ଦିଅନ୍ତୁ। ଦୁଇରୁ ତିନି ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ମାଛ ପୋସ୍ତ। ପରେ ସେଥିରେ ଧନିଆ ପତ୍ର ପକାଇ ଦିଅନ୍ତୁ। ଏହାକୁ ଆପଣ ରୁଟି କିମ୍ବା ଭାତ ସହ ଖାଇପାରିବେ।

ଚର୍ଚ୍ଚାରେ ପ୍ରିୟଙ୍କା ଚୋପ୍ରା

ବଲିଉଡରୁ ହଲିଉଡ ପର୍ଯ୍ୟନ୍ତ ସବୁଠି ରାଜ କରୁଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବେ ଚର୍ଚ୍ଚାରେ। ବଲିଉଡରେ ସଫଳତା ହାସଲ କରିବା ପରେ ସେ ଅନେକ ବର୍ଷ ଧରି ହଲିଉଡରେ ସକ୍ରିୟ ଅଛନ୍ତି। ଲଗାତର ଅନ୍ତର୍ଜାତୀୟ ପ୍ରୋଜେକ୍ଟରେ କାମ କରୁଛନ୍ତି। ହଲିଉଡ ଷ୍ଟାରଡମ ସତ୍ତ୍ୱେ ଭାରତ ସହିତ ତାଙ୍କର ସମ୍ପର୍କ ପୂର୍ବ ପରି ଦୃଢ଼ ରହିଛି। ସେ ପ୍ରାୟତଃ ତାଙ୍କ ଝିଅ ମାଲତୀ ମାରିଙ୍କୁ ମନ୍ଦିରକୁ ନେଇଯାଆନ୍ତି। ତାଙ୍କୁ ଛୋଟ ବୟସରୁ ଭାରତୀୟ ସଂସ୍କୃତି ଏବଂ ପରମ୍ପରା ସହିତ ପରିଚିତ କରାନ୍ତି। ତାଙ୍କର ଏକ ଭିଡିଓ ଆଜିକାଲି ଚହଳ ସୃଷ୍ଟି କରୁଛି। ଏଥିରେ ସେ ମାଳତୀଙ୍କୁ 'ଶ୍ରୀ ଦୁର୍ଗା ସପ୍ତଶତୀ' ମନ୍ତ୍ର ସର୍ବମଙ୍ଗଳା-ମଙ୍ଗଲ୍ୟେ ଶିବେ ସର୍ବାର୍ଥ-ସାଧିକେ, ଶରଣ୍ୟେ ତ୍ର୍ୟମ୍ବକେ ଗୌରୀ ନାରାୟଣୀ ନମୋ-ସ୍ତୁ-ତେ ଶିଖାଉଥିବା ଦେଖାଯାଉଛି। ଏଥିରୁ ସେ ତାଙ୍କ ବ୍ୟକ୍ତିତ୍ୱର ଦୁଇଟି ଦିଗ ପ୍ରଦର୍ଶନ କରିଛନ୍ତି। ଗୋଟିଏ ହେଉଛି ସେ ଜଣେ ମା' ଭାବରେ ତାଙ୍କର କର୍ତ୍ତବ୍ୟ ପାଳନ କରୁଛନ୍ତି ଏବଂ ଅନ୍ୟଟି ହେଉଛି ସେ ଉତ୍ସାହର ସହିତ ପାର୍ଟି କରୁଥିବାର ଦେଖାଯାଉଛି। ପ୍ରିୟଙ୍କା ୮ ବର୍ଷ ପରେ ଭାରତୀୟ ସିନେମାକୁ ଫେରିବାକୁ ଯାଉଛନ୍ତି। ଫିଲ୍ମ 'ବାରାଣସୀ' ସହିତ ୨୦୨୭ରେ ମୁକ୍ତିଲାଭ କରିବାକୁ ସ୍ଥିର ହୋଇଛି। ପ୍ରିୟଙ୍କା ଝିଅ ମାଳତୀ ଏବଂ ସ୍ୱାମୀ ନିକ ଜୋନାସଙ୍କ ସହିତ 'ବାରାଣସୀ'ର ଶୁଟିଂ ପାଇଁ ହାଇଦ୍ରାବାଦରେ ପହଞ୍ଚିଛନ୍ତି। ଏହି ଫିଲ୍ମଟି ଏସ.ଏସ. ରାଜମୌଲିଙ୍କ ଦ୍ୱାରା ନିର୍ଦ୍ଦେଶିତ। ମହେଶ ବାବୁ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି, ପ୍ରିୟଙ୍କା ଚୋପ୍ରା ଏବଂ ପୃଥ୍ୱୀରାଜ ସୁକୁମାରନ ମଧ୍ୟ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମର ଅଧିକାଂଶ ଅଂଶ ପୂର୍ବରୁ ଶୁଟିଂ ହୋଇସାରିଛି ଏବଂ କେବଳ କିଛି ଛୋଟ ଛୋଟ ଦୃଶ୍ୟ ଶୁଟିଂ ହେବାକୁ ବାକି ଅଛି।

ବର୍ଷାରେ ଗ୍ଲୋଇଂ ସ୍କିନ୍ ଚାହୁଁଥିଲେ

ବର୍ଷାଦିନେ ସୁନ୍ଦର ଓ ଗ୍ଲୋଇଂ ତ୍ୱଚା ପାଇବା ନିମନ୍ତେ କିଭଳି ଯତ୍ନ ନେବାକୁ ହେବ ଜାଣିରଖନ୍ତୁ। ତ୍ୱଚାକୁ ସୁନ୍ଦର କରିବା ପାଇଁ ପ୍ରଥମେ କ୍ଲିଞ୍ଜର ଲଗାନ୍ତୁ। ଯେକୌଣସି ପ୍ରକାରର ଲାଇଟ୍ କ୍ଲିଞ୍ଜର ବ୍ୟବହାର କରନ୍ତୁ। ଏହାଦ୍ୱାରା ପ୍ରାକୃତିକଭାବେ ତ୍ୱଚା ଚିକ୍କଣ ରହିଥାଏ। ତେବେ ମୁହଁକୁ ସଫା କରିବା ପାଇଁ ସବୁବେଳେ ଭଲ କ୍ୱାଲିଟିର କ୍ଲିଞ୍ଜର ବ୍ୟବହାର କରନ୍ତୁ। ବର୍ଷାଦିନେ ତ୍ୱଚା ସାମାନ୍ୟ ଢିଲା ହୋଇଥାଏ। ତେଣୁ ପ୍ରତିଦିନ ମଶ୍ଚରାଇଜର ଲଗାନ୍ତୁ। ଫଳରେ ତ୍ୱଚା ସୁନ୍ଦର ଦେଖାଯିବ। ବର୍ଷାଦିନେ ବି ବାହାରକୁ ବାହାରିଲେ ସନ୍‌ସ୍କିନ୍ ଲୋସନ ଲଗାନ୍ତୁ। ଏହି ଋତୁରେ ତ୍ୱଚା ଅଧିକ ଅଏଲି ଦେଖାଯାଏ, ତେଣୁ ୱାଟରବେସ୍ ସନ୍‌ସ୍କିନ୍ ଲୋଶନ ଲଗାଇବା ଦରକାର। ସାଧାରଣତଃ ଖରାଦିନେ ସନ୍‌ସ୍କିନ୍ ଲୋସନ ଲଗାଇବା ଦରକାର ବୋଲି ଲୋକେ ଭାବିଥାନ୍ତି। ମାତ୍ର ଏହି ଧାରଣା ଭୁଲ୍। ସବୁ ଋତୁରେ ସନ୍‌ସ୍କିନ୍ ଲୋଶନ ଲଗାଇବାକୁ ହୋଇଥାଏ। ବର୍ଷାଦିନେ ଯଦି ମେକ୍‌ଅପ୍ ନେଉଛନ୍ତି ତେବେ ବ୍ଲଟିଂ ପେପର ବ୍ୟବହାର କରନ୍ତୁ। ଏଥିରେ ମେକ୍‌ଅପ୍ ଭଲଭାବେ ସେଟ୍ ହୋଇ ରହିବ ଓ ମୁହଁରେ ଥିବା ଅତ୍ୟଧିକ ତୈଳ ଅଂଶ କମ୍ ହୋଇଯିବ। ବର୍ଷାଦିନେ ତ୍ୱଚାର ଗ୍ଲୋ ବଢ଼ାଇବା ପାଇଁ ଉଷୁମପାଣିରେ ମୁହଁ ଧୁଅନ୍ତୁ। ଏହା ସହ ମଝିରେ ମଝିରେ ସ୍କ୍ରବ୍ ନିଶ୍ଚୟ କରନ୍ତୁ। ପାଣି ଅଧିକ ପିଅନ୍ତୁ। ଏହା ବ୍ୟତୀତ ଭିଟାମିନ୍ ସି ସେରମ୍ ଲଗାନ୍ତୁ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଥାଏ। ତେଣୁ ଏହା ତ୍ୱଚା ପାଇଁ ବହୁ ଜରୁରୀ। ପ୍ରତିଦିନ ଏହାର ବ୍ୟବହାର ଫଳରେ ସ୍କିନ୍ ଟାଇଟ୍ ହେବା ସହ ବ୍ରଣ ଦାଗ ମଧ୍ୟ ରହି ନ ଥାଏ।

ରାଜ୍ୟ ପ୍ରଜାତନ୍ତ୍ର

କଟକ

୫-୦୮-୨୦୨୬ ପୃଷ୍ଠା: ୩

ଗଞ୍ଜାମରେ ଭବ୍ୟ ସ୍ୱାଗତ

ମା’ କନ୍ଧୁଣୀ ଦେବୀଙ୍କ ଦିବ୍ୟ ଆଶୀର୍ବାଦ ଲାଭକଲେ ମହାମହିମ

ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲାର ପବିତ୍ର ତପ୍ତପାଣି ଆଜି ଏକ ବିରଳ ଐତିହାସିକ ମୁହୂର୍ତ୍ତର ସାକ୍ଷୀ ପାଲଟିଛି। ଦେଶର ପ୍ରଥମ ନାଗରିକ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପବିତ୍ର ମା’ କନ୍ଧୁଣୀ ଦେବୀ ପୀଠରେ ପହଞ୍ଚି ଦିବ୍ୟ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହି ପବିତ୍ର ଆଦିବାସୀ ଆସ୍ଥାକେନ୍ଦ୍ରକୁ ଗସ୍ତ କରିବାରେ ସେ ଦେଶର ପ୍ରଥମ କାର୍ଯ୍ୟରତ ରାଷ୍ଟ୍ରପତି ଭାବେ ଇତିହାସ ସୃଷ୍ଟି କରିଛନ୍ତି। ଏହି ଗସ୍ତ ସମଗ୍ର ଅଞ୍ଚଳ ପାଇଁ ଗୌରବ, ଆଧ୍ୟାତ୍ମିକତା ଓ ଆନନ୍ଦର ଏକ ଅବିସ୍ମରଣୀୟ ଅଧ୍ୟାୟ ହୋଇ ରହିବ । ମନ୍ଦିର ପରିସର ଶୁଭ ଶଙ୍ଖଧ୍ୱନି, ଘଣ୍ଟନାଦ, ବୈଦିକ ମନ୍ତ୍ରୋଚ୍ଚାରଣ ଏବଂ ଭକ୍ତିମୟ ପରିବେଶରେ ପ୍ରକମ୍ପିତ ହୋଇଉଠିଥିଲା। ପାରମ୍ପରିକ ଆଦିବାସୀ ରୀତିନୀତି ଅନୁଯାୟୀ ମନ୍ଦିରର ପୂଜକମାନେ ଏବଂ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ଅତ୍ୟନ୍ତ ଶ୍ରଦ୍ଧା, ଭକ୍ତି ଓ ଆନ୍ତରିକତାର ସହ ମାନ୍ୟବର ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। ପବିତ୍ର ନୀତିକାନ୍ତି ଓ ବିଧିବିଧାନ ଅନୁଯାୟୀ ମାନ୍ୟବର ରାଷ୍ଟ୍ରପତି ମା’ କନ୍ଧୁଣୀ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଦେଶର ଶାନ୍ତି, ସମୃଦ୍ଧି, ଏକତା ଏବଂ ସର୍ବସାଧାରଣଙ୍କ ମଙ୍ଗଳ କାମନା କରିଥିଲେ। ପରେ ସେ ନିକଟସ୍ଥ ମହାଦେବ ମନ୍ଦିରରେ ମଧ୍ୟ ଦର୍ଶନ କରି ଦିବ୍ୟ ଆରତିରେ ଅଂଶଗ୍ରହଣ କରିଥିଲେ। ଏହି ଅବିସ୍ମରଣୀୟ ଅବସରରେ ମୁଖ୍ୟ ପୂଜକ ପ୍ରଶାନ୍ତ କୁମାର ଜାନୀ ଅତ୍ୟନ୍ତ ଆନନ୍ଦିତ ହୋଇ କହିଥିଲେ, ‘ମାନ୍ୟବର ରାଷ୍ଟ୍ରପତିଙ୍କୁ ଆମ ପ୍ରାଚୀନ ପରମ୍ପରା ଅନୁଯାୟୀ ଶଙ୍ଖଧ୍ୱନି, ଘଣ୍ଟନାଦ ଓ ବୈଦିକ ରୀତିନୀତିରେ ସ୍ୱାଗତ କରିବା ଆମ ପାଇଁ ପରମ ସୌଭାଗ୍ୟର ବିଷୟ। ମା’ କନ୍ଧୁଣୀଙ୍କ ପବିତ୍ର ପୀଠର ଇତିହାସରେ ଏହା ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଦେଶର ପ୍ରଥମ ନାଗରିକଙ୍କ ଏହି ପବିତ୍ର ପଦାର୍ପଣ ଆମ ସମଗ୍ର ଆଦିବାସୀ ସମ୍ପ୍ରଦାୟକୁ ଗର୍ବିତ ଓ ଆତ୍ମବିଭୋର କରିଛି। ସେ ଆହୁରି କହିଥିଲେ, ‘ମାନ୍ୟବର ରାଷ୍ଟ୍ରପତି ସମସ୍ତ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ମା’ଙ୍କ ଦିବ୍ୟ ଆଶୀର୍ବାଦ ଲାଭ କରିପାରନ୍ତୁ,

ଐତିହାସିକ ଗସ୍ତକୁ ନେଇ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଉତ୍ସବର ମାହୋଲ

ସେଥିପାଇଁ ପ୍ରତ୍ୟେକ ବ୍ୟବସ୍ଥା ସୁଚାରୁରୂପେ କରାଯାଇଥିଲା। ଆମର ଦୃଢ଼ ବିଶ୍ୱାସ ଯେ ତାଙ୍କର ଏହି ପବିତ୍ର ଗସ୍ତ ତପ୍ତପାଣି ଓ ସମଗ୍ର ଆଦିବାସୀ ଅଞ୍ଚଳର ବିକାଶ, ପରିଚୟ ଓ ସମୃଦ୍ଧିର ନୂତନ ଦିଗ ଉନ୍ମୋଚନ କରିବ। ଆମେ ମା’ଙ୍କ ନିକଟରେ ତାଙ୍କର ସୁସ୍ଥ, ଦୀର୍ଘ ଓ ମଙ୍ଗଳମୟ ଜୀବନ କାମନା କରୁଛୁ। ମାନ୍ୟବର ରାଷ୍ଟ୍ରପତିଙ୍କ ଏହି ଐତିହାସିକ ଗସ୍ତକୁ ନେଇ ସମଗ୍ର ତପ୍ତପାଣି ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ସ୍ଥାନୀୟ

ଆଦିବାସୀ ସମ୍ପ୍ରଦାୟ, ଶ୍ରଦ୍ଧାଳୁ ଓ ସାଧାରଣ ଜନସାଧାରଣ ଏହାକୁ କେବଳ ଏକ ଉଚ୍ଚସ୍ତରୀୟ ଗସ୍ତ ଭାବେ ନୁହେଁ, ବରଂ ସେମାନଙ୍କ ସଂସ୍କୃତି, ପରମ୍ପରା, ଆସ୍ଥା ଓ ଜୀବନଶୈଳୀ ପ୍ରତି ଜାତୀୟ ସମ୍ମାନର ଏକ ଅନନ୍ୟ ପ୍ରତୀକ ଭାବେ ଦେଖୁଛନ୍ତି। ମାନ୍ୟବର ରାଷ୍ଟ୍ରପତିଙ୍କ ଏହି ପବିତ୍ର ପଦାର୍ପଣ କେବଳ ମା’ କନ୍ଧୁଣୀ ଦେବୀ ପୀଠର ଐତିହ୍ୟକୁ ନୂତନ ଗୌରବ ପ୍ରଦାନ କରିନାହିଁ, ବରଂ ଗଞ୍ଜାମର ଆଦିବାସୀ ପରମ୍ପରା, ଧାର୍ମିକ ପର୍ଯ୍ୟଟନ ଓ ସାଂସ୍କୃତିକ ବୈଭବକୁ ଜାତୀୟ ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଏହି ଅବସରରେ ରାଷ୍ଟ୍ରପତିଙ୍କ ସମ୍ମୁଖରେ ଗଞ୍ଜାମ ଜିଲ୍ଲାର ଲୋକକଳା ଓ ଐତିହ୍ୟର କିଛି ଝଲକ ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନେ ଯଥା ଖେମୁଣ୍ଡିଖୋଲାର ‘ନୀଳମାଧବ ଗ୍ରୁପ୍’ ଟମକ ଓ ଚାଙ୍ଗୁର ମଧୁର ତାଳରେ ପାରମ୍ପରିକ ଗ୍ରାମୀଣ ଲୋକନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ସେହିପରି ସୁବର୍ଣ୍ଣଗଡ଼ର ‘ମା’ ଦଣ୍ଡକାଳୀ ଗ୍ରୁପ୍’ ପ୍ରାଚୀନ ସୌରା(ସବର) ଜନଜାତିର ପାରମ୍ପରିକ ନୃତ୍ୟ ପରିବେଷଣ କରି ଆଦିବାସୀ ସଂସ୍କୃତିର ଅନନ୍ୟ ବୈଭବକୁ ଜୀବନ୍ତ କରିଥିଲେ। ଗଞ୍ଜାମର କନ୍ଧ ଆଦିବାସୀ ପରମ୍ପରାର ସ୍ୱକୀୟତାକୁ ଉଜାଗର କରି ‘ସଂରଚନା ଗ୍ରୁପ୍’ର କଳାକାରମାନେ ଚାଙ୍ଗୁ, ନିଶାନ, ବଂଶୀ, ଗିନି, ଝାଞ୍ଜ, ଘଣ୍ଟ, ମହିଷୀ ଶିଙ୍ଗା ଓ ତୁରୀ ଭଳି ବିଭିନ୍ନ ପାରମ୍ପରିକ ବାଦ୍ୟର ଲୟ ଓ ତାଳରେ ଆକର୍ଷଣୀୟ ‘ସାଦ୍ରା ନୃତ୍ୟ’ ପରିବେଷଣ କରି ପରିବେଶକୁ ପ୍ରାଣବନ୍ତ କରିଥିଲେ।ଅନ୍ୟପକ୍ଷରେ କଟପଲ୍ଲୀର ‘ଗୌରାଙ୍ଗ ବାସୁଦେବ ନାମ ସଂକୀର୍ତ୍ତନ ଦଳ’ ମୃଦଙ୍ଗ, ହାରମୋନିଅମ୍ ଓ ମଧୁର କୀର୍ତ୍ତନରେ ସମଗ୍ର ପରିବେଶକୁ ଭକ୍ତିରସରେ ଭରି ଦେଇଥିଲେ। ଜିସଗଡ଼ାବସାର ‘ତୁଳସୀ ଗ୍ରୁପ୍’ କାମାକା, ଝାଞ୍ଜ, ମହୁରୀ ଓ ତୁରୀର ସୁମଧୁର ଧ୍ୱନିରେ ସୌରା ଜନଜାତିର ଲୋକନୃତ୍ୟ ପରିବେଷଣ କରିଥିବା ବେଳେ ପୋଡ଼ାମାଡ଼ି ଗ୍ରାମର ‘ତ୍ରିନାଥ ଠାକୁର କଳିଙ୍ଗ ପୁଅ ଦଳ’ ଘଣ୍ଟ ଓ ମୃଦଙ୍ଗର ଗମ୍ଭୀର ନିନାଦ ସହ ବୀରତ୍ୱପୂର୍ଣ୍ଣ ପାରମ୍ପରିକ ନୃତ୍ୟ ପରିବେଷଣ କରି ସ୍ୱାଗତ ପରିବେଶକୁ ଆହୁରି ଭବ୍ୟ ଓ ପ୍ରାଣବନ୍ତ କରିଥିଲେ। ଶିଙ୍ଗା, ତୁରୀ, ଝାଞ୍ଜ, ଚାଙ୍ଗୁ, ମୃଦଙ୍ଗ ଓ ଅନ୍ୟାନ୍ୟ ପାରମ୍ପରିକ ବାଦ୍ୟର ସମ୍ମିଳିତ ନିନାଦରେ ସମଗ୍ର ତପ୍ତପାଣି ପ୍ରକମ୍ପିତ ହୋଇଉଠିଥିଲା।

କୁମ୍ଭୀର ଦେଖିଲେ ୯୯୩୮୯୧୪୧୦୧ରେ ସୂଚନା ଦେବାକୁ ଅନୁରୋଧ

କେନ୍ଦ୍ରାପଡ଼ା/ଭୁବନେଶ୍ୱର,(ପିପିଏସ୍): ବର୍ଷା ଋତୁରେ ବ୍ରାହ୍ମଣୀ, ମହାନଦୀ ଏବଂ ବୈତରଣୀ ନଦୀ ପ୍ରଣାଳୀରେ ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି, ଲୁଣାଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ), ରାଜନଗର ବନ ବିଭାଗ ପକ୍ଷରୁ ଏକ ଜରୁରୀକାଳୀନ ହ୍ୱାଟ୍ସଆପ୍ ହେଲ୍ପଲାଇନ୍ ନମ୍ବର ୯୯୩୮୯୧୪୧୦୧ ସକ୍ରିୟ କରାଯାଇଛି। ମଣିଷ-କୁମ୍ଭୀର ସଂଘର୍ଷର ବିପଦକୁ ହ୍ରାସ କରିବା ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବିପଦସଙ୍କୁଳ ଗ୍ରାମଗୁଡ଼ିକରେ ‘ଘରକୁ ଘର ବୁଲି’ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ ହୋଇଛି।

ବନ୍ୟାଜଳ ବୃଦ୍ଧି ହେତୁ ନଦୀକୂଳିଆ ଅଂଚଳରୁ କୁମ୍ଭୀରମାନେ ଜନବସତି କିମ୍ବା ଲୋକମାନେ ବ୍ୟବହାର କରୁଥିବା ନଦୀଘାଟ ନିକଟକୁ ଚାଲି ଆସିବାର ଯଥେଷ୍ଟ ସମ୍ଭାବନା ରହିଛି। ଜନସାଧାରଣଙ୍କ ସୁରକ୍ଷା ପାଇଁ ବନ ବିଭାଗର କ୍ଷେତ୍ର କର୍ମଚାରୀମାନେ ବନ୍ୟାପ୍ରବଣ ଗ୍ରାମଗୁଡ଼ିକ ପରିଦର୍ଶନ କରି କୁମ୍ଭୀର ସହିତ ସମ୍ଭାବ୍ୟ ମୁକାବିଲା ଏବଂ ଏଥିରୁ ରକ୍ଷା ପାଇବା ପାଇଁ ସତର୍କତାମୂଳକ ପଦକ୍ଷେପ ବିଷୟରେ ଲୋକଙ୍କୁ ସଚେତନ କରାଯାଉଅଛି।

ସଚେତନତା ଅଭିଯାନ ସମୟରେ ବାସିନ୍ଦାମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ବର୍ଷା ଋତୁରେ ଅତି ଆବଶ୍ୟକ ନଥିଲେ ନଦୀ, କେନାଲ କିମ୍ବା ନାଳ ମଧ୍ୟକୁ ପ୍ରବେଶ କରନ୍ତୁ ନାହିଁ। ପାଣି ସଂଗ୍ରହ, ମାଛ ଧରିବା କିମ୍ବା ଗାଧୋଇବା ସମୟରେ ବିଶେଷ ସତର୍କ ରହିବାକୁ କୁହାଯାଇଛି। ଏହା ସହିତ ପିଲାମାନଙ୍କୁ ବୟସ୍କଙ୍କ ତତ୍ତ୍ୱାବଧାନ ବିନା ଜଳାଶୟ ନିକଟକୁ ନଛାଡ଼ିବା ଏବଂ କୁମ୍ଭୀର ପ୍ରବଣ ଅଂଚଳରେ ଗୃହପାଳିତ ପଶୁଙ୍କୁ ଚରାଇବା ବା ପାଣି ପିଆଇବା ସମୟରେ ସତର୍କ ରହିବାକୁ ଅନୁରୋଧ କରାଯାଇଛି। ଯଦି କୌଣସି ଆବାସିକ ଅଂଚଳ କିମ୍ବା ନିକଟବର୍ତ୍ତୀ ଜଳାଶୟରେ କୁମ୍ଭୀର ଦେଖାଯାଏ, ତେବେ ବନ ବିଭାଗ ତରଫରୁ ତ୍ୱରିତ ପଦକ୍ଷେପ ନିମନ୍ତେ ବନ ବିଭାଗର ହ୍ୱାଟ୍ସଆପ୍ ହେଲ୍ପଲାଇନ୍ (୯୯୩୮୯୧୪୧୦୧) ମାଧ୍ୟମରେ ସୂଚନା ଦେବାକୁ କୁହାଯାଇଛି। ବନ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସକ୍ରିୟ ଅଂଶଗ୍ରହଣରେ ଏହି ଅଭିଯାନ ଚାଲୁ ରହିଛି, ଯାହା ମଣିଷ ଓ କୁମ୍ଭୀରଙ୍କ ମଧ୍ୟରେ ସୁରକ୍ଷିତ ସହାବସ୍ଥାନକୁ ପ୍ରୋତ୍ସାହିତ କରିବ।

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ସମସ୍ତ ବାସିନ୍ଦାଙ୍କୁ, ବିଶେଷକରି ନଦୀକୂଳିଆ ଅଂଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ମାନବ ଜୀବନ ଏବଂ ବନ୍ୟପ୍ରାଣୀ ଉଭୟଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବନ ବିଭାଗ ଦ୍ୱାରା ଜାରି ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାକୁ ଏବଂ ବନ କର୍ମଚାରୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

ଓଡ୍ରାଫ୍ ହେବ ଏସ୍‌ଡିଆର୍‌ଏଫ୍

ଭୁବନେଶ୍ୱର, (ପିପିଏସ୍): ଓଡ୍ରାଫକୁ ରାଜ୍ୟର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ /ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ (ଏସଡିଆରଏଫ୍) ଭାବେ ଉନ୍ନୀତ କରାଯିବ ଏବଂ ଏହାକୁ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସମ୍ପୂର୍ଣ୍ଣ ସମର୍ପିତ ବାହିନୀରେ ପରିଣତ କରିବା ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି, ଓଡ୍ରାଫ ପାଇଁ ସ୍ୱତନ୍ତ୍ର ବାଟାଲିଅନ୍ ଗଠନ ସହିତ ଏହାର ନେତୃତ୍ୱ ଓ ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କରିବାକୁ ମଧ୍ୟ ପଦକ୍ଷେପ ନିଆଯିବ। ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଏବଂ ଭିତ୍ତିଭୂମି ସମ୍ପର୍କରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଓଡ୍ରାଫର ଆବଶ୍ୟକ ଦକ୍ଷତା ଏବଂ ସାମର୍ଥ୍ୟ ବୃଦ୍ଧି ନିମନ୍ତେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

ରାଷ୍ଟ୍ରପତିଙ୍କୁ ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପର କଳାକୃତି ଉପହାର ପ୍ରଦାନ କଲେ ରାଜ୍ୟପାଳ

ଭୁବନେଶ୍ୱର, (ପିପିଏସ୍): ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ସକାଳେ ଲୋକ ଭବନରେ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ରାଷ୍ଟ୍ରପତିଙ୍କୁ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳିତ କରୁଥିବା ସ୍ୱତନ୍ତ୍ର ଉପହାର ପ୍ରଦାନ କରିଥିଲେ। ମହାମହିମ ରାଷ୍ଟ୍ରପତିଙ୍କ ବ୍ରହ୍ମପୁର ଅଭିମୁଖେ ଗସ୍ତ ପୂର୍ବରୁ ଏହି ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରର ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ ଉପହାରରେ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରାପ୍ତ ତଥା ଜିଆଇ ଟ୍ୟାଗ ସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ ବାନ୍ଧ ଶାଢ଼ୀ, ପିପିଲିର ପାରମ୍ପରିକ ଚାନ୍ଦୁଆ ଭେଲଭେଟ ଉତରୀୟ ଏବଂ କଟକର ସୂକ୍ଷ୍ମ ରୂପା ତାରକସି କଳାରେ ନିର୍ମିତ ଭଗବାନ ଗଣେଶଙ୍କ ଏକ ପ୍ରତିମୂର୍ତ୍ତି ଥିଲା।

କାକଟପୁରରେ ବିଜେଡି-ବିଜେପି ଲଢ଼େଇ !

ଅସ୍ତରଙ୍ଗ, (ପିପିଏସ୍): ପଂଚାୟତ ନିର୍ବାଚନ ଆସିବା ଆଗରୁ ପୁରୀ ଜିଲ୍ଲା କାକଟପୁରରେ ରାଜନୀତି ରଣକ୍ଷେତ୍ର ପାଲଟିଛି। ବିଜେଡି ଓ ବିଜେପି ମଧ୍ୟରେ ଚାଲିଛି ସିଧା ସିଧା ଆକ୍ଷେପ-ପାଲଟା ଆକ୍ଷେପ। କେନ୍ଦ୍ରରେ କାକଟପୁର ବିଡିଓ ନାରାୟଣ ଦୀକ୍ଷିତିଙ୍କ କାର୍ଯ୍ୟଶୈଳୀ।

ବିଡିଓଙ୍କୁ ନେଇ ରାଜନୀତି ଗରମ, ଜନତା ପଚାରୁଛନ୍ତି ବିକାଶ କେଉଁଠି

ବିଜେଡି କହେ ପିସି, ବିଜେପି କହେ ୨୪ ବର୍ଷର ପାପ

ବୁଦ୍ଧିଜୀବୀ: ‘ଦୁଇ ଦଳ ଛାଡନ୍ତୁ ଆକ୍ଷେପ, ଦେଖାନ୍ତୁ କାମ’

ଜୁଲାଇ ୨୯ରେ ବିଜେଡି କରିଥିଲା ବିରାଟ ବିକ୍ଷୋଭ। ‘ସରକାରୀ ନିର୍ଦ୍ଦେଶ ଚାଲିଛି ବୁଢ଼ା ଅଙ୍ଗୁଳିରେ’ ବୋର୍ଡ ଧରି ଶହ ଶହ କର୍ମୀ। ଅଭିଯୋଗ ଥିଲା – ଆବାସ ଟଙ୍କାରୁ ପିସି, ଫାଇଲ ପାଇଁ ଲାଞ୍ଚ, ନିଜ ନିର୍ବାଚନ ମଣ୍ଡଳୀରେ ରହି ମିଲିଟାରୀ ଶାସନ। ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ବିଡିଓଙ୍କ ମୁହଁରେ କହିଲେ ‘ଆମେ ତୁମକୁ ଦେବୁନି’। ୭ ଦିନ ଟାଇମ୍ ଦେଇ ଜିଲ୍ଲାପାଳ ଘେରାଉ ଚେତାବନୀ ଦେଲେ। ସେହି ଦିନ ସନ୍ଧ୍ୟାରେ ବିଜେପି ପାଲଟା ଆକ୍ରମଣ। ଯୁବ ମୋର୍ଚ୍ଚା ସଂଯୋଜକ ପ୍ରିୟବ୍ରତ ବିଶ୍ୱାଳ କହିଥିଲେ ସାମାଜିକ ଗଣମାଧ୍ୟମ ରେ, ‘ବିଲେଇ ଆମିଷ ଛାଡିବା ଯାହା, ବିଜେଡିର ଦୁର୍ନୀତି ବିରୋଧ ନାଟକ ସେଇଆ’। ୨୪ ବର୍ଷରେ କାକଟପୁରରେ ଅରାଜକତା, ଟେଣ୍ଡର ଫିକ୍ସ, କୁଣ୍ଢେଇ ବ୍ରିଜ ଦୁର୍ନୀତିର ହିସାବ ମାଗିଲେ। ଅଗଷ୍ଟ ୩ରେ ସାଂସଦ ପ୍ରତିନିଧି ସୁଦର୍ଶନ ସ୍ୱାଇଁ ଲେଖିଲେ – ‘କଥାରେ ତର୍କ ରଖ, ଭାଷାରେ ମର୍ଯ୍ୟାଦା ରଖ’।ଏହି ରାଜନୈତିକ କାଦୁଅ ମଝିରେ କାକଟପୁରର ବୁଦ୍ଧିଜୀବୀ ଓ ସାଧାରଣ ଲୋକଙ୍କ ମତ ସ୍ପଷ୍ଟ। ‘ବିଜେଡି ହେଉ ବା ବିଜେପି, ଉଭୟ ଯେତେବେଳେ ବିରୋଧରେ ଥାନ୍ତି ସେତେବେଳେ ଦୁର୍ନୀତି ଦେଖନ୍ତି। ଯେତେବେଳେ କ୍ଷମତାରେ ଥାନ୍ତି ସେତେବେଳେ ଆଖି ବୁଜନ୍ତି। ଜନତା ଏବେ ବୋକା ନୁହଁନ୍ତି।’‘ବ୍ଲକ

ଅଫିସ ହେଲା ସେବା କେନ୍ଦ୍ର। ସେଠି ଯଦି ପିସି ଚାଲୁଛି ତେବେ ତଦନ୍ତ ହେଉ। କିନ୍ତୁ ତଦନ୍ତ ନାଁରେ କେବଳ ପ୍ରେସ୍ ମିଟ୍ ନ ହେଉ। ବିଡିଓ ଯଦି ଦୋଷୀ ତେବେ କାର୍ଯ୍ୟାନୁଷ୍ଠାନ ହେଉ, ନଚେତ ମିଛ ଅଭିଯୋଗ କରୁଥିବା ଲୋକଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ।’ ପାନ ଚାଷୀ ପ୍ରସାଦ ମହାନ୍ତି କୁହନ୍ତି, ‘୨୪ ବର୍ଷରେ କ’ଣ ହେଲା, ୨ ବର୍ଷରେ କ’ଣ ହେଲା ସେ କଥା ଛାଡନ୍ତୁ। ଆଗାମୀ ବର୍ଷରେ କାକଟପୁର ପାଇଁ ଆପଣମାନଙ୍କ ପ୍ଲାନ କ’ଣ ତାହା କୁହନ୍ତୁ। ଆମକୁ ମଣ୍ଡି ଦରକାର, ରାସ୍ତା ଦରକାର, ପାନ ପାଇଁ ସହାୟତା ଦରକାର। ନାରାବାଜି ନୁହେଁ।‘ ସାଧାରଣ ଲୋକଙ୍କ ଗୋଟେ କଥା – ’ଆମେ ଭୋଟ ଦେବା ବିକାଶ ପାଇଁ, ଝଗଡା ଦେଖିବା ପାଇଁ ନୁହେଁ।‘ ବିଜେଡି ଓ ବିଜେପି ଉଭୟଙ୍କୁ ବୁଦ୍ଧିଜୀବୀଙ୍କ ନିବେଦନ – ଆକ୍ଷେପ ଛାଡି କାମ କର। ପଂଚାୟତରେ ସେବା ଦିଅ, ସତ୍ୟତା ଦେଖାଅ। ଜନତା ବିକାଶ ଦେଖି ଭୋଟ ଦେବେ।

ଜନନୀ ଗୌରବ ପରିଷଦର ସାମ୍ବାଦିକ ସମ୍ମିଳନୀ

ବିପଦ ବେଳେ ଓଳି ତଳେ ଛିଡ଼ା ହେବି ସୂର୍ଯ୍ୟବଂଶୀ ସୂରଜ

ଧାମନଗର,(ପିପିଏସ୍): ଧାମନଗରରେ ଦେଖା ଦେଇଥିବା ଗମ୍ଭୀର ବନ୍ୟା ପରିସ୍ଥିତିକୁ ସଫଳତାର ସହିତ ପରିଚାଳନା କରିବା କ୍ଷେତ୍ରରେ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କ ଦକ୍ଷତା ଦେଖାଇଛନ୍ତି। ସେ କହିଥିବା ବିପଦ ବେଳେ ଓଳି ତଳେ ଛିଡ଼ା ହେବି କଥାକୁ ସେ ବନ୍ୟା ଭଳି ବଡ଼ ବିପତ୍ତି ସମୟରେ ପ୍ରମାଣିତ କରିଛନ୍ତି ବୋଲି ମଙ୍ଗଳବାର ଧୂଷୁରୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜନନୀ ଗୌରବ ପରିଷଦ ପକ୍ଷରୁ କୁହାଯାଇଛି ।ଭଦ୍ରକ ଜିଲ୍ଲା ପରିଷଦର ପ୍ରାକ୍ତନ ଉପାଧ୍ୟକ୍ଷ ରଞ୍ଜିତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପରିଷଦର କର୍ମକର୍ତ୍ତା କହିଛନ୍ତି ଯେ ଏଥର ବନ୍ୟା ମୁକାବିଲା କରିବା ସରକାର ଏବଂ ପ୍ରଶାସନ ପାଇଁ ଏକ ଆହ୍ୱାନ ଥିଲା। ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଗକୁ ଆସି ସରକାର ପ୍ରଶାସନ ଏବଂ ଯୁବ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ସମନ୍ୱୟ ରଖି ବନ୍ୟା ପରିସ୍ଥିତିକୁ ସମ୍ମୁଖୀନ ହେଲେ। ଧାମନଗର ଏବଂ ତିହିଡିର ଅଶୀ ପ୍ରତିଶତ ଅଞ୍ଚଳ ଗୁରୁତର ବନ୍ୟାରେ ପ୍ରଭାବିତ ହେଉଥିବା ବେଳେ ନିଜେ ମନ୍ତ୍ରୀ ଶ୍ରୀ ସୂରଜ ଜୀବନକୁ ବାଜି ଲଗାଇ ରାତିରେ ବିଭିନ୍ନ

ନଦୀ ବନ୍ଧ ସ୍ଥିତି ଅନୁଧ୍ୟାନ କଲେ। ସ୍ରୋତ ମୁହଁରେ ଖସି ଯାଉଥିବା ବୋଟକୁ ଭିଡ଼ି ଧରି ସହଯୋଗୀଙ୍କ ସୁରକ୍ଷା ଦେବା ତାଙ୍କ ସାହସ ଓ ସେବାର ବଡ଼ ଉଦାହରଣ। ପ୍ରାକୃତିକ ବିପର୍ଯ୍ୟୟରେ ଧନୀ ଗରିବ ସବୁ ସମାନ। ଏଭଳି ସ୍ଥିତିରେ ତାଙ୍କ ଦୂରଦୃଷ୍ଟି ଯୋଗୁଁ ସଂଖ୍ୟାଧିକ ଓଡ୍ରାଫ ଏନଡ଼ିଆରଏଫ ଅଗ୍ନିଶମ ବାହିନୀ ନିୟୋଜିତ ହୋଇଥିଲା ଏବଂ ୧୯ଟି ସ୍ୱତନ୍ତ୍ର ଅପରେସନ ଦ୍ୱାରା ୫୬ ଜଣଙ୍କୁ ସୁରକ୍ଷିତ ଉଦ୍ଧାର ସମ୍ଭବ ହୋଇଥିଲା। ଦୁଇ ଲକ୍ଷରୁ ଅଧିକ ଲୋକଙ୍କ ପାଖରେ ଶୁଖିଲା ଏବଂ ରନ୍ଧାଖାଦ୍ୟ ପହଞ୍ଚା ଯାଇଥିଲା।ଧାମନଗରରେ ୨.୬୬ଲକ୍ଷ ଲୋକଙ୍କୁ ରନ୍ଧା ଖାଦ୍ୟ ସହିତ ୯୩ କ୍ୱିଣ୍ଟାଲ ଚୁଡ଼ା, ୯.୩୦ କ୍ୱିଣ୍ଟାଲ ଗୁଡ଼ ଯୋଗାଇ ଦିଆଯାଇଛି। ୧୨୩ ମେଟ୍ରିକ ଟନ ଗୋ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ବନ୍ୟାଞ୍ଚଳରେ ତାଙ୍କ ପ୍ରୟାସ ଯୋଗୁଁ ପ୍ରଥମଥର ପାଇଁ ଅତ୍ୟାଧୁନିକ ଜ୍ଞାନ କୌଶଳରେ ବନ୍ୟା ଜଳରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସମ୍ଭବ ହୋଇ ବିପନ୍ନଙ୍କ ଜଳ କଷ୍ଟ ଦୂର ପାଇଁ ୩୨ ହଜାର ପାଣି ପାଉଚ ସହିତ ୭୨ ହଜାରରୁ ଅଧିକ ବୋତଲ ପାଣି ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଦଶ କିଲୋର ଚାଉଳ ଦିଆଯିବା ମଧ୍ୟ ସାହାଯ୍ୟ ହୋଇଥିଲା। ବନ୍ୟା ପରବର୍ତ୍ତୀ କାଳରେ ରୋଗ ବ୍ୟାପିବା ଭୟ ଥିବାରୁ ଏଦିଗକୁ ମଧ୍ୟ ଦୃଷ୍ଟି ଦିଆଯାଉଛି। ସବୁ ଦିଗକୁ ଗୁରୁତ୍ୱ ଦେବା ହେତୁ ଧାମନଗରରେ ବନ୍ୟା ମୁକାବିଲାରେ ତ୍ରୁଟି ପରିଲକ୍ଷିତ ହୋଇନି। ଜଣେ ଯୁବ ମନ୍ତ୍ରୀ ନିଜକୁ ସେବକ ଭାବରେ ଉପସ୍ଥାପିତ କରି ଆଜି ବି ବନ୍ୟା ଦୁର୍ଗତଙ୍କ ନିକଟକୁ ଯାଇ ସେମାନଙ୍କ ପାଖରେ ଛିଡ଼ା ହେବା ତାଙ୍କ ପ୍ରତିବଦ୍ଧତାର ପ୍ରମାଣ ଏବଂ ସେ କଥା ଦେଇ କଥା ରଖିଛନ୍ତି ବୋଲି ସମ୍ମିଳନୀରେ କୁହାଯାଇ ଧାମନଗର ନିର୍ବାଚନ ମଣ୍ଡଳୀର ମାତୃଶକ୍ତି ପକ୍ଷରୁ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟ କାମନା କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଉମାମଣି ସାହୁ, ସରପଞ୍ଚ ମିନତୀ ସାହୁ, ସମାଜସେବୀ ଶୁଭଶ୍ରୀ ନାୟକ, ସୁଜାତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।ସାମ୍ବାଦିକ ବୈକୁଣ୍ଠ ନାଥ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମାଜସେବୀ କବିତା ସାହୁ ଧନ୍ୟବାଦ ଦେଇଥିଲେ।

ବାହାଡ଼ାଝୋଲା ଫାଣ୍ଡିକୁ ଥାନା ମାନ୍ୟତା ପ୍ରଦାନ ପାଇଁ ଜୋରଧରିଲା ଦାବି

ଓଡଗାଁ,(ପିପିଏସ୍): ନୟାଗଡ ଜିଲ୍ଲା ଓଡଗାଁ ଆଦର୍ଶ ଥାନା ଅଧିନ ବାହାଡାଝୋଲା ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ ପାଇଁ ଦାବି ଉଠିଛି । ଜନସଂଖ୍ୟା ବୃଦ୍ଧି ସହିତ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି ।ଏଣୁ ବାହାଡ଼ାଝୋଲା ଫାଣ୍ଡି ଅଧୀନରେ ଥିବା ପ୍ରାୟ ୩୦ କିମି ପରିବ୍ୟାପ୍ତ ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଅଞ୍ଚଳବାସୀଙ୍କୁ ତ୍ୱରିତ ପୁଲିସ ସେବା ଯୋଗାଇ ଦ୍ୱୋ ପାଇଁ ଏହି ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ଦାବି ଜୋର ଧରୁଛି । ନୟାଗଡ଼ ଜିଲ୍ଲା ପୋଲିସ ପ୍ରଶାସନ ଅନ୍ତର୍ଗତ ବଣଜଙ୍ଗଲ ଘେରା ଏହି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଧନ ଜୀବନର ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ରକ୍ଷା ପାଇଁ ଇଂରେଜ ଶାସନ ସମୟରୁ ବାହାଡ଼ାଝୋଲା ଠାରେ ପୋଲିସ ଫାଣ୍ଡି ପ୍ରତିଷ୍ଠା କରାଯାଇଥିଲା। ଓଡ଼ଗାଁ ଥାନା ଅଧୀନରେ ଥିବା ଏହି ଫାଣ୍ଡି ଉପରେ ବାହାଡ଼ାଝୋଲା, ବେରୁଆଁବାରୀ, କାପ୍ତାପଲ୍ଲୀ, ଗୁମୀ, ହରିପୁର ଓ ସିଙ୍ଗାରପଲ୍ଲୀ ପ୍ରଭୃତି ୬ ଟି ପଞ୍ଚାୟତର ପ୍ରାୟ ୯୬ ଟି ଗ୍ରାମର ପ୍ରାୟ ୫୦ ହଜାର ରୁ ଉର୍ଦ୍ଧ୍ୱ ଜନସାଧାରଣ ଆଇନ ଶୃଙ୍ଖଳା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ପାଇଁ ନିର୍ଭର କରିଥାନ୍ତି ।ବର୍ତ୍ତମାନ ଏହି ଫାଣ୍ଡିରେ ଜଣେ ଏ.ଏସ୍.ଆଇ ଓ ୪ ଜଣ କନେଷ୍ଟବଳ ନିଯୁକ୍ତି ପାଇଥିବାବେଳେ
ଅଞ୍ଚଳର ଜନସଂଖ୍ୟା ଏବଂ ଭୌଗୋଳିକ ସ୍ଥିତିକୁ ଦୃଷ୍ଟିରେ ରଖି ଅଞ୍ଚଳର ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ,ବାହାଡ଼ାଝୋଲା ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ଦୀର୍ଘଦିନ ଧରି ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଛି ।ଫାଣ୍ଡିକୁ ଥାନାର ମାନ୍ୟତା ମିଳିଲେ ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ରକ୍ଷା ଓ ଲୋକଙ୍କୁ ତ୍ୱରିତ ପୁଲିସ ସେବା ଯୋଗାଇଦେବାରେ ସୁବିଧା ହେବ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି ।ସୂଚନା ଅନୁଯାୟୀ ପ୍ରାୟ ୬ ମାସ ତଳେ ସ୍ଥାନୀୟ ଅଞ୍ଚଳ ର ବୁଦ୍ଧିଜୀବୀ ଓ ଶାନ୍ତିପ୍ରିୟ ସଚେତନ ନାଗରିକଙ୍କ ପକ୍ଷରୁ ଏନେଇ ପ୍ରଶାସନ,ବିଭାଗୀୟ ଉଚ୍ଚ ଅଧିକାରୀ ଏବଂ ଜନପ୍ରତିନିଧି ମାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ଦାବିପତ୍ର ପ୍ରଦାନର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଏଯାବତ୍ ବାହାଡ଼ାଝୋଲା ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ ନେଇ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।ଏହି ପରିପ୍ରେକ୍ଷୀରେ ରବିବାର ଅପରାହ୍ନରେ ବାହାଡ଼ାଝୋଲା ଫାଣ୍ଡି ପରିସରରେ ବାହାଡ଼ାଝୋଲା ଆଞ୍ଚଳିକ ବିକାଶ ପରିଷଦ ର ସଭାପତି ଅବସର ପ୍ରାପ୍ତ ଶିକ୍ଷକ ନାରାୟଣ ବେହେରା, ପ୍ରହଲ୍ଲାଦ ସାହୁ,ଆଦର୍ଶ କୃଷକ ସୂର୍ଯ୍ୟନାରାୟଣ ସାହୁ,ବିଜେପି ମଣ୍ଡଳ ସଭାପତି ଦିଲ୍ଲୀପ କୁମାର ନାୟକ,ଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ, ଜନପ୍ରତିନିଧି ଏବଂ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଫାଣ୍ଡିକୁ ଥାନା ମାନ୍ୟତା ପ୍ରଦାନ ଦାବିକୁ ଆଗାମୀ ଦିନରେ ଅଧିକ ଜୋରଦାର କରିବା ପାଇଁ ବୈଠକରେ ନିଷ୍ପତି ନିଆଯିବା ସହ ଏକ କମିଟି ଗଠନ କରାଯାଇଥିଲା ।ଗଠିତ କମିଟିରେ ଅବସରପ୍ରାପ୍ତ ଶିକ୍ଷକ ପ୍ରହଲ୍ଲାଦ ସାହୁଙ୍କୁ ସଭାପତି ଭାବେ ଚୟନ କରାଯାଇଛି, ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀ ଏବଂ ସାମ୍ବାଦିକମାନେ ଗଠିତ କମିଟିରେ ସାମିଲ ହୋଇଛନ୍ତି । ଆଗାମୀ ଦିନରେ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ସାଂସଦ, ବିଧାୟକଙ୍କ ସମେତ ଜିଲ୍ଲା ଓ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ବାହାଡ଼ାଝୋଲା ଫାଣ୍ଡିକୁ ଥାନାରେ ପରିଣତ କରିବା ନେଇ ପୁଣି ଲିଖିତ ଦାବି ଜଣାଇବାକୁ ନିଷ୍ପତ୍ତି ନିଆଯାଇଛି ।ଏହି ଅବସରରେ ବାହାଡ଼ାଝୋଲା ଫାଣ୍ଡି ଅଧିକାରୀ ଦେବରାଜ ମଲ୍ଲିକଙ୍କ ସହ ଆଲୋଚନା କରାଯିବା ସହିତ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି ।

ବିପଦର ବନ୍ଧୁ ରାମଚନ୍ଦ୍ର

ଭଦ୍ରକ, (ପିପିଏସ୍): ବନ୍ୟା ବିପର୍ଯ୍ୟସ୍ତଙ୍କ ପାଇଁ ସହାୟତାର ହାତ ବଢ଼ାଇଲେ ସମାଜସେବୀ ଓ ଶିଳ୍ପପତି ରାମଚନ୍ଦ୍ର ବେହେରା ଓ ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅନେକ ପରିବାର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଅନେକ ଗାଁ ଜଳମଗ୍ନ ହୋଇଥିବା ବେଳେ ଲୋକମାନେ ଖାଦ୍ୟ, ବସ୍ତ୍ର ଓ ଦୈନନ୍ଦିନ ଆବଶ୍ୟକ ସାମଗ୍ରୀର ଅଭାବ ଭୋଗୁଛନ୍ତି। ଏଭଳି କଠିନ ସମୟରେ ବିଷ୍ଣୁପୁର ପଞ୍ଚାୟତର ବିଶିଷ୍ଟ ସମାଜସେବୀ ଓ ଶିଳ୍ପପତି ଶ୍ରୀ ରାମଚନ୍ଦ୍ର ବେହେରା ମାନବିକତାର ପରିଚୟ ଦେଇ ବନ୍ୟା ବିପର୍ଯ୍ୟସ୍ତଙ୍କ ପାଖରେ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି। ମନୋଜ କୁମାର ସାହୁଙ୍କ ସହଯୋଗରେ ଆୟୋଜିତ ଏହି ସେବା କାର୍ଯ୍ୟକ୍ରମରେ ବନ୍ୟା ପୀଡ଼ିତ ଶତାଧିକ ଗରିବ ଓ ଅସହାୟ ପରିବାରଙ୍କ ମଧ୍ୟରେ ଶାଢ଼ୀ, ଗାମୁଛା, ବେଡ଼ଶିଟ୍, ଛତୁଆ, ବିସ୍କୁଟ, ଚୁଡ଼ା, ଗୁଡ଼ ଓ ଅନ୍ୟାନ୍ୟ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା ।ସେହିପରି ଖରା ଦିନରେ ଲୋକଙ୍କ ପାଇଁ ସର୍ବତ ଓ ପାଣି ସହ ବିଭିନ୍ନ ପ୍ରକାର ସେବା କରନ୍ତି ତାଙ୍କର ଏହି କାର୍ଯ୍ୟ କୁ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।

ବନ୍ୟା ପୀଡ଼ିତଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ

ବାଙ୍କୀ: ଚଳିତ ବନ୍ୟାରେ ପ୍ରଭାବିତ ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ବିଲିପଡ଼ା ପଞ୍ଚାୟତର ମନ୍ତ୍ରୀସାହି ଗ୍ରାମର ବନ୍ୟା ପୀଡ଼ିତ ପରିବାରମାନଙ୍କୁ ସ୍ୱେଚ୍ଛାକୃତ ଭାବେ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି। ସମାଜସେବୀ ସୁଭମ ବାରିକ, କପିଳ ମହାନ୍ତି ଓ ସୁଶାନ୍ତ କୁମାର ସାମନ୍ତ ବନ୍ୟା ପୀଡ଼ିତଙ୍କ ଘରେ ପହଞ୍ଚି ନିଜସ୍ୱ ପାଣ୍ଠିରୁ ଆବଶ୍ୟକ ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଜରୁରୀ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ। ଏହି ଅବସରରେ ସେମାନେ ବନ୍ୟା ପୀଡ଼ିତଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇ ସମ୍ଭବ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦୁର୍ଦ୍ଦିନରେ ସେମାନଙ୍କ ଏହି ମାନବିକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଥିଲେ।

ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଗୋପ (ପିପିଏସ) ଆଜି ସଂନ୍ଧ୍ୟା ସମୟରେ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଲେ କୋଣାର୍କ ଥାନା ଅଧିନ ,ନାଖଣ୍ଡି ପଂଚାୟତ ମାଙ୍କଡଗୋରଡ଼ି ଗ୍ରାମର ମାନସ ଜେନାଙ୍କ ପୁଅ ସୌଭାଗ୍ୟ ଜେନା (୧୯) । ଅପରାହ୍ନ ପ୍ରାୟ ୫ଟା ସମୟରେ ସୌଭାଗ୍ୟ ନିକଟସ୍ଥ ଗାଁ ପୋଖରୀକୁ ଶୌଚ ନିମନ୍ତେ ଯାଇଥିବା ସମୟରେ କୌଣସି କାରଣବଶତଃ ପୋଖରୀରେ ବୁଡିଯାଇଥିଲା । ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଏଣେତେଣେ ଖୋଜୁଥିବାବେଳେ ପୋଖରୀ ନିକଟରେ ସାଇକେଲ ଓ ପ୍ୟାଣ୍ଟ ଥୁଆ ହୋଇଥିବାର ଦେଖି ଗ୍ରାମବାସୀଙ୍କୁ ଡାକି ପାଣିରେ ଖୋଜାଖୋଜି କରିଥିଲେ । ଖବର ପାଇ ଚମ୍ପାହାର ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଁଚି ଗ୍ରାମବାସୀଙ୍କ ସହ ପାଣି ଭିତରୁ ଯୁବକଙ୍କୁ ଉଦ୍ଧାର କରି ଗୋପ ଗୋଷ୍ଠୀ ଡାକ୍ତରଖାନାକୁ ଆଣିଥିଲେ ।ମାତ୍ର ଚିକିତ୍ସାଧିନ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ବୁଧବାର ବ୍ୟବଚ୍ଛେଦ ନିମନ୍ତେ ପଠାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି ।

ଧୁଷୁରୀରେ ମହିଳାଙ୍କୁ ଅସଦାଚରଣ ଉଦ୍ୟମ ପରେ ମାରଣାନ୍ତକ ଆକ୍ରମଣ

ଅସୁରାଳି (ପିପି ଏସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଧୁଷୁରୀ ଥାନା ଅନ୍ତର୍ଗତ ରଇପୁର ପଞ୍ଚାୟତର ଘୋଡ଼ାସାହି ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ ଉଦ୍ୟମକୁ କେନ୍ଦ୍ର କରି ସଂଘବଦ୍ଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସୋମବାର ରାତି ପ୍ରାୟ ୮ଟା ସମୟରେ ମାନସୀ ଆରଣ ଔଷଧ ଆଣିବା ପାଇଁ ଯାଉଥିବା ବେଳେ ବିଚିତ୍ର ଆରଣ ତାଙ୍କୁ ଅସଦାଚରଣ କରିବାକୁ ଚେଷ୍ଟା କରିଥିଲେ। ମାନସୀ ଚିତ୍କାର କରିବା ପରେ ପୂର୍ବରୁ ଲୁଚି ରହିଥିବା ବିରଞ୍ଚି ଆରଣ, ରବୀନ୍ଦ୍ର ଆରଣ ଓ ଗଣେଶ ଆରଣ ସେଠାରେ ପହଞ୍ଚି ତାଙ୍କୁ ଟଣାଓଟରା କରିଥିବା ଅଭିଯୋଗ ହୋଇଛି। ଚିତ୍କାର ଶୁଣି ମାନସୀଙ୍କ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ରହିଛି। ଏଥିରେ ମାନସୀ ଆରଣଙ୍କ ସମେତ ପରିବାରର ଚାରିଜଣ ଗୁରୁତର ଆହତ ହୋଇ ପ୍ରଥମେ ଧୁଷୁରୀ ହସ୍ପିଟାଲ ଏବଂ ପରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ ଧୁଷୁରୀ ଥାନାରେ ଅଭିଯୋଗ ଦାଖଲ ହୋଇଥିଲେ ମଧ୍ୟ ୨୪ ଘଣ୍ଟା ବିତିଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ବୋଲି ପୀଡ଼ିତ ପରିବାର ଅଭିଯୋଗ କରିଛନ୍ତି। ପରିବାର ପକ୍ଷରୁ ପ୍ରଶାସନଙ୍କୁ ନ୍ୟାୟ ଦେବା ସହ ଦୋଷୀଙ୍କ ବିରୋଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

ସେବା ସମବାୟରେ ସାର ବଣ୍ଟନକୁ ନେଇ ବିବାଦ, ଚାଷୀଙ୍କ ବିକ୍ଷୋଭ

ଗୋପ (ପିପିଏସ) ଚାଷୀଙ୍କ ପାଇଁ ଆସିଥିବା ସରକାରୀ ସାର ଗଲା କୁଆଡ଼େ, କିଏ ଉଠାଇଲା ସାର କାହିଁକି ମାସ ମାସ ଧରି ଚାଷୀଙ୍କୁ ମିଳିଲା ନାହିଁ ଏଭଳି ଏକାଧିକ ପ୍ରଶ୍ନକୁ ନେଇ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଧଳେଶ୍ୱର ସେବା ସମବାୟ ସମିତିରେ ତୀବ୍ର ବିବାଦ ଦେଖିବାକୁ ମିଳିଛି । ସାର ବଣ୍ଟନରେ ଅନିୟମିତତା, ଋଣ ପ୍ରଦାନ ଏବଂ ଧାନ କ୍ରୟରେ ଦୁର୍ନୀତି ଅଭିଯୋଗ ଆଣି ସମବାୟ ସମିତିକୁ ଘେରିଛନ୍ତି ଚାଷୀ। ଏପଟେ ରାଜ୍ୟ ସମବାୟ ନିବନ୍ଧକଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ ହୋଇଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ ହୋଇଛି ।ଧଳେଶ୍ୱର, ରଟିଲୋ ଓ ଅରୁଆ ପଞ୍ଚାୟତ ଅଧୀନରେ ଥିବା ଧଳେଶ୍ୱର ସେବା ସମବାୟ ସମିତିରେ ଚାଷୀଙ୍କ ପାଇଁ ଆସିଥିବା ସାର ବଣ୍ଟନକୁ ନେଇ ଉଠିଛି ପ୍ରଶ୍ନ। ଅଭିଯୋଗ ଅନୁସାରେ ଜୁନ୍ ମାସ ଶେଷରେ ସମିତିକୁ ସାର ଆସିଥିଲେ ମଧ୍ୟ ସେମାନଙ୍କୁ ଦିଆଯାଇନଥିଲା ବୋଲି ଚାଷୀ ଆଲୋକ କୁମାର ଭୋଇ ଏବଂ ଚନ୍ଦ୍ରକାନ୍ତ ବରାଳ ଅଭିଯୋଗ କରିଛନ୍ତି । ନୂତନ ସମ୍ପାଦକ ଦାୟିତ୍ୱ ନେବା ପରେ ସାର ପୂର୍ବରୁ ଉଠାଯାଇଥିବା ଜଣାପଡ଼ିଥିଲା। ତେବେ ପୂର୍ବତନ ସମ୍ପାଦକ ସାର ଉଠାଇ ନଥିବା କହିଥିବା ବେଳେ ନୂତନ ସମ୍ପାଦକ ମଧ୍ୟ ଏ ବିଷୟରେ ଅବଗତ ନଥିବା କହିଛନ୍ତି। ଫଳରେ ସାର କିଏ ଉଠାଇଲା ଓ କେଉଁଠି ରହିଛି, ତାହାକୁ ନେଇ ଚାଷୀଙ୍କ ମଧ୍ୟରେ ସନ୍ଦେହ ଉଠୁଥିବା ବେଳେ ସରପଞ୍ଚ ସଚ୍ଚିତାନନ୍ଦ ରାଉତରାୟ, ଏବଂ ସମିତିସଭ୍ୟ ପ୍ରତିନିଧି ରମେଶ ଜେନା ଏହାର ତଦନ୍ତ ହେବା ଆବଶ୍ୟକ ବୋଲି କହିଛନ୍ତି । ସାର ବଣ୍ଟନ ନୁହେଁ, ଋଣ ପ୍ରଦାନ, ଧାନ କ୍ରୟ ଓ ସାର-ବିହନ ବଣ୍ଟନରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ପ୍ରକୃତ ଚାଷୀଙ୍କୁ ଋଣ ଓ ସୁବିଧାରୁ ବଞ୍ଚିତ କରାଯାଉଥିବା ବେଳେ ଧାନ କ୍ରୟରେ ମଧ୍ୟ ପକ୍ଷପାତିତା କରାଯାଉଥିବା ଅଭିଯୋଗ ହୋଇଛି। ଏପରିକି କେତେକ ଚାଷୀଙ୍କ ଆଧାର କାର୍ଡ ଓ ଓଟିପି ନେଇଥିଲେ ମଧ୍ୟ ସେମାନଙ୍କୁ ସାର ମିଳିନଥିବା ସେମାନେ ଦାବି କରିଛନ୍ତି। ଘଟଣାକୁ ନେଇ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ବିଡିଓଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ଏହାପରେ ନିମାପଡ଼ା ବିଡିଓ ଡଃ ଅଭିଜିତ ଷଡ଼ଙ୍ଗୀ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ବିଡିଓ କହିଛନ୍ତି। ସମିତିର ସଭାପତି ସମସ୍ତ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ସାର ସୁରକ୍ଷିତ ସ୍ଥାନରେ ରହିଛି ଏବଂ ଉପଯୁକ୍ତ ସମୟରେ ଚାଷୀଙ୍କୁ ବଣ୍ଟନ କରାଯିବ। ତେବେ ସାର କେଉଁଠି ରହିଛି ଓ କାହିଁକି ସମିତି ପରିସରରେ ରଖାଯାଇନଥିଲା, ସେନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି ।ଧଳେଶ୍ୱର ସେବା ସମବାୟ ସମିତିକୁ ନେଇ ଉଠିଥିବା ଏହି ଅଭିଯୋଗ ଏବେ ସମଗ୍ର ନିମାପଡ଼ା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗୋଟିଏ ପଟେ ଚାଷୀମାନେ ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରୁଥିବା ବେଳେ, ଅନ୍ୟପଟେ ତଦନ୍ତ ରିପୋର୍ଟ କଣ ସାମ୍ନାକୁ ଆଣୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

ମାସେହେବ ସିଙ୍ଗିବାଡି ଗ୍ରାମକୁ ମିଳୁନି ପାନୀୟଜଳ

ଖଣ୍ଡପଡ଼ା, (ପିପିଏସ): ମାସେ ହେବ ଅଚଳ ପଡିଛି ପମ୍ପ ହାଉସ। ଫଳରେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି ଶତାଧିକ ବାସିନ୍ଦା। ଖଣ୍ଡପଡ଼ା ବ୍ଲକ କୋସକା ପଞ୍ଚାୟତ ଅଧୀନ ସିଙ୍ଗିବାଡି ଗ୍ରାମକୁ ପାନୀୟ ଜଳ ଯୋଗାଣ ଠପ ହୋଇପଡିଥିବା ବେଳେ ହନ୍ତସନ୍ତ ହେଉଛନ୍ତି ସ୍ଥାନୀୟ ବାସିନ୍ଦା। ମିଳିଥିବା ସୂଚନା

ତାର ଚୋରି ପରେ ଅଚଳ ହୋଇଛି ପମ୍ପ୍ ହାଉସ

ଅନୁଯାୟୀ ସିଙ୍ଗିବାଡି ଗ୍ରାମକୁ ପାନୀୟ ଜଳ ଯୋଗାଣ ନିମନ୍ତେ କୁଆଁରିଆ ନଦୀ ପଠା ଜାକଲା ଠାରେ ଏକ ପମ୍ପ ହାଉସ ନିର୍ମାଣ କରାଯାଇଥିଲା। ତେବେ ଗତମାସ ୭ ତାରିଖରେ କୁଆଁରିଆ ନଦୀ ଉପରେ ନିର୍ମାଣଧୀନ ସେତୁ ଭୁଷୁଡିବା ଯୋଗୁଁ ଖୁଣ୍ଟ ସହିତ ତାର ମାଟିରେ ମିଶିଥିଲା। ଏହାରି ସୁଯୋଗ ନେଇ ଜାକଲା ଗ୍ରାମର ସୂରଥ ନାୟକ, ଶାନ୍ତିଲତା ନାୟକ ଓ ଆନନ୍ଦ ନାୟକ ତାରକୁ ଚୋରି କରିନେଇଥିଲେ। ଏ ନେଇ କୋସକା ଫାଣ୍ଡି ଓ ଖଣ୍ଡପଡ଼ା ଥାନାରେ ଏତଲା ହୋଇଥିଲା। ସ୍ଥାନୀୟ ପୁଲିସ ପକ୍ଷରୁ ମାମଲା ରୁଜୁ ସହିତ ଚୋରି ହୋଇଥିବା ତାର ଜବତ କରାଯାଇଥିଲା। ଘଟଣାକୁ ଇତି ମଧ୍ୟରେ ମାସେ ବିତିବାକୁ ବସିଥିବା ବେଳେ କିନ୍ତୁ ତାର ସଂଯୋଗ ହୋଇପାରିନଥିବାରୁ ଉକ୍ତ ପମ୍ପ ହାଉସ ଅଚଳ ହୋଇପଡିଛି। ଏଭଳି କ୍ଷେତ୍ରରେ କୋସକା ପଞ୍ଚାୟତ ଅଧୀନ ସିଙ୍ଗିବାଡି ଗ୍ରାମବାସୀ ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି। ପିଇବା ପାଣି ନିମନ୍ତେ ଗ୍ରାମରେ ଏକମାତ୍ର ନଳକୂପ ଭରସା ଥିବାବେଳେ ତାହା ମଧ୍ୟ ଅଚଳ ହୋଇପଡିଛି। ଅଚଳ ନଳକୂପ ବାବଦରେ ସ୍ଥାନୀୟ ସମିତି ସଭ୍ୟା ରଞ୍ଜିତା ବେହେରା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଓ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା କ୍ଷୋଭର ସହ କୁହନ୍ତି। ଅନ୍ୟପକ୍ଷରେ ବିଶୁଦ୍ଧ ପାଣି ମୁନ୍ଦେ ପାଇଁ କିନ୍ତୁ ଗ୍ରାମବାସୀ ତହଳବିକଳ ହେଲେଣି। ଗତ କିଛିଦିନ ଧରି ଲଗାଣ ବର୍ଷାରେ ଗ୍ରାମର ଜଳଉତ୍ସ ଗୁଡିକ ଭରିଯାଇଥିବା ବେଳେ ପାଣି ପିଇବା କାଠିକର ପାଠ ହୋଇଛି। ସ୍ଥିତି ଏମିତି ଯେ ଲୋକେ ଗାଁ ଠାରୁ ଦୂର କୋସକା ଅଞ୍ଚଳରୁ ପାଣି ଆଣି ବ୍ୟବହାର କରୁଥିବା କୁହନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ପମ୍ପ ହାଉସକୁ ବିଦ୍ୟୁତ ସଂଯୋଗ କରି ପାନୀୟ ଜଳ ଯୋଗାଣ ସ୍ୱାଭାବିକ କରିବାକୁ ସମିତି ସଭ୍ୟା ଶ୍ରୀମତୀ ବେହେରା ଓ ଗ୍ରାମବାସୀ ଦାବି କରିଛନ୍ତି।

କୁମୁଣ୍ଡିରେ ଭାସିଗଲା ଦୁର୍ବଳ ସ୍ଲୁଇସ୍ ଗେଟ୍

ଖଣ୍ଡପଡ଼ା, (ପିପିଏସ): ବର୍ଷ ବର୍ଷ ଧରି ଅବହେଳିତ ଅବସ୍ଥାରେ ସ୍ଲୁଇସ ଗେଟ ରହିଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଖରାଦିନେ ବିଭାଗ ସଜାଡିବାକୁ ସାମାନ୍ୟ ପ୍ରୟାସ ମଧ୍ୟ କରିନଥିବା ବେଳେ ମୌସୁମୀ ବର୍ଷାକୁ ଦେଖି ପ୍ରତିକାର ବ୍ୟବସ୍ଥା ମଧ୍ୟ କଲାନି। ଫଳରେ କୁମୁଣ୍ଡି ନିକଟରେ ଥିବା ଦୁର୍ବଳ ସ୍ଲୁଇସ ଗେଟ ଭାସିଯାଇଥିବା ବେଳେ କଲବଲ ହୋଇଛନ୍ତି ସ୍ଥାନୀୟ ଚାଷିକୁଳ।

ଚାଷୀଙ୍କୁ ଅଡୁଆ ଜଳସଂପଦ ବିଭାଗ ଆଭିମୁଖ୍ୟ

ମିଳିଥିବା ସୂଚନା ଅନୁଯାୟୀ କୁମୁଣ୍ଡି ଠାରୁ ସିଧାମୂଳାକୁ ସଂଯୋଗ କରୁଥିବା ପ୍ରାୟ ୩ କିମି ମାଳବନ୍ଧରେ ଜଳ ପରିଚାଳନା କରିବାକୁ ୨ଟି ସ୍ଲୁଇସ ଗେଟ ରହିଛି। ତେବେ ଉକ୍ତ ଗେଟ ଦୁଇଟି ବର୍ଷ ବର୍ଷ ଧରି ଅବହେଳିତ ଅବସ୍ଥାରେ ଥିବା ନେଇ ଅଭିଯୋଗ ହୋଇ ଆସୁଥିବା ବେଳେ ପଦକ୍ଷେପ ନେଇନଥିଲା ଜଳସଂପଦ ବିଭାଗ। ଗତ କିଛିଦିନ ହେବ ଲଗାଣ ବର୍ଷା ଯୋଗୁଁ ମହାନଦୀରେ ମଧ୍ୟମ ଧରଣର ବନ୍ୟା ଆସିଥିବା ବେଳେ ଆଜି ପୂର୍ବାହ୍ନରେ ସମ୍ପୃକ୍ତ ଗେଟଟି ଭାସିଯାଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଫଳରେ ମହାନଦୀ ଅବବାହିକାରେ ଥିବା ଏକାଧିକ ଚାଷୀଙ୍କ ପନିପରିବା ଓ ମକା ଫସଲ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ରତନପୁର ଗ୍ରାମର ଚାଷୀ ପ୍ରକାଶ ଚନ୍ଦ୍ର ରାଉତ ଏବଂ ବଳରାମ ପାଢୀ ସ୍ଲୁଇସ ଗେଟ ଭାଙ୍ଗିବା ଯୋଗୁଁ ଲକ୍ଷାଧିକ ଟଙ୍କାର ଫସଲ କ୍ଷତିର ଅଭିଯୋଗ ମଧ୍ୟ ଆଣିଛନ୍ତି। ଖାଲିସେତିକି ନୁହେଁ ଉକ୍ତ ସ୍ଥାନରେ ଧୀରେ ଧୀରେ ମାଳବନ୍ଧ ଦୁର୍ବଳ ହୋଇ ଭୁଷୁଡିପଡିବା ଭଳି ସ୍ଥିତି ଉପୁଜିଛି। ଏଭଳି କ୍ଷେତ୍ରରେ ଜଳସଂପଦ ବିଭାଗର ଚରମ ଅବହେଳା ପଦାରେ ପଡିଛି। ବିଭାଗ କହିବା କଥା ହେଲା ଉକ୍ତ ସ୍ଲୁଇସ ଗେଟ ମରାମତି ନିମନ୍ତେ ଜୈନେକ ଠିକାଦାରଙ୍କୁ ୫ ଲକ୍ଷ ଟଙ୍କାର କାର୍ଯ୍ୟଦେଶ ଦିଆଯାଇଥିବା ବେଳେ କିନ୍ତୁ କାମ ନ କରିବାରୁ ଏଭଳି ସ୍ଥିତି ଉପୁଜିଛି। ତେବେ ଚାଷୀଙ୍କ ଠାରୁ କିନ୍ତୁ ଜଳସଂପଦ ବିଭାଗ ଚରମ ଅବହେଳା କରିଥିବା ଅଭିଯୋଗ ହୋଇଛି। ଗତ କିଛିମାସ ହେବ ବନ୍ଧରେ ଥିବା ସ୍ଲୁଇସ ଗେଟ ମରାମତି ଆଳରେ ମାଟି କାଢି ଖୋଳି ତାଡି ଦିଆଯାଇଥିବା ବେଳେ ଗହିର ଅଞ୍ଚଳର ବନ୍ୟାଜଳ ଏବେ ମହାନଦୀ ପଠା ଦେଇ ନଦୀକୁ ନିଷ୍କାଷିତ ହେଉଛି। ଉକ୍ତ ସ୍ଲୁଇସ ଗେଟକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ସ୍ଥାନୀୟ ଚାଷିକୁଳ ଦାବି କରିଛନ୍ତି। ନଚେତ ଖରିଫ ଓ ରବିଋତୁରେ ଜଳ ପରିଚାଳନା ଫେଲ ମାରିବା ସହିତ ଫସଲ ଆଶା ମଉଳିଯିବ ବୋଲି କୁହନ୍ତି ଚାଷିକୁଳ।

ଦଶବାଟିଆ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ସହଭାଗିତା ବୈଠକ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଗୋପ (ପିପିଏସ) ଗୋପ ବ୍ଲକ୍ ଅଧୀନସ୍ଥ ବନାଖଣ୍ଡି ଗ୍ରାମପଞ୍ଚାୟତର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଦଶବାଟିଆ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଭାବକ-ଶିକ୍ଷକ ସହଭାଗିତା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ମାଆ ପାଇଁ ଗଛଟିଏ' ଅଭିଯାନ ସହ ପ୍ରଦୂଷଣ ମୁକ୍ତ ସମାଜ ଗଠନ ପାଇଁ ସଙ୍କଳ୍ପ ନିଆଯାଇଛି। ଆସନ୍ତୁ ନଜର ପକାଇବା ଏହି ବିଶେଷ ରିପୋର୍ଟ ଉପରେ। ଦଶବାଟିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ପିତାମାତା ଓ ଶିକ୍ଷକ ସମିତି ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅଧୀନରେ ବୃକ୍ଷରୋପଣ କରାଯାଇଥିଲା। ଏହାସହ ଏକ ସୁସ୍ଥ ଓ ପ୍ରଦୂଷଣ ମୁକ୍ତ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀମାନେ ବୃକ୍ଷରୋପଣ କାର୍ଯ୍ୟରେ ବ୍ରତୀ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଶିକ୍ଷଣୀୟ ଓ ତଥ୍ୟଭିତ୍ତିକ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଇଛି ।ଏହି ସମାରୋହରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମଙ୍ଗରାଜ ପରିଡ଼ା, ଉପସଭାପତି ରଞ୍ଜିତା ସେଠୀ, ବରିଷ୍ଠ ସାମ୍ବାଦିକ ଧନଞ୍ଜୟ ବେହେରା, ବରିଷ୍ଠ ଶିକ୍ଷୟିତ୍ରୀ ମମତା ପଣ୍ଡା, ମଧୁସ୍ମିତା ସ୍ୱାଇଁ, ଚାରୁଲତା ଖଟୋଇ, ପୁଷ୍ପିତା ସାହୁ, ଶୁଭଶ୍ରୀ ପରିଡ଼ା ଏବଂ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ନିଜ ନିଜର ମାର୍ଗଦର୍ଶକ ବକ୍ତବ୍ୟ ରଖିଥିଲେ। ସାମ୍ପ୍ରତିକ ସମୟରେ ଜଳବାୟୁ ପର୍ଯ୍ୟାବରଣୀୟ ପରିବର୍ତ୍ତନ, ଜୈବବିବିଧତା ସଂରକ୍ଷଣ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ବୃକ୍ଷରୋପଣ ହିଁ ଏକମାତ୍ର ଶ୍ରେଷ୍ଠ ପନ୍ଥା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଧରାପୃଷ୍ଠକୁ ସୁସ୍ଥ ଓ ସବୁଜିମାମୟ କରିବା ପାଇଁ ଛାତ୍ରଛାତ୍ରୀମାନେ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ସେମାନେ ପ୍ରେରଣା ଦେଇଥିଲେ ।ଏହି ସ୍ୱେଚ୍ଛାକୃତ ଶିକ୍ଷା ଓ ପରିବେଶ କାର୍ଯ୍ୟକ୍ରମ ମଧ୍ୟରେ ନିରବଚ୍ଛିନ୍ନ ଖବର ପରିବେଷଣ ଓ ସାମାଜିକ ଯୋଗଦାନ ପାଇଁ ଗୋପ-କୋଣାର୍କର 'ସମାଜ' ପ୍ରତିନିଧି ତଥା ବରିଷ୍ଠ ସାମ୍ବାଦିକ ଧନଞ୍ଜୟ ବେହେରାଙ୍କୁ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ବିଶେଷ ସମ୍ବର୍ଦ୍ଧିତ କରିଥିଲେ ।ଏହି ସମ୍ପୂର୍ଣ୍ଣ ବୃକ୍ଷରୋପଣ ଓ ସାଂଗଠନିକ କାର୍ଯ୍ୟକ୍ରମକୁ କୃତିବାସ ବେହେରା, ଦୀପକ ରଞ୍ଜନ ରାୟଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀବୃନ୍ଦ ସମ୍ପୂର୍ଣ୍ଣ ନିଷ୍ଠାର ସହ ସହଯୋଗ କରି ସଫଳ ମଣ୍ଡିତ କରିଥିଲେ।

ଭତ୍ତା ଟଙ୍କା ପାଇଁ ଦୌଡ଼ ଓ ଅପେକ୍ଷା !

ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବୃଦ୍ଧ-ବିଧବା-ଦିବ୍ୟାଙ୍ଗ ହେଉଛନ୍ତି ହଇରାଣ

ଜୁଲାଇ ମାସର ଭତ୍ତା ଏପର୍ଯ୍ୟନ୍ତ ନାହିଁ, ସର୍ଭର ଦେଷ ଦେଉଛି ପ୍ରଶାସନ

ଅସ୍ତରଙ୍ଗ, (ପିପିଏସ୍): ସରକାରୀ ହିସାବରେ ସବୁ ଠିକ୍ ଅଛି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଟି ପଂଚାୟତର ବାସ୍ତବତା ଚିତ୍ର ଅଲଗା। ଏଠି ବୃଦ୍ଧ, ବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗମାନେ ମାସିକ ଭତ୍ତା ପାଇଁ ଆଜି ବି ଦ୍ୱାରସ୍ଥ ହେଉଛନ୍ତି।

ବ୍ଲକ ତଥ୍ୟ ଅନୁସାରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ମୋଟ ହିତାଧିକାରୀ ସଂଖ୍ୟା ୧୩ ହଜାର ୮୮୧ ଜଣ। ଏଥିମଧ୍ୟରୁ ୯ ହଜାର ୧୮୦ ଜଣ ପଂଚାୟତ କାର୍ଯ୍ୟାଳୟରୁ ନଗଦରେ ଭତ୍ତା ଟଙ୍କା ନିଅନ୍ତି। ଅବଶିଷ୍ଟ ହିତାଧିକାରୀମାନେ ସିଧା ବ୍ୟାଙ୍କ ଖାତାକୁ ଟଙ୍କା ପାଉଛନ୍ତି।

କିନ୍ତୁ ସମସ୍ୟା ହେଲା - ଉଭୟ ବର୍ଗଙ୍କୁ କିଛି ମାସ ହେଲା ସମୟରେ ଟଙ୍କା ମିଳୁନି। ପ୍ରତି ମାସ ୧୫ ତାରିଖରେ ଭତ୍ତା ଦେବାର ନିୟମ ଥିବା ବେଳେ ଗତ ଜୁଲାଇ ମାସର ଟଙ୍କା ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ବି ଆସିନି। ବିଳମ୍ବର କାରଣ ଭାବେ ଦାୟିତ୍ୱରେ ଥିବା ଯୁବକ କହୁଛନ୍ତି 'ସର୍ଭର ସମସ୍ୟା'।୯,୧୮୦ ଜଣ ହିତାଧିକାରୀ ପଂଚାୟତ ଅଫିସକୁ ଆସି ନଗଦ ଟଙ୍କା ନିଅନ୍ତି। କିନ୍ତୁ ଅଧିକାଂଶ ସମୟରେ ସଠିକ ତାରିଖରେ ଟଙ୍କା ଆସୁନି। ବାରମ୍ବାର ପଂଚାୟତ ଅଫିସକୁ ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ ଆସି ଫେରିବାର ନଜିର ରହିଛି। ଅସହାୟ ବୃଦ୍ଧମାନେ ଥରେ ନୁହେଁ ଦୁଇ ତିନି ଥର ପଂଚାୟତ ଦୌଡୁଛନ୍ତି।

ଆଳସାହି ପଂଚାୟତର ବୃଦ୍ଧା ପ୍ରମିଳା ବେ-ହରା କହିଛନ୍ତି, '୧୫ ତାରିଖରେ ଯାଏ, ସେମାନେ କୁହନ୍ତି ଟଙ୍କା ଆସିନି। ୨୫ ତାରିଖରେ ଯାଇ ପାଏ। ଏତେ ଦିନ କେମିତି ଚଳେ? 'କିଛି ଦିନ ପୂର୍ବେ ଆଳସାହି ପଂଚାୟତ କାର୍ଯ୍ୟାଳୟ ଭିତରେ ଅନେକ ବୃଦ୍ଧ, ବୃଦ୍ଧା ଟଙ୍କା ବିଳମ୍ବକୁ ନେଇ ନାରାବାଜି ଓ ହୋ-ହାଲ୍ଲା କରିଥିଲେ। 'ଆମକୁ ଟଙ୍କା ଦିଅ, ନଚେତ ମରିଯିବୁ'ପ ବୋଲି ସେମାନେ ସ୍ଲୋଗାନ ଦେଇଥିଲେ। ପରିସ୍ଥିତି ଦେଖି ପଂଚାୟତ କର୍ମଚାରୀମାନେ ଉତ୍ତର ରଖିନଥିଲେ ।ଯେଉଁମାନେ ବ୍ୟାଙ୍କରୁ ପାଉଛନ୍ତି ସେମାନଙ୍କର ବି ସମସ୍ୟା କମ୍ ନୁହେଁ। ଆଧାର ଲିଙ୍କ ହୋଇନି, କେୱାଇସି ଅପଡେଟ ହୋଇନି ବା ବ୍ୟାଙ୍କ ସର୍ଭର ଡାଉନ ଥିବା ଯୋଗୁଁ ମାସ ମାସ ଧରି ଟଙ୍କା ଅଟକି ରହୁଛି। ଦିବ୍ୟାଙ୍ଗ ଓ ୮୦ ବର୍ଷରୁ ଉର୍ଦ୍ଧ ବୃଦ୍ଧମାନେ ବ୍ୟାଙ୍କ ଯାଇ ଫେରି ଆସୁଛନ୍ତି। କେହି ସାହାଯ୍ୟ କରୁନାହାଁନ୍ତି।

କୋରଣାର ଦିବ୍ୟାଙ୍ଗ ଯୁବକ ସନ୍ତୋଷ ବେ-ହରା କହିଛନ୍ତି, 'ଦୁଇ ମାସ ହେଲା ଟଙ୍କା ଆସୁନି। ବ୍ୟାଙ୍କ କହୁଛି ସରକାରଙ୍କଠାରୁ ଆସିନି। ବ୍ଲକ କହୁଛି ସର୍ଭର ସମସ୍ୟା। ମୋ ଔଷଧ କେମିତି କିଣିବି ?' ଡିଜିଟାଲ ଇଣ୍ଡିଆର ଦାବି କରୁଥିବା ବେଳେ ପ୍ରତି ମାସ ସର୍ଭର ସମସ୍ୟା କାହିଁକି ? ପଂଚାୟତ ସ୍ତର ରେ ଟଙ୍କା ବିତରଣ ପାଇଁ ନିର୍ଦ୍ଧାରିତ ସମୟ ସୀମା କାହିଁ ? ସଠିକ ସମୟରେ କାହିଁକି ମିଳୁନାହିଁ ? ବ୍ୟାଙ୍କ ସମସ୍ୟା ଥିବା ହିତାଧିକାରୀଙ୍କ ସହାୟତା ପାଇଁ କ'ଣ ହେଲ୍ପ ଡେସ୍କ ଅଛି ? ଭତ୍ତା ହେଉଛି ବୃଦ୍ଧ ଓ ଅସହାୟଙ୍କ ଜୀବନ ରେଖା। ଏହି ଟଙ୍କାରୁ ସେମାନେ ଔଷଧ କିଣନ୍ତି, ପେଟ ପୂରାନ୍ତି। ସରକାର କୋଟି କୋଟି ଟଙ୍କାର ଯୋଜନା କରୁଥିବା ବେଳେ ଏହି ମୂଳଭୂତ ସୁରକ୍ଷାରେ ଅବହେଳା କରିପାରିବେ ନାହିଁ ।ସ୍ଥାନୀୟ ଲୋକଙ୍କ ଦାବି - ତୁରନ୍ତ ଜୁଲାଇ ମାସର ବକେୟା ଟଙ୍କା ଛାଡିବା ସହ ଆଗାମୀ ମାସରୁ ସମୟାନୁବର୍ତୀ ଭାବେ ଟଙ୍କା ପ୍ରଦାନ କରାଯାଉ। ନଚେତ ବୃଦ୍ଧ ଓ ବିଧବାମାନେ ବାଧ୍ୟ ହୋଇ ବ୍ଲକକୁ ଘେରାଉ ପାଇଁ ଓହ୍ଲାଇବେ।

ତେଲରାଇ ପଞ୍ଚାୟତରେ ପ୍ରଶାସନିକ ଶିବିର
ଲୋକଙ୍କ ସମସ୍ୟା ବୁଝିଲେ ଜିଲ୍ଲାପାଳ, ନିଶାମୁକ୍ତ ଭାରତ ଅଭିଯାନ ଶପଥପାଠ

ମାଲକାନଗିରି: ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ତେଲରାଇ ଗ୍ରାମପଂଚାୟତ ପରିସରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଅଧକ୍ଷତାରେ ଏକ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍, ଡିଏଫଓ ସାଇ କିରଣ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ ଏବଂ ସବ-କଲେକ୍ଟର ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଉଚ୍ଚ ପଦାଧିକାରୀମାନେ ଯୋଗଦେଇଥିଲେ। ଶିବିରରେ ସ୍ଥାନୀୟ ଅଂଚଳର ଶତାଧିକ ଜନସାଧାରଣ ଉପସ୍ଥିତ ରହି ନିଜ ନିଜର ବିଭିନ୍ନ ସମସ୍ୟା ଓ ଅଭିଯୋଗଗୁଡ଼ିକ ସିଧାସଳଖ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି ଯେ, ଲୋକଙ୍କ ସମସ୍ୟାର ସମାଧାନ ସରକାରଙ୍କ ପ୍ରାଥମିକତା। ପ୍ରତ୍ୟେକଟି ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଅଭିଯୋଗକୁ ସ୍ୱଚ୍ଛତା ସହ ଅନୁଧ୍ୟାନ କରାଯାଇ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନ୍ୟାୟ ପ୍ରଦାନ କରିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଶିବିର ପରିସରରେ ଆୟୋଜିତ ହୋଇଥିବା ବିଭିନ୍ନ ସରକାରୀ ଲୋକକଲ୍ୟାଣକାରୀ ଯୋଜନାର ଷ୍ଟଲଗୁଡ଼ିକୁ ଜିଲ୍ଲାପାଳ ବୁଲି ଦେଖିବା ସହ ସେଗୁଡ଼ିକର କାର୍ଯ୍ୟକାରିତା ଏବଂ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏହି ଶିବିରରେ ସାମଗ୍ରିକ ଭାବେ ମୋଟ୍ ୩୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୩ଟି ବ୍ୟକ୍ତିଗତ ସମସ୍ୟାଭିତିକ ହୋଇଥିବା ବେଳେ ୨୩ଟି ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ଥିଲା। ଉପସ୍ଥିତ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ତଥ୍ୟ ଅନୁଧ୍ୟାନ କରାଯାଇ ଗୋଟିଏ ଅଭିଯୋଗର ଘଟଣାସ୍ଥଳରେ ହିଁ ସମାଧାନ କରାଯାଇଥିଲା। ଏହା ବ୍ୟତୀତ ସମାଜରୁ ନିଶାଦ୍ରବ୍ୟର ଅପବ୍ୟବହାର ରୋକିବା ଉଦ୍ଦେଶ୍ୟରେ ଏହି ଅବସରରେ ନଶା ମୁକ୍ତ ଭାରତ ଅଭିଯାନ ଆନୁକୂଲ୍ୟରେ ଏକ ସାମୂହିକ ଶପଥ ପାଠ ଉତ୍ସବ ଆୟୋଜିତ ହୋଇଥିଲା, ଯେଉଁଥିରେ ସମସ୍ତ ଅଧିକାରୀ ଓ ଜନସାଧାରଣ ଏକତ୍ରିତ ହୋଇ ନିଶାମୁକ୍ତ ସମାଜ ଗଠନ ପାଇଁ ସଙ୍କଳ୍ପ ନେଇଥିଲେ।

ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ବଲାଙ୍ଗିର (ପିପିଏସ): ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ବଲାଙ୍ଗିର ସଦରମହକୁମା ସ୍ଥିତ ପଞ୍ଚାୟତ ସାଧନ କେନ୍ଦ୍ରର ବୈଠକ ଗୃହରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ବଲାଙ୍ଗିର ଜିଲ୍ଲାପାଳ ଚୌରଥ ଶିଞ୍ଜାଡ଼ୀ ଉଦଲକ୍ଷ୍ମୀ ଯୋଗଦେଇ ଜନସାଧାରଣଙ୍କ ସମସ୍ୟା ଓ ଆପତ୍ତିଗୁଡ଼ିକର ପ୍ରତ୍ୟକ୍ଷ ଶୁଣାଣି କରିଥିଲେ । ଶିବିରରେ ସମୁଦାୟ ୫୭ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା, ଯେଉଁଥିରେ ୫୪ଟି ବ୍ୟକ୍ତିଗତ, ଦଳଗତ ଭାବେ ୩ଟି ଦରଖାସ୍ତ ସାମିଲ ଥିଲା । ସେଥିମଧ୍ୟରୁ ୦୭ଟି ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା, ଅନ୍ୟାନ୍ୟ ଅଭିଯୋଗ ଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ, ତରଣୀ ସୁନା, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ବଲାଙ୍ଗୀର ପୌର ପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଡେପୁଟି କଲେକ୍ଟର ନିବେଦିତା ସ୍ୱାଇଁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭିନା ଭୋଇ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

୫୭ ଅଭିଯୋଗ ପଞ୍ଜିକୃତ

ସେକ୍ସ ରାକେଟ୍ ଠାବ

ରାଉରକେଲା : ରାଉରକେଲା ସହରରେ ହାଇ ପ୍ରୋଫାଇଲ ସେକ୍ସ ରାକେଟ ଠାବ ହୋଇଛି । ଘଟଣାରେ ରାଣୀ ମହୁମାଛି ସହିତ ଦୁଇ ଯୁବତୀଙ୍କୁ ଉଦ୍ଧାର କରିଛି ପୋଲିସ । ଏଥିସହ ୩ ଜଣ ଗ୍ରାହକଙ୍କୁ ଧରିଛି ରଘୁନାଥପାଲ୍ଲୀ ଥାନା ପୁଲିସ । ରାଉରକେଲା ସହରର ସିଭିଲ ଟାଉନସିପ୍ ଅଂଚଳରେ ଏକ ବାସଭବନରେ ଚାଲିଥିଲା ଏହି ସେକ୍ସ ରାକେଟ । ଖବର ପାଇ ଗତକାଲି ବିଳମ୍ବିତ ରାତିରେ ପୁଲିସ ସେଠାରେ ଚଢ଼ଉ କରିଥିଲା ।

ଚଢଉ ବେଳେ ବିଭିନ୍ନ ଆପତିଜନକ ସାମଗ୍ରୀ ଜବତ ହୋଇଛି । ଉଦ୍ଧାର ହୋଇଥିବା ଦେହଜୀବୀଙ୍କୁ ସଖୀ ସେଂଟରରେ ରଖି ପୁଲିସ ତନାଘନା ଆରମ୍ଭ କରିଛି । ଘଟଣାରେ ୩ ଗ୍ରାହକଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା କରୁଛି। ତେବେ ଏହି ସେକ୍ସ ରାକେଟ୍ ଏଠାରେ କେବେଠୁ ଚାଲିଥିଲା, କିପରି ଭାବେ ଚାଲୁଥିଲା ଏବଂ କେଉଁମାନେ ଏଥିରେ ଲିପ୍ତ ଥିଲେ । ସେନେଇ ଛାନଭିନ୍ କରୁଛି ପୋଲିସ ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ପାଇଁ ଜମିପଟ୍ଟା ଦାବି
ଜିଲ୍ଲାପାଳଙ୍କୁ ଫେରାଦ ହେଲେ କୁଦୋପାଲିର ଭୂମିହୀନ ପରିବାର

ଝାରସୁଗୁଡ଼ା : ଝାରସୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ଆର. କୁଦୋପାଲି ଗ୍ରାମପଂଚାୟତର ଭୂମିହୀନ ହିତାଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ପାଇଁ ଜମିର ପଟ୍ଟା ପ୍ରଦାନ ଦାବିରେ ସୋମବାର ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଅନେକ ଭୂମିହୀନ ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚୟନ ହୋଇଥିଲେ ମଧ୍ୟ ଜମିର ପଟ୍ଟା ନଥିବାରୁ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିପାରୁ ନାହାନ୍ତି। ଫଳରେ ସରକାରୀ ଯୋଜନାର ସୁବିଧା ପାଇବାରେ ସେମାନେ ବଂଚିତ ହେଉଛନ୍ତି। ତେଣୁ ଶୀଘ୍ର ସରକାରୀ ପ୍ରକ୍ରିୟା ସମ୍ପନ୍ନ କରି ଜମିର ପଟ୍ଟା ପ୍ରଦାନ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି, ଯାହାଦ୍ୱାରା ସେମାନେ ତୁରନ୍ତ ଆବାସ ନିର୍ମାଣ କାର୍ଯ୍ୟ ଆରମ୍ଭ କରିପାରିବେ। ଏହି ଦାବିପତ୍ରକୁ କୁଦୋପାଲି ଗ୍ରାମପଂଚାୟତର ସରପଂଚ କଲ୍ୟାଣୀ ଦୀକ୍ଷିତ ସମର୍ଥନ କରିବା ସହ ସୁପାରିଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବାସନ୍ତୀ ଓରାମ, ଆରିତା ବର୍ମା, ବାସନ୍ତୀ ରାଉତ, ପୁଷ୍ପା ରାଉତ, ବିନୋଦିନୀ ଓରାମ, ଆଶା ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ଏ ପ୍ରସଙ୍ଗରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସମସ୍ୟାର ଗୁରୁତ୍ୱକୁ ବିଚାର କରି ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବା ସହ ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ବୃକ୍ଷରୋପଣ ଓ ଷ୍ଟ୍ରିଟ୍‌ଲାଇଟ୍ କାର୍ଯ୍ୟର ଶୁଭାରମ୍ଭ

ଝାରସୁଗୁଡ଼ା: ଝାରସୁଗୁଡ଼ା ପୌରପରିଷଦ ଅନ୍ତର୍ଗତ ୧ ନଂ ୱାର୍ଡ଼ ସରବାହାଲ ସ୍ଥିତ ରୋହିଦାସ ପଡ଼ାରେ 'ଗଣପତି କ୍ଲବ୍' ତରଫରୁ ଏକ ମହତ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋମବାର ଦିନ ଉତ୍ସାହର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ପୌରପରିଷଦର ଅଧ୍ୟକ୍ଷା ଶ୍ରୀମତୀ ରାନୀ ହାତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିବା ସହ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଏହା ସହିତ ୧ ନଂ ୱାର୍ଡ଼ କାଉନସିଲର ଗୀତାଞ୍ଜଳି ପଣ୍ଡା, ପିଂଟୁ ପାଢ଼ୀ, ମଦନ ହାତୀ, ଶିବାଶିଷ ପଟ୍ଟନାୟକ ଏବଂ ଗଣପତି କ୍ଲବର ସଦସ୍ୟ ଲୁକୁ, ଅଶୋକ, ସୌଦାଗର, ସେବକରା, କାଳିଆ, ନିର୍ମଳ, ବୁଲୁ ଓ ରବି ରୋହିଦାସଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଲୋକଙ୍କ ପାଇଁ ଏକ ଖୁସି ଖବର ସାମ୍ନାକୁ ଆସିଛି। ସରବାହାଲ କାଣ୍ଡାଠାରେ ଦୀର୍ଘ ଦିନରୁ ଦାବି ହୋଇଆସୁଥିବା ଷ୍ଟ୍ରିଟ୍ ଲାଇଟ୍ (ଆଲୋକୀକରଣ) କାର୍ଯ୍ୟକୁ ପୌରପରିଷଦ ଓ ଅଧ୍ୟକ୍ଷାଙ୍କ ଅନୁମୋଦନ କ୍ରମେ ଆସନ୍ତାକାଲି ଠାରୁ ଆରମ୍ଭ କରାଯିବ। ଦୀର୍ଘ ଦିନର ଏହି ସମସ୍ୟାର ସମାଧାନ ହେଉଥିବାରୁ ଅଂଚଳବାସୀ ପୌରପରିଷଦ ଓ ଅଧ୍ୟକ୍ଷା ରାନୀ ହାତୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି।

କୋରାପୁଟ ଜିଲ୍ଲାରେ ସାରର କଳାବଜାର, ବଢୁଛି ଅସନ୍ତୋଷ

ଜୟପୁର: କୋରାପୁଟ ଜିଲା ଚାଷୀଙ୍କୁ ଉଚିତ ମୂଲ୍ୟରେ ସାର ଯୋଗାଇ ଦେବା ପାଇଁ ସରକାର ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଣ ବ୍ୟବସ୍ଥା କରୁଥିବାବେଳେ ବଂଟନ ବ୍ୟବସ୍ଥାରେ ଅବ୍ୟବସ୍ଥା ଓ ପରିଚାଳନାଗତ ତ୍ରୁଟି ଯୋଗୁଁ ଚାଷୀ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି । ସରକାରୀ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦରରେ ୟୁରିଆ, ଡିଏପି ଓ ପଟାସ ଭଳି ସାର କିଣିବାକୁ ଚାଷୀ କିଣିବାକୁ ବାଧ ହେଉଥିବା ଅଭିଯୋଗ ରହିଛି । କମ୍ପାନି ଚାପରେ ଡିଲର୍ ଓ ରିଟେଲରମାନେ ସାର ସହିତ ଅତିରିକ୍ତ ୧୫୦ରୁ ୨୦୦ ଟଙ୍କାର ଜିଙ୍କ ସାମଗ୍ରୀ କିଣିବାକୁ ଚାଷୀଙ୍କୁ ବାଧ କରୁଥିବା ଅଭିଯୋଗ ଆସିଛି । ଏହା ଫଳରେ ଚାଷୀଙ୍କ ଉପରେ ଅନାବଶ୍ୟକ ଆର୍ଥିକ ବୋଝ ବଢୁଛି । ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଥିବା ସତ୍ତ୍ୱେ ଚାଷୀଙ୍କୁ ଅଧିକ ମୂଲ୍ୟ ଦେଇ ସାର କିଣିବାକୁ ପଡୁଥିବାରୁ ଅସନ୍ତୋଷ ବଢ଼ିଛି । କେତେକ ଡିଲର ଓ ରିଟେଲରଙ୍କ କହିବା ଅନୁଯାୟୀ, କମ୍ପାନି ପକ୍ଷରୁ ଅତିରିକ୍ତ ସାମଗ୍ରୀ ନେବାକୁ ଚାପ ରହୁଥିବାରୁ ସେମାନେ ବାଧ ହୋଇ ଚାଷୀଙ୍କୁ ଏହା ବିକ୍ରି କରୁଛନ୍ତି । ଏଥିରେ ସେମାନଙ୍କର ମଧ ଅସନ୍ତୋଷ ରହିଥିବା ସେମାନେ କହିଛନ୍ତି । କୋରାପୁଟ ଜିଲ୍ଲାରେ ଖରିଫ ଋତୁରେ ୟୁରିଆ ୨୪ ହଜାର ୫ ଶହ ମେଟ୍ରିକ ଟନ, ଡିଏପି ୧୧ ହଜାର ୯ ଶହ ମେଟ୍ରିକ ଟନ, ଏମଓପି ୬ ହଜାର ୩୯୦ ମେଟ୍ରିକ ଟନ, ଏନପିକେଏସ ୯ ହଜାର ୮ଶହ ୯୦ ଏସଏସପି ୩ ଶହ ମେଟ୍ରିକ ଟନ ମୋଟ ୫୨ ହଜାର ୯୮୦ ମେଟ୍ରିକ ଟନ ସାର ଆବଶ୍ୟକତା ରହିଛି । ୩୧.୭.୨୬ ଭିତରେ ୟୁରିଆ ସହ ସମସ୍ତ ସାର ୩୪ ହଜାର ୭୬୫.୭୭ ମେଟ୍ରିକ୍ ଟନ୍ ସାର ଆସିଛି । ଜିଲାରେ ୪୬ଟି ହୋଲ୍‌ସେଲର ରହିଥିବା ବେଳେ ୩୨୯ଟି ରିଟେଲର ରହିଛନ୍ତି । ସରକାରୀ ବ୍ୟବସ୍ଥା ଅନୁଯାୟୀ, ଚଳିତ ଖରିଫ ଋତୁରେ ୬୦ ପ୍ରତିଶତ ସାର ମାର୍କଫେଡ୍ ମାଧ୍ୟମରେ ସମବାୟ ସମିତି ଜରିଆରେ ଏବଂ ୪୦ ପ୍ରତିଶତ ସାର ଘରୋଇ ଡିଲର ଓ ରିଟେଲରଙ୍କ ମାଧ୍ୟମରେ ବିକ୍ରି କରାଯାଉଛି । ତେବେ ସବୁ ଗାଁରେ ସମବାୟ ସଂସ୍ଥାର ସୁବିଧା ନଥିବାବେଳେ ଗାଁ ଗାଁରେ ଘରୋଇ ରିଟେଲର ରହିଛନ୍ତି । ଏହାର ସୁଯୋଗ ନେଇ ତଳସ୍ତରରେ କେତେକ ରିଟେଲର ମନମୁଖୀ ଦରରେ ସାର ବିକ୍ରି କରୁଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ୟୁରିଆର ସର୍ବାଧିକ ନିର୍ଦ୍ଧାରିତ ମୂଲ୍ୟ ବସ୍ତା ପିଛା ୨୬୬ ଟଙ୍କା ଥିବାବେଳେ ଚାଷୀଙ୍କ ନିକଟରେ ଏହା ୪ଶହରୁ ୫ଶହ ଟଙ୍କାରେ ପହଂଚୁଥିବା ଅଭିଯୋଗ ରହିଛି । ସେହିପରି ଡିଏପିର ନିର୍ଦ୍ଧାରିତ ମୂଲ୍ୟ ୧୩୫୦ ଟଙ୍କା ଥିବାବେଳେ ଏହା ୨୧ ଶହରୁ ୨୪ ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ଅଭିଯୋଗ ହୋଇଛି । ଧାନ କିଣା ଭଳି ସାର ବିକ୍ରିର ଦାୟିତ୍ୱ ମଧ ସମବାୟ ସଂସ୍ଥାଗୁଡ଼ିକୁ ଦିଆଯାଇଛି । ତେବେ କେତେକ ପ୍ୟାକ୍ସ ଅଧିକାରୀଙ୍କ ବିରୋଧରେ ସାର ବଂଟନରେ ଅନିୟମିତତା ଓ ପକ୍ଷପାତିତାର ଅଭିଯୋଗ ଉଠିଛି । ଯୋଗ୍ୟ ଚାଷୀଙ୍କୁ ଗୋଟିଏ ବସ୍ତା ସାର ପାଇବା କଷ୍ଟକର ହେଉଥିବା ବେଳେ କେତେକ ବ୍ୟକ୍ତିଙ୍କୁ ବସ୍ତା ବସ୍ତା ସାର ମିଳୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସାର ମହଜୁଦ ଥିବାବେଳେ ବିଭିନ୍ନ ପର୍ଯ୍ୟାୟରେ ଆହୁରି ସାର ଆସୁଥିବା ବିଭାଗ ପକ୍ଷରୁ କୁହାଯାଇଛି । ଏ ସମ୍ପର୍କରେ ଜିଲ୍ଲା କୃଷି ଅଧିକାରୀ କାହ୍ନୁ ଚରଣ ଦାସ କହିଛନ୍ତି ଯେ, ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରହିଛି । ଯେଉଁ ସାର ବିକ୍ରେତା ମାନେ ଚଢା ଦରରେ ବିକ୍ରୟ କରୁଛନ୍ତି ସେମାନଙ୍କ ଲାଇସେନ୍ସକୁ ରଦ୍ଦ କରାଯିବ।

ବନ୍ୟାଜଳ ଘେରରେ ଶାନ୍ତି ନଗର ନିଉ କଲୋନୀ, ଏନ୍‌ଏସିର ଦୃଷ୍ଟି ପଡୁନି

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ଶାନ୍ତି ନଗର ନିଉ କଲୋନୀବାସୀଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ି ଚାଲିଛି। ଗତ ଜୁଲାଇ ୨୯ ତାରିଖରୁ ବନ୍ୟାଜଳରେ ଘେରି ରହିଥିବା ଏହି କଲୋନୀର ଅନେକ ଘରେ ପାଣି ପଶିଯାଇଛି। ଫଳରେ ସ୍ଥାନୀୟ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଡ଼ାକୁ ସଂଯୋଗ କରୁଥିବା ରାସ୍ତା ସହ ଘର ଭିତରେ ପାଣି ଜମି ରହିଥିବାରୁ ଯାତାୟାତ ସହ ରୋଷେଇ, ଶୋଇବା ଓ ଦୈନନ୍ଦିନ କାର୍ଯ୍ୟରେ ବହୁତ ଅସୁବିଧା ହେଉଛି। ଏହା ସହ ସାପ, ବେଙ୍ଗ, ମଶା ଭୟ ରହୁଥିବା ବେଳେ ଅଳିଆ ଆବର୍ଜନାର ଦୁର୍ଗନ୍ଧର ପ୍ରକୋପ ବଢ଼ିଥିବାରୁ ରୋଗ ବ୍ୟାପିବା ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଯେ, ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଖଡ଼ିଆଳ ଏନଏସି ପକ୍ଷରୁ ପାଣି ନିଷ୍କାସନ କିମ୍ବା ଅନ୍ୟ କୌଣସି ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ଶୀଘ୍ର ବନ୍ୟାଜଳ ନିଷ୍କାସନ ସହ ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ଓ ଏନଏସି କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

ଗୁପ୍ତେଶ୍ୱରରେ ବୋଲ୍‌ବମ୍ ଭକ୍ତଙ୍କ ଭିଡ଼

ଜୟପୁର: ପବିତ୍ର ଶ୍ରାବଣ ପ୍ରଥମ ସୋମବାରରେ ଚଳଚଂଚଳ ହୋଇଉଠିଛି ଦକ୍ଷିଣ ଓଡିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ଶୈବପୀଠ । ସକାଳୁ ସକାଳୁ ଶିବମନ୍ଦିରରେ ଜଳ ଲାଗି ପାଇଁ ଲାଗିଛି କାଉଡ଼ିଆଙ୍କ ଭିଡ଼। ଧାଡ଼ିବାନ୍ଧି ଲାଇନରେ ଯାଇ ଦେବ ଦେବ ମହାଦେବଙ୍କୁ ଜଳାଭିଷେକ କରି ଆଶିଷ ଭିକ୍ଷା କରୁଛନ୍ତି ଭକ୍ତ। ଗୁପ୍ତେଶ୍ୱର ପୀଠରେ ବଡ଼ି ଭୋରରୁ କାଉଡ଼ିଆମାନଙ୍କ ଭିଡ଼ ଦେଖିବାକୁ ମିଳିଛି। ଅନେକ ଶ୍ରଦ୍ଧାଳୁ ମାଇଲ ମାଇଲ ବାଟ ଚାଲି ପାଣି ଭାର ଉଠାଇ ଶିବଙ୍କୁ ଜଳ ଲାଗି କରିଛନ୍ତି। ଅନ୍ୟପଟେ ଶୃଙ୍ଖଳିତ ଦର୍ଶନ ପାଇଁ ମଧ୍ୟ ଗୁପ୍ତେଶ୍ୱର ଶୈବପୀଠରେ ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଗୁପ୍ତେଶ୍ୱର ପ୍ରସିଦ୍ଧ ଶୈବପୀଠରେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ତରଫରୁ ସୁରକ୍ଷାକୁ କଡାକଡ଼ି କରାଯାଇଛି । ପ୍ରଥମେ ମଙ୍ଗଳ ଆରତୀ କରାଯିବା ପରେ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ହଜାର ହଜାର କାଉଡ଼ିଆ ଲମ୍ବା ଧାଡ଼ିରେ ଯାଇ ଜଳାଜଳାଭିଷେକ କରିଥିଲେ। ହର୍ ହର୍ ମହାଦେବ, ଭୋଲାବାବା ପାର୍ କରେଗା, ବୋଲ୍ ବମ୍ ହର ହର ବମ୍ , ତଡକ ବୋମ ଇତ୍ୟାଦି ଧ୍ୱନିରେ କମ୍ପି ଉଠିଥିଲା ସାରା ଗୁପ୍ତେଶ୍ୱର ପୀଠ। ଶ୍ରାବଣ ମାସର ସୋମବାର ଦିନ ଶୈବପଠରେ ଜଳାଭିଷେକ କଲେ ପୂନ୍ୟ ଅର୍ଜନ କରିବା ଆଶା ନେଇ ମନରେ ବିଶ୍ୱାସ ରଖି ଖରା ବର୍ଷାକୁ ଖାତିରି ନକରି ଶହ ଶହ କିଲୋମିଟର୍ ଦୂରରୁ ଚାଲି ଚାଲି ବାବା ଗୁପ୍ତେଶ୍ୱର ପୀଠରେ ଜଳାଭିଷେକ କରିଥାନ୍ତି। ତେବେ ଏ ନେଇ ଶ୍ରାବଣ ମାସରେ ପ୍ରଥମ ସୋମବାର ଠାରୁ ଶେଷ ସୋମବାର ପର୍ଯ୍ୟନ୍ତ ଗୁପ୍ତେଶ୍ୱର ଶୈବପୀଠରେ ବାବା ଗୁପ୍ତେଶ୍ୱର ଦର୍ଶନ କରିବା ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ହୋଇଥିବା ଦେଖାଦେଇଛି। ସେହିପରି ଜୟପୁରର ପଂଚାନନ ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର, ବାବା ବୈଦନାଥ ମନ୍ଦିରରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା ।

ତିନିଦଫା ଦାବିରେ ଖଡ଼ିଆଳରେ ଚାଷୀଙ୍କ ଧାରଣା

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଓ କୋମନା ବ୍ଲକର ଅଣଜଳସେଚିତ ଅଂଚଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ତିନି ଦଫା ଦାବି ନେଇ ଖଡ଼ିଆଳ ସ୍ଥିତ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ତୁରନ୍ତ ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ କରାଯାଉ, ଏମ୍.ସି.ଏ.ଡି. ନିୟମ ଅନୁଯାୟୀ ପୂର୍ଣ୍ଣାଙ୍ଗ ପାଣି ପଂଚାୟତ ଶୀଘ୍ର ଗଠନ କରାଯାଉ ଏବଂ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗରେ ଆବଶ୍ୟକ କର୍ମଚାରୀଙ୍କୁ ଶୀଘ୍ର ନିଯୁକ୍ତି ଦିଆଯାଉ ଭଳି ୩ ଦଫା ଦାବିରେ ଧାରଣା ଦିଆଯାଇଛି। କମିଟିର ସଦସ୍ୟମାନଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ବର୍ଷ ଧରି ଅଣଜଳସେଚିତ ଅଂଚଳର ଚାଷୀମାନେ ସେଚନ ସୁବିଧାରୁ ବଂଚିତ ରହିଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ପକ୍ଷରୁ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉନଥିବାରୁ ସେମାନେ ଧାରଣାକୁ ଓହ୍ଲାଇଛନ୍ତି। ଆଜିର ଧାରଣାରେ କମିଟିର ସଭାପତି ଜଗତରାମ ଶବର, ସମ୍ପାଦକ ସିଦ୍ଧାର୍ଥ ମହାପାତ୍ର, ରାଜେନ୍ଦ୍ର ମହାପାତ୍ର, ଅମ୍ବିକା ପ୍ରସାଦ ତ୍ରିବେଦୀ, ଅମରେଶ ପଟ୍ଟନାୟକ, କୁଳମଣି ନାୟକ, ଗୌତମ ମୁଣ୍ଡ, ପ୍ରଦୀପ ତ୍ରିବେଦୀ, ନୃପରାଜ ମହାପାତ୍ର, ପରମାନନ୍ଦ ଭୋଇ, ମୋହନ ଭୋଇଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଛନ୍ତି। ଚାଷୀମାନେ ସତର୍କ କରିଛନ୍ତି ଯେ, ଶୀଘ୍ର ସେମାନଙ୍କ ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ। ସେମାନେ ଜିଲ୍ଲା ପ୍ରଶାସନଙ୍କୁ ଚାଷୀଙ୍କ ଦୀର୍ଘଦିନର ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ତୁରନ୍ତ ସମାଧାନ କରିବାକୁ ଦାବି କରିଛନ୍ତି।

ଜିଲ୍ଲାସ୍ତରୀୟ ବିଶ୍ୱ ସ୍ତନପାନ୍ୟ ସପ୍ତାହ ପାଳିତ

ବୌଦ୍ଧ(ପିପିଏସ୍) : ମଙ୍ଗଳବାର ବୌଦ୍ଧ ସ୍ଥିତ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ତାଲିମ୍ କେନ୍ଦ୍ର ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ସ୍ତନପାନ୍ୟ ସପ୍ତାହ ୨୦୨୬ ପାଳିତ ହୋଇ ଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସକ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ତ୍ରିପାଠୀ, ଏଡିଏମଓ ଭଞ୍ଜ କିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ଏଡିପିଏଚଓ ସାନ୍ତା ନିବେଦିତା, ଡାକ୍ତର ଏସ୍ କେ ମେହେର, ଡାକ୍ତର ବିଭୁତି ଭୂଷଣ ଦଳାଇ, ଜିଲ୍ଲା ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଗିରିଜା ପ୍ରସାଦ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ରହି ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ଓ ରୋଗ ପ୍ରତିରୋଧ ଶକ୍ତି ପାଇଁ ମାତୃ ସ୍ତନ୍ୟପାନର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଏଏନଏମ ତାଲିମ୍ କେନ୍ଦ୍ରର ଛାତ୍ରୀ ଓ ଆଶାକର୍ମୀ ମାନେ ଉପସ୍ଥିତ ଥିଲେ ।

ଡୁରାଣ୍ଡ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ସମ୍ବଲପୁର: ପଶ୍ଚିମ ବଙ୍ଗର କଲିକତାରେ ଚାଲୁଥିବା ବିଶ୍ୱର ତୃତୀୟ ପୁରାତନ ଓ ଏସିଆର ପ୍ରଥମ ପୁରାତନ ଡୁରାଣ୍ଡ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁରର ସମଲେଶ୍ୱରୀ ସ୍ପୋଟିଙ୍ଗ ଅଂଶଗ୍ରହଣ କରିଛି । ଦଳ ତାର ତୃତୀୟ ମ୍ୟାଚରେ ମହମଡିଏନ୍ ସ୍ପୋଟିଂ ଠାରୁ ୨-୩ ଗୋଲରେ ବିଜୟ ଲାଭ କରିଛି । କୋଲକତାର ସଲ୍ଟ ଲେକ୍ ଠାରେ ହୋଇଥିବା ଏହି ମ୍ୟାଚରେ ସମ୍ବଲପୁରର ସମଲେଶ୍ୱରୀ ସ୍ପୋଟିଙ୍ଗ ର ଖେଳାଳୀ ମାନେ ବେଶ୍ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରିଥିଲେ । ଏଠାରେ ଉଲ୍ଲେଖ ରହିଥାଉ ଯେ ବାଗପତ ଫୁଟବଲ୍ କ୍ଲବ୍ ହେଉଛି ଆଇ.ଲିଗ୍ ଥାର୍ଡ ଡିଭିଜନର ଚମ୍ପିଆନ୍ ଦଳ । ଏହି ଖବର ପ୍ରଚାରିତ ହେବା ପରେ ସମଗ୍ର ସମ୍ବଲପୁର ସହର ଓ ଜିଲ୍ଲାର ସମସ୍ତ ଫୁଟବଲ୍ ଖେଳାଳି ଓ କ୍ରୀଡ଼ା ପ୍ରେମୀଙ୍କ ମନରେ ଖୁସିର ଲହରୀ ଖେଳି ଯାଇଛି ।

ମାଲକାନଗିରି ସାଇବର ପୁଲିସ୍‌କୁ ବଡ଼ ସଫଳତା
ଚୋରି ଓ ହଜିଯାଇଥିବା ୩୪ଟି ଫୋନ୍ ଉଦ୍ଧାର

ମାଲକାନଗିରି: ହଜିଯାଇଥିବା ଓ ଚୋରି ହୋଇଥିବା ମୋବାଇଲ୍ ଉଦ୍ଧାର କରିବାରେ ମାଲକାନଗିରି ସାଇବର ପୋଲିସକୁ ମିଳିଛି ବଡ଼ ସଫଳତା। ମାତ୍ର ଏକ ମାସ ମଧ୍ୟରେ ବିଭିନ୍ନ ଅଂଚଳରୁ ହଜିଯାଇଥିବା ଓ ଚୋରି ହୋଇଥିବା ୩୪ଟି ମୋବାଇଲ୍ ଫୋନ୍ ଉଦ୍ଧାର କରିଛି ସାଇବର ପୋଲିସ। ଉଦ୍ଧାର ହୋଇଥିବା ମୋବାଇଲ୍ ଫୋନ୍ ଗୁଡ଼ିକୁ ଏହାର ପ୍ରକୃତ ମାଲିକମାନଙ୍କୁ ଥାନାକୁ ଆଜି ଡାକି ହସ୍ତାନ୍ତର କରାଯାଇଛି। ଦୀର୍ଘଦିନ ପରେ ନିଜ ମୋବାଇଲ୍ ଫେରି ପାଇ ମାଲିକମାନଙ୍କ ମୁହଁରେ ଦେଖିବାକୁ ମିଳିଛି ଖୁସିର ଝଲକ। ସାଇବର ପୋଲିସର ଏହି ସଫଳତା ପଛରେ ରହିଛି ଟେକ୍ନିକାଲ୍ ତଦନ୍ତ ଓ ନିରନ୍ତର ପ୍ରୟାସ। ମୋବାଇଲ୍ ହଜିଗଲେ କିମ୍ବା ଚୋରି ହୋଇଗଲେ ତୁରନ୍ତ ପୋଲିସକୁ ଜଣାଇବା ସହ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି। ଏହା ସହିତ ସାଇବର ଠକେଇରୁ କିପରି ନିଜକୁ ସୁରକ୍ଷିତ ରଖିବେ, ଅଜଣା ଲିଙ୍କରେ କ୍ଲିକ୍ ନକରିବା, ଓଟିପି, ପାସୱାର୍ଡ ଓ ବ୍ୟାଙ୍କ ସମ୍ବନ୍ଧୀୟ ଗୁପ୍ତ ତଥ୍ୟ କାହା ସହିତ ଶେୟାର ନକରିବା ନେଇ ମଧ୍ୟ ସାଇବର ଆୱାରନେସ୍ ବାର୍ତ୍ତା ଦିଆଯାଇଛି। ମାଲକାନଗିରି ସାଇବର ପୋଲିସର ଏହି ପଦକ୍ଷେପ ନିଶ୍ଚିତ ଭାବେ ସାଧାରଣ ଲୋକଙ୍କ ମନରେ ପୋଲିସ ପ୍ରତି ବିଶ୍ୱାସ ବଢ଼ାଇବା ସହ ସାଇବର ସୁରକ୍ଷା ପ୍ରତି ଲୋକଙ୍କୁ ଅଧିକ ସଚେତନ କରିବ।

ଜିଲ୍ଲାସ୍ତରୀୟ ମହାସମାଧାନ ଶିବିର

ଝାରସୁଗୁଡ଼ା: ଜିଲ୍ଲା ପ୍ରଶାସନ ପକ୍ଷରୁ ସାଧାରଣ ଜନତାଙ୍କ ସମସ୍ୟାର ସରଳ ଓ ତ୍ୱରିତ ସମାଧାନ ପାଇଁ ଏକ ଜିଲ୍ଲା ସ୍ତରୀୟ ମହାସମାଧାନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଆରକ୍ଷୀ ଅଧୀକ୍ଷକ ଜି. ଆର. ରାଘବେନ୍ଦ୍ର ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ଜିଲ୍ଲାର ପ୍ରତ୍ୟେକ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ସାଧାରଣ ଲୋକଙ୍କ ଆବେଦନଗୁଡ଼ିକର ସମୀକ୍ଷା କରିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ନେଇ ସୂଚନା ଦେଇଛନ୍ତି। ଏହି ଅଭିଯୋଗ ଶୁଣାଣି ଶିବିରରେ ସର୍ବମୋଟ ୯୯ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏଥିମଧ୍ୟରୁ ୭୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ପତ୍ର ହୋଇଥିବା ବେଳେ ୨୬ ଗୋଟି ସାମୂହିକ ଅଭିଯୋଗ ଆସିଥିଲା। ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ସ୍ୱରୂପ ୫ ଜଣ ଆବେଦନକାରୀଙ୍କୁ ସର୍ବମୋଟ ୯୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ବଂଟନ କରାଯାଇଛି। ଏଥିମଧ୍ୟରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ମାଧ୍ୟମରେ ୩ ଜଣ ହିତାଧିକାରୀଙ୍କୁ ୪୦ ହଜାର ଟଙ୍କା ଏବଂ ରେଡକ୍ରସ୍ ପାଣ୍ଠିରୁ ୨ ଜଣ ହିତାଧିକାରୀଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶିବିରରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜମି ବିବାଦ, ଜମି ଚିହ୍ନଟ ଏବଂ ଏହାର ସଠିକ୍ ମାପଚୁପ, ଜମି ଆବଂଟନ, ନିଷ୍କାସନ ବା ଡ୍ରେନେଜ ସମସ୍ୟା, ବାର୍ଦ୍ଧକ୍ୟ ଭତା, ରାସ୍ତାଘାଟ ନିର୍ମାଣ, ବିଦ୍ୟୁତ୍ ଯୋଗାଣ ସମସ୍ୟା, ଜାତିଗତ ପ୍ରମାଣପତ୍ର ଏବଂ ସଂପୃକ୍ତ ବିଭାଗୀୟ ସମସ୍ୟା ଏବଂ ନିର୍ବାଚନ ସମ୍ବନ୍ଧୀୟ ବିବାଦ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆବେଦନଗୁଡ଼ିକ ଦାଖଲ ହୋଇଥିଲା। ଜିଲ୍ଲାପାଳ ପ୍ରତ୍ୟେକ ବିଭାଗକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହିସବୁ ସମସ୍ୟାର ସମାଧାନ କରିବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ବିଡିଓ, ଜିଲ୍ଲାର ସମସ୍ତ ମୁଖ୍ୟ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ପୂର୍ତ୍ତ ବିଭାଗ, ବିଦ୍ୟୁତ୍ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗ, ପୌର ପରିଷଦ, ଜିଲ୍ଲା ପୋଲିସ ପ୍ରଶାସନ ଏବଂ ଶ୍ରମ ଓ ନିୟୋଜନ ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ହୋଇ ଆବେଦନଗୁଡ଼ିକର ତୁରନ୍ତ ନିଷ୍ପତି ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ନେଇ ସୂଚନା ଦେଇଛନ୍ତି।

ମହିଳା ମହାବିଦ୍ୟାଳୟରେ 'ଗୁରୁ-ଶିଷ୍ୟ ପରମ୍ପରା' ଆଲୋଚନାଚକ୍ର

ବଲାଙ୍ଗିର,(ପିପିଏସ୍) : ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ବଲାଙ୍ଗିର ଶାଖା ତରଫରୁ ବଲାଙ୍ଗିର ମହିଳା ମହାବିଦ୍ୟାଳୟରେ, ଆମ ସଂସ୍କୃତିରେ ଗୁରୁ ଶିଷ୍ୟ ପରଂପରା ଓ ବ୍ୟାସଦେବ ଶିର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପରିଷଦର ସଭାପତି ଡ. ଭବାନୀ ଶଙ୍କର ପଟେଲ ଓ ସଂପାଦକ ରାମଚନ୍ଦ୍ର ପଟେଲ ଙ୍କ ଦ୍ୱାରା ସଭା ଆୟୋଜନ ହୋଇଥିଲେ । ସଭାରେ ଅତିଥି ଭାବରେ କିଶୋର କୁମାର ରଥ, ବକ୍ତା ଭାବରେ ଅଜିତ କୁମାର ପଣ୍ଡା ସଂସ୍କୃତ ଅଧ୍ୟାପକ, ନିଜ ନିଜ ବକ୍ତବ୍ୟ ରଖିଥିଲେ । ମଂଚ ପରିଚ୍ଳନା କରିଥିଲେ ଚୁମକୀ ଦାଶ । ଅତିଥି ଆମ ଭାରତୀୟ ସଂସ୍କୃତି ଓ ପାଶ୍ଚାତ୍ୟ ର ସଂସ୍କୃତିର ତୁଳନା କରି ସେ ୧୧୪ ଦେଶର ପାଶ୍ଚାତ୍ୟର ସଂସ୍କୃତିର ତୁଳନା କରି ସେ ୧୧୪ ଦେଶର ପରଂପରା ସହ ଆମ ଭାରତକୁ ଶ୍ରେଷ୍ଠ ବୋଲି ବିବେଚନା କରିଥିଲେ ।ଶ୍ରୀ ପଣ୍ଡା ଆମ ଅତୀର ସଂସ୍କୃତି କୁ ନେଇ ଏବଂ ବ୍ୟାସଦେବ ଙ୍କର ଚରିତ୍ର ର ଭୁୟୋସି ବର୍ଣ୍ଣନା କରିଥିଲେ । ସଂପାଦକ ମହାଦନ ଗୀତାକୁ କେନ୍ଦ୍ର କରି କୃଷ୍ଣ ଏବଂ ଅର୍ଜୁନ ଙ୍କର ଗୁରୁ ଶିଷ୍ୟ ର କେନ୍ଦ୍ର କରି କୃଷ୍ଣ ଏବଂ ଅର୍ଜୁନ ଙ୍କ ଗୁରୁ ଶିଷ୍ୟ ର ସୁନ୍ଦର ଆଲୋଚନା କରିଥିଲେ । ଛାତ୍ରୀ ସୃଷ୍ଟିଶ୍ରୀ ପ୍ରଧାନ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଆଲୋଚନାଚକ୍ର ରେ ଅଂଗ୍ରହଣ କରିଥିଲେ ଯସ୍ମିନ ଖମାରୀ ଓ ରିପ୍ସା ରଣା । ଧନ୍ୟବାଦ ପ୍ରଦାନ କରିଥିଲେ ସଂଯୋଜିକା ଚୁମକୀ ଦାଶ । ଏହି କାର୍ଯ୍ୟକ୍ରମରେ ରନ୍ମୟ ତ୍ରିପାଠି, ତରଣୀ ସେନ ପଟେଲ, ସଂପାଦକ ସରସ୍ୱତୀ ଶିଶୁ ମନ୍ଦିର ବଲାଙ୍ଗିର କଦମପଡା, ବିଭୁତି ମିଶ୍ର ଉପସ୍ଥିତ ଥିଲେ।



ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୦୫।୦୮ ।୨୦୨୬ ■ ବୁଧବାର

ଦାନ ଚୋରି ନେଇ ସୁଆଙ୍ଗ

ଅଯୋଧ୍ୟା ରାମ ମନ୍ଦିରରେ ଦାନପାତ୍ରରୁ ଚୋରି ମାମଲା ପ୍ରତି ଦୃଷ୍ଟି ଆକର୍ଷଣ କରିବା ଲାଗି ଗତ କିଛିଦିନ ତଳେ ପାର୍ଲାମେଣ୍ଟ ପରିସରରେ ଯାହା ସବୁ କରାଗଲା, ତାହା କେବଳ ବିରୋଧୀ ଦଳମାନଙ୍କର ଶସ୍ତା ରାଜନୀତିର ଉଦାହରଣ ନଥିଲା, ବରଂ ସନ୍ଥ ସମାଜ ସମେତ ହିନ୍ଦୁମାନଙ୍କ ଭାବନାକୁ ଆହତ କଲାଭଳି ମଧ୍ୟ ଥିଲା । ଯେଉଁ ହିନ୍ଦୁ ସମାଜ ଦାନ ବାକ୍ସରୁ ଚୋରି ଘଟଣାକୁ ଆଗରୁ ଆହତ ଅନୁଭବ କରୁଥିଲେ, ସେମାନଙ୍କୁ ଉଦ୍‌ବେଳିତ କରିବା ଲାଗି ଏହିମାନେ ଲାଗିଗଲେ ଯେଉଁମାନେ ରାମ ମନ୍ଦିର ନିର୍ମାଣରେ କେବେ କିଛି ଅଂଶଦାନ କରି ନାହାନ୍ତି କି ମନ୍ଦିର ନିର୍ମାଣକୁ ସ୍ୱାଗତ କରି ନାହାନ୍ତି । କେତେକତ ତାହାର ଉଦ୍‌ଘାଟନ ଆମନ୍ତ୍ରଣକୁ ଅସ୍ୱୀକାର କରିଦେଇଥିଲେ ଓ ନିଜ ଆଚରଣକୁ ଉଚିତ ବୋଲି ପ୍ରକାଶ୍ୟରେ ଦର୍ଶାଇଥିଲେ । ଏବେ ସେମାନେ ଏପରି ଦେଖେଇ ହେଉଛନ୍ତି ଯେ ଦାନବାକ୍ସରୁ ଚୋରି ଘଟଣାରେ ସେମାନେ ସବୁଠାରୁ ଅଧିକ ଦୁଃଖୀ ହୋଇଯାଇଛନ୍ତି । ଏଥିଲାଗି ସେମାନେ ଯେପରି ସୁଆଙ୍ଗ କରିଛନ୍ତି, ତାହା ଏକପ୍ରକାରେ ସାଧୁବେଶ ଧାରଣ କରି ସେମାନଙ୍କୁ ଅପମାନିତ କଲାଭଳି କଥା । ସ୍ମରଣଯୋଗ୍ୟ ଯେ ଦାନବାକ୍ସରୁ ଚୋରି ଘଟଣାରେ କୌଣସି ସନ୍ଥଙ୍କ ନାମ ଛନ୍ଦି ହୋଇନାହିଁ ।

ଦାନବାକ୍ସରୁ ଚୋରି ମାମଲାରେ ଯେଉଁ ଲୋକମାନେ ଗିରଫ ହୋଇଥିଲେ ଓ ଯେଉଁମାନେ ନିଜର ଦାୟିତ୍ୱ ସଠିକ୍ ଭାବେ ନିର୍ବାହ କରିନଥିବାର ଆରୋପ ଲାଗିଛି, ସେମାନଙ୍କ ମଧ୍ୟରେ କେହି ଜଣେ ହେଲେ ସାଧୁ-ବାବାଜୀ ନୁହନ୍ତି । ଏହା ସତ୍ତ୍ୱେ ମଧ୍ୟ ପାର୍ଲାମେଣ୍ଟ ପରିସରରେ ସାଂସଦ ପପୁ ଯାଦବ ସାଧୁବେଶରେ ଦାନ ମାଗୁଥିବା ଦେଖିବାକୁ ମିଳିଥିଲା । ତାଙ୍କୁ ଦାନ ଦେବାର ନାଟକ ରାହୁଳ ଗାନ୍ଧୀଙ୍କ ସମେତ ଅନ୍ୟ ଅନେକ ସାଂସଦମାନେ ମଧ୍ୟ କରିଛନ୍ତି । ଏମାନଙ୍କ ମଧ୍ୟରେ ମୁଖ୍ୟତଃ ସମାଜବାଦୀ ପାର୍ଟିର ସାଂସଦମାନଙ୍କ ଭାଗିଦାରୀ ଥିଲା । ତାହାପରେ ପପୁ ଯାଦବ ଦାନବାକ୍ସ ଧରି ଦୌଡୁଥିବା ଦେଖାଯାଇଥିଲା । ଏକ ଗମ୍ଭୀର ମାମଲାକୁ ସୁଆଙ୍ଗ ଢଙ୍ଗରେ ଉଠାଇବା ଦର୍ଶାଉଛି ଯେ ରାମ ମନ୍ଦିରର ଦାନବାକ୍ସରୁ ଚୋରି ଉପରେ ବିରୋଧୀ ପକ୍ଷର ଏକମାତ୍ର ଉଦ୍ଦେଶ୍ୟ ହେଉଛି ସରକାରକୁ ଦୋଷୀ ଭାବେ ଉପସ୍ଥାପନ କରିବା ଓ ତାମସା ସୃଷ୍ଟି କରିବା । ଏହି ଉଦ୍ୟମ କଲାବେଳେ ସେମାନେ ଦେଖିବାକୁ ମଧ୍ୟ ପ୍ରସ୍ତୁତ ହେଲେ ନାହିଁ କିପରି ସନ୍ଥ ସମାଜ ଓ ଗୈରିକ ରଙ୍ଗକୁ ଅପମାନିତ କରିବାଦ୍ୱାରା ସେମାନେ କ'ଣ ହାସଲ କରିପାରିବେ ?

ଏପରି କାମ ସେହିମାନେ କରିଥାଆନ୍ତି, ଯେଉଁମାନେ ଦାନବାକ୍ସରୁ ଚୋରି ମାମଲାକୁ ସଠିକ୍ ଭାବେ ଜାଣି ନାହାନ୍ତି କିମ୍ବା ଯାହାଙ୍କର ଉଦ୍ଦେଶ୍ୟ ହେଉଛି ସ୍ଲୋଗାନବାଜି ରାଜନୀତି କରିବା ଅଥବା ସନ୍ଥ ସମାଜକୁ ଅପମାନିତ କରିବା । ସାଧୁ ବେଶରେ ନିଜକୁ ସଜାଇଥିବା ପପୁ ଯାଦବ ଜଣେ ଦାଗୀ ଛବି ଥିବା ସାଂସଦ କେବଳ ନୁହନ୍ତି, ବରଂ ତାଙ୍କ ବିରୋଧରେ ନରହତ୍ୟାର ପ୍ରୟାସ, ବେଆଇନ ଜବରଦଖଲ କରିବା, ରଙ୍ଗଦାରୀ ମାଗିବା ସମେତ ପ୍ରାୟ ୪୦ ମାମଲା ଦାଏର ହୋଇଥିବା ଘଟଣା ବିଡ଼ମ୍ବନାର ବିଷୟ ନୁହେଁ କି ? ଏସବୁ କେଶ୍ ଗୁଡ଼ିକ ସେ ନିଜ ସତ୍ୟପାଠରେ ଗତ ଲୋକସଭା ନିର୍ବାଚନ ବେଳେ ଦାଖଲ କରିଛନ୍ତି । ରାମ ମନ୍ଦିର ଦାନବାକ୍ସରୁ ଚୋରି ମାମଲାରେ ବିପକ୍ଷ ପକ୍ଷରୁ କେନ୍ଦ୍ର ସରକାର ଓ ବିଶେଷକରି ଗୃହମନ୍ତ୍ରୀ ଅମିତ ଶାହଙ୍କୁ ମଧ୍ୟ କାଠଗଡ଼ାରେ ଛିଡ଼ା କରିବା ଲାଗି ଉଦ୍ୟମ ହୋଇଛି । କିନ୍ତୁ ତାଙ୍କର ଏଥିରେ କ'ଣ ଯାଏଆସେ ? କ'ଣ ଦେଶର ଯେକୌଣସି ଚୋରି-ଡକାୟତି ଘଟଣାକୁ ନେଇ ରାଜନୀତିକ ରୋଟି ସେକାଯିବ ? ଯିଏ କେହି ବି ଏପ୍ରକାର କଥା କହିପାରେ କିନ୍ତୁ କୌଣସି ପ୍ରସଙ୍ଗକୁ ସଠିକ୍ ଢଙ୍ଗରେ ଉଠାଇବା ଦରକାର । ଯଦି ତାହା ନ ହେଉଛି ତେବେ ତାହାର ଉଦ୍ଦେଶ୍ୟ ପ୍ରଶ୍ନଘେରକୁ ଆସିଯିବ ନିଶ୍ଚୟ । ❏❏

ବାତ୍ୟାରେ ଖସି ପଡ଼ିଥିଲା ନୀଳଚକ୍ର

ଶ୍ରୀକ୍ଷେତ୍ରକୁ କାହିଁ ଅନତୀ ଦୂରରୁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥାଏ ନୀଳଚକ୍ର ନେତ। ନୀଳଚକ୍ର, ପତିତପାବନ ବାନା ଶ୍ରୀକ୍ଷେତ୍ରର ବଡ଼ ଦେଉଳର କେବଳ ଶୋଭା ମଣ୍ଡନ କରିନଥାଏ ବରଂ ଭକ୍ତମାନଙ୍କ ଭାବକୁ ତନ୍ମୟାଭିମୁଖୀ କରିଥାଏ। ଏକଦା ସନ୍ଥ କବୀର ନୀଳଚକ୍ରକୁ ଦେଖି ବିସ୍ମୟାଭିଭୂତ ହୋଇପଡ଼ିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟଜନକ ଓ ରହସ୍ୟମୟ କଥାଟି ହେଉଛି ଏହାର ଚକ୍ରରେ ସୂର୍ଯ୍ୟଦେବଙ୍କ ତୀବ୍ର କିରଣ ପଡ଼ି ନୀଳବର୍ଣ୍ଣର ରୂପକାନ୍ତିରେ ପରିପୂର୍ଣ୍ଣ ହୋଇଯାଉଥିବାରୁ ଏହାର ନାମ ନୀଳଚକ୍ର ହୋଇଛି। ସଂପ୍ରତି ପରିଦୃଶ୍ୟମାନ ନୀଳଚକ୍ର ମୂଳ ନୀଳଚକ୍ର ନୁହେଁ। ୧୫୯୪ ମସିହାରେ ପରିଛା ବଡ଼ଜେନା ମହାପାତ୍ରଙ୍କ ପୁଅ ଦାମୋଦର ଚମ୍ପତିରାୟଙ୍କ ସହାୟତାରେ ଏହାକୁ ସ୍ଥାପନ କରାଯାଇଛି।

ଏହାର ଠିକ୍ ୧୦୦ବର୍ଷ ପରେ ୧୬୯୪ ମସିହା ଅକ୍ଟୋବର ୬ ତାରିଖରେ ବାତ୍ୟା ମାଡ଼ରେ ନୀଳଚକ୍ର, କାଞ୍ଚି ଗଣେଶଙ୍କ ମନ୍ଦିର ସମ୍ମୁଖରେ ଖସି ପଡ଼ିଥିଲା। ପ୍ରାୟ ୨୦ବର୍ଷ ଯାଏଁ ଏ ଚୂଡ଼ାରେ ସ୍ଥାପନ ହୋଇନଥିଲା। ୧୭୧୫ଜାନୁଆରୀ ୨୬ ତାରିଖ ମାଘ ଶୁକ୍ଳ ଦ୍ୱିତୀୟା ଦିନ ନୀଳଚକ୍ର ପୁନଃ ସ୍ଥାପନ ହୋଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଭାସ୍କର ମିଶ୍ରଙ୍କ 'ଶ୍ରୀଜଗନ୍ନାଥ ଜ୍ଞାନକୋଷ' ମୁତାବକ ଶ୍ରୀମନ୍ଦିର କଳସ ଉପରେ ସ୍ଥାପିତ ନୀଳଚକ୍ରର ଉଚ୍ଚତା ପ୍ରାୟ ୧୨ଫୁଟ, ବ୍ୟାସ ୭ଫୁଟ ୬ ଇଞ୍ଚ। ବାହ୍ୟ ଚକ୍ର ଓ ଅନ୍ତଚକ୍ର, ଏହିଭଳି ଦୁଇଟି ଚକ୍ରକୁ ମିଶାଇ ନୀଳଚକ୍ର ନିର୍ମିତ। ପରିଧିର ଓସାର ୯ ଇଞ୍ଚ। ଏଥିରେ ୮ଟି ଅର ରହିଛି। ଏହା ଅଧା ଲୁହା, ପାଏ ତମ୍ବା ଓ ସୁନା, ଦସ୍ତା, ସୀସା ଆଦି ମିଶାଇ ଏହାକୁ ପ୍ରସ୍ତୁତ କରାଯାଇଛି। ବିଶିଷ୍ଟ ଐତିହାସିକ କେଦାରନାଥ ମହାପାତ୍ର 'ଖୁର୍ଦ୍ଧା ଇତିହାସ'ରେ ମଧ୍ୟ ଏ ସମ୍ପର୍କିତ ବିବରଣୀ ରହିଛି। ୨୧୪ ଫୁଟର ଶ୍ରୀମନ୍ଦିରରେ ନୀଳଚକ୍ର ଉପରେ ୧୫-୨୦ ଫୁଠ ବାଉଁଶରେ ପତିତପାବନ ବାନା ଉଡିଥାଏ। ଶ୍ରୀମନ୍ଦିରରେ ନୀଳଚକ୍ର ସମ୍ପର୍କରେ ଅନେକ କିମ୍ବଦନ୍ତୀର କଥା ମଧ୍ୟ ଉଠିଥାଏ।

କେହି କେହି କୁହନ୍ତି ଏହି ନୀଳଚକ୍ରରେ କରଣୀ ଓଡ଼ିଆ ଭାଷାରେ ସେ ସମୟରେ ଏହି ବିସ୍ମୟକର ଚକ୍ରକୁ ସ୍ଥାପନ କରିଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଖୋଦେଇ ହୋଇଥିବା ନାମ ରହିଛି। ସେଥି ମଧ୍ୟରେ ହରିଚନ୍ଦନ ମହାପାତ୍ରଙ୍କ ନାମ ପ୍ରମୁଖ। ନୀଳଚକ୍ର ସମ୍ପର୍କରେ ଅନ୍ୟ ଏକ ତଥ୍ୟ ରହିଛି ଯେ ସର୍ବପ୍ରଥମେ ୧୯୪୦ ବାତ୍ୟାରେ ଏହା ପବନର ତୀବ୍ରତାକୁ ସାମ୍ନା କରି ଏହି ନୀଳଚକ୍ର ଏକଦା ବଙ୍କା ହୋଇଯାଇଥିଲା। କେହି କେହି କୁହନ୍ତି ସମ୍ଭାବ୍ୟ ବାତ୍ୟା ପୂର୍ବରୁ ଶ୍ରୀମନ୍ଦିର ଭିତରେ ଏନେଇ କଳ୍ପବଟ ଓ ନୀଳଚକ୍ରରେ କିଛି ସୂଚନା ମିଳିଥାଏ। ୧୯୯୯ ମହାବାତ୍ୟା ଏପରିକି ୨୦୧୯ ମସିହାର ଫନି ବାତ୍ୟା ସମୟରେ ଏହି ରହସ୍ୟ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରାଯାଇଥିଲା। କିନ୍ତୁ ନୀଳାମୟଙ୍କ ନୀଳଚକ୍ରର ଲୀଳା କାଳ କାଳ ପାଇଁ ଅକ୍ଷୟ ଓ ଅନନ୍ତ ହୋଇ ରହିଛି।

କବୀର କୁମାର ଜେନା
ଅଣିକେଣା, ବରୀ, ଯାଜପୁର

ପ୍ରତିରକ୍ଷା ରପ୍ତାନୀ କ୍ଷେତ୍ରରେ ଭାରତର ଉଦୟ

ଡ. ସମନ୍ୱୟ ନନ୍ଦ

ଏକ ସମୟ ଥିଲା, ଯେତେବେଳେ ଭାରତକୁ ବିଶ୍ୱର ସର୍ବବୃହତ୍ ପ୍ରତିରକ୍ଷା ସାମଗ୍ରୀ ଆମଦାନୀକାରୀ ଦେଶମାନଙ୍କ ମଧ୍ୟରେ ଗଣନା କରାଯାଉଥିଲା। ଆଧୁନିକ ଅସ୍ତ୍ରଶସ୍ତ୍ର, କ୍ଷେପଣାସ୍ତ୍ର, ଯୁଦ୍ଧ ବିମାନ ଏବଂ ପ୍ରତିରକ୍ଷା ପ୍ରଣାଳୀ ପାଇଁ ଭାରତ ମୁଖ୍ୟ ଭାବେ ଆମେରିକା, ରୁଷ, ଫ୍ରାନ୍ସ ଓ ଇସ୍ରାଏଲ ଭଳି ଦେଶମାନଙ୍କ ଉପରେ ନିର୍ଭରଶୀଳ ଥିଲା। କିନ୍ତୁ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପର ଠାରୁ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆସିଛି । ଗତ ଏକ ଦଶନ୍ଧି ମଧ୍ୟରେ ଏହି ପରିସ୍ଥିତିରେ ଦ୍ରୁତ ପରିବର୍ତ୍ତନ ଦେଖିବାକୁ ମିଳିଛି । 'ମେକ୍ ଇନ୍ ଇଣ୍ଡିଆ', 'ଆତ୍ମନିର୍ଭର ଭାରତ' ଅଭିଯାନ ଏବଂ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ବେସରକାରୀ କ୍ଷେତ୍ରର ଭୂମିକା ମଧ୍ୟ ବଢ଼ିଛି । ଏହି ସବୁ କାରଣ ଯୋଗୁ ଭାରତ ଆମଦାନୀକାରୀରୁ ରପ୍ତାନିକାରୀ ଦେଶରେ ପରିଣତ କରିବା ଦିଗରେ ଅଗ୍ରସର ହେଉଛି । ନିକଟ ଅତୀତରେ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ବିଶ୍ୱବ୍ୟାପୀ ଚାହିଦା ବୃଦ୍ଧି, ଦକ୍ଷିଣ-ପୂର୍ବ ଏସିଆରୁ ଆରମ୍ଭ କରି ଉପସାଗରୀୟ ଦେଶଗୁଡ଼ିକ ପର୍ଯ୍ୟନ୍ତ ଭାରତୀୟ ପ୍ରତିରକ୍ଷା ସାମଗ୍ରୀ ପ୍ରତି ବଢୁଥିବା ଆଗ୍ରହ ଏବଂ ପ୍ରତିରକ୍ଷା ରପ୍ତାନିରେ ବହୁଗୁଣ ବୃଦ୍ଧି ଏହି ପରିବର୍ତ୍ତନର ସ୍ପଷ୍ଟ ପ୍ରମାଣ ଅଟେ।

ଯଦି ଆମେ ବିଶ୍ଳେଷଣ କରିବା ତେବେ ଜାଣି ପାରିବା ଯେ, ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଭାରତର ପ୍ରତିରକ୍ଷା ରପ୍ତାନିର ସବୁଠାରୁ ବଡ଼ ସଫଳତା ଭାବେ ଉଭା ହୋଇଛି। ଫିଲିପାଇନ୍ସକୁ ଏହାର ସଫଳ ଯୋଗାଣ ପରେ ବର୍ତ୍ତମାନ ଭିଏତନାମ ସହ ଏହାର ରପ୍ତାନି ଚୁକ୍ତି ସମ୍ପନ୍ନ ହୋଇଥିବାବେଳେ ଇଣ୍ଡୋନେସିଆ ସହ ମଧ୍ୟ ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ ଥିବା ସୂଚନା ମିଳୁଛି। ଏହା ବ୍ୟତୀତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସହ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଏବଂ 'ଆକାଶତୀର' ବାୟୁ ପ୍ରତିରକ୍ଷା ପ୍ରଣାଳୀର ରପ୍ତାନିକୁ ନେଇ ମଧ୍ୟ ଆଲୋଚନା ଜାରି ରହିଛି। ଏହା ସ୍ପଷ୍ଟ କରୁଛି ଯେ, ଭାରତୀୟ ପ୍ରତିରକ୍ଷା ସାମଗ୍ରୀ ଆଉ କେବଳ ଦେଶୀୟ ଆବଶ୍ୟକତା ପୂରଣରେ ସୀମିତ ନୁହେଁ; ବରଂ ବିଶ୍ୱ ପ୍ରତିରକ୍ଷା ବଜାରରେ ମଧ୍ୟ ସେଗୁଡ଼ିକ ନିଜର ବିଶ୍ୱସନୀୟତା ଓ ସାମର୍ଥ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି।

ଭାରତର ପ୍ରତିରକ୍ଷା ରପ୍ତାନିରେ ଦ୍ରୁତ ଅଭିବୃଦ୍ଧିର ସବୁଠାରୁ ମୁଖ୍ୟ କାରଣ ହେଉଛି ଏହାର ସ୍ୱଦେଶୀ ଉତ୍ପାଦନ କ୍ଷମତା। ଗତ କିଛି ବର୍ଷ ମଧ୍ୟରେ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ), ସରକାରୀ କ୍ଷେତ୍ରର ଉଦ୍ୟୋଗ ଏବଂ ବେସରକାରି କମ୍ପାନିମାନେ ଆଧୁନିକ ଅସ୍ତ୍ରଶସ୍ତ୍ର, ରାଡାର, କ୍ଷେପଣାସ୍ତ୍ର, ଡ୍ରୋନ୍, ତୋପ, ଗୋଳାବାରୁଦ ଏବଂ ଇଲେକ୍ଟ୍ରୋନିକ୍ ଯୁଦ୍ଧ ପ୍ରଣାଳୀର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସରକାର ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ବେସରକାରି ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବା ସହ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ସମ୍ବନ୍ଧୀୟ ନିୟମକୁ ସରଳ କରିଛନ୍ତି ଏବଂ ସ୍ୱଦେଶୀ ଶିଳ୍ପକୁ ଅଗ୍ରାଧିକାର ଦେଉଥିବା ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିଛନ୍ତି। ଏହାର ପରିଣାମସ୍ୱରୂପ, ଦେଶରେ ପ୍ରତିରକ୍ଷା ଉତ୍ପାଦନ ପାଇଁ ଏକ ସୁଦୃଢ଼ ଏବଂ ବ୍ୟାପକ ଔଦ୍ୟୋଗିକ ଭିତ୍ତିଭୂମି ଗଢ଼ିଉଠିଛି।

ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ସଫଳତା କେବଳ ଏକ ପ୍ରଯୁକ୍ତିଗତ ଉପଲବ୍ଧିରେ ସୀମିତ ନୁହେଁ; ବରଂ ଏହା ଭାରତର ରଣନୈତିକ ବିଶ୍ୱସନୀୟତାର ମଧ୍ୟ ଏକ ପ୍ରତୀକରେ ପରିଣତ ହୋଇଛି। ଧ୍ୱନିର ବେଗଠାରୁ ପ୍ରାୟ ତିନିଗୁଣ ଅଧିକ ଗତି, ଉଚ୍ଚ ଲକ୍ଷ୍ୟଭେଦୀ କ୍ଷମତା ଏବଂ ସ୍ଥଳ, ସମୁଦ୍ର ଓ ଆକାଶ—ଏହି ତିନୋଟି ପ୍ଲାଟଫର୍ମରୁ ପ୍ରକ୍ଷେପଣ କରିବାର କ୍ଷମତା ବ୍ରହ୍ମୋସ୍‌କୁ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରମାନଙ୍କ ମଧ୍ୟରେ ସ୍ଥାନ ଦେଇଛି । ଭାରତୀୟ ସଶସ୍ତ୍ର ବାହିନୀରେ ଏହାର ସଫଳ ବ୍ୟବହାର ଏବଂ ବାସ୍ତବ ପରିସ୍ଥିତିରେ ଏହାର ପ୍ରମାଣିତ କାର୍ଯ୍ୟକ୍ଷମତା ବିଦେଶୀ ଦେଶମାନଙ୍କର ଆସ୍ଥାକୁ ଆହୁରି ସୁଦୃଢ଼ କରିଛି। ଏହି କାରଣରୁ ବର୍ତ୍ତମାନ ବିଶ୍ୱର ଅନେକ ଦେଶ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର କ୍ରୟ କରିବା ପ୍ରତି ଗଭୀର ଆଗ୍ରହ ପ୍ରକାଶ କରୁଛନ୍ତି।

ପ୍ରତିରକ୍ଷା ସାମଗ୍ରୀର ରପ୍ତାନି କେବଳ ଏକ ଆର୍ଥିକ କାର୍ଯ୍ୟକଳାପରେ ସୀମିତ ନୁହେଁ; ବରଂ ଏହା ଧୀରେ ଧୀରେ ଭାରତର କୂଟନୀତିର ଏକ ପ୍ରଭାବଶାଳୀ ମାଧ୍ୟମରେ ପରିଣତ ହେଉଛି। ଫିଲିପାଇନ୍ସ, ଭିଏତନାମ ଏବଂ ଇଣ୍ଡୋନେସିଆ ଭଳି ଦେଶଗୁଡ଼ିକୁ ପ୍ରତିରକ୍ଷା ସାମଗ୍ରୀ ଯୋଗାଇ ଭାରତ ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ ନିଜର ରଣନୈତିକ ଭାଗୀଦାରିକୁ ଆହୁରି ସୁଦୃଢ଼ କରୁଛି। ସେହିପରି, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଭଳି ଉପସାଗରୀୟ ଦେଶମାନଙ୍କ ସହ ସମ୍ଭାବ୍ୟ ପ୍ରତିରକ୍ଷା ସହଯୋଗ ଭାରତର ପଶ୍ଚିମ ଏସିଆ ନୀତିକୁ ନୂତନ ଶକ୍ତି ପ୍ରଦାନ କରୁଛି। ଏହାର ପରିଣାମସ୍ୱରୂପ, ଭାରତର ବିଦେଶ ନୀତିରେ ପ୍ରତିରକ୍ଷା ସହଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ଉଭା ହେଉଛି।

ଭାରତର ପ୍ରତିରକ୍ଷା ରପ୍ତାନିରେ ବୃଦ୍ଧିର ଏକ ପ୍ରମୁଖ କାରଣ ହେଉଛି ଭାରତୀୟ ପ୍ରତିରକ୍ଷା ସାମଗ୍ରୀର ବ୍ୟୟ-ପ୍ରଭାବଶାଳୀତା (କଷ୍ଟ ଏଫେକ୍ଟିଭନେସ)। ପଶ୍ଚିମ ଦେଶଗୁଡ଼ିକର ପ୍ରତିରକ୍ଷା ପ୍ରଣାଳୀ ତୁଳନାରେ ଭାରତୀୟ ପ୍ରତିରକ୍ଷା ସାମଗ୍ରୀ ଅପେକ୍ଷାକୃତ କମ୍ ମୂଲ୍ୟରେ ଉପଲବ୍ଧ ହେଉଥିବାବେଳେ, ସେଗୁଡ଼ିକର ଗୁଣବତ୍ତା, କାର୍ଯ୍ୟକ୍ଷମତା ଏବଂ ପ୍ରଯୁକ୍ତିଗତ ମାନ ଆନ୍ତର୍ଜାତିକ ସ୍ତରରେ ପ୍ରତିଯୋଗିତାମୂଳକ ରହିଛି। ବିଶେଷକରି ବିକାଶଶୀଳ ଦେଶମାନଙ୍କ ପାଇଁ ଏହା ଏକ ଆକର୍ଷଣୀୟ ଓ ବ୍ୟବହାରିକ ବିକଳ୍ପ ଭାବେ ଉଭା ହୋଇଛି। ଏହି କାରଣରୁ ଏସିଆ, ଆଫ୍ରିକା ଏବଂ ପଶ୍ଚିମ ଏସିଆର ଅନେକ ଦେଶ ଭାରତକୁ ଏକ ବିଶ୍ୱସନୀୟ ପ୍ରତିରକ୍ଷା ସହଭାଗୀ ଭାବେ ଦେଖୁଛନ୍ତି।

ଭାରତରେ ବ୍ରହ୍ମୋସ୍ ଭଳି ପ୍ରଣାଳୀଗୁଡ଼ିକର ଅଧିକ ମାତ୍ରାରେ ଉତ୍ପାଦନ ଆରମ୍ଭ ହେବା ମଧ୍ୟ ରପ୍ତାନିକୁ ବଢାଇବା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମ ଦେଶର ସେନା ଆବଶ୍ୟକତା ସହିତ ସହ, ବିଦେଶୀ ଅର୍ଡରଗୁଡ଼ିକୁ ପୂରଣ କରିବା ପାଇଁ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରାଯାଉଛି। ଏହା ଫଳରେ କେବଳ ଯେ ସମୟୋଚିତ ଯୋଗାଣ ସମ୍ଭବ ହେବ ତା ନୁହେଁ, ବରଂ ବିଶ୍ୱ ବଜାରରେ ଭାରତର ବିଶ୍ୱସନୀୟତା ମଧ୍ୟ ଆହୁରି ସୁଦୃଢ଼ ହେବ। ବଢୁଥିବା ଉତ୍ପାଦନ କ୍ଷମତା ଭବିଷ୍ୟତରେ ବଡ଼ ରପ୍ତାନି ଚୁକ୍ତି ହାସଲ କରିବାରେ ସହାୟକ ହେବ। ପ୍ରତିରକ୍ଷା ରପ୍ତାନିରେ ଆର୍ଥିକ ଲାଭ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଦେଶରେ ଉଚ୍ଚ ପ୍ରଯୁକ୍ତି ଆଧାରିତ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଥାଏ, ହଜାର ହଜାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଚାକିରି ସୃଷ୍ଟି କରେ, ଗବେଷଣା ଓ ବିକାଶରେ ନିବେଶ ବୃଦ୍ଧି କରେ ଏବଂ ବିଦେଶୀ ମୁଦ୍ରା ଅର୍ଜନ କରିବାରେ ସହାୟକ ହୁଏ। ପ୍ରତିରକ୍ଷା ଶିଳ୍ପର ବିସ୍ତାର ଫଳରେ ଏମଏସଏମଇ, ଷ୍ଟାର୍ଟଅପ୍ ଏବଂ ବେସରକାରି କମ୍ପାନୀମାନଙ୍କ ପାଇଁ ମଧ୍ୟ ନୂତନ ସୁଯୋଗ ସୃଷ୍ଟି ହେଉଛି। ଏହା ଫଳରେ ସମଗ୍ର ପ୍ରତିରକ୍ଷା ଯୋଗାଣ ଶୃଙ୍ଖଳ ସୁଦୃଢ଼ ହେଉଛି ଏବଂ ଭାରତର ଔଦ୍ୟୋଗିକ ଭିତ୍ତିଭୂମି ଆହୁରି ବ୍ୟାପକ ହେଉଛି।

ତେବେ ଏହାକୁ ନେଇ ଭାରତ ସମ୍ମୁଖରେ ଅନେକ ଚ୍ୟାଲେଞ୍ଜ ମଧ୍ୟ ରହିଛି। ବିଶ୍ୱ ପ୍ରତିରକ୍ଷା ବଜାରରେ ଆମେରିକା, ରୁଷ, ଫ୍ରାନ୍ସ, ଚୀନ ଏବଂ ଇସ୍ରାଏଲ ଭଳି ଦେଶମାନଙ୍କର ଶକ୍ତିଶାଳୀ ଉପସ୍ଥିତି ରହିଛି। ଏହି ପରିସ୍ଥିତିରେ ଭାରତ ପାଇଁ କେବଳ ଆଧୁନିକ ଅସ୍ତ୍ରଶସ୍ତ୍ର ବିକାଶ କରିବା ପର୍ଯ୍ୟାପ୍ତ ନୁହେଁ; ବରଂ ବିକ୍ରୟ ପରବର୍ତ୍ତୀ ସେବା, ସ୍ପେୟାର ପାର୍ଟ୍ସର ଉପଲବ୍ଧତା, ପ୍ରଶିକ୍ଷଣ, ପ୍ରଯୁକ୍ତିଗତ ସହାୟତା ଏବଂ ସମୟୋଚିତ ଯୋଗାଣ ଭଳି ସେବାଗୁଡ଼ିକୁ ମଧ୍ୟ ସୁଦୃଢ଼ କରିବା ଆବଶ୍ୟକ। ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ଯଦି ଭାରତ ଏହି କ୍ଷେତ୍ରଗୁଡ଼ିକରେ ମଧ୍ୟ ବିଶ୍ୱସନୀୟତା ହାସଲ କରିବାରେ ସଫଳ ହେବ , ତେବେ ଏହା ବିଶ୍ୱ ପ୍ରତିରକ୍ଷା ରପ୍ତାନି ବଜାରରେ ଅଧିକ ସୁଦୃଢ଼ ସ୍ଥିତି ହାସଲ କରିପାରିବ।

ଭବିଷ୍ୟତ ଦୃଷ୍ଟିକୋଣରୁ ଭାରତର ସମ୍ଭାବନା ଅତ୍ୟନ୍ତ ଉଜ୍ଜ୍ୱଳ ଦେଖାଯାଉଛି। ବ୍ରହ୍ମୋସ୍ ବ୍ୟତୀତ ଆକାଶ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ପିନାକା ରକେଟ୍ ପ୍ରଣାଳୀ, ସ୍ୱଦେଶୀ ରାଡାର, ହେଲିକପ୍ଟର, ଡ୍ରୋନ୍ ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା ପ୍ଲାଟଫର୍ମମାନେ ମଧ୍ୟ ବିଶ୍ୱ ବଜାରରେ ନିଜ ସ୍ଥାନ ଗଢ଼ିପାରିବେ। ଯଦି ସରକାର, ପ୍ରତିରକ୍ଷା ଶିଳ୍ପ ଏବଂ ଗବେଷଣା ସଂସ୍ଥାଗୁଡ଼ିକ ଏହି ଗତିରେ କାର୍ଯ୍ୟ କରି ଚାଲନ୍ତି, ତେବେ ଆଗାମୀ ବର୍ଷଗୁଡ଼ିକରେ ଭାରତ ବିଶ୍ୱର ପ୍ରମୁଖ ପ୍ରତିରକ୍ଷା ରପ୍ତାନିକାରୀ ଦେଶମାନଙ୍କ ଶ୍ରେଣୀରେ ସାମିଲ ହୋଇପାରିବ।

ତେଣୁ ଆମେ କହି ପାରିବା ଯେ. ଭାରତର ପ୍ରତିରକ୍ଷା ରପ୍ତାନି କେବଳ ଅସ୍ତ୍ରଶସ୍ତ୍ର ବିକ୍ରୟରେ ସୀମିତ ନୁହେଁ। ଏହା ଦେଶର ପ୍ରଯୁକ୍ତିଗତ ଦକ୍ଷତା, ଔଦ୍ୟୋଗିକ ଆତ୍ମନିର୍ଭରତା, ଆର୍ଥିକ ସାମର୍ଥ୍ୟ ଏବଂ ରଣନୈତିକ କୂଟନୀତିର ଏକ ସମନ୍ୱିତ ପ୍ରତିଫଳନ। ବ୍ରହ୍ମୋସ୍ ଭଳି ସ୍ୱଦେଶୀ ପ୍ରତିରକ୍ଷା ପ୍ରଣାଳୀର ବିଶ୍ୱସ୍ତରୀୟ ସ୍ୱୀକୃତି, ବିଭିନ୍ନ ଦେଶ ସହ ବୃଦ୍ଧି ପାଉଥିବା ପ୍ରତିରକ୍ଷା ସହଯୋଗ ଚୁକ୍ତି ଏବଂ ରପ୍ତାନିରେ କ୍ରମାଗତ ଅଭିବୃଦ୍ଧି ଏହା ସ୍ପଷ୍ଟ କରୁଛି ଯେ, ଭାରତ ବର୍ତ୍ତମାନ ବିଶ୍ୱ ପ୍ରତିରକ୍ଷା ଶିଳ୍ପରେ ଏକ ଉଦୀୟମାନ ଶକ୍ତି ଭାବେ ନିଜର ସ୍ଥାନ ସୁଦୃଢ଼ କରିବାରେ ଲାଗିଛି। ଯଦି ଉତ୍ପାଦନ କ୍ଷମତାର ବିସ୍ତାର, ନବସୃଜନ ଏବଂ ଦୀର୍ଘମିଆଦୀ ପ୍ରତିରକ୍ଷା ସହଯୋଗକୁ ସମାନ ଗୁରୁତ୍ୱ ସହ ଆଗକୁ ବଢ଼ାଯାଏ, ତେବେ ଆଗାମୀ ବର୍ଷଗୁଡ଼ିକରେ ଭାରତ କେବଳ ନିଜର ପ୍ରତିରକ୍ଷା ଆବଶ୍ୟକତାକୁ ସ୍ୱଦେଶୀ ଭାବେ ପୂରଣ କରିବ ନୁହେଁ, ବରଂ ବିଶ୍ୱର ଅନେକ ଦେଶ ପାଇଁ ଏକ ବିଶ୍ୱସନୀୟ ପ୍ରତିରକ୍ଷା ସାମଗ୍ରୀ ଯୋଗାଣକାରୀ ଭାବେ ମଧ୍ୟ ପ୍ରତିଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଧୀରେ ଧୀରେ ଭାରତ ଏହି ଦିଗରେ ଅଗ୍ରସର ହେବାରେ ଲାଗିଛି।

ଭୁବନେଶ୍ୱର

ଶ୍ରୀଜଗନ୍ନାଥକୈନ୍ଦ୍ରିକ ଭାଗବତଧର୍ମ

ସୌର ଚନ୍ଦ୍ର ମହାପାତ୍ର

ଶ୍ରୀଜଗନ୍ନାଥଙ୍କ ସହିତ ସଂପୃକ୍ତ ଅଜସ୍ର ଉପାଦାନ ମଧ୍ୟରେ ପାଖୁଡ଼ା ପାଖୁଡ଼ା ଉନ୍ମୋଚିତ ହୋଇଯାଇଛି 'ଜଗନ୍ନାଥ ଚେତନା'। ଜଗନ୍ନାଥ ଚେତନାରେ ଜଣେ ଉଦବୃଦ୍ଧ ହେଲେ 'ଏକ' ସତ୍ତାରୁ 'ଅନେକ' ସତ୍ତା ଓ ଶେଷରେ 'ଅନନ୍ୟ' ସତ୍ତାରେ ବ୍ୟାପିଯାଇ 'ଅତିମାନସ' ସତ୍ତାରେ ଉପନୀତ ହୋଇପାରିବ। ସେଠି ସଂକୀର୍ଣ୍ଣତା ନଥିବ; ଏକ ମହାପ୍ରଶସ୍ତ, ସର୍ବବ୍ୟାପୀ, ସର୍ବଜନ-ସର୍ବମନ-ସ୍ପର୍ଶୀ 'ଭାବ'ରେ ହେବ ମନ୍ମୟ, ତନ୍ମୟ ଓ ଚିନ୍ମୟ। ଅସତ୍‌ରୁ ସତ୍‌ରେ, ତମସାରୁ ଜ୍ୟୋତିରେ, ମୃତ୍ୟୁରୁ ଅମୃତରେ ପହଞ୍ଚିବା ପାଇଁ ସେ ପାହାଚ ପରେ ପାହଚ ଉତ୍ତରୋତ୍ତର ଉତ୍ତୀର୍ଣ୍ଣ ହୋଇଯିବ। ଭାଗବତ ହେଉଛି ଓଡ଼ିଆ ଜାତି ପକ୍ଷରେ ବେଦ ପରି ପବିତ୍ର ଗ୍ରନ୍ଥ। ଏହା ଓଡ଼ିଶାରେ ସାଂସ୍କୃତିକ ବିପ୍ଳବ ସୃଷ୍ଟି କରି ପାରିଛି। ଓଡ଼ିଆ ଜାତି ପ୍ରାଣରେ ସ୍ପନ୍ଦନ ଜଗାଇ ପାରିଛି। ଓଡ଼ିଶା ବାହାରେ ଥିବା ଓଡ଼ିଆ ପ୍ରାଣରେ ଓଡ଼ିଆ ଭାଷା ପ୍ରତି ମୋହ ସୃଷ୍ଟି କରିପାରିଛି। ସେଥିପାଇଁ ଜନସମାଜରେ ଭାଗବତରେ ଜନପ୍ରିୟତା ସମ୍ବନ୍ଧରେ ବିଶିଷ୍ଟ ପ୍ରାବନ୍ଧିକ ଜଗବନ୍ଧୁ ସିଂହ ତାହାଙ୍କର ପ୍ରାଚୀନ ଉତ୍କଳ ପୁସ୍ତକରେ ଲେଖିଛନ୍ତି :- ଚାହାଳୀରେ ପିଲାମାନଙ୍କର ଭାଗବତ ପ୍ରାଧାନ୍ୟ ପାଠ୍ୟ ପୁସ୍ତକ ଥିଲା। ଯେଉଁ ପିଲା ଅଧାୟେ ଭାଗବତ ବୋଲି ପାରିଲା ତାହାର ବିଦ୍ୟା ଶେଷ ହେଉଥିଲା। ଲୋକର ଆସନ୍ନ ମୃତ୍ୟୁବେଳେ ତାହାର ପୁତ୍ର-ପୌତ୍ରାଦି ଆତ୍ମୀୟ ସ୍ୱଜନ ତାହା କାନରେ ଅଧାୟେ ଭାଗବତ ଶୁଣାଉଥିଲେ। ଗ୍ରାମରେ ବିସୂଚିକା, ମହାମାରୀ, ପ୍ରଭୃତି ଉପଦ୍ରବ ହେଲେ ଭାଗବତ ପାଠ, ହରିହାଟ, ସପ୍ତାଙ୍ଗ ଭାଗବତ ପ୍ରଭୃତି ହେଉଥିଲା। ଭାଗବତ ପାଠ କଲେ ଗ୍ରାମରୁ କାଳଭୟ ଦୂର ହେଉଥିଲା ବୋଲି ଲୋକମାନଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା। ଅନେକ ଲୋକଙ୍କର ସକାଳେ ସ୍ନାନ ପରି ସନ୍ଧ୍ୟାବେଳେ ଭାଗବତ ପାଠ କରିବା ନିତ୍ୟ ନୈମିତ୍ତିକ କାର୍ଯ୍ୟ ଥିଲା। ମଣିଷ ଜ୍ଞାନେନ୍ଦ୍ରିୟ ଦ୍ୱାରା ଜାଣେ। କର୍ମେନ୍ଦ୍ରିୟ ଦ୍ୱାରା କର୍ମ କରେ। ସମସ୍ତ ଜାଗତିକ ବସ୍ତୁକୁ ଅନୁଭବରେ ଆଣିବା ପାଇଁ ଜ୍ଞାନେନ୍ଦ୍ରିୟ ଗୁଡ଼ିକୁ ସାଧନ ଭାବରେ ବ୍ୟବହାର କରାଯାଏ। କିନ୍ତୁ ଏପରି କେତେ ଗୁଡ଼ିଏ ବସ୍ତୁ ଅଛନ୍ତି, ଯେଉଁଗୁଡ଼ିକୁ ଜାଣିବାରେ ଏହି ଇନ୍ଦ୍ରିୟଗୁଡ଼ିକ ସହାୟକ ହୋଇପାରନ୍ତି ନାହିଁ। ସେଗୁଡ଼ିକୁ ଜାଣିବା ପାଇଁ ଖାସ ମନର ହିଁ ସହାୟକତା ଦରକାର ପଡ଼େ। ଉଲ୍ଲେଖଯୋଗ୍ୟ ଯେ ଭଗବାନଙ୍କୁ ଜାଣିବା ପାଇଁ ଏମାନେ (ଇନ୍ଦ୍ରିୟ, ମନ ଓ ବୁଦ୍ଧି) ସିଧାସଳଖ କିଛି ସାହାଯ୍ୟ କିମ୍ବା ସହଯୋଗ କରିପାରନ୍ତି ନାହିଁ। ଭଗବାନଙ୍କୁ ଜାଣିବା ପାଇଁ ଯେଉଁ ପ୍ରକ୍ରିୟାଟି ଆବଶ୍ୟକ ତାହାକୁ କହନ୍ତି ସ୍ୱାନୁଭବ ବା ସ୍ୱାନୁଭବ ନିମନ୍ତେ ଭକ୍ତି ଆବଶ୍ୟକ। ଠିକ ଏତିକିବେଳେ ଭଗବାନଙ୍କ ପ୍ରତି ଯେଉଁ ଅହେତୁକ ଭକ୍ତି ଆସେ ତାହାଦ୍ୱାରା ଭଗବାନଙ୍କ ବ୍ୟତୀତ ଭକ୍ତ ଆଉ କାହାକୁ ଶ୍ରେୟ ବୋଲି ଜାଣିପାରେ ନାହିଁ, ଠିକ ସେହି ଅବସ୍ଥା ହେଉଛି ଭଗବତ ପ୍ରାପ୍ତି ଅବସ୍ଥା। ଏହି କ୍ଷେତ୍ରରେ ନିଜେ ଭଗବାନ ଭଗବତ ପ୍ରାପ୍ତିର କାରଣ ଓ କାର୍ଯ୍ୟ ହୋଇଥାନ୍ତି। କାର୍ଯ୍ୟ କାରଣର ଏକାକାର ଅବସ୍ଥାକୁ ତଦାକାରାକାରିତ ଅବସ୍ଥା ବେଦାନ୍ତ ଦର୍ଶନରେ କୁହାଯାଏ। ଭକ୍ତର ଏତାଦୃଶ୍ୟ ଧର୍ମକୁ ଭାଗବତ ଧର୍ମ କୁହାଯାଏ। ଶ୍ରୀମଦ୍ ଭାଗବତରେ ଅଣାକାର ପୁଣି ସାକାର ଏବଂ ଦିବ୍ୟ ଅଦିବ୍ୟର ପ୍ରତିମୂର୍ତ୍ତି ସ୍ୱୟଂ ଶ୍ରୀଜଗନ୍ନାଥ। ତାଙ୍କ ଲୋମ କୂପରେ କୋଟି କୋଟି ବ୍ରହ୍ମାଣ୍ଡ ଝୁଲୁଥିବାର ଭକ୍ତକବି ଜଗନ୍ନାଥ ଦାସ ଉଲ୍ଲେଖ କରିଛନ୍ତି - 'ବ୍ରହ୍ମାଣ୍ଡ ମାଳ ମାଳ ହୋଇ, ଯା ଲୋମ କୂପେ ଦୋହଲାଇ।' ସ୍ୱୟଂ ଭକ୍ତକବି ଭାଗବତର ଭଗବାନ ଏକ ସର୍ବବ୍ୟାପକ ଶକ୍ତି, ସେ ସକଳ ଘଟରେ ବିଦ୍ୟମାନ। 'ସକାଳ ଘଟେ ନାରାୟଣ, ବସଇ ଅନାଦି କାରଣ।' ଗୀତାର 'ଅହମାତ୍ମା ଗୁଡ଼ାକେଶ ସର୍ବଭୂତଶୟସ୍ଥିତ' ପରି ଭକ୍ତକବି ଜଗନ୍ନାଥଙ୍କ ଭଗବାନ ସକଳ ପ୍ରାଣୀଙ୍କର ମଙ୍ଗଳକାରକ, ସକଳ ଘଟର କ୍ରିୟାଶକ୍ତି। ପ୍ରଥମରୁ ଏକାଦଶ ସ୍କନ୍ଦ ପର୍ଯ୍ୟନ୍ତ ସମଗ୍ର ଭାଗବତଟି ନୀତିଶିକ୍ଷା, ସଂସାରିକ ଜୀବନ ଯାପନ କରିବା ପାଇଁ ମାର୍ଗ ନିଦର୍ଶନ ଏବଂ ଭକ୍ତି ଭାବନାରେ ପରିପୂର୍ଣ୍ଣ। ତହିଁରୁ କେତୋଟି ପଂକ୍ତି ଉଲ୍ଲେଖ କଲେ ଏହା ପରିସ୍କାର ରୂପେ ବୁଝାପଡ଼ିବ - 'ସାକ୍ଷାତେ ଗୁରୁ ଯେ ଈଶ୍ୱର, ଗୁରୁଙ୍କୁ ନ ମଣିବ ନର। ଆହାରେ ଭଲମନ୍ଦ ନାହିଁ, ଯେ ସ୍ଥାନେ ଯେପରି ମିଳଇ। ଦଣ୍ଡିବା ଶକ୍ତି ସାର ଥାଇ, ସେ ପୁଣି କ୍ଷମା ଆଚରାଇ। ଧନ୍ୟ ଜୀବନ ଏ ଜଗତେ, ଯେ ପ୍ରାଣଧରେ ପରହିତେ। ସକଳ ଘଟେ ନାରାୟଣ, ବସଇ ଅନାଦି କାରଣ। ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ। ଦୁଃଖେ ସଞ୍ଚିତ ଯେତେ ଧନ, ସେ ନୁହେଁ ସୁଖେ ପ୍ରୟୋଜନ।'

ଏକ ବିରାଟ ଭାଗବତ ଗ୍ରନ୍ଥରେ ଯୋଗ, ଧର୍ମ, ନୀତି, ଆଚାର, ବିଚାର ସହିତ ଭଗବାନଙ୍କର ଅବତାର ବର୍ଣ୍ଣନା ପାଠକ ପ୍ରାଣରେ ଅପୂର୍ବ ଭାବମୂର୍ତ୍ତି ସୃଷ୍ଟି କରେ। ମଣିଷର ମଙ୍ଗଳ କ'ଣ? ଶାସ୍ତ୍ରର ସାର କ'ଣ ଶ୍ରୀକୃଷ୍ଣ କାହିଁକି ଜନ୍ମ ଗ୍ରହଣ କଲେ। ଭଗବାନ ଶ୍ରୀକୃଷ୍ଣ କି କାର୍ଯ୍ୟ କରିଥିଲେ ଏବଂ ଶେଷରେ ଧର୍ମ କିପରି ରକ୍ଷିତ ହେଲା ଇତ୍ୟାଦି ମୁଖ୍ୟ ଛଅଗୋଟି ବିଷୟ ଭାଗବତ ଗ୍ରନ୍ଥରେ ବର୍ଣ୍ଣିତ। ସେଥିପାଇଁ ଭାଗବତ ଗ୍ରନ୍ଥର ପ୍ରଥମରେ ଉଲ୍ଲେଖ ରହିଛି - 'କିସ ମଙ୍ଗଳ ପୁରୁଷର, ସାର କି ସକଳ ଶାସ୍ତ୍ରର। ଦେବକୀ ଗର୍ଭେ ଯଦୁସାଇଁ, ଜନ୍ମ ଲଭିଲେ କାହିଁ ପାଇଁ। କି କାର୍ଯ୍ୟ କଲେ ଭଗବାନ, ହେଲେ କି ଅବତାର ମାନ। ସେ ପ୍ରଭୁ ହୋନ୍ତେ ଅନ୍ତର୍ହିତ, ଧର୍ମ ବା ହେଲା କାହାଶ୍ରିତ। ' ଯେଉଁଠି ସକଳ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଯେ ଭଗବାନଙ୍କ ଠାରେ ଐକାନ୍ତିକ ଭାବରେ ନିଜକୁ ସମର୍ପିତ କରିଥାଏ ଏବଂ ଭଗବାନ କୃପା ପ୍ରଦର୍ଶନ କରି ତାହାକୁ ଗ୍ରହଣ କରିଥାନ୍ତି ସେହିଠାରେ ଭାଗବତ ଧର୍ମର ଅବତାରଣା ହୋଇଥାଏ। ମହାଭାରତ ଓ ଭଗବତ ଗୀତାରେ ଏହାର ଉତ୍ସ ଅଛି।

ସେକ୍ଟର-୬, କଟକ
ମୋ:୯୪୩୭୦୦୪୪୬୬

ଚିହ୍ନା-ଅଚିହ୍ନା

ଡ. ସୀତାକାନ୍ତ ତ୍ରିପାଠୀ

ଦୁଇ ତିନି ଦିନ ହେଲାଣି ଆମ ଗାଁ ସନିଆଁ ଘରକୁ ଲୋକ ମାନଙ୍କର ଧାଡ଼ି ଲାଗିଛି । ସାହି, ଭାଇ, ପାଖ-ପଡ଼ିଶା, ବନ୍ଧୁ-ବାନ୍ଧବ, ଚିହ୍ନା ପରିଚିତ ଯେତେ ଅଛନ୍ତି ସମସ୍ତେ ଯିଏ ଯାହାର ସମୟ ନେଇ ତା ଘରକୁ ଆସୁଥାଆନ୍ତି । କଥା କ'ଣ ବୁଝିବା ବେଳକୁ ଜାଣିବାକୁ ମିଳିଲା ଯେ ଆଠଦିନ ହେଲା ସନିଆଁ ମା' କିଛି ଖାଉନାହିଁ କି କାହାକୁ ଚିହ୍ନି ପାରୁନାହିଁ । ଏସବୁ ଦେଖି ମୋ ମନର ସ୍ୱତଃ ପ୍ରଶ୍ନ ଆସିଲା ଯଦି ସିଏ କିଛି ଖାଉନାହିଁ ତାହେଲେ ଯାଉଥିବା ଲୋକମାନଙ୍କ ହାତରେ ଏତେ ମିଠା, ଫଳ, ମୂଳ, କ୍ଷୀର ଛେନା ଆଦି କାହିଁକି ରହିଛି ? ବୁଢ଼ୀ ଯେତେବେଳେ କଥାବାର୍ତ୍ତା କରିବାକୁ ଚାହୁଁଥିଲା, ଖାଇବାକୁ ପେଟରେ ଭୋକ ଓ ମନରେ ଇଚ୍ଛା ଥିଲା ସେତେବେଳେ କ'ଣ କାହାର ବେଳ ନଥିଲା ନା' ଏସବୁ କେବଳ ମୃତ୍ୟୁ ସମୟ ପାଖେଇ ଆସିବା ବେଳେ କରାଯାଏ ବୋଲି ଲୋକଙ୍କ ମନରେ ଥିବା ବଦ୍ଧମୂଳ ଧାରଣା ପ୍ରତି ମୋତେ ଯେତିକି ଦୁଃଖ ଦେଲା ତା ଠାରୁ ଅଧିକ ପ୍ରଶ୍ନବାଚୀ ସୃଷ୍ଟି ହେଲା । କାରଣ କିଛିଦିନ ପୂର୍ବରୁ ମୋର ଜଣେ ଶିକ୍ଷକ ମନଦୁଃଖ କରି କହିଲେ ଜାଣିଛ ! ତୁମ ସାଙ୍ଗରେ ପଢୁଥିବା ସତ୍ୟ, କଲେକ୍ଟର ଅଫିସ୍‌ରେ ଦେଖାହେଲା । ସିଏ ବୋଧହୁଏ ମୋତେ ଦେଖି ନ ଦେଖିଲା ଭଳି ବାଟ କାଟି ଚାଲିଯିବାକୁ ଭାବୁଥିଲା । କିନ୍ତୁ ମୁଁ ସତ୍ୟ ବୋଲି ଡାକି ଦେବାରୁ ତାକୁ ବୋଧହୁଏ ସଙ୍କୋଚ ଲାଗିଲା, ନମସ୍କାର କରି କିଛି ଜରୁରୀ କାମ ଅଛି ବୋଲି କହିଦେଇ ତା' ବାଟରେ ସିଏ ଚାଲିଗଲା । ସିଏ ବୋଧହୁଏ ଭାବିଥିବ ମୁଁ ତାକୁ ମୋ କାମ ବିଷୟରେ କିଛି ସାହାଯ୍ୟ ମାଗିବି । ତା ବୋଲି ଚିହ୍ନି ନଚିହ୍ନିବାର ବ୍ୟବହାର କରିବା କ'ଣ ଠିକ୍ କଥା ? ମୁଁ ଏହି ଠିକ୍ ଭୁଲ୍‌ର ଗୋଲକ ଧନ୍ଦା ଭିତରେ ଛନ୍ଦି ହୋଇ ଭାବୁଥିଲି ଜୀବନର କିଏ ଚିହ୍ନା ଆଉ କିଏ ଅଚିହ୍ନା ? ଜନ୍ମ ସମୟରେ ମଣିଷର କ'ଣ କେହି ଚିହ୍ନା ପରିଚୟ ଥାଆନ୍ତି ? ତାକୁ ବିଭିନ୍ନ ଲୋକ ଓ ବିଭିନ୍ନ ସ୍ଥାନରୁ ଯେଉଁ ସ୍ନେହ, ଆଦର ମିଳେ ତା ଆଧାରରେ ସିଏ ସମ୍ପର୍କ ସୃଷ୍ଟି କରିଥାଏ । ଯେଉଁଠି କପଟତା, ଘୃଣା, ଅସହିଷ୍ଣୁତା ମିଳେ ସିଏ ସେଠାରୁ ଦୂରେଇବା ପାଇଁ ଚେଷ୍ଟା କରିଥାଏ । ତେବେ ଜାଣିଶୁଣି ଚିହ୍ନା ଲୋକଙ୍କୁ ଅଚିହ୍ନା କରିବା ଏବଂ ଅଚିହ୍ନା ଲୋକଙ୍କୁ ଚିହ୍ନା କରିବା ମଣିଷର ସହଜାତ ପ୍ରବୃତ୍ତି ବୋଲି ମନେ ହୁଏ ଆଉ ଯେଉଁମାନେ ଏହାର ଉର୍ଦ୍ଧ୍ୱକୁ ଯାଇଥାଆନ୍ତି ସେମାନଙ୍କୁ ଆମେ ମହାମାନବ ବୋଲି କରିଥାଆନ୍ତି । ସେମାନଙ୍କ ଆଗରେ କେହି ଚିହ୍ନା ନୁହଁନ୍ତି କିମ୍ବା ଅଚିହ୍ନା ମଧ୍ୟ ନୁହଁନ୍ତି । ସେମାନଙ୍କ ମତରେ ଯଦି ଆମେ ସମସ୍ତେ ଏକ ଈଶ୍ୱରଙ୍କ ସନ୍ତାନ ତାହେଲେ କିଏ କାହାର ଅଚିହ୍ନା । କେବଳ ଚିହ୍ନିବ ଜାତି, ଧର୍ମ, ବର୍ଣ୍ଣ, ଭାଷା ସବୁ ସେଠାରେ ଗୌଣ ଯାହା ସାଧାରଣ ଲୋକ ବୁଝିବା ଏକ କଷ୍ଟକର ବ୍ୟାପାର । ଚିହ୍ନିବା କଥା ଏତେ ସହଜ ଏବଂ ସରଳ ନୁହେଁ । ଓଡ଼ିଆରେ କଥା ଅଛି "ଗୁଣ ଚିହ୍ନେ ଗୁଣିଆ ସୁନା ଚିହ୍ନେ ବଣିଆ"। ଅର୍ଥାତ୍ ଚିହ୍ନିବା ପାଇଁ ମଣିଷ ଭିତରେ ମାନସିକ ଶକ୍ତି ଥିବା ଆବଶ୍ୟକ । ଯେମିତି ସାଧାରଣ ମଣିଷମାନଙ୍କ ପାଇଁ ପଥର ଓ ହୀରା ମଧ୍ୟରେ କିଛି ଫରକ ନଥାଏ ଜହୁରୀ ଜଣକ ସେଗୁଡିକୁ ପୃଥକ କରିଦିଏ ସେହି ନ୍ୟାୟରେ ସାଧାରଣ ମଣିଷ ଓ ମହାମାନବ ମଧ୍ୟରେ ଫରକ । ମାଙ୍କଡ଼ଟିଏ ଫଳମୂଳ ଯେତିକି ଖାଏ ତା ଠାରୁ ଅଧିକ ନଷ୍ଟ କରିଦିଏ । କିନ୍ତୁ ମଣିଷ ସେସବୁକୁ ଚିହ୍ନି ତା'ର ସଦ୍‌ବ୍ୟବହାର କରିଥାଏ । ମାଙ୍କଡ କ'ଣ ଶାଳଗ୍ରାମର ଅର୍ଥ ଓ ମର୍ଯ୍ୟାଦା ବୁଝେ ବରଂ ଫିଙ୍ଗାଫୋପଡା କରିଥାଏ । ତା'ର ଏହି କାର୍ଯ୍ୟକୁ ଯଦି କେହି ସାଧୁ ସନ୍ଥ ଦେଖନ୍ତି ତାହେଲେ ତା'ର ଆଦର ଅଭ୍ୟର୍ଥନା କରି ପୂଜାର୍ଚ୍ଚନା କରିବାର ବ୍ୟବସ୍ଥା କରି ଥାଆନ୍ତି । ଚିହ୍ନାକୁ ଅଚିହ୍ନା କରିବା ଏବଂ ଅଚିହ୍ନାକୁ ଚିହ୍ନା କରିବା ଯଦି ସ୍ୱାର୍ଥ ସର୍ବସ୍ୱ ହୁଏ ତାହା ବ୍ୟକ୍ତିର ବ୍ୟକ୍ତିତ୍ୱକୁ କ୍ଷୁର୍ଣ୍ଣ କରିଥାଏ କିନ୍ତୁ ଏହା ଯଦି ନିଜକୁ ପରିବେଶ ଓ ପରିସ୍ଥିତି ସହିତ ଖାପ ଖୁଆଇ ଚଳାଇବା ପାଇଁ ହୋଇଥାଏ ତେବେ ଏହା ନିତାନ୍ତ ଭାବେ ଜରୁରୀ । ଚିହ୍ନା, ଅଚିହ୍ନା ବ୍ୟବହାର ମଧ୍ୟରୁ ହିଁ ମଣିଷ, ଅମଣିଷ ଏବଂ ମହାମାନବ ଏମାନଙ୍କର ସଂଜ୍ଞା ଭିନ୍ନ ଭିନ୍ନ ଭାବରେ ନିରୁପିତ ହୋଇଥାଏ । କିଏ କେଉଁ ପଥର ପଥିକ ତାହା କେବଳ ତାକୁ ଜଣା ଥାଇପାରେ କିନ୍ତୁ ନିଜର ଆଚାର ବ୍ୟବହାର ରୁ ବ୍ୟକ୍ତିତ୍ୱକୁ ବୁଝିବା ଅନ୍ୟମାନଙ୍କ ପାଇଁ କଷ୍ଟକର ହୋଇ ନଥାଏ । ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ ମଣିଷ ଭିତରେ ଥିବା ଜୀବନୀ ଶକ୍ତିକୁ ଚିହ୍ନିବା ଦରକାର । ଲୌକିକ ଭାବେ ଦେଖୁଥିବା ଲୋକମାନଙ୍କ ମଧ୍ୟରେ ଅନେକ ଚରିତ୍ର ଛୁପି ରହିଥାଏ ଯାହାକୁ ଜାଣିବା ଏବଂ ଜାଣି ସାରି ବୁଝିବା କଷ୍ଟକର ହୋଇଥାଏ ।ଏହା ଦ୍ୱାରା ଯଦି କାହାର କୌଣସି ପ୍ରକାର ସମ୍ମାନ, ସମୟ, ସମ୍ପର୍କ, ବୃହତ ସ୍ୱାର୍ଥ ହାନୀ ନହୁଏ ତାହେଲେ ଚିହ୍ନାକୁ ଅଚିହ୍ନା ଭାବେ ବ୍ୟବହାର କରିବାରେ ଅସୁବିଧା କେଉଁଠି ! କିନ୍ତୁ କାହାକୁ ହେୟ ମନେକରି ଚିହ୍ନାକୁ ଅଚିହ୍ନା କରିବା ଗର୍ହିତ ।

ତଳଗୋପବିନ୍ଧା, ଅର୍ଣ୍ଣପାଳ, ଭଦ୍ରକ
ମୋ:୯୭୭୮୭୬୪୩୯୪

ସଂପାଦକଙ୍କୁ ପତ୍ର

ଆଇନକୁ ହାତକୁ ନେବା ଅନୁଚିତ

ମହାଶୟ,

ବର୍ତ୍ତମାନ ଦେଖାଯାଉଛି ଯେ ଯେକୌଣସି ଘଟଣା ଘଟିଲେ କେତେକ ସ୍ଥାନରେ ଜନସାଧାରଣ ଆଇନକୁ ହାତକୁ ନେଉଛନ୍ତି। ନିଜେ ଏ କ୍ଷେତ୍ରରେ ସକ୍ରିୟ ହୋଇଯାଉଛନ୍ତି । କେତେକ କ୍ଷେତ୍ରରେ ପୋଲିସ୍ ନିକଟରେ କଥା ପହଞ୍ଚିଲା ବେଳକୁ ଘଟଣା ଗୁରୁତର ହୋଇଯାଉଛି । ଓଡିଶାର ବିଭିନ୍ନ ଗ୍ରାମାଚଂଳ ତଥା ସହରାଚଂଚରେ ଚୋର ସନ୍ଦେହ, ପିଲାଚୋର ଗୁଜବ, ଡାହାଣୀ ସନ୍ଦେହ କିମ୍ବା ଗୋରୁ ଚୋରା ଚାଲାଣ ଭଳି ବିଭିନ୍ନ ଅଭିଯୋଗକୁ କେନ୍ଦ୍ର କରି ଉତ୍ୟକ୍ତ ସଂଘବଦ୍ଧ ଜନତା କଙ୍ଗାରୁ କୋର୍ଟ ବସାଇ ତତ୍କାଳ ନ୍ୟାୟ ପ୍ରଦାନ କରିବା ଆଳରେ ନୃଶଂସ କାଣ୍ଡ ଭିଆଉଛନ୍ତି। ଏହି ପବୃତି ବୃଦ୍ଧି ପାଇବାର ମୂଳ କାରଣ ହେଉଛି ଜନସାଧାରଣଙ୍କ ମଧ୍ୟରେ ପ୍ରଚଳିତ ନ୍ୟାୟିକ ବ୍ୟବସ୍ଥା ପ୍ରତି ବିଶ୍ୱାସର ଅଭାବ ଏବଂ ଦୀର୍ଘମିଆଦି କାରଣ ଅନେକ ସମୟରେ ଲୋକେ ଭାବନ୍ତି ଯେ ଅପରାଧୀ ପୋଲିସ ହାତରେ ଧରାପଡିଲେ ମଧ୍ୟ ଆଇନର ଗଳାବାଟ ଦେଇ ସହଜରେ ଖଲାସ ହୋଇଯିବେ କିମ୍ବା ବର୍ଷ ବର୍ଷ ଧରି ମାମଲା ଚାଲିବା ଯୋଗୁଁ ପ୍ରକୃତ ଦଣ୍ଡ ମିଳିବାରେ ବିଳମ୍ବ ହେବ। ଏହି ମାନସିକତା ଲୋକଙ୍କୁ ନିଜେ ନ୍ୟାୟାଦାତା ସାଜିବା ପାଇଁ ପ୍ରୋତ୍ସାହିତ କରୁଛି, ଯାହା ଏକ ଗଣତାନ୍ତ୍ରୀକ ରାଷ୍ଟ୍ରରେ ସମ୍ପୂର୍ଣ୍ଣ ଅଗ୍ରହଣୀୟ। ସାମାଜିକ ଗଣମାଧ୍ୟମ ଯେପରିକି ହ୍ୱାଟ୍ସଆପ୍, ଫେସବୁକ୍ ଏବଂ ୟୁଟ୍ୟୁବର ଅପବ୍ୟବହାର କରି ଏହି ନିଆଁରେ ଘିଅ ଢାଳିବା ଭଳି କାମ କରୁଛି, ଯେଉଁଠାରେ କୌଣସି ସତ୍ୟାସତ୍ୟ ନଥାଇ କେବଳ ଗୁଜବ ଓ ମିଥ୍ୟା ଭିଡିଓ ଭାଇରାଲ୍ କରି ଲୋକଙ୍କ ମଧ୍ୟରେ ଭୟ ଓ ଆକ୍ରୋଶର ବାତାବରଣ ସୃଷ୍ଟି କରାଯାଉଛି। ଗ୍ରାମୀଣ ଓଡିଶାରେ ଆଜି ବି ଅଶିକ୍ଷା, ଅନ୍ଧବିଶ୍ୱାସ ଏବଂ ସଚେତନତାର ଘୋର ଅଭାବ ରହିଛି, ଯାହାଫଳରେ ଗୁଣିଆ ସନ୍ଦେହ ବା ଡାହାଣୀ ଆଖ୍ୟା ଦେଇ ଜଣେ ମହିଳା କିମ୍ବା ବୃଦ୍ଧଙ୍କୁ ନିର୍ମମ ଭାବେ ଆକ୍ରମଣ କରାଯାଉଛି ଏବଂ ଏଥିରେ ସମ୍ପୃକ୍ତ ଭିଡ ନିଜକୁ ଅପରାଧୀ ନୁହେଁ ବରଂ ସମାଜର ମଙ୍ଗଳକାରୀ ବୋଲି ଭାବିଥାଏ। ଭିଡର ମନସ୍ତତ୍ତ୍ୱ ବର ମବ୍ ସାଇକୋଲୋଜି ଏପରି ଏକ ଜଟିଳ ପ୍ରକ୍ରିୟା ଯେଉଁଠାରେ ବ୍ୟକ୍ତିଗତ ବିବେକ ଓ ଦାୟିତ୍‌ବୋଧ ସମ୍ପୂର୍ଣ୍ଣ ଭାବେ ଲୋପ ପାଇଯାଏ ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତି ଭାବନ୍ତି ଯେ ସମସ୍ତେ ମିଶି ମାରୁଥିବାରୁ ସେମାନଙ୍କୁ କେହି ଜଣେ ସ୍ୱତନ୍ତ୍ର ଭାବେ ଦାୟୀ କରିପାରିବେ ନାହିଁ କିମ୍ବା ପୋଲିସ ସମଗ୍ର ଗାଁ ଭିଡ ବା ଭିଡ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ। ଆଇନର ଭୟ ନରହିବା ଏବଂ ପୋଲିସର ନିଷ୍କ୍ରିୟତା କିମ୍ବା ଘଟଣାସ୍ଥଳରେ ବିଳମ୍ବରେ ପହଂଚିବା ମଧ୍ୟ ଏହି ଅପରାଧକୁ ବେଗବାନ କରୁଛି, କାରଣ ଯଦି ପୂର୍ବରୁ ଘଟିଥିବା ଗଣପିଟୁଣି ମାମଲାରେ ଅପରାଧୀମାନଙ୍କୁ ଦ୍ରୁତ ଗତିରେ ଓ କଠୋରତମ ଦଣ୍ଡ ମିଳିଥାନ୍ତା, ତେବେ ଅନ୍ୟମାନେ ଆଇନକୁ ହାତକୁ ନେବା ପାଇଁ ହଜର ଥର ଭାବିଥାନ୍ତା। ଓଡିଶାର ପ୍ରଶାସନିକ ଏବଂ ପୋଲିସ ବ୍ୟବସ୍ଥାକୁ ଏଭଳି ସମ୍ବେଦନଶୀଳ ମାମଲାରେ ଅତି ସକ୍ରିୟ ହେବାକୁ ପଡ଼ିବ ଏଂବଂ ପ୍ରତ୍ୟେକ ଥାନା ଅଂଚଳରେ ଗୁଜବ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ।

ପୁଷ୍ପଲତା ରାଉତ, ରାଉରକେଲା

ମହାନଦୀରୁ ପାନୀୟଜଳ ଉତ୍ତୋଳନରେ ସମସ୍ୟା: ବନ୍ୟା ଯୋଗୁଁ ଇନ୍‌ଟେକ୍

ଖଣ୍ଡପଡ଼ା-ନୟାଗଡ଼ ରାସ୍ତାରେ ୫୦% ପାଣି ଚୋରି

ନୟାଗଡ଼: ନୟାଗଡ଼ ଦେଇ ମହାନଦୀ ବହି ଯାଇଥିଲେ ମଧ୍ୟ ଜିଲ୍ଲାରେ ପାନୀୟ ଜଳ ସମସ୍ୟା ଦୂର ହେଉନି। ଖରାଦିନରେ ନଦୀରେ ପାଣି କମ୍ ରହିବା ଯୋଗୁଁ ପର୍ଯ୍ୟାପ୍ତ ପରିମାଣରେ ପାଣି ଉତ୍ତୋଳନ ସମ୍ଭବ ହୁଏ ନାହିଁ। ବର୍ତ୍ତମାନ ନଦୀରେ ବନ୍ୟା ପାଣି ଯୋଗୁଁ ଆବର୍ଜନା ଭାସି ଆସି ଇନ୍‌ଟେକ୍ ୱେଲ୍ ଜାମ୍ ହେଉଛି। ଫଳରେ ପାଣି ଉତ୍ତୋଳନ କରିବାରେ ସମସ୍ୟା ସୃଷ୍ଟି ହେଉଛି। ମାତ୍ର ଜନସ୍ୱାସ୍ଥ୍ୟ ବିଭାଗ ପ୍ରବଳ କସରତ କରି ଯେତିକି ପାଣି ଉତ୍ତୋଳନ କରି ନୟାଗଡ଼କୁ ପଠାଉଛି, ସେଥିରୁ ରାସ୍ତାରେ ୫୦% ପାଣି ଚୋରି ହୋଇଯାଉଛି। ଏ ଦିଗରେ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାରମ୍ବାର ଚିଠି ଲେଖାଯାଉଥିଲେ ମଧ୍ୟ କିଛି ଫଳ ମିଳୁନି। ଯାହା ଏବେ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି।

କଣ୍ଟିଲୋ ବାଣପୁର ନିକଟରେ ମହାନଦୀରୁ ପାଣି ସଂଗ୍ରହ କରାଯାଇ ନୟାଗଡ଼ ଓ ଖଣ୍ଡପଡ଼ାକୁ ଯୋଗାଇ ଦିଆଯାଏ। ବର୍ତ୍ତମାନ ମହାନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ବିଭାଗ ପକ୍ଷରୁ ପାଣି ଉତ୍ତୋଳନ କରାଯାଉଥିବା ପଂପଗୁଡ଼ିକୁ ସୁରକ୍ଷିତ ଭାବେ ରଖାଯାଇଛି। ମାତ୍ର ଇନ୍‌ଟେକ୍ ୱେଲରେ ଆବର୍ଜନା ଲାଗି ଯାଉଥିବା ଯୋଗୁଁ ପାଣି ଉତ୍ତୋଳନ ସମ୍ଭବ ହେଉ ନାହିଁ। ଏହାକୁ ସଫା କରିବା ମଧ୍ୟ ସହଜ ହେଉନି। ପାଣି ଭିତରେ ବୁଡ଼ି ଇନ୍‌ଟେକ୍ ୱେଲ୍ ପାଖରେ ପହଞ୍ଚିବାକୁ ପଡ଼େ। ମାତ୍ର ଭୟରେ ଏଠାରେ ସଫା କରିବାକୁ କେହି ସହଜରେ ରାଜି ହୁଅନ୍ତି ନାହିଁ। ତଥାପି ବିଭାଗ ପକ୍ଷରୁ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସଫା କରିବା ପାଇଁ ସେଠାକୁ ଯିବାକୁ ରାଜି ହୁଅନ୍ତି। ମାତ୍ର ବନ୍ୟା ସମୟରେ ବାରମ୍ବାର ଏହି ସମସ୍ୟା ଘଟୁଥିବାରୁ ବିଭାଗ ପାଇଁ ଚିନ୍ତା ବଢ଼ି ଯାଇଛି। ନୟାଗଡ଼କୁ ଖଣ୍ଡପଡ଼ାରୁ ପ୍ରତିଦିନ ୫୦ ଲକ୍ଷ ଲିଟର ପାଣି ଯୋଗାଇ ଦିଆଯାଉଛି। ମାତ୍ର ଅଧା ରାସ୍ତାରେ ପ୍ରାୟ ୨୦ରୁ ୨୨ ଲକ୍ଷ ଲିଟର ପାଣି ଚୋରି ହେଉଛି। ବିଶେଷ କରି ଗୋଡ଼ିସାହି, ଲକ୍ଷ୍ମୀପ୍ରସାଦ, ବାଲୁଗାଁ ଓ ବୋଦପଡ଼ା ଭଳି ଗାଁ ଗାଁକୁ ପାଣି ଚୋରି ହେଉଛି। ପାଣି ଯୋଗାଣ ପାଇଁ ବିଛାଯାଇଥିବା ପାଇପ୍‌କୁ କଣା ସଂଯୋଗ ନିଆଯାଇଛି। ଜୟମଙ୍ଗଳ ଛକ ନିକଟରେ ଏହି ପାଣି ଚୋରି ଧରିବା ପରେ ବିଭାଗ ପକ୍ଷରୁ ତୁରନ୍ତ ଗାଁଗୁଡ଼ିକରେ ଏମିତି ନ କରିବା

ପାଇଁ ଏକ ସତର୍କ କରାଯାଇଛି। ମାତ୍ର ଏହାକୁ କେହି ଖାତିର କରି ନାହାନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ନିଖିଳେଶ ତ୍ରିପାଠୀ କୁହନ୍ତି, ବନ୍ୟା ଯୋଗୁଁ ଜାମ୍ ହୋଇଯାଉଥିବା ଇନ୍‌ଟେକ୍ ୱେଲ୍ ସଫା କରିବାକୁ ସମସ୍ୟା ହେଉଛି। ମାତ୍ର ପାଣି ଚୋରି ଅଧିକ ସମସ୍ୟା ଆଣି ଦେଉଛି। ଅଧା ପାଣି ରାସ୍ତାରେ ଚୋରି ହୋଇଗଲେ ସ୍ୱାଭାବିକ ଭାବେ ସହରର ପ୍ରତି ଜାଗାରେ ପାଣି ପହଞ୍ଚି ପାରୁ ନାହିଁ। ଏ ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

ହଳଦୀବାହାଲରେ ଝଡ଼ ପରର ଯନ୍ତ୍ରଣା

ଉଜୁଡ଼ା ଘରକୁ ପଲିଥିନ୍ ଉପହାସ, ୭ ଦିନ ହେଲା ୧୪ ପରିବାରକୁ ଆଶ୍ରୟ ଦେଇଛି ସ୍କୁଲ

ସୁନ୍ଦରଗଡ଼: ଝଡ଼ ଉଜୁଡ଼ା ଘର ପିଣ୍ଡାରେ ମନମାରି ବସିଥିଲେ ପକ୍ଷାଘାତ ପୀଡ଼ିତ ମନବୋଧ ବେହେରା। ଗାଁ ସ୍କୁଲ ଅସ୍ଥାୟୀ ଆଶ୍ରୟସ୍ଥଳରୁ ସେ କିଛି ସମୟ ପାଇଁ ସ୍ତ୍ରୀ ସପ୍ତସିନୀ ସହ ଆସିଥିଲେ ଘରକୁ। ଘର ଆଉ ଘର ହୋଇ ରହିନଥିଲା। ଝଡ଼ ବୁଲଡୋଜର ଭଳି ଟିଣଛପର ଓ ମାଟି କାନ୍ଥକୁ ଧସାଇ ଦେଇଥିଲା। ମନବୋଧ ସେଦିନ କଥା ମନେ ପକାଇ ଥରି ଯାଇଥିଲେ। ସେଦିନ ଥିଲା ଜୁଲାଇ ୨୮ ତାରିଖ ଅପରାହ୍ନ। ସେ ଘରେ ଏକା ଥିଲେ, ବିଲକୁ ଯାଇଥିଲେ ସ୍ତ୍ରୀ। ଏହି ସମୟରେ ହଠାତ୍ କଳାମେଘ ଘୋଟି ଅଜାଡ଼ି ଦେଲା ବର୍ଷା। ଭୟାନକ ରୂପ ଧରି ମାଡ଼ି ଆସିଲା ଘୂର୍ଣ୍ଣିଝଡ଼। ପୂରା ଗାଁକୁ ଦୋହଲାଇଦେଲା। ମାଟିଘର, ଟିଣଛପର କିଛି ରଖିଲା ନାହିଁ। ମନବୋଧଙ୍କ ଘର ବି ଭୁଶୁଡ଼ିଗଲା। ଘରର ଗୋଟିଏ କୋଣରେ ଜାକିଜୁକି ହୋଇ ବସି ଯାଇଥିଲେ ସେ। ଝଡ଼ ଥମିବା ପରେ ବିଲରୁ

ଦୌଡ଼ି ଆସିଥିଲେ ସ୍ତ୍ରୀ। ଘର ଭୁଶୁଡ଼ି ପଡ଼ିଥିବା ଦେଖି ସ୍ୱାମୀ ଆଉ ଜୀବନରେ ନଥିବେ ଭାବି କାନ୍ଦି ପକାଇଥିଲେ। ପରେ ସାହିପଡ଼ିଶା ଲୋକେ ଦୌଡ଼ି ଆସି ମନବୋଧଙ୍କୁ ଉଦ୍ଧାର କରି ସ୍କୁଲକୁ ନେଇଥିଲେ। ପ୍ରଶାସନିକ ଅଧିକାରୀ ଆସିଲେ। ତତ୍କାଳ ସହାୟତା ସ୍ୱରୂପ ପଲିଥିନ୍ ଖଣ୍ଡେ ଦେଇଗଲେ। 'ଘର ତ ଭୁଶୁଡ଼ି ପଡ଼ିଛି, ପଲିଥିନ୍ ନେଇ କେଉଁଠି ଢାଙ୍କିବି' କହୁଥିଲେ ସପ୍ତସିନୀ। 'ଘର ମରାମତି ପାଇଁ ପ୍ରଶାସନ ସରକାରଙ୍କୁ ଚିଠି ଲେଖିଥିବା କହୁଛନ୍ତି, ଏହା ମଧ୍ୟରେ ୭ ଦିନ ବିତିଗଲାଣି। କେବେ ସରକାରଙ୍କ ନିର୍ଦ୍ଦେଶ ଆସିବ, ଘର କେବେ ସଜଡ଼ା ହେବ। ବର୍ଷା ସମୟରେ କେତେଦିନ ସ୍କୁଲରେ ରହିବୁ'। ପଚାରୁଥିଲେ ସେ। ହେମଗିର ବ୍ଲକ୍ ଗୋପାଳପୁର ପଞ୍ଚାୟତ ହଳଦୀବାହାଲ ଗାଁରେ ବର୍ଷା ଓ ଝଡ଼ତୋଫାନ ରଚିଥିବା ବିପର୍ଯ୍ୟୟର ୭ ଦିନ ପରର ଛାତିଥରା ଚିତ୍ର ମଧ୍ୟରୁ ଏହା ଥିଲା ଗୋଟିଏ। ଗାଁର ଜୟନ୍ତୀ ବେହେରା, ବବଲୁ ସା, ଚୂଡ଼ାମଣି ବେହେରା, ଦୁବରାଜ ରଉଡ଼ିଆ, ଯଶୋବନ୍ତ ରଉଡ଼ିଆ, କଲ୍ୟାଣ ରଉଡ଼ିଆ, ଅଭିରାମ ରଉଡ଼ିଆ, ଜନନୀ ନାଗ, ଭଗତରାମ ନାଗ, ରଂଜିତ ସିଂ, ତୁଳାରାମ ସିଂ, ପଦ୍ମା ପୂଜାରୀ, ଉପେନ୍ଦ୍ର ନାଏକଙ୍କ ଘରକୁ ମଧ୍ୟ ଝଡ଼ ଉଜାଡ଼ି ଦେଇଛି। ସେଦିନଠାରୁ ଏସବୁ ପରିବାର ସ୍କୁଲରେ ଆଶ୍ରୟ ନେଇଛନ୍ତି। ଗୋପାଳପୁର ପଞ୍ଚାୟତ ତରଫରୁ ସମସ୍ତଙ୍କୁ ପ୍ରଥମ ଦୁଇ ଦିନ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ତା'ପରଠାରୁ ଶୁଖିଲା ଖାଦ୍ୟ ଦିଆଯାଉଛି। ଅର୍ଥାଭାବରୁ ଘର ସଜାଡ଼ିବାକୁ ଅକ୍ଷମ ଥିବା ପରିବାର ସରକାରୀ ସହାୟତାକୁ ଅନେଇ ବସିଛନ୍ତି। ହେମଗିର ତହସିଲଦାର ସାରିକାରାଣୀ ଧମେଲ କହିଛନ୍ତି, 'ପ୍ରଶାସନ ତରଫରୁ ୧୪ଟି ଧ୍ୱସ୍ତବିଧ୍ୱସ୍ତ ଘର ଓ ୪୧ଟି ଆଂଶିକ କ୍ଷତିଗ୍ରସ୍ତ ଘରର ରିପୋର୍ଟ ସରକାରଙ୍କୁ ଦିଆଯାଇଛି। ସେପଟୁ ନିର୍ଦ୍ଦେଶ ଆସିଲା କ୍ଷଣି ସହାୟତା ଦିଆଯିବ'। ଖଣି ଅଞ୍ଚଳରେ ଥିବା ଏହି ଗାଁକୁ ଡିଏମ୍‌ଏଫ୍, ସିଏସ୍‌ଆର୍ ପାଣ୍ଠିରୁ ତୁରନ୍ତ ସହାୟତା ଯୋଗାଇଦେବାକୁ ଯୁବନେତା ରାଜେନ୍ଦ୍ର ନାଏକ ଦାବି କରିଛନ୍ତି।

କାଳ ସାଜିଛି ବାର୍‌ହା ଉପଦ୍ରବ: ଠପ୍ ହୋଇଗଲାଣି ଚିନାବାଦାମ ଚାଷ, ଅବାଧ ଶିକାର ବି ନିୟନ୍ତ୍ରଣ ବାହାରେ

ଝାରସୁଗୁଡ଼ା: ଗତ କିଛି ବର୍ଷ ହେଲା ସରକାର ଧାନ ଅପେକ୍ଷା ଅନ୍ୟ ଅର୍ଥକାରୀ ଫସଲକୁ ଅଧିକ ପ୍ରୋତ୍ସାହିତ କରି ଆସୁଛନ୍ତି। ପ୍ରାୟ ୬ ଦଶନ୍ଧି ତଳୁ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ଉଣେଇଶଖଣ୍ଡ ମୌଜାର ଅନେକ ଗାଁରେ ଆଖୁ ଓ ଚିନାବାଦାମ ଚାଷ ବହୁଳ ମାତ୍ରାରେ ହୋଇ ଆସୁଥିଲା। ବରଗଡ଼ ଚିନିକଳ ବନ୍ଦ ହେବାପରେ ଆଖୁଚାଷ ବନ୍ଦ ହୋଇଗଲା। କିନ୍ତୁ, ଚିନାବାଦାମ ଚାଷ ଜାରି ରହିଥିଲା। ହେଲେ ଗତ କିଛିବର୍ଷ ମଧ୍ୟରେ ବାର୍‌ହା ଉପଦ୍ରବ ପାଇଁ ଚିନାବାଦାମ ଚାଷ ବି ବନ୍ଦ ହେବାକୁ ବସିଲାଣି। ଦିନେ ୫ଟି ପଞ୍ଚାୟତର ପ୍ରାୟ ଅଢ଼େଇ ହଜାର ହେକ୍ଟର ଜମିରେ ହେଉଥିବା ଚିନାବାଦାମ ଚାଷ ଏବେ ୫୦ ଏକର ତଳକୁ ଖସି ଆସିଲାଣି। ସେପଟେ, ଅବାଧ ବାରହା ଶିକାର ବି ଜାରି ରହିଥିଲେ ହେଁ ବନବିଭାଗ ନିରବଦ୍ରଷ୍ଟା ସାଜିଛି। ବିଶେଷ କରି ଛତିଶଗଡର ଏନ୍‌ଟିପିସି ତାପଜ ପ୍ରକଳ୍ପ ପାଇଁ ନିର୍ମିତ ରେଳଲାଇନ୍ ଯୋଗୁଁ ବନ୍ୟପ୍ରାଣୀ କରିଡର୍ ବାଧାପ୍ରାପ୍ତ ହେବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି।

ହୀରାକୁଦ ବନ୍ଧ ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି ଲଖନପୁର ବ୍ଲକ ଅଞ୍ଚଳ। ଏହି ଅଞ୍ଚଳର ଲୋକେ ବିଭିନ୍ନ ଢିପ ତଥା ପରିତ୍ୟକ୍ତ ଗୁଡ଼ା ଜମିରେ ଚିନାବାଦାମ ଚାଷ କରି ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ଆକଳନ ଅନୁଯାୟୀ, ଏହି ବ୍ଲକ୍‌ର ଅମାପାଲି, ପିଥିଣ୍ଡା, ଗୁଡ଼ମ, ଧୁଲୁଣ୍ଡା, ଚାରପାଲି, ନୂଆଡିହି, ଚାଣ୍ଡିପାଲି, ସରେଇପାଲି, କଣ୍ଡେଇକେଲା, ସେମିଲିଆ, ସୁଖାସୋଢ଼ା, ମୁହୁଦି, ଲୁହାବଗା ଆଦି ଗାଁରେ ପ୍ରାୟ ଅଢ଼େଇ ହଜାର ହେକ୍ଟର ଜମିରେ ଚିନାବାଦାମ ଚାଷ ହେଉଥିଲା। ସେମାନେ ଧାନ ଯେତିକି କରୁଥିଲେ, ତା' ଠାରୁ ଅଧିକ ଜମିରେ ଚିନାବାଦାମ ଚାଷ କରୁଥିଲେ। ଆଉ ସରକାରଙ୍କ ପକ୍ଷରୁ ଏଥିପାଇଁ କାଣିଚାଏ ବି ପ୍ରୋତ୍ସାହନ ନଥିଲା କି ବଜାର ବ୍ୟବସ୍ଥା ବି ନଥିଲା। ତଥାପି ପଡ଼ୋଶୀ ଛତିଶଗଡ଼ର ବିଭିନ୍ନ ତେଲମିଲ୍ ମାଲିକମାନେ ଆସି ଚାଷୀଙ୍କଠାରୁ ଚିନାବାଦାମ ସଂଗ୍ରହ କରି ନେଉଥିଲେ। ସେହିପରି ଖାଇବା ତେଲ ପାଇଁ ନିଜର ଉତ୍ପାଦିତ ଚିନାବାଦାମ ବ୍ୟବହାର କରୁଥିଲେ। ମୋଟ ଉପରେ ଏହି ଅଞ୍ଚଳର କୃଷି ଅର୍ଥନୀତିକୁ ଚିନାବାଦାମ ଅନେକ ମାତ୍ରାରେ ନିୟନ୍ତ୍ରଣ କରୁଥିଲା।

ହେଲେ ଗତ ପ୍ରାୟ ୧୦ ବର୍ଷ ହେବ ଏହି ଅଞ୍ଚଳରେ ବାର୍‌ହା ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ନଦୀ ଆରପଟ ବାରପାହାଡ଼ ତଥା ଡେବ୍ରିଗଡ଼ ଅଞ୍ଚଳରୁ ଏହି ବାର୍‌ହା ପଲ ଚାଲି ଆସୁଥିବା ବେଳେ ଏନ୍‌ଟିପିସିର କୋଇଲା

ପରିବହନ ପାଇଁ ଉଦ୍ଦିଷ୍ଟ ରେଳଲାଇନ୍ ପାଇଁ ଏମାନଙ୍କ କରିଡର ବାଧାପ୍ରାପ୍ତ ହୋଇଛି। ଯାହାଦ୍ୱାରା ବାର୍‌ହା ପଲ ଏହି ଅଞ୍ଚଳରେ ହିଁ ଅଧିକ ମାତ୍ରାରେ ଉପଦ୍ରବ କରୁଛନ୍ତି। ବିଶେଷ କରି ଚିନାବାଦାମ ଚାଷକୁ ବାର୍‌ହା ଅଧିକ ଟାର୍ଗେଟ୍ କରିଥାନ୍ତି। ଚିନାବାଦାମ ଗଛର ମୂଳରେ ଥିବା ପୋକ ଏମାନଙ୍କ ପସନ୍ଦର ଆହାର। ତେଣୁ, ବାର୍‌ହା ପଲ ରାତିରେ ବହୁ ସଂଖ୍ୟାରେ ଆସି ସମସ୍ତ ଗଛକୁ ଉପାଡ଼ି ମାଟି ଖୋଳି ଦେଇଥାନ୍ତି। ଏବେ ଏହି ଚାଷ କେବଳ ହାତଗଣତି ଚାଷୀଙ୍କ ମଧ୍ୟରେ ସୀମିତ ରହିଛି। ଚିନାବାଦାମ ଚାଷ ହେଉଥିବା ଢିପ ଜମିରେ ବି ବର୍ତ୍ତମାନ ଧାନ ଚାଷ ହେଉଥିବା ଦେଖିବାକୁ ମିଳୁଛି। ବରାହ ପଲ ପାଇଁ ଅନ୍ୟ ସବୁ ଚାଷ ବି ଗୁରୁତର ପ୍ରଭାବିତ ହେଉଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ବନ ବିଭାଗ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

ସହରରେ ମାଳ ମାଳ ବେଆଇନ ବିଲ୍‌ଡିଂ !

ଉଚ୍ଛେଦରେ ପାତରଅନ୍ତର

ରାଉରକେଲା: ସହରରେ ବାସଗୃହ ଓ ଅନ୍ୟାନ୍ୟ ବ୍ୟବସାୟିକ ବିଲ୍‌ଡିଂ ନିର୍ମାଣ ପାଇଁ ରାଉରକେଲା ମହାନଗର ନିଗମ (ଆରଏମ୍‌ସି)ର ଅନୁମତି ନିତାନ୍ତ ଆବଶ୍ୟକ। ଆରମ୍‌ସି ଅନୁମତିପ୍ରାପ୍ତ ପ୍ଲାନ୍ ହିସାବରେ ହିଁ ବିଲ୍‌ଡିଂ ନିର୍ମାଣ ହେବ। ତେବେ, ବର୍ତମାନ ଏହି ନିୟମର ଖୋଲା ଉଲ୍ଲଂଘନ ଦେଖିବାକୁ ମିଳୁଛି। ଲୋକେ ମୂଳ ପ୍ଲାନ୍‌କୁ ପରିବର୍ତନକରି ନିଜସ୍ୱ ଢାଂଚାରେ ବିଲ୍‌ଡିଂ ନିର୍ମାଣ କରୁଛନ୍ତି। ବିଡ଼ମ୍ବନା, ସବୁ ଜାଣି ଆରମ୍‌ସି କର୍ତୃପକ୍ଷ ଚୁପ୍ ବସିଛନ୍ତି। ଫଳରେ କର୍ତୃପକ୍ଷଙ୍କ କାର୍ଯ୍ୟକଳାପ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ଅବଶ୍ୟ, ନଭେମ୍ବର/ଡିସେମ୍ବର ମାସରେ ହାତଗଣତି ୩/୪ଟି ଅବୈଧ ନିର୍ମାଣାଧୀନ ବିଲ୍‌ଡିଂକୁ କାର୍ଯ୍ୟବନ୍ଦ ନୋଟିସ ଦିଆଯାଇଥିଲା। ତେବେ ଛେଣ୍ଡ଼ଠାରୁ ଆରମ୍ଭକରି ବାସନ୍ତୀକଲୋନି, ପାନପୋଷ, କଳିଙ୍ଗବିହାର ଆଦି ଅଂଚଳରେ ଥିବା ବିଲ୍‌ଡିଂ ଉପରେ ବିଭାଗର ଦୃଷ୍ଟି ପଡୁନି। ଏମିତିକି ମୁଖ୍ୟ ମାର୍ଗରେ ଚାଲିଥିବା ବେଆଇନ ନିର୍ମାଣ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉନି। ପାନପୋଷ ରୋଡ୍‌ରେ ଏଭଳି ଏକ ବିଲ୍‌ଡିଂ ନିର୍ମାଣ ହୋଇଛି। ପାନପୋଷ ରୋଡ୍‌ରେ ଥିବା ପ୍ଲଟ୍ ନଂ-୧୮୩/୩୧୧, ଖାତା ନଂ-୪ରେ ବିଲ୍‌ଡିଂ ନିର୍ମାଣ ଚାଲୁଥିବାରୁ ଆରଏମ୍‌ସି ପକ୍ଷରୁ କାରଣଦର୍ଶାଅ ନୋଟିସ୍ (ତାରିଖ: ୨୫/୧୦/୨୦୨୪, ଚିଠି ନଂ-୧୩୧୪୧) ଦିଆଯାଇଥିଲା। ଏହାପରେ କାର୍ଯ୍ୟ ବନ୍ଦ କରିବାକୁ ନୋଟିସ୍ (ଚିଠି ନଂ-୧୩୧୪୨) ଦେଇଥିଲେ। ଉକ୍ତ ବିଲ୍ଡିଂ ନିର୍ମାଣବେଳେ କୌଣସି ନିୟମ

ପାଳନ କରାଯାଇନଥିଲା। ବିନା ଅନୁମତିରେ ତଥା ବିନା ପ୍ଲାନ୍ ଅନୁମୋଦନରେ ନିର୍ମାଣକାର୍ଯ୍ୟ ଚାଲୁଥିବା ଦର୍ଶାଇ ଆରମ୍‌ସି ନୋଟିସ୍ ଜାରି କରିଥିଲା। ସମ୍ଭବତଃ ପରବର୍ତୀ ସମୟରେ କୌଣସି ଭିତିରିଆ ସନ୍ଧି ଯୋଗୁ ନିର୍ମାଣକାର୍ଯ୍ୟ ପୁନର୍ବାର ବେଗ ଧରିଥିଲା। ବର୍ତମାନ ଏହି ବିଲ୍‌ଡିଂ ପୂର୍ଣ୍ଣ କାର୍ଯ୍ୟକ୍ଷମ। ଏଠାରେ ପ୍ରଶ୍ନ ଉଠେ, ଅନୁମତି ମିଳିନଥିବା ବିଲ୍‌ଡିଂକୁ ପରବର୍ତୀ ସମୟରେ ଅନୁମତି ଦିଆଗଲା କେମିତି ବିଲ୍‌ଡିଂ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପରିବର୍ତେ ସଂପୂର୍ଣ୍ଣ ବେଆଇନଭାବେ ଅନୁମତି ପ୍ରଦାନ କରାଯିବା ପଛର କାରଣ କ'ଣ ? ଉଲ୍ଲେଖଯୋଗ୍ୟ, ଗତ ଡିସେମ୍ବର ୧୪ ତାରିଖରେ ଛେଣ୍ଡ୍ ଏକ୍ସିସ୍ ବ୍ୟାଙ୍କ୍ ପାଖ, ଜନତା ନିବାସ ଓ ମଧୁସୂଦନ ମାର୍ଗରେ ଚାଲିଥିବା ବେଆଇନ ନିର୍ମାଣକୁ ଆରଏମ୍‌ସି ପକ୍ଷରୁ ବନ୍ଦ କରିଦିଆଯାଇଥିଲା। ଗତ ନଭେମ୍ବର ୮ ତାରିଖରେ ପାନପୋଷ କାଳୀ ମନ୍ଦିର ନିକଟରେ ବେଆଇନଭାବେ ନିର୍ମାଣାଧୀନ ଏକ ବିଲ୍‌ଡିଂରେ ନୋଟିସ ଲଗାଯାଇଥିଲା। ସମ୍ପୃକ୍ତ ବିଲ୍‌ଡିଂର ମାଲିକ ଆରଏମ୍‌ସି ପକ୍ଷରୁ ଦିଆଯାଇଥିବା ମୂଳ ପ୍ଲାନ୍‌କୁ ପରିବର୍ତନକରି ନିଜସ୍ୱ ଢାଂଚାରେ ବିଲ୍‌ଡିଂ ନିର୍ମାଣ କରୁଥିଲେ। ବାସ୍ତବରେ ନୋଟିସ୍ ଦେଇ କର୍ତୃପକ୍ଷ ଚୁପ୍ ବସିଛନ୍ତି। ଯେଉଁସବୁ ବିଲ୍ଡିଂକୁ ବେଆଇନ ଅଭିହିତ କରି କାର୍ଯ୍ୟବନ୍ଦ କରାଯାଇଥିଲା, ସେସବୁରେ ପୁନର୍ବାର ନିର୍ମାଣ ହେଉଥିବା ଦେଖିବାକୁ ମିଳୁଛି। ଏହାପଛରେ ଅସଲ ଉଦ୍ଦେଶ୍ୟ ନେଇ ଭିନ୍ନ ଭିନ୍ନ ମତ ପାଉଛି। ଏନେଇ ଆରଏମ୍‌ସି କମିସନର ଆଶୁତୋଷ କୁଲକର୍ଣ୍ଣିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ପାହାଡ଼ ଉପରେ ରାସ୍ତା ନଥିବା ୨୦ ଗାଁ

ପିଡିଏସ୍ ଭତ୍ତା ପାଇଁ ପଞ୍ଚାୟତକୁ ଗଲେ ୩ ଦିନ, ବ୍ଲକ୍‌କୁ ୫ ଦିନ

ମାଲକାନଗିରି: ମାଲକାନଗିରି ମାଓମୁକ୍ତ ହେଲା। ଏବେ ବିକାଶକୁ ଫୋକସ୍ କରିଛନ୍ତି ସରକାର। କିନ୍ତୁ ବିକାଶର ଚକ ପାହାଡ଼ ଚଢ଼ିପାରୁନି। ଦୁର୍ଗମ ପାହାଡ଼ ଉପରେ ବସବାସ କରୁଥିବା ୨୦ଟି ଗାଁର ଜନଜାତି ଦୁର୍ବିସହ ଜୀବନ ବିତାଉଛନ୍ତି। ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଭଳି ମୌଳିକ ସୁବିଧା ଏଠାରେ ପହଞ୍ଚିନି। କୋରୁକୋଣ୍ଡା ବ୍ଲକ୍‌ର ନାକାମାମୁଡ଼ି ପଞ୍ଚାୟତ ଏକଦା ମାଓପ୍ରବଣ ଥିଲା। ବ୍ଲକ୍ ସଦର ମହକୁମାରୁ ୫୦ କିମି ଦୂରରେ ଥିବା ଏହି ପଞ୍ଚାୟତ ଅଧୀନରେ ରହିଛି ୫୨ଟି ଗ୍ରାମ। ସେଥିମଧ୍ୟରୁ ପାହାଡ଼ ଉପରେ ଥିବା ୨୦ ଗାଁର ଜନସଂଖ୍ୟା ୨ ହଜାରରୁ ଊର୍ଦ୍ଧ୍ୱ। ଏ ସବୁ ଗାଁରେ ଆଦିମ ଜନଜାତି ଡିଡାୟୀ ଏବଂ କିଛି ଗାଁରେ କନ୍ଧ ସଂପ୍ରଦାୟର ଲୋକ ବସବାସ କରନ୍ତି। ଆଜି ବି ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଏବଂ ପଞ୍ଚାୟତ ସଦର ମହକୁମାକୁ ରାସ୍ତା ନିର୍ମାଣ ହୋଇପାରିନି। ମନରେଗାରେ କିଛି ଗାଁକୁ ଘାଟ୍ କଟିଂ କରି ଯାତାୟାତ ବ୍ୟବସ୍ଥା ହୋଇଛି। ବର୍ଷା ହେ ?ଲେ କାଦୁଅ ଖସଡ଼ାରେ ଏ ରାସ୍ତା ବ୍ୟବହାର ମୁସ୍କିଲ୍ ହୋଇପଡୁଛି। ବିଶେଷ କରି ନାରଙ୍ଗିଝୋଲା, ଜିସିଂବେଡା, ବାଟାଗୁଡା, ବଡଆଖିଆଗୁଡା, ଗଂଗାପଡା, ସୁତିପଡା, ଟିକରପଡ଼ା ଗ୍ରାମବାସୀ ପକ୍କା ରାସ୍ତା ଦେଖିନାହାନ୍ତି। ରାସ୍ତା ନଥିବାରୁ ରୋଗୀ ଓ ଗର୍ଭବତୀଙ୍କୁ ଭାରରେ ବୋହି ପାହାଡ଼ ତଳେ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଆଣିବାକୁ ପଡୁଛି।



ସବୁଠାରୁ ବଡ଼ ସମସ୍ୟା ଭୋଗୁଛନ୍ତି ଅଙ୍ଗୁରବେଡ଼ା ଗ୍ରାମର ଲୋକ। ଗ୍ରାମଟି ପଞ୍ଚାୟତ ସଦର ମହକୁମାରୁ ୬୦ କିମି ଦୂରରେ। ଲୋକେ ପିଡିଏସ୍ ଚାଉଳ ଓ ଭତ୍ତା ପାଇଁ ପଞ୍ଚାୟତରେ ପହଞ୍ଚିବାକୁ ୩ ଦିନ ଓ ବ୍ଲକକୁ ଯିବା ପାଇଁ ୫ ଦିନ ସମୟ ଲାଗୁଛି। ୨୫ ବର୍ଷ ଧରି ଲୋକେ ନାକାମାମୁଡ଼ିକୁ ଦୁଇଟି ପଞ୍ଚାୟତରେ ବିଭକ୍ତ କରିବାକୁ ଦାବି କରି ଆସୁଛନ୍ତି। ଯାହାକୁ ସରକାର ଗୁରୁତ୍ୱର ସହ ନେଉନଥିବା ଅଭିଯୋଗ ହୋଇଛି। ମୁଦୁଲିଗୁଡ଼ାକୁ ଆଉ ଏକ ପଞ୍ଚାୟତ କଲେ ଲୋକେ ସମସ୍ତ ସୁବିଧା ପାଇପାରନ୍ତେ ବୋଲି କହିଛନ୍ତି। ଏ ସଂପର୍କରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦାଶରଥି ସରାବୁଙ୍କୁ ପଚାରିବାରୁ ପଞ୍ଚାୟତର ସମସ୍ୟା ସଂପର୍କରେ ପ୍ରଶାସନ ଅବଗତ ଅଛି। ତୁରନ୍ତ ସେତୁ କିମ୍ବା ଭିବି ଜି ରାମଜି ଯୋଜନାରେ ରାସ୍ତା ନଥିବା ଗାଁକୁ ରାସ୍ତା ନିର୍ମାଣ କରାଯିବ ବୋଲି କହିଛନ୍ତି।

ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ସମୀକ୍ଷା ବୈଠକ

ନୂଆପଡ଼ା : ନୂଆପଡା ଜିଲ୍ଲା ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ବୈଠକ ଆରମ୍ଭରେ ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା ରଶ୍ମିରଞ୍ଜନ ପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ବିଭାଗୀୟ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସହକାରୀ ନିର୍ଦ୍ଦେଶକ ମୃତିକା ସଂରକ୍ଷଣ ଅଧିକାରୀ ସ୍ୱୟଂପ୍ରଭା ସିଂହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା ପ୍ରଧାନମନ୍ତ୍ରୀ କୃଷି ସିଂଚାୟୀ ଯୋଜନା, ବୃଷ୍ଟି ପୃଷ୍ଟ ଅଂଚଳ ବିକାଶ ଯୋଜନା, ଜଳଧାରା ଯୋଜନା, ମନରେଗା, କୃଷିବନୀକରଣ ଯୋଜନାରେ ହୋଇଥିବା ୬୩ ହେକ୍ଟର ଚାରା ରୋପଣ ଓ ଅଦ୍ୟାବଧି ସମସ୍ତ ଯୋଜନାର ପ୍ରଗତି ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ଜଳଧାରା ଯୋଜନାରେ ୧୩୦ ଗୋଟି ପୋଖରୀ ଖନନ କାର୍ଯ୍ୟ ମାର୍ଚ୍ଚ ୩୧ ତାରିଖ ମଧରେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ମନରେଗା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପ ମାର୍ଚ୍ଚ ମାସ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ବୃଷ୍ଟି ପୃଷ୍ଟ ଅଂଚଳର ବିକାଶ ଯୋଜନା ରେ ସମସ୍ତ ୩୧୪ ଜଣ ହିତାଧିକାରୀଙ୍କ ସହାୟତା ରାଶିକୁ ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ପାଂଚଟି ବ୍ଲକର ପାଂଚ ଜଣ ସଫଳ ଚାଷୀଙ୍କୁ ସମ୍ମାନୀତ କରାଯାଇଥିବା ବେଳେ ମାର୍ଚ୍ଚ ମାସ ପାଇଁ ବିଭାଗୀୟ କର୍ମଚାରୀ ବିପ୍ଳ ଧରୁଆଙ୍କୁ ଶ୍ରେଷ୍ଠ କ୍ଷେତ୍ର କର୍ମଚାରୀ ଭାବରେ ସମ୍ମାନୀତ କରାଯାଇଥିଲା । ବୈଠକରେ ଦେବବ୍ରତ ବିଶ୍ୱାଳ (ସହକାରୀ ନିର୍ଦ୍ଦେଶକ ମୃତିକା ସଂରକ୍ଷଣ), ଦେ୍ୱପ୍ରିୟ ପାଣିଗ୍ରାହୀ (ସହକାରୀ ମୃତିକା ସଂରକ୍ଷଣ ଅଧିକାରୀ), ଦେବେନ୍ଦ୍ର କୁମାର ନାୟକ (ସହକାରୀ ମୃତିକା ସଂରକ୍ଷଣ ଅଧିକାରୀ) ତଥା ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର

ବୌଦ୍ଧ(ପିପିଏସ୍) : ବୌଦ୍ଧ ଜିଲ୍ଲା ସଦର ମହକୁମାସ୍ଥିତ ସଦଭାବନା ସଭା ଗୃହରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିଭୁତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କୁଲଦୀପ ମୀନା ଯୁଗ୍ମ ଭାବେ ଏହି ଶିବିରରେ ଜନ ସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ସମ୍ପର୍କରେ ଶୁଣାଣି ଓ ସମାଧାନ କରିଥିଲେ । ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ମୋଟ ୮୦ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୭୬ଟି ବ୍ୟକ୍ତିଗତ ଏବଂ ୪ ଟି ସାମୂହିକ ଅଭିଯୋଗ ଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୨୨ଟିର ତୁରନ୍ତ ସମାଧାନ କରାଯାଇଥିଲା । ଏଥିସହ ରେଡ୍‌କ୍ରସ ପାଣ୍ଠିରୁ ୫ ଜଣ ଅସହାୟଙ୍କୁ ୧୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଛି । ଜିଲ୍ଲାରେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଗ୍ରାମ, ସହର, ବସତି ମାନଙ୍କରେ ପାନୀୟ ଜଳ ଯୋଗାଣ, ରାସ୍ତା ମରାମତି ଓ ଜଳବନ୍ଦୀ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସମୟାନୁବର୍ତ୍ତିତା ସହିତ ସମର୍ପିତ ଭାବରେ ଜନସାଧାରଣଙ୍କୁ ସମସ୍ତ ମୌଳିକ ସେବା ଯୋଗାଇ ଦେବା ପାଇଁ ସେ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଆସିଷ୍ଟାଣ୍ଟ କଲେକ୍ଟର ଜ୍ୟୋତିରଞ୍ଜନ ଭୁଏ, ରଶ୍ମିରେଖା ନାୟକ, ଅତିରିକ୍ତ ତହସିଲଦାର ମହମ୍ମଦ ରଜାଏ ରସୁଲ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଓ ବିଭିନ୍ନ ଗଣ ମାଧମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

ପର୍ବତାରୋହୀ ସମ୍ବର୍ଦ୍ଧିତ

ସମ୍ବଲପୁର: ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସମ୍ବଲପୁର ସହରର ୧୩ ବର୍ଷିୟା ନାବାଳିକା ଚର୍ଚ୍ଚିତା ପର୍ବତାରୋହୀ ଶରଣ୍ୟା ଶ୍ରେଷ୍ଠା ପଣ୍ଡାଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍ସାହିତ କରିବା ସହ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି ।

ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ୍‌ର ବୈଠକ

ଜୟପୁର : ସ୍ଥାନୀୟ ଯାଦବ ଭବନ ଠାରେ ଇପିଏଫ୍ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା କମିଟିର ବୈଠକ ସ୍ଥାନୀୟ ଯାଦବ ଭବନ ଠାରେ ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକକୁ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ସମ୍ବୋଧିତ କରି କହିଥିଲେ ଯେ , ଇପିଏଫ୍ ପେନସନର୍ସ ମାନେ ମାସିକ ୯ ହଜାର ଟଙ୍କା ପେନ୍‌ସନ୍ ପାଇବା ପାଇଁ ଯୋଗ୍ୟ କାରଣ ସେମାନେ ପିଏଫ୍ ପାଣ୍ଠିକୁ ଦେୟ ଦେଇଛନ୍ତି । ଏଥିପାଇଁ ବାମପନ୍ଥୀ ସାଂସଦ ମାନେ ପାର୍ଲ୍ୟାମେଂଟରେ ବାରମ୍ବାର ଦାବି କରୁଛନ୍ତି । ଅନ୍ୟ ଦଳର ସାଂସଦ ଏବଂ ଖୋଦ୍ ବିଜେପି ସାଂସଦ ମାନେ ମଧ ଦାବି କରୁଥିବା ସତ୍ତ୍ୱେ କେନ୍ଦ୍ର ର ମୋଦୀ ସରକାର କର୍ଣ୍ଣପାତ କରୁନାହାଁନ୍ତି । ଏଥିପାଇଁ ସଡକରୁ ସଂସଦ ପର୍ଯ୍ୟନ୍ତ ବରାବର ଲଢେଇ ଜାରି ରଖିବାକୁ ହେବ ଏବଂ ଆନ୍ଦୋଳନ କୁ ଜୋର୍ ଦାର୍ କରିବାକୁ ହେବ । ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବା ପାଇଁ ସଂଘ କାର୍ଯ୍ୟକ୍ରମ ଗ୍ରହଣ କରୁଥିବା ବିଷୟ ନଳିନୀକାନ୍ତ ରଥ ପ୍ରକାଶ କରିଛନ୍ତି । ଆଜିର ବୈଠକରେ ସର୍ବଶ୍ରୀ ଜି ପ୍ରସାଦ ରାଓ,ଏ ଏସ୍ ରାଜୁ , ଏନ୍‌ଏସ୍‌ଆର୍ ମୂର୍ତି , ବସନ୍ତ ବେହେରା, ଏସ୍ କେ ପ୍ରଧାନ, ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ ।

ରାଜ୍ୟସ୍ତରୀୟ ଜୁନିଅର କବାଡ଼ି ଚାମ୍ପିଅନ୍‌ସିପ୍ ପାଇଁ ଖେଳାଳୀ ଚୟନ

ବଲାଙ୍ଗିର(ପିପିଏସ୍) : ଚଳିତ ଅଗଷ୍ଟ ୧୩ ରୁ ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଠାରେ ରାଜ୍ୟ ସ୍ତରୀୟ ଜୁନିଅର କବାଡ଼ି (ବାଳକ ଓ ବାଳିକା) ଚାମ୍ପିଆନ୍‌ସିପ୍ ଅନୁଷ୍ଠିତ ହେବ । ସେଥିପାଇଁ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଚଳିତ ତା.୦୬.୦୮.୨୦୨୬ ଦିନ ସକାଳ ୯ଘ. ସମୟରେ କନିଷ୍ଠ ବାଳକ ଓ ବାଳିକା ବର୍ଗମାନଙ୍କର ଖେଳାଳୀ ଚୟନ କରାଯିବ ଓ ପ୍ରଶୀକ୍ଷଣ ଶିବିର ଅନୁଷ୍ଠିତ ହେବ । ସେଥିପାଇଁ ଜିଲ୍ଲାର ଖେଳାଳୀ ମାନେ ନିଜର ଆଧାରକାର୍ଡ଼ ସହ ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍ ଠାରେ ଉପସ୍ଥିତ ରହି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ । ଏହି ବର୍ଗ ପାଇଁ ଖେଳାଳୀମାନଙ୍କର ବୟସ ସୀମା ୨୦ବର୍ଷରୁ କମ୍ ହୋଇଥିବା ଆବଶ୍ୟକ । ପ୍ରକାଶ ଥାଉ କି, ସମ୍ପୃକ୍ତ ଖେଳାଳୀ ତା.୦୨.୧୧.୨୦୦୬ ପରେ ଜନ୍ମ ହୋଇଥିବେ । ଏଥିପାଇଁ ଯୋଗାଯୋଗ କରିବାକୁ କବାଡ଼ି ସଂପାଦକ ବିଭୁତିଭୂଷଣ ପଣ୍ଡା, ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ପ୍ରକାଶ କରାଯାଇଛି ।

ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ବିଭିନ୍ନ ବିଦ୍ୟାଳୟକୁ ଗସ୍ତ

କନ୍ଧମାଳ: କନ୍ଧମାଳ ଜିଲ୍ଲା ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଏବଂ ବିଦ୍ୟାଳୟଗୁଡ଼ିକର ଶିକ୍ଷାଦାନ ମାନ ବୃଦ୍ଧି କରିବା ଲକ୍ଷ୍ୟରେ, କନ୍ଧମାଳ ଜିଲ୍ଲାପାଳ ବଦଭୂଷଣଙ୍କ ଦ୍ୱାରା ପରିଚାଳିତ ଆରମ୍ଭ ହୋଇଥିବା ଯୋଜନା "ଟିଚ୍ କନ୍ଧମାଳ" କାର୍ଯ୍ୟକ୍ରମ ଅଧିନରେ ଜୁଲାଇ ୨୭ ତାରିଖରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଖଜୁରୀପଡ଼ା ବ୍ଲକର ବିଭିନ୍ନ ଗ୍ରାମ ଓ ପଂଚାୟତରେ ଥିବା ୧୯ଟି ବିଦ୍ୟାଳୟକୁ ଗସ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଜି ଜିଲ୍ଲାପାଳ ଟିଟ୍ରାପାଙ୍ଗା ପଂଚାୟତର କଲାଡ଼ି ସ୍ଥିତ ଏମ୍‌ବିଡ଼ି ହାଇସ୍କୁଲ, ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ ଦୁତିମେଣ୍ଡି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଡିଏଫ୍‌ଓ ଖଜୁରୀପଡ଼ା ସ୍ଥିତ କଳିଙ୍ଗ ୭ ମଡେଲ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ସେହିପରି ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଫୁଲବାଣୀ ଉପ-ଜିଲ୍ଲାପାଳ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମେତ ତହସିଲଦାର ଓ ବିଡିଓ ପ୍ରମୁଖ ବିଭିନ୍ନ ସରକାରୀ ଓ ଉଚ୍ଚ ବିଦ୍ୟାଳୟ ଗସ୍ତ କରି ଶିକ୍ଷାର୍ଥୀ ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିବା ସହ ପ୍ରତ୍ୟକ୍ଷ ଭାବେ ସ୍କୁଲଗୁଡ଼ିକୁ ଯାଇ ଶିକ୍ଷାଦାନ ସ୍ଥିତି ଓ ଭୌତିକ ପରିବେଶର ସମୀକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରଶାସନିକ ସ୍ତରରେ ଗ୍ରାମାଂଚଳ ବିଦ୍ୟାଳୟଗୁଡ଼ିକର ସମସ୍ୟା ଦୂର ହେବାସହ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବବୋଲି ଆଶା କରାଯାଉଛି ।

ରାସ୍ତାରେ କାର୍ ପାର୍କିଂରୁ ଅଚଳାବସ୍ଥା

ସମ୍ବଲପୁର: ସମ୍ବଲପୁର ସହରରେ ବହୁ ରଥୀ ମହାରଥୀଙ୍କଠାରୁ ନେଇ ଗରିବ ଗୁରୁବାମାନେ ବି ରହୁଛନ୍ତି । ଯାନବାହାନ ଚଳାଚଳ କ୍ଷେତ୍ରରେ ପତ୍ୟେକ ଛକରେ ଟ୍ରାଫିକ ପୁଲିସ ମଧ ନିୟୋଜିତ ରହିଛନ୍ତି । ମାତ୍ର ରବିବାର ସନ୍ଧ୍ୟାରେ ଓଡି ୧୫ ଏଏ ୨୯୦୫ ନମ୍ବରର ଏକ ଧଳା କାର୍ ଗୋଲବଜାର -ଗେଟି ରୋଡ ମୁଖ୍ୟ ରାସ୍ତାରେ ବେଆଇନ ଭାବେ ପାର୍କିଙ୍ଗ କରିଥିବାରୁ ବିନା କାରଣରେ ଶହଶହ ସଂଖ୍ୟାରେ ଅଟୋ ବାଇକ୍ ଅକଥନୀୟ ଯନ୍ତ୍ରଣାର ଶିକାର ହୋଇଥିବା ଦେଖିବାକୁ ମିଳିଥିଲା ।

ଗୋଟିଏ ପଟେ ସହରର ଆଇନ୍ ଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ବେଳେ ଏଭଳି ଖାମଖିଆଲି ପାର୍କିଂ ପାଇଁ ଜିଲ୍ଲା ପୋଲିସ ପ୍ରଶାସନ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

ଯୋଡ଼ା ପୁଲିସର ଚଢ଼ଉ

ଚୋରା ସ୍କ୍ରାପ୍ଟ ବୋଝେଇ ଟ୍ରକ୍ ଜବତ

ଚମ୍ପୁଆ: ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ମୁନ୍ସିପାଲଟି ଅଂଚଳରେ ଚାଲିଥିବା ବେଆଇନ କବାଡିଖାନା ଏବଂ ଚୋରା ସ୍କ୍ରାପ୍ଟ କାରବାର ଉପରେ ଯୋଡ଼ା ପୋଲିସ ପକ୍ଷରୁ ଏକ ବଡ଼ ଧରଣର ଅତର୍କିତ ଚଢ଼ାଉ କରାଯାଇଛି । ଏହି ଚଢ଼ାଉ ସମୟରେ ବେଆଇନ ସ୍କ୍ରାପ୍ଟ ବୋଝେଇ ଏକ ଟ୍ରକକୁ ଜବତ କରିବାରେ ପୋଲିସ ସଫଳ ହୋଇଛି । ମିଳିଥିବା ସୂଚନା ମୁତାବକ, ଯୋଡ଼ା ସହରର ବିଭିନ୍ନ ସ୍ଥାନରେ କୌଣସି ବୈଧ ଅନୁମତି ପତ୍ର ନଥାଇ ଅନେକ ଗୁଡ଼ିଏ ବେଆଇନ କବାଡିଖାନା ଗଢ଼ି ଉଠିଛି । ଏହି ଖଣି ପ୍ରଧାନ ଅଂଚଳରେ କିଛି କୋମଳମତି ଶିଶୁମାନଙ୍କୁ ବ୍ୟବହାର କରି ବିଭିନ୍ନ କଳକାରଖାନା, ଖଣି ଏବଂ ଲୋକଙ୍କ ଘରୁ ଲୁହା, ପ୍ଲାଷ୍ଟିକ ସମେତ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଚୋରି କରାଯାଉଥିଲା । ଶିଶୁମାନେ ଏହି ଚୋରା ମାଲକୁ ଆଣି କବାଡ଼ିଖାନାରେ ବିକ୍ରି କରୁଥିଲେ ଏବଂ ସେହି ଟଙ୍କାରେ ବିଭିନ୍ନ ମାଦକ ଦ୍ରବ୍ୟ ସେବନ କରୁଥିଲେ । ଫଳରେ ଯୋଡ଼ା ଅଂଚଳରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟାକଳାପ ବୃଦ୍ଧି ପାଉଥିବାରୁ ଜନସାଧାରଣ ଓ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ପୋଲିସର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇ ଆସୁଥିଲା ।

ଏହି ଦାବିକୁ ଆଧାର କରି ଆଜି ଯୋଡ଼ା ପୋଲିସ ସହରର ବିଭିନ୍ନ ସ୍ଥାନରେ ଅତର୍କିତ ଚଢ଼ାଉ କରିଥିଲା । ଏହି କ୍ରମରେ ଯୋଡ଼ା ଥାନା ଅନ୍ତର୍ଗତ ଲକ୍ଷ୍ମୀ ପଡ଼ିଆ ନିକଟରେ ଥିବା ଲକ୍ଷ୍ମୀଧର ମହାନ୍ତିଙ୍କ ଗ୍ୟାରେଜ ଓ ବାସଭବନ ଉପରେ ପୋଲିସ ଚଢ଼ାଉ କରିଥିଲା । ସେଠାରେ ଦୀର୍ଘ ଦିନ ହେବ ବେଆଇନ ଭାବେ ବିପୁଳ ପରିମାଣର ଚୋରା ସ୍କ୍ରାପ୍ଟ ଗଚ୍ଛିତ ରଖାଯାଇ ବାହାରକୁ ଚାଲାଣ କରାଯାଉଥିବା ନେଇ ପୋଲିସ ସୂଚନା ପାଇଥିଲା । ଚଢ଼ାଉ ବେଳେ ଚୋରା ସ୍କ୍ରାପ୍ଟ ବୋଝେଇ ହେଉଥିବା ଏକ ଟ୍ରକକୁ ପୋଲିସ ଜବତ କରିଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଯୋଡ଼ା ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

ଗୋନାସିକାରେ ଜଳାଭିଷେକ କଲେ ବହୁ ଭକ୍ତ

ଶ୍ରାବଣ ପ୍ରଥମ ସୋମବାର

କେନ୍ଦୁଝର: ଗୋନାସିକା ସ୍ଥିତ ବ୍ରହ୍ମେଶ୍ୱର ଶିବ ମନ୍ଦିରରେ ଜଳାଭିଷେକ କଲେ କୋଟି ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ତେଣୁ ଶ୍ରାବଣ ମାସର ପ୍ରଥମ ସୋମବାରରେ ଜଳାଭିଷେକ କରିବାକୁ ଭକ୍ତଙ୍କ ସୁଅ ଛୁଟିଛି । ଭକ୍ତମାନେ ପୁଣ୍ୟତୋୟା ବୈତରଣୀର ଉତ୍ପତି ସ୍ଥଳ ଗୋନସିକାର ଗୁପ୍ତଗଙ୍ଗାରୁ ଜଳ ଉଠାଇ ବ୍ରହ୍ମେଶ୍ୱରଙ୍କ ଠାରେ ଜଳାଭିଷେକ କରିଥଲେ । ଏଥିପାଇଁ ଆଜି ସକାଳୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥଲା ଗୁପ୍ତଗଙ୍ଗାରେ । ପ୍ରଥମେ ବୈତରଣୀ ପାଣିରେ ଗାଧୋଇବା ପରେ ଗୋମୁଖରୁ ପାଣି ଆଣି ପୂଜାର୍ଚ୍ଚନା କରିଥିଲେ । ତାପରେ ବୋଲ ବମ୍ ନାରା ଦେଇ ଧାଡ଼ିରେ ବାହାରିଥିଲେ ବ୍ରହ୍ମେଶ୍ୱରଙ୍କ ମସ୍ତକରେ ଜଳାଭିଷେକ ପାଇଁ । ହଜାର ହଜାର ଭକ୍ତଙ୍କର ସମାଗମକୁ ଦେଖି ପ୍ରସାଶନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା ।

କୁଡୁମୁଲୁଗୁମ୍ମା ଲ୍ୟାମ୍ପ୍‌ର ବାର୍ଷିକ ସାଧାରଣ ଅଧିବେଶନ

ମାଲକାନଗିର: କୁଡୁମୁଲୁଗୁମ୍ମା ସ୍ଥିତ ଆଦର୍ଶ ବୃହଦାକାର ବହୁମୂଖୀ ଆଦିବାସୀ ସମବାୟ ସମିତି ଲିଃ ତରଫରୁ ଏହାର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ରାଜେନ୍ଦ୍ର ଦଳପତି ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ସମ୍ମାନିତ ଅତିଥି ଭାବେ ଲ୍ୟାମ୍ପ ସଭାପତି ଗୋପି ପାଙ୍ଗୀ, ଆର ଏମ୍ ସି ସମ୍ପାଦକ ସଞ୍ଜୟ କୁମାର ଦାସ, ସରପଂଚ ମଙ୍ଗଳା ମାଢୀ, ଉପ ସଭାପତି ଡମୁଣୀ ମାଢୀ, ଲ୍ୟାମ୍ପ ସଦସ୍ୟ ସାଧୁ ହନ୍ତାଳ, ଅର୍ଜୁନ ଓଡି, ନୀଳକଣ୍ଠ ମୁଦୁଲି, ପୂର୍ବତନ ସଭାପତି ଡମୁ କିର୍ଷାନୀ, ସମାଜସେବୀ ତ୍ରିନାଥ ଶଗରୀଆ ଓ ମନ ପାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ପୂର୍ବତନ ଏମ୍ ଡି ରମେଶ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ । ପ୍ରଥମେ ଅତିଥି ମାନେ, ଆଦ୍ୟ ପୁଜ୍ୟ ଦେବ ଶ୍ରୀ ଗଣେଶଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପୁଜାର୍ଚ୍ଚନା କରିଥିଲେ ଏହାପରେ ଲ୍ୟାମ୍ପ ପରିଚାଳକ ଶ୍ରୀ ଦଳପତି ନିଜର ପ୍ରାରମ୍ଭିକ ଉଦ୍‌ବୋଧନରେ ପୂର୍ବ ବର୍ଷର ବିବରଣୀ ପଠନ ସହ ଚଳିତ ଆର୍ଥିକ ବର୍ଷର (୨୦୨୫-୨୬) ର କାର୍ଯ୍ୟଖସଡାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ । ସଭାପତି ଶ୍ରୀ ପାଙ୍ଗୀ ନିଜର ଅଭିଭାଷଣରେ ଗତ ଆର୍ଥିକ ବର୍ଷର ଆୟ-ବ୍ୟୟ ବିବରଣୀ ଏବଂ ଲାଭ-କ୍ଷତି ହିସାବ ଉପରେ ଆଲୋକପାତ ସହ ଅଡିଟ୍ ରିପୋର୍ଟ ଉପରେ ଚର୍ଚ୍ଚା ଓ ଅନୁମୋଦନ କରିଥିଲେ । ଅନ୍ୟ ବିଷୟ ଯଥା କୃଷି ଓ ଋଣ ସମ୍ବନ୍ଧୀୟ ଆଲୋଚନା, ଚଳିତ ଖରିଫ/ରବି ଋତୁ ପାଇଁ ଋଣ ଯୋଗାଣ ଯୋଜନା, କୃଷକମାନଙ୍କୁ ସାର ଏବଂ ବିହନ ବଂଟନ ସ୍ଥିତିର ସମିକ୍ଷା, ଋଣ ପରିଶୋଧ ଏବଂ ବକେୟା ଋଣ ଆଦାୟ ସମୀକ୍ଷା, ସାମଗ୍ରୀ କ୍ରୟ ଓ ବିକ୍ରୟ, ଧାନ ସଂଗ୍ରହ କେନ୍ଦ୍ର ପରିଚାଳନା, ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟର ମାର୍କେଟିଂ ବ୍ୟବସ୍ଥା, ନୂତନ ସଭ୍ୟ ଗ୍ରହଣ ଏବଂ ସେୟାର ପୁଞ୍ଜି ବୃଦ୍ଧି ସମ୍ବନ୍ଧୀୟ, ସରକାରୀ ଯୋଜନା ସମ୍ବନ୍ଧୀୟ, ମିଶନ ଶକ୍ତି / ଓଡ଼ିଶା ଜୀବିକା ମିଶନ ସହ ସହଯୋଗ ଓ ଜୈବିକ ଚାଷ ପ୍ରୋତ୍ସାହନ ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ ଯାହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ଅନ୍ୟ ଅତିଥି ମାନେ ମଧ ସେମାନଙ୍କ ଅଭିଭାଷଣରେ ସମବାୟର ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ପୂର୍ବତନ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାଉତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସମସ୍ତଙ୍କ ସହଯୋଗ କାମନା କରି ସଭା ସାଂଗ ପାଇଁ ସଭାପତିଙ୍କୁ ଅନୁରୋଧ କରିଥିଲେ ।

ଗୃହରକ୍ଷୀ ଓ ସାଥିଙ୍କୁ ମରଣାନ୍ତକ ଆକ୍ରମଣ, ୩ ଗିରଫ

ଜୟପୁର: ଗୃହରକ୍ଷୀ ଏବଂ ତାଙ୍କ ସାଥିଙ୍କ ଉପରେ ହୋଇଥିବା ମରଣାତ୍ମକ ଛୁରାମାଡ଼ ଘଟଣାରେ ବୈପାରିଗୁଡା ପୋଲିସ ବଡ଼ ସଫଳତା ପାଇଛି । ଘଟଣାର ତଦନ୍ତ ପରେ ଆକ୍ରମଣରେ ସମ୍ପୃକ୍ତ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁଯାୟୀ, ଗତ ୨୫ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ସମୟରେ ବୈପାରିଗୁଡା ବ୍ଲକ ଅନ୍ତର୍ଗତ ପୂଜାରୀଘୁଡା ପଂଚାୟତର ଗୁମ୍ମା ଗ୍ରାମର ଗୃହରକ୍ଷୀ ପ୍ରସାଦ ପୂଜାରୀ ଏବଂ ତାଙ୍କ ସାଥି ଅମିତ୍ କୁମାର ମାଠିଆ ଏକ ଦଶାହ କାର୍ଯ୍ୟକ୍ରମରେ ଯୋଗଦେଇ ଫେରୁଥିବା ବେଳେ ତିନି ଜଣ ଦୁର୍ବୃତ୍ତ ସେମାନଙ୍କ ଉପରେ ଛୁରୀ ଓ ଲୁହା ପାଇପ୍ରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଉଭୟ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ସେମାନଙ୍କୁ ପ୍ରଥମେ ବୈପାରିଗୁଡା ମେଡିକାଲକୁ ଏବଂ ପରେ ଅଧିକ ଚିକିତ୍ସା ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଘଟଣାର ସୂଚନା ପାଇ ବୈପାରିଗୁଡା ଥାନା ଆଇଆଇସି ଲକ୍ଷ୍ମୀ ନାରାୟଣ ମୁଦୁଲି ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ବୈଜ୍ଞାନିକ ଉପାୟରେ ତଦନ୍ତ ଆରମ୍ଭ କରିଥିଲେ । ତଦନ୍ତ ସମୟରେ ବିଭିନ୍ନ ପ୍ରମାଣ ସଂଗ୍ରହ କରି ପୋଲିସ ଆକ୍ରମଣରେ ସମ୍ପୃକ୍ତ ଗୁମ୍ମା ଗ୍ରାମର ଅଜୟ ହରିଜନ(୨୨), ଅଜିତ୍ ଶଗରିଆ (୨୩) ଏବଂ ମାଧବ ମାଝୀ(୨୨)ଙ୍କୁ ଗିରଫ କରିଛି । ଅଭିଯୁକ୍ତମାନଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଛୁରୀ, ଲୁହା ପାଇପ୍ ସହ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି । ପୋଲିସ ସମସ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ବୈପାରିଗୁଡା ଥାନା ଆଇଆଇସି ଲକ୍ଷ୍ମୀ ନାରାୟଣ ମୁଦୁଲି ସୂଚନା ଦେଇଛନ୍ତି ।

ଆରଏସ୍ଏସ୍ ଢେଙ୍କିକୋଟ ପ୍ରଭାତ ଶାଖାର ଗୃହ ସମ୍ପର୍କ ଅଭିଯାନ

କେନ୍ଦୁଝର : ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସତ୍ୟ ନାରାୟଣ ପ୍ରଭାତ ଶାଖା, ଢେଙ୍କିକୋଟର ସ୍ୱୟଂ ସେବକମାନେ ଢେଂକିକୋଟ, ଟିକିରା ଗ୍ରାମ ଓ ବଜାରରେ ଘରେ ଘରେ, ବଜାର ଦୋକାନି ସହ ପରିବାର ସମ୍ପର୍କରେ ଥିଲେ । ସେବା, ସମର୍ପଣ ଓ ସମାଜର ସେବାରେ ଥିବା ସ୍ୱୟଂ ସେବକ ସାମିଲ ହୋଇ, ସ୍ୱେଦେଶ ସାମଗ୍ରୀ କିଣିବା, ବ୍ୟବହାର ସହ ଲୋକାଲ ସାମଗ୍ରୀ କିଣିଆମେ ସମୃଦ୍ଧଭାରତ ଗଠନ ରେ ଜଣେ ସାରଥୀ ହେବା ସଚେତନ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର ଶତାବ୍ଦୀ ର ବର୍ଷ ରେ ସାମାଜିକ ସମରସତା ସହ ଭାଇଚାରା ସହ ହିନ୍ଦୁ ସମିଳନୀ ପାଳନ ଢେଂକିକୋଟ ହନୁମାନ ବାଟିକା ରେ ସମିଳନୀ ରେ ସାମିଲ ହେବା କୁହାଯାଇଛି କରପତ୍ର, ସଂଘ ର ପୁସ୍ତକ ଓ ସେବା ସଂଗଠନ ସମର୍ପଣ ର ଭାରତ ମାତା ଙ୍କ ଅଖଣ୍ଡ ଭାରତ ଷ୍ଟିକର ଦୋକାନ ଓ ପରିବାର କାନ୍ଥ ରେ ଅନୁମତି ନେଇ ସ୍ୱୟଂ ସେବକ ମନେ ଲଗେଇ ଥିଲେ । ସମସ୍ତ ଗୃହ କର୍ତ୍ତା ଓ ବଜାର ଦୁକାନୀ ସାମଜିକ କର୍ମୀ ଓ ଜନସାଧାରଣ ସାଧୁବାଦ ଜଣାଇ ଇଥିଲେ ସ୍ୱୟଂସେବକ ସହ ଜିଲ୍ଲା ସଂଘ ଚାଳକ ଭାଗିରଥି ପୃଷ୍ଟି, ସାଂସଦ ଅନନ୍ତ ନାୟକ, ତପନ ବେହେରା, ବିଶ୍ୱ ରଞ୍ଜନ ପୃଷ୍ଟି, ଶରତ ରାଉତ, ସନାତନ ନାୟକ, ଅନ୍ତର୍ଯ୍ୟାମୀ ନାୟକ, ସଂଘ ବିସ୍ତାରକ କୁଶ ବେହେରା,କୃଷ୍ଣ ବାରିକ, ମଣ୍ଟୁ ମଣ୍ଡଳ,ଅଜୁ ହାତୀ, ଅମୁ ବେହେରା, ଅର୍ଜୁନ ବାରିକ, କାନ୍ଦର୍ପ ନାଏକ, ରାମଚନ୍ଦ୍ର ସାହୁ, ରାଧାକାନ୍ତ ବେହେରା, ଦିନା ମହାନ୍ତ, ବାପି ମଣ୍ଡଳ, ଆଶିଷ ମଣ୍ଡଳ ସହ ଅଖିଳ କୁମାର ପାତ୍ର ପ୍ରମୁଖ ଏହି ଗୃହ ସମ୍ପର୍କ ଅଭିଯାନ ରେ ସାମିଲ ହୋଇ ଥିଲେ ।

ସାହିତ୍ୟ ଟୁଙ୍ଗୀ ଓ କବିତା ଆସର

ଜୟପୁର: ଜୟପୁର ପୂଜ୍ୟପୂଜା ସଂସଦ ପକ୍ଷରୁ ସାହିତ୍ୟ ଟୁଙ୍ଗୀ ଅନୁଷ୍ଠିତ ହୋଇଯାଇଛି । ଲକ୍ଷ୍ମୀନଗରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠାନ ପକ୍ଷରୁ ମାସିକ କବିତା ଆସର ଆୟୋଜିତ ହୋଇଥିବାବେଳେ ରାଜ୍ୟ ଫୁଟ୍‌ବଲ୍ ଟିମ୍‌ରେ ସ୍ଥାନ ପାଇଥିବା ଜୟପୁରର ଖେଳାଳୀ ଟାଇଟେସ୍ ହରିଜନଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସଭାପତି ତପନ କିରଣ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଇଂ ଭାସ୍କର ସାମନ୍ତରାୟ ଯୋଗ ଦେଇଥିବାବେଳେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ରାଜେନ୍ଦ୍ର କୁମାର ଗୌଡ଼ ଯୋଗ ଦେଇଥିଲେ । ଅନୁଷ୍ଠାନର ସାଧାରଣ ସଂପାଦକ ବୈରାଗୀ ଚରଣ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସରସ୍ୱତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସନ୍ଧ୍ୟାରାଣୀ ସାହୁ, କୃଷ୍ଣଚନ୍ଦ୍ର ହୋତା, ମଧୁସୂଦନ ମିଶ୍ର, ତରୁଣ ବାରିକ, ଅନନ୍ତ ବିଜୟ ଧିବର, ନାରାୟଣ ସଗର, ଜାନକୀ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ନିଜ ନିଜର କବିତା ଆବୃତି କରିଥିଲେ ।

ଆଦିବାସୀ କୁଡୁମି ସମାଜର ରାଜ୍ୟ କମିଟି ଗଠିତ

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ସଦର ବ୍ଲକ ନରଣପୁର ପଞ୍ଚାୟତର ରାମଚନ୍ଦ୍ରପୁର ଠାରେ ଓଡିଶା ଆଦିବାସୀ କୁଡୁମୀ ସମାଜର ବନ୍ଧୁମିଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏଥିସହିତ ସହ ରାଜ୍ୟ କମିଟି ମଧ ଘୋଷଣା କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଜିତ ପ୍ରସାଦ ମାହାତୋ ଯୋଗଦେଇ କୁଡୁମି ସମାଜ ଉପରେ ଆଲୋକପାତ କରି କହିଥିଲେ କୁଡୁମୀକୁ ସବୁ କ୍ଷେତ୍ରରେ ସରକାର ଅବହେଳା କରି ଆସୁଛି ସରକାର । ସରକାରୀ କ୍ଷେତ୍ରରେ କୁଡୁମି ମାନଙ୍କୁ ଆଦିବାସୀ ମାନ୍ୟତା ଦେବା ପାଇଁ ସରକାର ସବୁବେଳେ ପଛଘୁଂଚା ଦେଇଛନ୍ତି ଆନ୍ତରିକତା ଦେଖାଉ ନାହାନ୍ତି ଫଳରେ କୁଡୁମି ଜାତି ବାରମ୍ବାର ଆନ୍ଦୋଳନ କରିଆସୁଛି । ସେପଟ୍ଟେମ୍ବର ମାସରେ ରେଳଟେକା ହୋଇଥିଲା ସେଥିରେ ବିଶେଷ କରି ପଶ୍ଚିମବଙ୍ଗ, ଝାରଖଣ୍ଡ, ଓଡ଼ିଶାର ବହୁ ଜିଲ୍ଲାରେ ରେଳଟେକା ଆନ୍ଦୋଳନ ହୋଇଥିଲା ବହୁ ଜାଗାରେ ରେଳ ରୋକ ସଫଳ ହୋଇଥିଲା ବହୁ ଜାଗାରେ ରେଳ ରୋକ କରିବା ପାଇଁ କୁଡୁମି ଜାତିର ଲୋକମାନେ ରେଳ ଷ୍ଟେସନ ମାନଙ୍କରେ ଧାରଣା ଦେବାସହ ରେଳ ଅଟକାଇବା ପାଇଁ ମଧ ଚେଷ୍ଟା ଜାରି ରଖିଥିଲେ ବୋଲି ଆଦିବାସୀ କୁଡୁମୀ ସମାଜର ମାର୍ଗଦର୍ଶକ ଅଜିତ ମାହାତୋ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସନାତନ ମହାନ୍ତ ସଭାପତିତ୍ୱ କରିଥିଲାବେଳେ ଅତିଥି ପରିଚୟ ଏବଂ ମଂଚ ପରିଚାଳନା କରିଥିଲେ ସଂପାଦକ ଦୋଳଗୋବିନ୍ଦ ମହାନ୍ତ । ଆଜିର ଏହି ରାମଚନ୍ଦ୍ରପୁର ଠାରେ ହେଉଥିବା ବନ୍ଧୁ ମିଳନ ଉତ୍ସବରେ କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର, ମୟୁରଭଞ୍ଜ, ବାଲେଶ୍ୱର, ଢେଙ୍କାନାଳ ସମେତ ବହୁ ଜିଲ୍ଲାରୁ ଯୋଗ ଦେଇଥିବା ବେଳେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗର କୁଡୁମି ଜାତିର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଧ ଉପସ୍ଥିତ ଥିଲେ । ଆଦିବାସୀ କୁଡୁମୀ ସମାଜର କେନ୍ଦ୍ରୀୟ ଅଧ୍ୟକ୍ଷ ଶଶାଙ୍କ ଶେଖର ମାହାତୋ ଯୋଗଦେଇ କହିଥିଲେ ବର୍ତ୍ତମାନ ଏକ ହୋଇ ଲଢ଼ିବା ପାଇଁ ସମୟ ଆସିଛି । ଆମକୁ ସମସ୍ତଙ୍କୁ ଏକ ହେବା ପାଇଁ ପଡିବ ଦାବି ପୂରଣ ନହେବା ଯାଏଁ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ଯେତେ ପର୍ଯ୍ୟନ୍ତ ଆମକୁ ଆଦିବାସୀ ମାନ୍ୟତା ନମିଳିଛି । ଯଦି ସରକାର ଆଦିବାସୀ ମାନ୍ୟତା ପ୍ରଦାନ କରନ୍ତି ତା ହେଲେ ପୁଣି ଅଖ ଚକ ବନ୍ଦ କରିଦିଆଯିବ ବୋଲି କହିଛନ୍ତି । ଯୋଗ ଦେଇଥିବା ସମସ୍ତ ଅତିଥି ନିଜ ନିଜର ବକ୍ତବ୍ୟ ରଖିଥିବା ବେଳେ କେନ୍ଦ୍ରୀୟ କମିଟି ମୁଖପାତ୍ର ଶଶଧର କାଲୁଆର ମଧ କୁଡୁମୀ ଜାତିକୁ ଏକ ହୋଇ ଲଢ଼ିବା ପାଇଁ ପରାମର୍ଶ ଦେଇଥିଲେ । ବନ୍ଧୁ ମିଳନରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଦେଖିବାକୁ ମିଳିଥିଲା । କୁଡୁମାଲୀ ଗୀତର ତାଳେ ତାଳେ ମାନ୍ଦଳ ବାଦ୍ୟ ପରିବେଷଣ କରାଯାଇଥିବା ବେଳେ ଝୁମର ସଙ୍ଗୀତ ପରିବେଷଣ କରିଥିଲେ ଦେବକୀ ଦିଦି ଗୀତର ତାଳେ ତାଳେ ଧୁମ୍‌ଧାମରେ ନାଚଗୀତ କରି ମଜା ଉଠାଇଥିଲେ ରାମଚନ୍ଦ୍ରପୁରରେ ଏକାଠି ହୋଇଥିବା କୁଡୁମୀ ଜାତିର ସମସ୍ତ ସଦସ୍ୟ । ଅଜିତ ପ୍ରସାଦ ମାହାତୋ କୁଡୁମାଲୀ ଭାଷା ପରିଷଦ ତରଫରୁ କୁଡମାଲୀ ଲିପିରେ କୁଡମାଲୀ ବିଦ୍ୟାଳୟ ରାମଚନ୍ଦ୍ରପୁର ତେନ୍ତୁଳି ଠାରେ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମଣ ମହାନ୍ତ, କାଂଚନ ମହାନ୍ତ, ପଟେଲ ଚନ୍ଦ୍ର ମହାନ୍ତ,ମଦନ ମୋହନ ମହାନ୍ତ, ରଞ୍ଜନ ମହାନ୍ତ,ଭରତ ଚନ୍ଦ୍ର ମହାନ୍ତ, ବାସନ୍ତୀ ମହାନ୍ତ, ଦୌପଦୀ ମହାନ୍ତ, ଚିତ ରଞ୍ଜନ ମହାନ୍ତ, ବିଷ୍ଣୁ ଚନ୍ଦ୍ର ବଂଶୀୟାର, ଜଗବନ୍ଧୁ ମହନ୍ତ, ରାମଚନ୍ଦ୍ର ମହାନ୍ତ, ରମେଶ ଚନ୍ଦ୍ର ମହାନ୍ତ, ମିତ୍ରଭାନୁ ମହାନ୍ତ, ଅର୍ଜୁନ ଚରଣ ମହାନ୍ତ,ସହ ବହୁ କୁଡୁମୀ ଜାତିର ଭାଇ ଭଉଣୀ ଏକାଠି ହୋଇଥିଲେ । ଆଦିବାସୀ କୁଡୁମୀ ସମାଜର କେନ୍ଦ୍ରୀୟ ଅଧ୍ୟକ୍ଷ ଶଶାଙ୍କ ଶେଖର ମାହାତୋ ପୂନର୍ବାର ଓଡ଼ିଶା ପ୍ରଦେଶର ଦୋଳଗୋବିନ୍ଦ ମହାନ୍ତଙ୍କୁ ରାଜ୍ୟ ସଭାପତି ଘୋଷଣା କରିବା ସହ ରାଜ୍ୟ କମିଟି ମଧ ଘୋଷଣା କରାଯାଇଥିବା ଜଣାପଡିଛି ।

ରାସ୍ତା କଡ଼ରେ ବେଆଇନ ନିର୍ମାଣ କାର୍ଯ୍ୟକୁ ବିରୋଧ

ବଲାଙ୍ଗିର,(ପିପିଏସ୍) : ବଲାଙ୍ଗିର ସହରରେ ଦେଇ ଯାଇଛି ଏନଏଚ ରାସ୍ତା । ଏହି ରାସ୍ତାର ଭାଗିରଥୀ ଛକରୁ ଜିଲ୍ଲାପାଳଙ୍କ ବାସଗୃହ ପର୍ଯ୍ୟନ୍ତ ରାସ୍ତା କଡରେ ସ୍ଥାନୀୟ ପୌରପରିଷଦ ପକ୍ଷରୁ ସୌନ୍ଦର୍ଯ୍ୟକରଣ ନାଁ ରେ ବେଆଇନ ନିର୍ମାଣ କାମ ଚାଲିଛି । ଏହି କାମକୁ ବିରୋଧ କରି ସ୍ଥାନୀୟ ଲୋକେ ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କୁ ଲିଖିତ ଆକାରରେ ଅଭିଯୋଗ ଦେବା ସହ ଏହାର ଏକ କପି ଉପମୁଖ୍ୟମନ୍ତ୍ରୀ, ବଲାଙ୍ଗିର ସାଂସଦ, ସ୍ଥାନୀୟ ବିଧାୟକଙ୍କୁ ଲିଖିତ ଆକାରରେ ଯଣାଇଛନ୍ତି । ଲୋକଙ୍କ ଅଭିଯୋଗ ଅନୁସାରେ, ଏହି କାମ ହେବା ଦ୍ୱାରା ରାସ୍ତା ସଂକୋଚନ ହେଉଛି ଏବଂ ପ୍ୟାଲେସ ଲାଇନ, ସାଗର ପଡା ତଥା ଏହି ଆଖପାଖ ଅଂଚଳର ଅଧିବାସୀମାନେ ସହର ମଧ୍ୟକୁ ଆସିବାରେ ଅସୁବିଧା ହେଉଛି । ଏହାସହ ପ୍ରତିଦିନ ମହିଳା ମହାବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷକ, ରାଜେନ୍ଦ୍ର ୟୁନିଭରସିଟିରେ ପଢୁଥିବା ସହରର ଛାତ୍ରଛାତୀ ପେଲେସ ଲାଇନରୁ ଭାଗିରଥୀ ଛକ ପର୍ଯ୍ୟନ୍ତ ରାସ୍ତା ଦେଇ ଯିବା ଆସିବା କରିଥାନ୍ତି । କିନ୍ତୁ ପୌର ପରିଷଦ ପକ୍ଷରୁ ଗତ ଦୁଇ ବର୍ଷ ହେଲା ଭାଗିରଥୀ ଛକ ରୁ ଜିଲ୍ଲାପାଳଙ୍କ ବାସଗୃହ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ନିର୍ମାଣ କାମ ଚାଲିଛି । ଯଦ୍ୱାରା ରାସ୍ତା ସଂକୋଚନ ହେବାରେ ଲାଗିଛି । ଏହାଦ୍ୱାରା ରାସ୍ତାରେ ଲୋକେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଛୋଟମୋଟ ଦୁର୍ଘଟଣାମାନ ଘଟୁଛି । ଏହି ରାସ୍ତା ଏନ୍‌ଏଚ୍ ବିଭାଗ ଅଧିନରେ ଥିବାବେଳେ ନିୟମ ଅନୁସାରେ ଏନ୍‌ଏଚ୍ ରାସ୍ତା ପାର୍ଶ୍ୱରେ କୌଣସି କଂକ୍ରିଟ କାମ କରାଯାଇ ପାରିବ ନାହିଁ ତଥାପି ପୌରପରିଷଦ ପକ୍ଷରୁ ଏଠାରେ କଂକ୍ରିଟ କାମ ଚାଲିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି । ପୂର୍ବରୁ ମଧ୍ୟ ଜିଲ୍ଲାପାଳଙ୍କୁ ଲୋକେ ଲିଖିତ ଅଭିଯୋଗ କରିଥିଲେ । କିଛିଦିନ ବିଭାଗ ପକ୍ଷରୁ କାମ ବନ୍ଦ କରିଦିଆଯାଇଥିଲା । କିନ୍ତୁ ପୁଣିଥରେ ପିଡବ୍ଲୁଡି କାର୍ଯ୍ୟାଳୟ ରାସ୍ତା ପାର୍ଶ୍ୱରେ କଂକ୍ରିଟ କାମ ଚାଲିଥିବା ଅଭିଯୋଗ ହୋଇଛି । ତେଣୁ ତୁରନ୍ତ ଏହି କାମକୁ ବନ୍ଦ କରିବା ସହ ଏହି ରାସ୍ତାକୁ ସଫା କରିବାକୁ ଲୋକେ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି । ପ୍ରକାଶ ଯେ, ରାସ୍ତାକଡରେ ପୌର ପରିଷଦ କାମ କଲା ପରେ ଏବେ ରାସ୍ତା ଉପରେ ଲାଇଟ ଖୁଂଟ ପୋତି ଆଲୋକୀକରଣ କରିବ ବୋଲି ସ୍ପଷ୍ଟିକରଣ ଦେଉଛି । ଏହି ରାସ୍ତାକଡ କାମ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ଏବେ ଚାଲିବା ରାସ୍ତା ଉପରେ ଲାଇଟ ଖୁଂଟ ପୋତିବା ଯୋଗୁଁ ଆହୁରି ଅସୁବିଧାର ସମ୍ମୁଖୀନ ହେବେ । ରାସ୍ତା ଉପରେ ପୌରପରିଷଦର ଏହି ବେଆଇନ ନିର୍ମାଣ ଯୋଗୁଁ ରାସ୍ତା ସଂକୋଚନ ହେବା ସହ ମଟର ସାଇକଲ, ସାଇକଲ ଓ ଚାଲିକି ଯିବା ଲୋକଙ୍କ ପାଇଁ ରାସ୍ତା ନାହିଁ, ଯେଉଁ ରାସ୍ତା ଥିଲା ତା ଉପରେ ବାଡ ଦେଇ ନିର୍ମାଣ ଚାଲିଛି । ଯେହେତୁ ଏହିପଟେ ବସଷ୍ଟାଣ୍ଡ ଅଛି, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଆରଟିଓ ଅଫିସ, ଫରେଷ୍ଟ ଅଫିସ, ମହିଳା ମହାବିଦ୍ୟାଳୟ, ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମେତ ବହୁ ସରକାରୀ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଅଛି ଏବଂ ଏହି ପଟେରେ ବହୁ ଘରଦ୍ୱାର ଦିନକୁ ଦିନ ବଢିବାରେ ଲାଗିଛି ତେଣୁ ଲୋକ ସଂଖ୍ୟା ମଧ୍ୟ ଏପଟେ ବଢିବାରେ ଲାଗିଛି । ଏହି ରାସ୍ତା ଦେଇ ପ୍ରତିଦିନ ଶହଶହ ସଂଖ୍ୟାରେ ସରକାରୀ ଓ ବେସରକାରୀ ବସ, ଭାରିଯାନ, ଚାରି ଚକିଆ ଯାନ, ମଟର ସାଇକଲ ଯିବା ଆସିବା କରୁଛି । କିନ୍ତୁ ପୌରପରିଷଦର ରାସ୍ତା ଉପରେ ଚଲାଇଥିବା କଂକ୍ରିଟ କାମ ଯୋଗୁଁ ରାସ୍ତା ସଂକୋଚନ ହେଉଛି ଏବଂ ଲୋକେ ଯାତାୟତ କରିବାରେ ବହୁ ଅସୁବିଧା ହେଉଛି । ତେଣୁ ତୁରନ୍ତ ଏହି କାମ ବନ୍ଦ କରିବା ସହ ରସ୍ତା ଉପରେ ତିଆରି ହୋଇଥିବା ଏହି କଂକ୍ରିଟ କାମକୁ ହଟାଇ ରାସ୍ତା ପ୍ରସ୍ତତି କରଣ କରାଯାଉ ବୋଲି ସ୍ଥାନୀୟ ଅଂଚଳର ଆନନ୍ଦ କୁମାର ମିଶ୍ର, ରିତରାଜ ସିଂହ, ରଂଜନ ମହାନ୍ତି, ରାକେଶ ପଣ୍ଡା, ମୁରାରୀ ମୋହନ ମିଶ୍ର, ଦିଲିପ ପାଢ଼ି, ଅଜିତ କୁମାର ତ୍ରିପାଠୀ, ରମାକାନ୍ତ ହୋତା, ତପନ ଦାସ, ଅଜିତ ପଣ୍ଡାଙ୍କ ସମେତ ବହୁ ସଂଖ୍ୟାରେ ଲୋକେ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

paga 8 5.8.2026.pmd 1 04/08/2026, 4:05 PM

କାଠ ଫାଳିଆରେ ଆକ୍ରମଣ କରି ୨୦ ହଜାର ଲୁଟ୍

ଭୁବନେଶ୍ୱର (ପିପିଏସ୍): କାଠ ଫାଳିଆରେ ଆକ୍ରମଣ କରି ୨୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହି ଲକ୍ଷ୍ମୀନଗରର କାହ୍ନା ଡାକୁଆ (୧୯)। ପୁଲିସ ସୂଚନାନୁଯାୟୀ, ଶିବରାମ ମିଶ୍ର ଗତମାସ ୨୩ ତାରିଖ ରାତିରେ ଚାଲି ଚାଲି ଘରକୁ ଫେରୁଥିଲେ। ସେ ଶ୍ରୀକୃଷ୍ଣ ନଗର ଅତିକ୍ରମ କରୁଥିବା ବେଳେ ହିନା ଡାକୁଆ, କାହ୍ନା ଡାକୁଆ ଓ ସହଯୋଗୀ ତାଙ୍କୁ ଅଟକାଇ ପାଖରେ ଥିବା ସବୁ ଟଙ୍କା ଦେବାକୁ କହିଥିଲେ। ଟଙ୍କା ନଦେଲେ ତାଙ୍କୁ ହତ୍ୟା କରିଦେବେ ବୋଲି ଧମକ ଦେଇଥିଲେ। ଏହାପରେ ଅଭିଯୁକ୍ତମାନେ ମିଶି କାଠ ଫାଳିଆ ଶିବରାମଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଶରୀରର ପିଠି, କାନ୍ଧ ଓ ଶରୀରର ପଛପଟେ କ୍ଷତ ସୃଷ୍ଟି ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ମିଶି ହାଲୁକା ନାଳି ରଙ୍ଗର ଭାନିଟି ବ୍ୟାଗ୍ ଛଡ଼ାଇ ନେଇଥିଲେ। ସେହି ବ୍ୟାଗ୍ ?ରେ ୨୦ ହଜାର ଟଙ୍କା, ଆଧାର କାର୍ଡ, ପରିଚୟ ପତ୍ର ଓ ଅନ୍ୟାନ୍ୟ ଜରୁରୀ ବ୍ୟକ୍ତିଗତ କାଗଜପତ୍ର ଥିଲା। ଶିବରାମଙ୍କ ପାଟି ଶୁଣି ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଲୋକମାନଙ୍କୁ ଦେଖି ଅଭିଯୁକ୍ତମାନେ ଲୁଟ୍ ହୋଇଥିବା ବ୍ୟାଗ୍ ସହ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଖବରପାଇ ପିସିଆର ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ କ୍ୟାପିଟାଲ୍ ହସ୍ପିଟାଲ ଓ ପରେ ଏମ୍ସରେ ଭର୍ତ୍ତି କରିଥିଲା। ଶିବରାମଙ୍କ ଅଭିଯୋଗ କ୍ରମେ ମୈତ୍ରୀ ବିହାର ଥାନା ପୁଲିସ ମାମଲା ରୁଜୁ କରିଥିଲା। ଆଜି କାହ୍ନାକୁ ଗିରଫ କରିବା ସହ ୧୫୦୦ ଟଙ୍କା ଜବତ କରିଥିଲା।

ଷ୍ଟକ୍ ୟାର୍ଡରୁ ଚୋରି; ୫ ଗିରଫ

ଭୁବନେଶ୍ୱର (ପିପିଏସ୍): ଷ୍ଟକ୍ ୟାର୍ଡରୁ ଚୋରି କରିଥିବା ଅଭିଯୋଗରେ ୪ ଜଣ ମହିଳାଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଶିଖରଚଣ୍ଡୀ ବସ୍ତିର ଡି ରାଜେଶ ରାଓ (୩୦), ଜି ପାର୍ବତୀ (୪୫), ଜି ନୀଳ (୩୮), ଏସ୍ ଲକ୍ଷ୍ମୀ ରେଡ୍ଡୀ (୪୫) ଓ ଏମ୍ ସାବିତ୍ରୀ ରେଡ୍ଡୀ (୩୫)। ପୁଲିସ ସୂଚନାନୁଯାୟୀ, ଦାରୁଠେଙ୍ଗର ସଂଗ୍ରାମ କେଶରୀ ପାହାଡସିଂହଙ୍କର ସ୍ଥାନୀୟ ଅଞ୍ଚଳରେ ଅଶୋକ ଲେଲ୍ୟାଣ୍ଡର ଷ୍ଟକୟାର୍ଡ ରହିଛି। ସୋମବାର ପ୍ରାତଃ ସମୟରେ ଉପରୋକ୍ତ ଅଭିଯୁକ୍ତମାନେ ଷ୍ଟକ ୟାର୍ଡରେ ପଶି କିଛି ଯାନ୍ତ୍ରିକ ଉପକରଣ ଚୋରି କରିଥିଲେ। ସେଗୁଡ଼ିକୁ ଏକ ଅଟୋ ଯୋଗେ ନେଇ ପଳାଇବା ଲାଗି ପ୍ରୟାସ କରୁଥିବା ବେଳେ ସଂଗ୍ରାମ ସେମାନଙ୍କୁ ଦେଖିନେଇଥିଲେ। ସେ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଭିଯୁକ୍ତମାନଙ୍କୁ କାବୁ କରି ପିସିଆର ଜିମାରେ ଦେଇଥିଲେ। ସଂଗ୍ରାମଙ୍କ ଏତଲା ଆଧାରରେ ଚନ୍ଦକା ଥାନା ପୁଲିସ ମାମଲା ରୁଜୁ କରିଥିଲା। ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଚୋରି ସାମଗ୍ରୀ ଓ ଅଟୋ ଜବତ କରିଥିଲା।

ତୁଷାର ଗ୍ରିରିଟେବୁଲ ଟ୍ରଷ୍ଟ ଓ ମା' ସୁନାଦେଇ ୱାର୍କର୍ସ କ୍ଲବ ପକ୍ଷରୁ ବନ୍ଧୁତ୍ୱ ଦିବସ

ଭୁବନେଶ୍ୱର (ପିପିଏସ୍): ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ ଉପଲକ୍ଷେ ତୁଷାର ଗ୍ରିରିଟେବୁଲ ଟ୍ରଷ୍ଟ ଓ ମା' ସୁନାଦେଇ ୱାର୍କର କ୍ଲବର ସଦସ୍ୟମାନେ ବିଶ୍ୱ ବନ୍ଧୁତ୍ୱ ଦିବସକୁ ପାଳନ କରିଛନ୍ତି। ୧୯୯୯ ମସିହା ମହାବାତ୍ୟା ପରେ ୟୁନିଟ୍-୯ ଫ୍ଲାଟରେ ସୁନାରାମ ସିଂ ନାମକ ଜଣେ ବ୍ୟକ୍ତି ଏକ ଛୋଟ ଗ୍ରକୁଣ୍ଡା ଗ୍ରରା ରୋପଣ କରିଥିଲେ, ଯାହା ଆଜି ଏକ ମହାଦ୍ରୁମରେ ପରିଣତ ହୋଇ ୪୫ ଡିଗ୍ରୀ ଖରାରେ ତାର ଛାଇରେ ଲୋକମାନଙ୍କୁ ଆଶ୍ରୟ ଦେଇପାରୁଛି। ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକ ନିଜ ବକ୍ତବ୍ୟରେ କହିଥିଲେ ଯେ, ବୃକ୍ଷ ଆମର ପ୍ରକୃତ ବନ୍ଧୁ। ନିସ୍ୱାର୍ଥପର ଭାବରେ ସେ ଲୋକମାନଙ୍କୁ ଅମ୍ଳଜାନ ଯୋଗାଇଥାଏ। ମାତ୍ର ବର୍ତ୍ତମାନ ସମୟରେ ଯେଉଁଭଳି ଭାବରେ ବୃକ୍ଷ ଛେଦନ କରାଯାଉଛି, ତାହାର ପ୍ରଭାବରେ ପରିବେଶ ପ୍ରଦୂଷଣ ସହ ତାପମାତ୍ରା ବୃଦ୍ଧି ପାଇବ, ଯାହାର କୁପରିଣତିକୁ ସାଧାରଣ ଜନତା ସମ୍ମୁଖୀନ ହେବେ। ତେଣୁ ଆଗାମୀ ପିଢ଼ି ପାଇଁ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ଗଛ ଲଗାଇବାକୁ ସେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ପାଇକ ଆଖଡ଼ାର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ଶିବିର କୁମାର ପରିଡ଼ା, ଜ୍ୟୋତିପ୍ରକାଶ ମିଶ୍ର, ଭଜମନ ମହାନ୍ତି, ପୁଷ୍ପାଞ୍ଜଳି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଶେଷରେ ସମ୍ପାଦକ ବିବେକାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

କୃତୀ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କଲେ ଡିଜିପି

ଭୁବନେଶ୍ୱର (ପିପିଏସ୍): ଜାତୀୟ ସ୍ତରର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ପୋଲିସର କ୍ରୀଡାବିତମାନଙ୍କ ଚମକ ପୁଣିଥରେ ଦେଖିବାକୁ ମିଳିଛି। ସର୍ବ ଭାରତୀୟ ସ୍ତରର ବିଭିନ୍ନ ପ୍ରତିଯୋଗିତାରେ ୧୨ ଜଣ କ୍ରୀଡାବିତ ଉଲ୍ଲେଖନୀୟ ସଫଳତା ହାସଲ କରି ଓଡିଶା ପୋଲିସ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ଭୁବନେଶ୍ୱରସ୍ଥିତ କମିସନରେଟ୍ ପୁଲିସ ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କୃତୀ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଜୁଲାଇ ୨୩ ରୁ ୩୦ ପର୍ଯ୍ୟନ୍ତ ହାଇଦରାବାଦସ୍ଥିତ ଗଛିବୋଉଲି ଇନଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ୧୧ତମ ସର୍ବ ଭାରତୀୟ ପୁଲିସ ଜୁଡୋ କ୍ଲଷ୍ଟର (୨୦୨୬-୨୭) ଏବଂ ଜୁଲାଇ ୦୮ ରୁ ୧୧ ପର୍ଯ୍ୟନ୍ତ ମହାରାଷ୍ଟ୍ରର ପୁଣେଠାରେ ଆୟୋଜିତ ୫ମ ସିନିୟର ନ୍ୟାସନାଲ ଇଣ୍ଡିଆ ତାଇକୋଣ୍ଡୋ

ପୁମସେ ଚାମ୍ପିୟନସିପ୍-୨୦୨୬ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ଉଷୁ, ତାଇକୋଣ୍ଡୋ, କରାଟେ ଏବଂ ପେନକାକ ସିଲଟ ଦଳ ଭାଗ ନେଇ କ୍ରୀଡାବିତମାନେ ବିଭିନ୍ନ ବିଭାଗରେ ଭାଗ ନେଇ ପଦକ ହାସଲ କରିଛନ୍ତି। କ୍ରୀଡାବିତମାନଙ୍କ ଏହି ସଫଳତା ପାଇଁ ଡିଜିପି ସମସ୍ତ ପଦକ ବିଜେତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଅସାଧାରଣ ପ୍ରତିଭା ଓ ନିଷ୍ଠାର ଭୂୟସୀ ପ୍ରଶଂସା କରିଛନ୍ତି। କ୍ରୀଡ଼ାବିତଙ୍କ ଏହି ସଫଳତା ଓଡ଼ିଶା ପୁଲିସ ବାହିନୀ ସହ ସମଗ୍ର ରାଜ୍ୟ ପାଇଁ ଗୌରବ ଆଣିଛି ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ରୌପ୍ୟ ପଦକ ବିଜେତାଙ୍କୁ ୪ ହଜାର ଟଙ୍କା ଓ ବ୍ରୋଞ୍ଜ ପଦକ ବିଜେତାଙ୍କୁ ୩ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି ଡିଜିପି ପ୍ରଦାନ କରିଥିଲେ।

ଗଣମାଧ୍ୟମ ସମାଜର ମାର୍ଗଦର୍ଶକ ହେଉ

ଭୁବନେଶ୍ୱର (ପିପିଏସ୍): ଗଣମାଧ୍ୟମ ସମାଜର ପଥପ୍ରଦର୍ଶକ ହୁଅନ୍ତୁ। ବର୍ତ୍ତମାନର ସୋସିଆଲ ମିଡିଆ ଯୁଗରେ ଉଭୟ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ସଠିକ୍ ଓ ଅନୁସନ୍ଧାନମୂଳକ ଖବର ପରିବେଷଣ କରି ଲୋକଙ୍କ ନିକଟତର ହୁଅନ୍ତୁ। ଫାଇନାନ୍ସିଆଲ ନ୍ୟୁଜ୍‌ର ଭୁବନେଶ୍ୱର ସଂସ୍କରଣ ଉନ୍ମୋଚିତ ହେବା ଅବସରରେ ଏଭଳି କହିଛନ୍ତି ବାଚସ୍ପତି ସୁରମା ପାଢୀ ଏବଂ ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ। ଏହି ଅବସରରେ ପିଆଇବି ଏଡିଜି ଅଖିଳ କୁମାର ମିଶ୍ର ଓ ପ୍ରେସ କାଉନସିଲ୍ ଅଫ ଇଣ୍ଡିଆର ସଦସ୍ୟ ସୁଧିର କୁମାର ପଣ୍ଡା ମଧ୍ୟ ନିଜ ବକ୍ତବ୍ୟ ରଖିଥିଲେ। ସେହିପରି ଫାଇନାନ୍ସିଆଲ ନ୍ୟୁଜ୍‌ର ସମ୍ପାଦକ ଅଶୋକ କୁମାର ପଣ୍ଡା କହିଥିଲେ, ମିଡିଆର କ୍ରେଡିବିଲିଟି ଓ ଟ୍ରାନ୍ସପରେନ୍ସି ହିଁ ତାର ଅସଲ ସମ୍ପତ୍ତି, ଅନେକ ଖବରକାଗଜ ମଧ୍ୟରେ ନିଜ ସ୍ୱତନ୍ତ୍ରତା ସୃଷ୍ଟି କରିବା ନିଶ୍ଚିତ ରୁପେ ଏକ ଚ୍ୟାଲେଞ୍ଜ ହେବ। କାର୍ଯ୍ୟକ୍ରମରେ ହାଇଟେକ୍ ମେଡିକାଲ୍ କଲେଜ ଓ ହସପିଟାଲର ଅଧିକ୍ଷକ ତଥା ପ୍ରାଶାସନିକ ନିର୍ଦ୍ଦେଶକ ପ୍ରଫେସର ଡା. ସୀତାରାମ ମହାପାତ୍ର ମଧ୍ୟ ଯୋଗ ଦେଇଥିଲେ।

ଜଳିଗଲା ଟେଡ୍ରୀ କମ୍ପାନୀ, ୩୦ ଲକ୍ଷ ଟଙ୍କାର ସମ୍ପତ୍ତି ପାଉଁଶ

ଭୁବନେଶ୍ୱର (ପିପିଏସ୍): ରାଜଧାନୀରେ ଥିବା ଏକ ଟେଡ୍ରୀ କମ୍ପାନୀରେ ଅଗ୍ନିକାଣ୍ଡ ଘଟି ୩୦ ଲକ୍ଷ ଟଙ୍କାର ସମ୍ପତ୍ତି ପାଉଁଶ ହୋଇଥିବା ଜଣାପଡ଼ିଛି। କମ୍ପାନୀର ପ୍ରୋସେସିଂ ୟୁନିଟରୁ ଅଗ୍ନିକାଣ୍ଡ ଆରମ୍ଭ ହୋଇଥିଲା। ପରେ ପରେ ସମ୍ପୂର୍ଣ୍ଣ କମ୍ପାନୀକୁ ଗ୍ରାସ କରିଦେଇଥିଲା। ପାତ୍ରପଡ଼ା ଔଷଧୀୟ ଉଦ୍ୟାନ ପାଖରେ ଥିବା ଆଜମେରି କଟନ୍ ଇଣ୍ଡଷ୍ଟ୍ରିରେ ଏଭଳି ଅଗ୍ନିକାଣ୍ଡ ଘଟିଛି। ନିଆଁ ଲିଭାଇବାକୁ ଯାଇ ୬ଟି ଅଗ୍ନିଶମ ବାହିନୀ ୫ ଘଣ୍ଟା ଧରି ନାକେଦମ୍ ହୋଇଛନ୍ତି। ସାଢେ ୮ଟାରୁ ଆରମ୍ଭ ହୋଇଥିବା ନିଆଁ ଗୋଟାଏ ୩୦ର ବେଳକୁ ଆୟତ୍ତକୁ ଆସିଛି। ପାତ୍ରପଡ଼ା ଔଷଧୀୟ ଉଦ୍ୟାନ ପଛ ପାର୍ଶ୍ୱରେ ଥିବା ଆଜମେରି କଟନ୍ ଇଣ୍ଡଷ୍ଟ୍ରିରେ ଟେଡ୍ରୀ ତିଆରି ହେଉଥିବାରୁ କପଡ଼ା, ସୂତା ଓ ତୁଳା ଆଦି ଗଚ୍ଛିତ ହୋଇ ରହିଥିଲା। ସୋମବାର ସକାଳ ପ୍ରାୟ ୮ଟା ବେଳେ ପ୍ରୋସେସିଂ ୟୁନିଟ୍ ଚାଲିଥିବା ବେଳେ

ହଠାତ୍ ସର୍ଟସର୍କିଟ ହୋଇ ସେଥିରୁ ନିଆଁ ବାହାରିଥିଲା। ଚାହୁଁ ଚାହୁଁ ନିଆଁ ସୂତାରେ ଲାଗି ଯାଇଥିଲା। ପରେ ତୁଳା ଓ କପଡ଼ାକୁ ବ୍ୟାପି ଯାଇଥିଲା। ପ୍ରୋସେସିଂ ୟୁନିଟରୁ ଆରମ୍ଭ ହୋଇଥିବା ନିଆଁ କ୍ରମେ ଗୋଦାମ ଘରକୁ ବ୍ୟାପି ଯାଇଥିଲା। ଖବର ପାଇବା ପରେ ପ୍ରଥମେ ତମାଣ୍ଡୋ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ନିଆଁର ପରିମାଣ ଏତେ ଥିଲା ଯେ, ଗୋଟିଏ ଟିମ୍ ନିଆଁକୁ ଆୟତ୍ତ କରିବା ସମ୍ଭବପର ନଥିଲା। ପରବର୍ତ୍ତୀ ସମୟରେ ତମାଣ୍ଡୋ ଫାୟାର ଷ୍ଟେସନର ଆଉ ଗୋଟିଏ ଟିମ୍, ଜଟଣୀ ଫାୟାର ଷ୍ଟେସନର ଗୋଟିଏ ଟିମ୍, ଭୁବନେଶ୍ୱର ଫାୟାର ଷ୍ଟେସନର ଗୋଟିଏ ଟିମ୍ ଓ ସେଣ୍ଟ୍ରାଲ ରେଞ୍ଜ ଷ୍ଟ୍ରାଇକିଂ ଫୋର୍ସର ୨ଟି ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୋଟ ୪ଟି ଫାୟାର ୟୁନିଟର ୬ଟି ଟିମ୍ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଅଗ୍ନିଶମ ବାହିନୀ ନିଆଁକୁ ଲିଭାଇବାକୁ ଉଦ୍ୟମ କରୁଥିବା ବେଳେ ନିଆଁ ଗୋଟିଏ ପରେ ଗୋଟିଏ ଦହନଶୀଳ ସାମଗ୍ରୀକୁ ବ୍ୟାପି ଚାଲିଥିଲା। ଗୋଦାମ ଘର ଧୂଆଁମୟ ହୋଇଥିବାରୁ ଭିତରକୁ ଯାଇ ନିଆଁ ଲିଭାଇବା ସମ୍ଭବପର ହୋଇନଥିଲା। ଫଳରେ ରୋବୋଟିକ୍ ମନିଟରକୁ ଘଟଣାସ୍ଥଳକୁ ଅଣା ଯାଇଥିଲା। ଧୂଆଁମୟ ଗୋଦାମରେ ରୋବୋଟିକ୍ ମନିଟର ସହାୟତାରେ ନିଆଁ ଲିଭା ଯାଇଥିଲା। ଅଗ୍ନିଶମ ବିଭାଗର ମୋଟ ୩୫ ଜଣ ଅଧିକାରୀ ଓ କର୍ମଚାରୀ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ୨/୩ ଘଣ୍ଟାରେ ନିଆଁ ଆୟତ୍ତ ହୋଇ ଯାଇଥିଲେ ମଧ ତୁଳା ଭିତରୁ ନିଆଁ କୁହୁଳିଥିଲା। ଫଳରେ ଜେସିବି ସାହାଯ୍ୟରେ ତୁଳା ଗୁଡ଼ିକୁ ଅନ୍ୟତ୍ର ବିଛା ଯାଇ ପାଣି ଦ୍ୱାରା ନିଆଁ ଲିଭା ଯାଇଥିଲା। ସକାଳ ସାଢେ ୮ଟାରୁ ନିଆଁ ଲିଭା ଆରମ୍ଭ ହୋଇ ଦିନ ଗୋଟାଏରେ ସରିଥିଲା। ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିବା ବେଳେ ପ୍ରାୟ ୩୦ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଥିବା ଅନୁମାନ କରାଯାଉଛି। ଏ ନେଇ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଚାଲିଛି।

ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ମାମଲା ରୁଜୁ

ଭୁବନେଶ୍ୱର (ପିପିଏସ୍): ରାଜଧାନୀରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ବିବାହ ପ୍ରତିଶ୍ରୁତି ଦେଇ ଜଣେ ଷ୍ଟାଫ୍ ନର୍ସଙ୍କ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କ ପୁରୁଷ ବନ୍ଧୁ ଦ୍ୱାରା ଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି ସଂପୃକ୍ତ ଷ୍ଟାଫନର୍ସ। ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲିପାଟଣା ଥାନା ଅଧିନସ୍ଥ କୁରଞ୍ଜିପୁରର ଭବତୋଷ ମହାନ୍ତି (୩୦)। ପୁଲିସ ସୂଚନାନୁସାରେ, ପୁରୀର ଜଣେ ଯୁବତୀ ଜଗତସିଂହପୁର ଜିଲ୍ଲାରେ ବିବାହ କରିଥିଲେ। ଉଭୟଙ୍କର ଗୋଟିଏ ୯ ବର୍ଷୀୟ ପୁଅ ମଧ ଅଛନ୍ତି। ଆରମ୍ଭରୁ ସବୁକିଛି ଠିକଠାକ ଚାଲିଥିଲେ ମଧ ପରବର୍ତ୍ତୀ ସମୟରେ ପତିପତ୍ନୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଫଳରେ ମହିଳା ଜଣକ ପୁଅକୁ ଧରି ସ୍ୱାମୀଙ୍କ ଠାରୁ ଅଲଗା ହୋଇ ଯାଇଥିଲେ। ଏହାପରେ ଭୁବନେଶ୍ୱର ଆସି ରହିବା ସହ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଷ୍ଟାଫ୍ ନର୍ସ ଭାବେ କାମ କରୁଛନ୍ତି। ପ୍ରାୟ ଏକବର୍ଷ ପୂର୍ବେ ମହିଳା ଜଣକ ତାଙ୍କ ସାଙ୍ଗର ଜନ୍ମଦିନ ପାର୍ଟିକୁ ଯାଇଥିଲେ। ମେଡିସିନ ଦୋକାନରେ କାମ କରୁଥିବା ଭବତୋଷ ମଧ ସେହି ପାର୍ଟିକୁ ଆସିଥିଲା। ସେଠାରେ ଉଭୟଙ୍କ ମଧ୍ୟରେ ପରିଚୟ ହେବାପରେ ସମ୍ପର୍କ ବନ୍ଧୁତାରେ ପରିଣତ ହୋଇଥିଲା। ପରବର୍ତ୍ତୀ ସମୟରେ ଭବତୋଷ ଓ ମହିଳାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ଭୁବନେଶ୍ୱରରେ ଲିଭ୍ଇନରେ ରହୁଥିବା ବେଳେ ବିଭିନ୍ନ ସମୟରେ ପୁରୀ ଓ କୋଣାର୍କ ଆଦି ଅଞ୍ଚଳକୁ ବୁଲାବୁଲି କରିବାକୁ ଯାଉଥିଲେ। ସେଠାରେ ହୋଟେଲରେ ରହଣି ମଧ୍ୟରେ ଭବତୋଷ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲା। ପ୍ରାୟ ବର୍ଷେ ହେବ ଲିଭ୍ଇନରେ ରହିବା ପରେ ମହିଳା ଜଣକ ବିବାହ କରିବାକୁ କହିଥିଲେ। ହେଲେ ଭବତୋଷ ବିବାହ କରିବା ବଦଳରେ ମହିଳାଙ୍କୁ ଛାଡ଼ି ନିଜ ଗାଁକୁ ପଳାଇଥିଲା। ଏମିତିକି ନିଜ ମୋବାଇଲ ନମ୍ବର ମଧ ବଦଳାଇ ଦେଇଥିଲା। ମହିଳା ବାରମ୍ବାର ଯୋଗାଯୋଗ କରି ବିଫଳ ହେବାରୁ ଭବତୋଷର ଘରକୁ ଯାଇଥିଲେ। ହେଲେ ସେଠାରେ ଭବତୋଷର ବାପା ଓ ଭାଇ ମିଶି ମହିଳାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଶେଷରେ ମହିଳା ଜଣକ ବାଲିପାଟଣା ଥାନାରେ ଲିଖିତ ଏତଲା ଦେଇଥିଲେ। ହେଲେ ଘଟଣା ଗୁଡ଼ିକ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଘଟିଥିବାରୁ ପୁଲିସ ଜିରୋ ଏଫ୍ଆଇଆର୍ ରୁଜୁ କରି ଶ୍ରୀ ଲିଙ୍ଗରାଜ ଥାନାକୁ ପଠାଇ ଦେଇଥିଲା। ଶ୍ରୀ ଲିଙ୍ଗରାଜ ପୁଲିସ ମାମଲା ରୁଜୁ କରିବା ସହ ମହିଳାଙ୍କ ବୟାନ ରେକର୍ଡ ଓ ଡାକ୍ତରୀ ମାଇନା କରିଥିଲା। ଶନିବାର ଭବତୋଷକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଅଟୋ ଚାଳକଙ୍କୁ ମାଡ଼ମାରି ଲୁଟ୍; ୩ ଗିରଫ

ଭୁବନେଶ୍ୱର (ପିପିଏସ୍): ଅଟୋ ଚାଳକଙ୍କୁ ମାଡ଼ମାରି ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ, ଫୁଲେଶ୍ୱରୀ ବସ୍ତିର ଓମ୍ ପ୍ରସାଦ ବେହେରା (୧୯), ବାରଙ୍ଗ ଦାଢ଼ାପାଟଣାର ଗୋବିନ୍ଦ ଚନ୍ଦ୍ର ରାଉତ (୩୨) ଓ ଢେଙ୍କାନାଳ ଜିଲ୍ଲା ବାଲିମି ଥାନା ଅସରଦାର ଆଶିଷ ସାହୁ (୨୫)।

ପୁଲିସ ସୂଚନା ମୁତାବକ, ଫୁଲେଶ୍ୱରୀ ବସ୍ତିରେ ରହୁଥିବା ଅଟୋ ଚାଳକ ମନୋଜ ଗୌଡ଼ ରବିବାର ଅପରାହ୍ଣରେ ବ୍ୟାଙ୍କକୁ ଯାଇଥିଲେ। ବ୍ୟାଙ୍କ ବନ୍ଦ ଥିବାରୁ ଫେରି ଆସି ଘର ନିକଟରେ ଅଟୋ ପାର୍କିଂ କରୁଥିଲେ। ସେହି ସମୟରେ ଉପୋରକ୍ତ ୩ ଅଭିଯୁକ୍ତ ପହଞ୍ଚି ତାଙ୍କୁ ମାଡ ମାରିବା ସହିତ ୫ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ମନୋଜଙ୍କ ଠାରୁ ଖବରପାଇ ପିସିଆର ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ, ମନୋଜ ଓ ସ୍ଥାନୀୟ ଲୋକେ ଖୋଜାଖୋଜି କରି ୩ ଜଣଙ୍କୁ କାବୁ କରି ନେଇଥିଲା। ମନୋଜଙ୍କ ଅଭିଯୋଗ ଆଧାରରେ ଭରତପୁର ଥାନା ପୁଲିସ ମାମଲା ରୁଜୁ କରିଥିଲା। ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୫ ହଜାର ଟଙ୍କା ଓ ଜଗ୍ ରଡ୍ ଜବତ କରିଥିଲା।

କେୟାର ହସ୍ପିଟାଲ୍ସରେ ଏଆଇ ସର୍ଜିକାଲ୍ ଜଏଣ୍ଟ ରିପ୍ଲେସମେଣ୍ଟ ସିଷ୍ଟମ୍ ଉଦ୍‌ଘାଟିତ

ଭୁବନେଶ୍ୱର (ପିପିଏସ୍): ଓଡ଼ିଶାରେ ବିଶ୍ୱସ୍ତରୀୟ ଅର୍ଥପେଡିକ୍ ଉଦ୍ଭାବନ ଆଣିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, କେୟାର ହସ୍ପିଟାଲ୍ସ ଭୁବନେଶ୍ୱର ଇଣ୍ଟେଲିଜଏଣ୍ଟ ଏଆଇ ସର୍ଜିକାଲ୍ ଜଏଣ୍ଟ ରିପ୍ଲେସମେଣ୍ଟ ସିଷ୍ଟମ୍ ପ୍ରଚଳନ କରିଛି। ଯାହା ପୂର୍ବ ଭାରତର ପ୍ରଥମ ହସ୍ପିଟାଲ୍ ହୋଇଛି ଯାହା ହିପ୍ ରିପ୍ଲେସମେଣ୍ଟ ପ୍ରକ୍ରିୟା ପାଇଁ ଏହି ଉନ୍ନତ ଏଆଇ-ସହାୟତାପ୍ରାପ୍ତ ସର୍ଜିକାଲ୍ ନାଭିଗେସନ୍ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରୁଛି। ଏହି ପରିଚୟ ଓଡ଼ିଶା ଏବଂ ପଡୋଶୀ ରାଜ୍ୟର ରୋଗୀମାନଙ୍କୁ ଘର ନିକଟତର କରି ବିଶ୍ୱସ୍ତରୀୟ ଉନ୍ନତ ସନ୍ଧି ପ୍ରତିସ୍ଥାପନ ପ୍ରଯୁକ୍ତିବିଦ୍ୟା ପାଇବାକୁ ସକ୍ଷମ କରିଥାଏ। ଇଣ୍ଟେଲିଜଏଣ୍ଟ ଏଆଇ ସର୍ଜିକାଲ୍ ଜଏଣ୍ଟ ରିପ୍ଲେସମେଣ୍ଟ ସିଷ୍ଟମ୍‌କୁ ଭୁବନେଶ୍ୱରର କେୟାର ହସ୍ପିଟାଲ୍ସରେ ଥିବା ଅର୍ଥପେଡିକ୍ସ ଏବଂ ମୁଖ୍ୟ ପରାମର୍ଶଦାତା ଡ. ସନ୍ଦୀପ ସିଂହଙ୍କ ଦ୍ୱାରା ଉଦ୍‌ଘାଟିତ କରାଯାଇଥିଲା। ଅର୍ଥପେଡିକ୍ ସର୍ଜନ୍ କାନାଡା ଡ. ସେବାଷ୍ଟିଆନ୍ ରୋଡ୍ରିଗେଜ୍, ଜୋନାଲ୍ ସିଓଓ କିସଲେ ଆନନ୍ଦ, କେୟାର ହସ୍ପିଟାଲ୍ସର ବରିଷ୍ଠ ଅର୍ଥପେଡିକ୍ ସର୍ଜନ୍ ଏବଂ ସାରା ଓଡ଼ିଶାର ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ଉପସ୍ଥିତିରେ ଏହି ସିଷ୍ଟମ୍‌ର ଶୁଭାରମ୍ଭ କରାଯାଇଥିଲା। ଏହି ଲଞ୍ଚ ପରେ 'ଜଏଣ୍ଟ ରିପ୍ଲେସମେଣ୍ଟରେ ଆଡଭାନ୍ସିଂ ପ୍ରିସିସନ୍ - ଦି ନେକ୍ସଟ୍ ଲିପ୍ ଇନ୍ ଅର୍ଥପେଡିକ୍ ଇନୋଭେସନ୍' ଉପରେ ଏକ ବିଶେଷଜ୍ଞ ପ୍ୟାନେଲ୍ ଆଲୋଚନା ହୋଇଥିଲା।

ସୋଆ ପକ୍ଷରୁ ଚେନ୍ନାଇରେ 'ଆଲିସିପ୍++ ୨.୦' ଆୟୋଜିତ

ଭୁବନେଶ୍ୱର(ପିପିଏସ୍): ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ସହ ସମାବେଶୀ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚେନ୍ନାଇଠାରେ 'ଆଲିସିପ୍++ ୨.୦' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। 'ପ୍ରାକ୍ଟିସିଂ ଆଲିସିପ୍' ପ୍ରସଙ୍ଗକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୬୦ରୁ ଅଧିକ ଶିଳ୍ପପତି, ଏଚ୍ଆର୍ ବିଶେଷଜ୍ଞ, ଶିକ୍ଷାବିତ୍ ଏବଂ ବିଭିନ୍ନ କ୍ଷେତ୍ରର ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ବିଶିଷ୍ଟ ଆଥଲେଟ୍, ପ୍ରସିଦ୍ଧ ଆଥଲେଟିକ୍ସ ପ୍ରଶିକ୍ଷକ ଏବଂ ପୂର୍ବତନ ଆନ୍ତର୍ଜାତିକ ସ୍ପ୍ରିଂଟର ପ୍ରେମାନନ୍ଦ ଜେ.ଙ୍କ ସହ ଏକ 'ଫାୟାରସାଇଡ୍ ଚାଟ୍'। ଷ୍ଟାଣ୍ଡାର୍ଡ ଚାଟାର୍ଡର ଗ୍ଲୋବାଲ୍ ହେଡ୍-କାପାବିଲିଟିଜ୍, ଟ୍ରାନ୍ସଫର୍ମେସନ୍ ଆଣ୍ଡ କଲ୍‌ଚର ଅର୍ଚ୍ଚନା ଗ୍ରୋଭରଙ୍କ ସଂଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ସମାବେଶୀ ଓ ଭବିଷ୍ୟତ୍ ପ୍ରସ୍ତୁତ କାର୍ଯ୍ୟକ୍ଷେତ୍ର ଗଠନରେ ଆଲିସିପ୍‌ର ଭୂମିକା' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ରକେଟ୍ ଇଣ୍ଡିଆର ଆସିଷ୍ଟାଣ୍ଟ ଭାଇସ୍ ପ୍ରେସିଡେଣ୍ଟ ସୁଗନ୍ୟା ବୀରରାଘବନ, ଫୁଡ୍‌ହବ୍‌ର ମାନବ ସମ୍ବଳ ବିଭାଗ ମୁଖ୍ୟ ସୁରେଶ ଆଦେ, ନର୍ଡେକ୍ସ ଗ୍ରୁପ୍‌ର ସିନିୟର ମ୍ୟାନେଜର ଅର୍ଚ୍ଚନା ମୁକୁନ୍ଦନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଭବିଷ୍ୟତର କାର୍ଯ୍ୟକ୍ଷେତ୍ର ପାଇଁ ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତ କରିବାରେ ଶିଳ୍ପ-ଶିକ୍ଷାନୁଷ୍ଠାନ ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିବା ବେଳେ ସୋଆ କର୍ପୋରେଟ୍ ରିଲେସନ୍ସ ଆଣ୍ଡ ପ୍ଲେସମେଣ୍ଟ ଡିନ୍ ଡ. ରାଜ କୁମାର ହୋତା କାର୍ଯ୍ୟକ୍ଷେତ୍ରର ସଂସ୍କୃତି ଓ ଦୈନନ୍ଦିନ ନେତୃତ୍ୱରେ ଆଲିସିପ୍‌ର ମୂଲ୍ୟବୋଧକୁ ସାମିଲ କରିବାର ଆବଶ୍ୟକତା ଉପରେ ମତ ରଖିଥିଲେ।

ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ଆମ୍ବେଦକର ସେବକ ସଂଘ

ଭୁବନେଶ୍ୱର(ପିପିଏସ୍): ଆମ୍ବେଦକର ସେବକ ସଂଘ, ଓଡ଼ିଶା ପକ୍ଷରୁ ଆଇଗିଣିଆ ଆଳୁ ଗୋଦାମ ନିକଟ ଦାଣ୍ଡିମାଳ ସେବକ ସଂଘ କାର୍ଯ୍ୟାଳରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ମୌଳିକ ସମସ୍ୟା, ସାମ୍ବିଧାନିକ ଅଧିକାରର ସୁରକ୍ଷା, ସମ୍ବିଧାନ ସଚେତନତା ଏବଂ ରାଜ୍ୟ କମିଟି ଗଠନକୁ ନେଇ ସଚେତନତା ସଭା ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ଜାତୀୟ ଅନୁସୂଚିତ ଜାତି କମିଶନଙ୍କ ରାଜ୍ୟ କାର୍ଯ୍ୟାଳୟ ସ୍ଥାପନ, ରାଜ୍ୟବ୍ୟାପୀ 'ସମ୍ବିଧାନ ବଂଚାଅ:ସମ୍ବିଧାନ ସୁରକ୍ଷା ଅଭିଯାନ', ଅସାମ୍ବିଧାନିକ, ସମ୍ବିଧାନ ବିରୋଧୀ, ମନୁବାଦୀ ଓ ଜାତିବାଦୀ ଚିନ୍ତାଧାରା ବିରୋଧରେ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଏବଂ ସମ୍ବିଧାନ ସୁରକ୍ଷା ରଥ ମାଧ୍ୟମରେ ରାଜ୍ୟବ୍ୟାପୀ ଜନଜାଗରଣ କାର୍ଯ୍ୟକ୍ରମ ଆରମ୍ଭ କରିବା, ମେହେତର (ସଫେଇ) ସମ୍ପ୍ରଦାୟର ଦୀର୍ଘଦିନର ସମସ୍ୟାର ସମାଧାନ, ଜାତି ପ୍ରମାଣପତ୍ର ପ୍ରଦାନ, ବଂଚିତ ସଫେଇ ପରିବାରଙ୍କୁ ସାମ୍ବିଧାନିକ ଅଧିକାର ଓ ସରକାରୀ ସୁବିଧା ସୁନିଶ୍ଚିତ କରିବା ନେଇ ଦାବି ହୋଇଥିଲା। ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ନିବାରଣ) ଆଇନ ଅନୁଯାୟୀ ରୁଜୁ ହେଉଥିବା ମାମଲାରେ ଯୁଗ୍ମ ତଦନ୍ତ ନାମରେ ବିଳମ୍ବ ଏବଂ ପୀଡ଼ିତଙ୍କୁ ସୁରକ୍ଷା ନମିଳିବା ପ୍ରସଙ୍ଗରେ ଉଦ୍‌ବେଗ ପ୍ରକାଶ କରିବା ସହ ତଦନ୍ତ ସମୟରେ ନିୟମାନୁଯାୟୀ ଦାୟିତ୍ୱପ୍ରାପ୍ତ ଅଧିକାରୀଙ୍କ ଉପସ୍ଥିତି ଓ ନ୍ୟାୟସଙ୍ଗତ ପ୍ରକ୍ରିୟା ପାଳନ କରିବାକୁ ସଂଘ ଦାବି କରିଛି। ଏନେଇ ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ଜେନା କହିଥିଲେ ଯେ, ଏହି ସମସ୍ତ ପ୍ରସ୍ତାବକୁ ଆଧାର କରି ମୌଳିକ ଅଧିକାର ସୁରକ୍ଷା ଏବଂ 'ସମ୍ବିଧାନ ବଂଚାଅ' ସ୍ଲୋଗାନ୍ ସହ ଆମ୍ବେଦକର ସେବକ ସଂଘ ରାଜ୍ୟବ୍ୟାପୀ ଜନଆନ୍ଦୋଳନ ଓ ଜନସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବ। ସଭାରେ ଗିରିଶ ଚନ୍ଦ୍ର ଭୋଇ, ପ୍ରକାଶ ଚନ୍ଦ୍ର ନାୟକ, ଦୈତାରୀ ନାୟକ, କ୍ଷୀରୋଦ ଚନ୍ଦ୍ର ନାୟକ, ସୁରେଶ ନାୟକ, ସୁବଳ ନାୟକ, ସୁପ୍ରଭା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଦୈତାରୀ ନାୟକ ସଂଯୋଜନା କରିଥିବା ବେଳେ ସାଧାରଣ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

ଆଇଆଇଏମଟି ପକ୍ଷରୁ ଏଆଇ ଉପକରଣ ଉପରେ ହାଇବ୍ରିଡ୍ କର୍ମଶାଳା

ଭୁବନେଶ୍ୱର (ପିପିଏସ୍): ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱର 'ଗବେଷଣା, ଶିକ୍ଷାଦାନ, ଉତ୍ପାଦକତା, ଡାଟା ଆନାଲିଟିକ୍ସ ପାଇଁ ପରବର୍ତ୍ତୀ ପିଢ଼ିର ଏଆଇ ଉପକରଣ' ଉପରେ ଏକ ଛଅ ଦିନିଆ ହାଇବ୍ରିଡ୍ କର୍ମଶାଳା ଉଦଘାଟିତ ହୋଇଛି। ଉଦଘାଟନୀ ଅଧିବେଶନର ଆରମ୍ଭରେ ଆଇଆଇଏମଟି ଭୁବନେଶ୍ୱରର ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ପଟ୍ଟନାୟକ, ଆଇଆଇଏମଟି ନିର୍ଦ୍ଦେଶକ ପ୍ରଫେସର ଡ. ଜୟଦେବ କର ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଟ୍ୟାଲେଣ୍ଟ ସିଗମା ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ନିର୍ଦ୍ଦେଶକ ଏବଂ ଆଇଏସଟିଡି ଭୁବନେଶ୍ୱର ଚାପ୍ଟର ସଚିବ ଡ. ପରେଶ ଚନ୍ଦ୍ର ମହାନ୍ତି, ଇଣ୍ଡିଆନ୍ ସୋସାଇଟି ଫର୍ ଟ୍ରେନିଂ ଆଣ୍ଡ୍ ଡେଭଲପମେଣ୍ଟ (ଆଇଏସଟିଡି) ଜାତୀୟ ଅଧ୍ୟକ୍ଷ ନବଘନ ପାଣି ମଧ୍ୟ ଉପସ୍ଥିତ ଥିଲେ। ଉଦଘାଟନୀ କାର୍ଯ୍ୟକ୍ରମ ଭୁବନେଶ୍ୱରର ଆଇଆଇଏମଟି ଏମବିଏ ବିଭାଗ ମୁଖ୍ୟ ସୋମା ମିତ୍ର ଧନ୍ୟବାଦ ଦେଇଥିଲେ।

ବଢୁଛି ଦୁର୍ଘଟଣାଜନିତ ମୃତ୍ୟୁହାର, ୧୦ ପ୍ରତିଶତ ମାମଲା ବୃଦ୍ଧି

ଭୁବନେଶ୍ୱର (ପିପିଏସ୍): ରାଜଧାନୀରେ ମୁଣ୍ଡ ନେଉଛି ଦୁର୍ଘଟଣା। ଦୁର୍ଘଟଣା ହାର ଲୋକଙ୍କୁ ଧୀରେ ଧୀରେ ଡରାଇବାରେ ଲାଗିଲାଣି। ବର୍ଷକୁ ୧୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦୁର୍ଘଟଣା ମାମଲା ବଢୁଥିଲା ବେଳେ ଏହାସହ ତାଳ ଦେଇ ମୃତକ ସଂଖ୍ୟା ମଧ ବୃଦ୍ଧି ପାଉଛି। କେତେବେଳେ ରାସ୍ତା ଖରାପ ଯୋଗୁଁ ଦୁର୍ଘଟଣା ଘଟୁଥିଲା ବେଳେ କେତେବେଳେ ଟ୍ରାଫିକ୍ ଅନିୟମିତା ଯୋଗୁଁ ଦୁର୍ଘଟଣା ଘଟୁଛି। ପୁଣି କେତେବେଳେ ବିନା କାରଣରେ ଚାଲି ଚାଲି ଯାଉଥିବା ଲୋକଙ୍କୁ ମଦ୍ୟପ ଗାଡି ଚଢାଇ ମାରି ଦେଉଛନ୍ତି। ରାଜଧାନୀ ରାସ୍ତାରେ ଗାଡି ଚାଳନା କରିବା ଦୂରର କଥା ଚାଲି ଚାଲି ଗଲେ ବି ଡର ଲାଗିଲାଣି।



ରାଜଧାନୀରେ ମୋଟ୍ ୨୦୨୫ମସିହାରେ ୪୫୭ ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଥିଲା। ୨୦୨୬ ମସିହାରେ ୫୦୦ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଛି। ୨୦୨୫ ମସିହାରେ ଭୁବନେଶ୍ୱରରେ ୧୧୩ ଜଣଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା ବେଳେ ୨୦୨୬ ମସିହାରେ ୧୩୦ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଆହତଙ୍କ ସଂଖ୍ୟାରେ ବି କିଛି କମ୍ ବୃଦ୍ଧି ହୋଇ ନାହିଁ। ୨୦୨୫ ମସିହାରେ ୨୯୬ ଜଣ ଆହତ ହୋଇଥିଲେ। ୨୦୨୬ ମସିହାରେ ଏହି ସଂଖ୍ୟା ବୃଦ୍ଧି ପାଇ ୩୭୧ରେ ପହଞ୍ଚିଛି। ଚଳିତ ବର୍ଷ ଖଣ୍ଡଗିରି ଥାନା ଅଞ୍ଚଳରେ ସର୍ବାଧିକ ୪୩ଟି ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଥିଲା ବେଳେ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଇନ୍‌ଫୋଭ୍ୟାଲି ଅଞ୍ଚଳରେ ସର୍ବାଧିକ ୧୬ ଜଣ ମୃତ୍ୟୁ ଘଟିଥିବା ରେକର୍ଡ କରାଯାଇଛି। ଏହାପଛକୁ ଜଟଣୀରେ ୧୫ ଜଣ ଏବଂ ପାହାଳରେ ୧୧ଜଣଙ୍କ ମୃତ୍ୟୁ ଘଟିଛି।

ଏହି ସଂଖ୍ୟାରେ ଖୋର୍ଦ୍ଧା ଜିଲ୍ଲାକୁ ଯୋଡ଼ିଲେ ମାମଲା ସଂଖ୍ୟା ୨୦୨୫ ମସିହାରେ ୬୫୦ ଥିଲା ବେଳେ ୨୦୨୬ ମସିହାରେ ମାମଲା ସଂଖ୍ୟା ୭୨୦ରେ ପହଞ୍ଚିଛି। ମୋଟ୍ ମାମଲା ସଂଖ୍ୟାରେ ପ୍ରାୟ ୧୦.୭ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୨୦୨ ହୋଇଥିଲା ବେଳେ ଚଳିତବର୍ଷ ଦୁର୍ଘଟଣାଜନିତ ମୃତକଙ୍କ ସଂଖ୍ୟା ୨୨୩ରେ ପହଞ୍ଚିଛି ଯାହା ଦର୍ଶାଉଛି ବିଗତ ବର୍ଷରେ ୧୦ ପ୍ରତିଶତ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି।

ସେହିପରି ଦୁର୍ଘଟଣାର ରାସ୍ତା ପ୍ରମୁଖ କାରଣ ପାଲଟିଛି। ଗୋଟିଏ ବର୍ଷାରେ ସମ୍ପୂର୍ଣ୍ଣ ଭାବେ ପିଚୁ ଧୋଇ ଯାଉଛି। ରାଜଧାନୀର ରାସ୍ତା ଖାଲ ଖମାରେ ଭରି ରହିଛି। ସେପଟେ ଅଧିକାଂଶ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ କାମ କରୁନାହିଁ। ରାଜ୍ୟ ରାଜପଥରଗୁଡ଼ିକ ଅବସ୍ଥା ଯାହା ଜାତୀୟ ରାଜପଥର ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଛି। ରାଜଧାନୀରେ କେବଳ ପତିଆରା ଦେଖାଇବା ପାଇଁ ଦୁର୍ଘଟଣାରେ ଲୋକଙ୍କୁ ଖଣ୍ଡିଆଖାବରା କରିବା ସହ ଜୀବନରୁ ମାରି ଦେଉଛନ୍ତି। ଥର୍ ଗାଡି ଚାଳକ ମାନେ ରାସ୍ତାରେ ଉତ୍ପାତ କରୁଛନ୍ତି। ଦୃତ ଗତିରେ ଗାଡି ଚାଳନା କରୁଛନ୍ତି। ଏମାନେ ଏକାଧିକ ଲୋକଙ୍କୁ ମୃତ୍ୟୁ ମୁଖରେ ପକାଇବା ସହ ଚଳିତ ବର୍ଷ ୧୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା କେବଳ ଥର୍ ଚାଳକ ନିଜ ପତିଆରା ଦେଖାଇବାକୁ କରିଛନ୍ତି।

ପିଲାଙ୍କ ଜୀବନ ନେଉଛି ଚାନ୍ଦିପୁରା ଭାଇରସ୍

ନୂଆଦିଲ୍ଲୀ:ଗୁଜରାଟରେ ପିଲାଙ୍କ ଜୀବନ ନେଉଛି ଚାନ୍ଦିପୁରା ଭାଇରସ୍ । ଏହି ପ୍ରାଣଘାତୀ ରୋଗରେ ରାଜ୍ୟରେ ଏ ପର୍ଯ୍ୟନ୍ତ ୨୨ ଜଣ ପିଲାଙ୍କ ମୃତ୍ୟୁ ହୋଇଛି । ପ୍ରାଣ ହରାଇଥିବା ସମସ୍ତ ପିଲାଙ୍କ ବୟସ ୧୫ ବର୍ଷରୁ କମ୍ ବୋଲି ଗୁଜରାଟର ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରଫୁଲ ପାନସେରିଆ ସୂଚନା ଦେଇଛନ୍ତି । ତେବେ ସଂକ୍ରମଣ କେବଳ ଗୋଟିଏ ଗାଁ କିମ୍ବା ସହରରେ କେନ୍ଦ୍ରୀଭୂତ ହୋଇ ନାହିଁ । ଗୁଜରାଟର ବିଭିନ୍ନ ସ୍ଥାନରୁ ଏହି ମାମଲା ରିପୋର୍ଟ ହୋଇଛି ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ମନ୍ତ୍ରୀଙ୍କ କହିବା ଅନୁସାରେ ଚଳିତ ମୌସୁମୀ ଋତୁରେ ୧୮୪ ସନ୍ଦିଗ୍ଧ ମାମଲା ମଧ୍ୟରୁ ୩୫ ଜଣଙ୍କ ଶରୀରରେ ଚାନ୍ଦିପୁରା ଭାଇରସ୍ ଚିହ୍ନଟ ହୋଇଥିଲା । ଆଉ ଏଥିରେ ଏ ପର୍ଯ୍ୟନ୍ତ ୨୨ ଜଣଙ୍କ ମୃତ୍ୟୁ ହୋଇସାରିଛି । ତେବେ ଆହୁରି ୧୧ ଜଣଙ୍କ ନମୁନାର ରିପୋର୍ଟ ଆସିବା ବାକି ରହିଛି । ପଜିଟିଭ୍ ହୋଇଥିବା ୭ ଜଣ ପିଲା ରାଜ୍ୟର ବିଭିନ୍ନ ସିଭିଲ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ସାବରକଣ୍ଠା-ହିମ୍ମତନଗର, ପାଟନ, ରାଜକୋଟ ଏବଂ ଭାବନଗର ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପିଲାମାନଙ୍କୁ ବିଶେଷଜ୍ଞ ଡାକ୍ତରଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଚିକିତ୍ସା କରାଯାଉଛି । ଚାନ୍ଦିପୁରା ଭାଇରସ ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ଟୀକା ବାହାରିନି କିମ୍ବା ଆଣ୍ଟିଭାଇରାଲ୍ ଚିକିତ୍ସା ନାହିଁ । ଗୁଜରାଟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଫୁଲ ପାନସେରିଆ ଲୋକଙ୍କୁ ଆତଙ୍କିତ ନ ହେବାକୁ କିମ୍ବା ଗୁଜବରେ ଧ୍ୟାନ ନ ଦେବାକୁ ଅନୁରୋଧ କରିଛନ୍ତି ଏବଂ ପିଲାମାନଙ୍କ ମଧ୍ୟରେ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରୀ ଚିକିତ୍ସା ପାଇଁ ପିତାମାତାଙ୍କୁ ଅପିଲ୍ କରିଛନ୍ତି । ଚାନ୍ଦିପୁରା ଏନସେଫାଲାଇଟିସ୍ ଏକ ବିରଳ ଭାଇରାଲ୍ ରୋଗ ଯାହା ମୁଖ୍ୟତଃ ସ୍ୟାଣ୍ଡ ଫ୍ଲାଏ ବା ରକ୍ତ ଶୋଷୁଥିବା ଏକ ପ୍ରକାର କୀଟ ମାଧ୍ୟମରେ ବ୍ୟାପିଥାଏ । ଏହି ଭାଇରସ ପ୍ରଥମେ ୧୯୬୫ ମସିହାରେ ମହାରାଷ୍ଟ୍ରର ନାଗପୁର ଜିଲ୍ଲାର ଚାନ୍ଦିପୁରା ଗାଁରେ ଚିହ୍ନଟ ହୋଇଥିଲା । ଏହା ମୁଖ୍ୟତଃ ପିଲାମାନଙ୍କୁ ସଂକ୍ରମିତ ହୋଇଥାଏ ।

ଇସ୍ତଫା ଦେଲେ ୨ ବିଧାୟକ

ନୂଆଦିଲ୍ଲୀ : କର୍ନାଟକରେ ଡିକେ ଶିବକୁମାରଙ୍କ ସରକାରର କ୍ୟାବିନେଟ୍ ସମ୍ପ୍ରସାରଣ ହୋଇଛି । ମୋଟ ୨୦ ଜଣ ମନ୍ତ୍ରୀ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି । କଂଗ୍ରେସ ସରକାର କ୍ୟାବିନେଟ୍ ସମ୍ପ୍ରସାରଣରେ ଜାତିଗତ ଏବଂ ଆଞ୍ଚଳିକ ସମୀକରଣକୁ ସନ୍ତୁଳିତ କରିବାକୁ ଚେଷ୍ଟା କରିଛନ୍ତି, ତଥାପି ବିଦ୍ରୋହର ସ୍ଥିତି ଦେଖାଦେଇଛି । ଦୁଇଜଣ ବିଧାୟକ ଇସ୍ତଫା ଦେଇଛନ୍ତି ଏବଂ ଆଉ କିଛି ଲୋକ ଅଛନ୍ତି ଯେଉଁମାନେ ଏହିପରି ଧମକ ଦେଉଛନ୍ତି । ଏହା ଉପରେ ଡିକେ ଶିବକୁମାର ନରମ ଆଭିମୁଖ୍ୟ ବଦଳରେ କଠୋର ଆଭିମୁଖ୍ୟ ଆପଣାଇଛନ୍ତି । ତାଙ୍କ କହିବା କଥା ଯେ ଦଳ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ତଥାପି ଯଦି କେହି ଇସ୍ତଫା ଦିଅନ୍ତି, ତେବେ ଆମେ କିଛି ମିନିଟ୍ ମଧ୍ୟରେ ତାହା ଗ୍ରହଣ କରିନେବୁ । ତଥାପି ମୋର ଏହି ପରାମର୍ଶ ଯେ ବିଚଳିତ ନହୋଇ ଦଳ ପାଇଁ କାର୍ଯ୍ୟ କରିଚାଲନ୍ତୁ । ଡିକେ ଶିବକୁମାର ବିଧାୟକମାନଙ୍କୁ ଆନୁଗତ୍ୟ ଦେଖାଇବାକୁ ପରାମର୍ଶ ଦେଇ କହିଛନ୍ତି ଯେ ଆପଣମାନଙ୍କୁ ଧୈର୍ଯ୍ୟ ରଖିବାକୁ ହେବ । ଭବିଷ୍ୟତରେ ଆପଣଙ୍କୁ ମଧ୍ୟ ସୁଯୋଗ ମିଳିବ । ଡିକେ ଶିବକୁମାର କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବୋର୍ଡ ଏବଂ ଅନେକ ନିଗମରେ ପଦବୀ ଖାଲି ଅଛି । ଏଗୁଡ଼ିକୁ ଶୀଘ୍ର ପୂରଣ କରାଯିବ, ତେଣୁ ସମସ୍ତଙ୍କୁ ସୁଯୋଗ ମିଳିବ । ଡିକେ ଶିବକୁମାର କହିଛନ୍ତି, "ମୋତେ ଯାହା କହିବାର ଥିଲା, ମୁଁ କହିସାରିଛି । ରାଜନୀତିରେ ଇସ୍ତଫା ହେଉଥାଏ । ଇସ୍ତଫା ଦେଉଥିବା ଲୋକଙ୍କୁ ତ କେହି ଅଟକାଇ ପାରିବେ ନାହିଁ । ଯଦି ସେମାନେ ଦଳରେ ରହିବାକୁ ଚାହାଁନ୍ତି ଏବଂ ଦଳ ସହିତ ନିଜର ଭବିଷ୍ୟତ ଦେଖୁଛନ୍ତି, ତେବେ ଏହା ବୁଝିବାକୁ ହେବ ଯେ ଦଳ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଯଦି ଦଳ ମଜବୁତ୍ ହେବ, ତେବେ ହିଁ ଆମ ସମସ୍ତଙ୍କର ଫାଇଦା ହେବ ଏବଂ କିଛି ମିଳିପାରିବ ।"

ଏଲ୍ଆଇସିର ୬.୫% ଅଂଶଧନ ବିକ୍ରିହେବ

ନୂଆଦିଲ୍ଲୀ: କେନ୍ଦ୍ର ସରକାର ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ୬.୫ ପ୍ରତିଶତ ଅଂଶଧନ ବିକିବେ । ମଙ୍ଗଳବାରଠାରୁ ଏହି ସେୟାର ବିକ୍ରି ଅଫର୍ ଫର ସେଲ୍ ବା ଓଏଫ୍ଏସ୍ ଜରିଆରେ ଆରମ୍ଭ ହେବ ବୋଲି ନିବେଶ ଓ ସରକାରୀ ସମ୍ପତ୍ତି ପରିଚାଳନା ବିଭାଗ (ଦିପମ୍) ସଚିବ ଆରୁନିଷ ଚାୱଲା ସୂଚନା ଦେଇଛନ୍ତି । ପ୍ରଥମେ ୨.୫ ପ୍ରତିଶତ ଅଂଶଧନ ବିକ୍ରି ହେବ ଏବଂ ଚାହିଦା ଭଲ ରହିଲେ ଆଉ ୪ ପ୍ରତିଶତ ବିକ୍ରି କରାଯିବ । ମଙ୍ଗଳବାର ଅଣଖୁଚୁରା ବା ନନ୍-ରିଟେଲ୍ ନିବେଶକମାନଙ୍କ ପାଇଁ ଏଲ୍ଆଇସିର ସେୟାର କିଣିବା ସୁଯୋଗ ମିଳିବ । ବୁଧବାର ରିଟେଲ୍ ବା ଖୁଚୁରା ନିବେଶକମାନେ ସେୟାର କିଣିପାରିବେ । ସୋମବାର କାରବାର ଶେଷବେଳକୁ ଏଲଆଇସିର ସେୟାର ପିଛା ମୂଲ୍ୟ ୪୨୪ ଟଙ୍କା ରହିଥିଲା । ଏହି ମୂଲ୍ୟ ଉପରେ ୧୦ ପ୍ରତିଶତ ରିହାତି ଦରରେ ବା ୩୮୨ ଟଙ୍କାରେ ସେୟାର ବିକ୍ରି ପାଇଁ ଧାର୍ଯ୍ୟ କରାଯାଇଛି ବୋଲି ଚାୱଲା କହିଛନ୍ତି । ଯଦି ସରକାର ସଂପୂର୍ଣ୍ଣ ୬.୫ ପ୍ରତିଶତ ଅଂଶଧନ ବିକ୍ରି କରନ୍ତି ତାହେଲେ ଏ ବାବଦରେ ପ୍ରାୟ ୩୧,୪୦୦ କୋଟି ଟଙ୍କା ମିଳିବ । ଏଲ୍ଆଇସିରେ ସରକାରଙ୍କର ବର୍ତ୍ତମାନ ୯୬.୫ ପ୍ରତିଶତ ଅଂଶଧନ ରହିଛି । ୬.୫ ପ୍ରତିଶତ ଅଂଶଧନ ବିକ୍ରି ହେଲେ ଏଲଆଇସିରେ କେନ୍ଦ୍ର ସରକାରଙ୍କ ଅଂଶଧନ ୯୦ ପ୍ରତିଶତକୁ ଖସିଆସିବ ।

ସିଜେପି ଆନ୍ଦୋଳନ ପ୍ରସଙ୍ଗ

ମାମଲା ପ୍ରତ୍ୟାହାର କରିପାରିବେ ରାଜ୍ୟ ସରକାର

ନୂଆଦିଲ୍ଲୀ: ନିଟ୍ ପ୍ରଶ୍ନପତ୍ର ପ୍ରଘଟକୁ ନେଇ କକ୍ରୋଚ୍ ଜନତା ପାର୍ଟି(ସିଜେପି) ପ୍ରତିବାଦ ସମୟରେ ଘଟିଥିବା ହିଂସା ସମ୍ପର୍କିତ ଆବେଦନଗୁଡ଼ିକର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ ଆନ୍ଦୋଳକାରୀ ଛାତ୍ରଛାତ୍ରଙ୍କ ବିରୋଧରେ ଯେଉଁ ସବୁ ମାମଲା ରହିଛି ସେଗୁଡ଼ିକୁ ରାଜ୍ୟ ସରକାର ଚାହିଁଲେ ଆଇନ ଅନୁଯାୟୀ ପ୍ରତ୍ୟାହାର କରିପାରିବେ । ତେବେ ଆନ୍ଦୋଳନରେ ସାମିଲ ହୋଇଥିବା ଏପରି ବ୍ୟକ୍ତି ଯେଉଁମାନଙ୍କ ବିରୋଧରେ ପୂର୍ବରୁ ଗୁରୁତର ଅଭିଯୋଗ ରହିଥିବ ସେମାନଙ୍କୁ କୌଣସି ପ୍ରକାର ଆଶ୍ୱସ୍ତି ମିଳିବ ନାହିଁ । ରାଜ୍ୟଗୁଡ଼ିକ ନିକଟରେ ମାମଲା ପ୍ରତ୍ୟାହାର କରିବାର ସ୍ୱାଧୀନତା ରହିବ, ଅର୍ଥାତ୍ ସେମାନେ ପ୍ରତିବାଦକାରୀଙ୍କ ବିରୋଧରେ ମାମଲା ଶେଷ କରିପାରିବେ କିମ୍ବା ପ୍ରତ୍ୟାହାର କରିପାରିବେ ।

ସୂଚନାଥାଉ କି ମାମଲାର ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ସିଜେପି ନେତୃବର୍ଗଙ୍କ ସହ ଆଲୋଚନା ସମୟରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ବିରୋଧରେ ଥିବା ମାମଲା ପ୍ରତ୍ୟାହାର ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ । କେନ୍ଦ୍ର ସରକାର ଏହି ପ୍ରତିଶ୍ରୁତିକୁ ରକ୍ଷା କରିବାକୁ ଚାହୁଁଛନ୍ତି । ଏହି ପ୍ରକ୍ରିୟା କିପରି ସୁଚାରି ରୂପେ ସମ୍ପନ୍ନ ହୋଇପାରିବ ସେ ନେଇ ମାର୍ଗଦର୍ଶିକା ସ୍ପଷ୍ଟ ହେବା ଆବଶ୍ୟକ । ଏ ନେଇ ଖଣ୍ଡପୀଠ କହିଥିଲେ ବିଭିନ୍ନ ରାଜ୍ୟରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ବିରୋଧରେ କେତେ ମାମଲା ରୁଜୁ ହୋଇଛି ସେ ସମ୍ପର୍କରେ ତଥ୍ୟ କେନ୍ଦ୍ର ସରକାର ସଂଗ୍ରହ କରିପାରିବେ । ଯେଉଁମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ସେମାନେ ପୂର୍ବରୁ କୌଣସି ଗୁରୁତର ଅପରାଧରେ ଅଭିଯୁକ୍ତ ଅଛନ୍ତି ନା ନାହିଁ ତାହା ଯାଞ୍ଚ କରାଯିବା ଉଚିତ୍ । ଯାଞ୍ଚ ପରେ ଯେଉଁମାନଙ୍କ ବିରୋଧରେ ପୂର୍ବରୁ କୌଣସି ଗୁରୁତର ଅଭିଯୋଗ ନ ଥିବ ସେମାନଙ୍କ ବିରୋଧରେ ଆନ୍ଦୋଳନକୁ ନେଇ ଥିବା ମାମଲା ପ୍ରତ୍ୟାହାର ପ୍ରକ୍ରିୟା ଆଇନ ଅନୁଯାୟୀ ଆରମ୍ଭ କରାଯାଇ ପାରିବ । ତେବେ ଯେଉଁମାନଙ୍କ ବିରୋଧରେ ପୂର୍ବରୁ ଗୁରୁତର ଅଭିଯୋଗ ଥିବ ସେମାନଙ୍କୁ କୌଣସି ପ୍ରକାର ଆଶ୍ୱସ୍ତି ମିଳିବ ନାହିଁ ।

ଅନ୍ୟପକ୍ଷରେ ବିକ୍ଷୋଭ ପ୍ରଦର୍ଶନ ସମୟରେ ପେଟେଲ୍ ଗନ୍ ବ୍ୟବହାରକୁ ନେଇ କ'ଣ ମାର୍ଗଦର୍ଶିକା ରହିଛି ସେ ସମ୍ପର୍କରେ ଜଣାଇବାକୁ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୮ରେ ହେବ ।

ଅନ୍ୟ ଦାବି ପୂରଣ ନହେଲ ପୁଣି ଆନ୍ଦୋଳନ: ସିଜେପି

ନୂଆଦିଲ୍ଲୀ : ଅଭିଜିତ୍ ଦୀପକେଙ୍କ ନେତୃତ୍ୱାଧୀନ କାକ୍ରୋଚ୍ ଜନତା ପାର୍ଟି (ସିଜେପି) ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବା ଲାଗି ସରକାରଙ୍କୁ ଚେତାବନୀ ଦେଇଛି । ସୋମବାର ଦୀପକେ କହିଛନ୍ତି ଯେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ଯଦି ପୂରଣ କରା ନଯାଏ ତେବେ ଦଳ ପକ୍ଷରୁ ପୁଣି ଥରେ ଆନ୍ଦୋଳନ କରାଯିବ । ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍କୁ ନେଇ ସିଜେପିର ପକ୍ଷରୁ ହୋଇଥିବା ଆନ୍ଦୋଳନ ଓ ସଂସଦ ପଦଯାତ୍ରା ସମୟରେ ସରକାରଙ୍କ ନିକଟରେ ତିନିଟି ଦାବି ଉପସ୍ଥାପନ କରାଯାଇଥିଲା । ତିନିଟି ଦାବି ମଧ୍ୟରୁ ପ୍ରମୁଖ ଦାବି ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାକୁ କାର୍ଯ୍ୟକାରୀ କରାଯାଇଛି । ଅବଶିଷ୍ଟ ଦୁଇଟି ଦାବି ହେଉଛି ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରୁ ସମସ୍ତ ମାମଲା ପ୍ରତ୍ୟାହାର ଓ ଆତ୍ମହତ୍ୟା କରିଥିବା ନିଟ୍ ଆଶାୟୀଙ୍କ ପରିବାରକୁ ପିଛା ୧କୋଟି ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ କରିବା । ଦୀପକେ କହିଛନ୍ତି ଯେ, ସରକାର ଛାତ୍ରଛାତ୍ରୀଙ୍କ ବିରୋଧରେ ହୋଇଥିବା ସମସ୍ତ ମାମଲା ପ୍ରତ୍ୟାହାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ କରିନାହାନ୍ତି । ଆତ୍ମହତ୍ୟା କରିଥିବା ନୀଟ୍ ପରୀକ୍ଷାର୍ଥୀଙ୍କ ପରିବାରକୁ ଆର୍ଥିକ ସହାୟତା/କ୍ଷତିପୂରଣ ଏପର୍ଯ୍ୟନ୍ତ ମିଳିନଥିବା ସେମାନେ ଦର୍ଶାଇଛନ୍ତି । ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସରକାର ଏହିସବୁ ଦାବି ପୂରଣ ନ କରନ୍ତି ତେବେ ନୂଆଦିଲ୍ଲୀର ଯନ୍ତର ମନ୍ତର ସମେତ ଦେଶର ବିଭିନ୍ନ ରାଜ୍ୟରେ ପୁଣି ଆନ୍ଦୋଳନ ହେବ ବୋଲି ସିଜେପି କହିଛି ।

ଟ୍ରମ୍ପଙ୍କୁ ଝଟକା ଦେଲା ପାକିସ୍ତାନ !

ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟରେ ଇରାନ, ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ସଂଘର୍ଷ ପରେ ପାଞ୍ଚ ମାସରୁ ଅଧିକ ସମୟ ବିତିଗଲାଣି । କିନ୍ତୁ ଏପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରିନାହିଁ । ଗତ ମାସରେ ଆମେରିକା ଏବଂ ଇରାନ ମଧ୍ୟରେ ବହୁସ୍ତରୀୟ ଆଲୋଚନା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା, କିନ୍ତୁ ହଠାତ୍ ଯୁଦ୍ଧବିରତି ବାତିଲ ହେବା ଆମେରିକା ଏବଂ ଇରାନକୁ ପୁଣି ଥରେ ଯୁଦ୍ଧ ସ୍ଥିତିକୁ ନେଇଛି । ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକପୂର୍ଣ୍ଣ ସ୍ୱରରେ ଘୋଷଣା କରିଛନ୍ତି ଯେ ସେ ଇରାନ ସହିତ ଏକ ନୂତନ ସ୍ତରରେ ଆଲୋଚନା ପୁନଃ ଆରମ୍ଭ କରିବାକୁ ଚାହାଁନ୍ତି, ଚେତାବନୀ ଦେଇଛନ୍ତି ଯେ ଯଦି ତେହେରାନ ସରକାର ମନା କରନ୍ତି, ତେବେ ଆଗାମୀ ଦିନଗୁଡ଼ିକ ଆହୁରି ଭୟଙ୍କର ହୋଇପାରେ । ଏହି ସମୟରେ, ରିପୋର୍ଟ ପ୍ରକାଶ ପାଉଛି ଯେ ମଧ୍ୟପ୍ରାଚ୍ୟ ସଂଘର୍ଷର ପ୍ରଥମ ଦିନରୁ ଇରାନ ଏବଂ ଆମେରିକା ମଧ୍ୟରେ ମଧ୍ୟସ୍ଥତା କରି ଆସୁଥିବା ପାକିସ୍ତାନ ଏବେ ଏହି ଦାୟିତ୍ୱରୁ ନିଜକୁ ଦୂରେଇ ରଖିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର କହିଛନ୍ତି ଯେ ତାଙ୍କ ଉଦ୍ୟମରେ ଇରାନ ସହିତ ଆଲୋଚନା ପୁଣି ଥରେ ଚାଲିଛି । ସାଉଦି ଆରବ, ୟୁଏଇ ଏବଂ କାତାର ଏହି ପ୍ରୟାସରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି, କାରଣ ଏହି ଉପସାଗରୀୟ ଦେଶଗୁଡ଼ିକ ଆମେରିକାକୁ ଇରାନ ସହିତ ଜଡିତ ହେବାକୁ ଉତ୍ସାହିତ କରିଥିଲେ । ଡୋନାଲ୍ଡ ଟ୍ରମ୍ପ ଆଲୋଚନାକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି । ସେ କହିଛନ୍ତି ଯେ ହରମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜ ସମ୍ପର୍କରେ ଆଲୋଚନା ବର୍ତ୍ତମାନ ଚାଲିଛି । ଏହି ସମୟରେ ଆମେରିକା ଏବଂ ଇରାନ ମଧ୍ୟରେ ନୂତନ ଆଲୋଚନାରେ ପାକିସ୍ତାନ ସମ୍ପୂର୍ଣ୍ଣ ଅନୁପସ୍ଥିତ ଅଛି ।

୨ ବର୍ଷ ପରେ ମିଡିଆ ଆଗକୁ ଆସିବେ ଶେଖ ହସିନା

ନୂଆଦିଲ୍ଲୀ : ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ପୁଣିଥରେ ଚର୍ଚ୍ଚାରେ । ଏବେ ଶେଖ୍ ହାସିନା ଖୁବ୍ ଶୀଘ୍ର ମିଡିଆ ପ୍ରଶ୍ନ ଉତ୍ତରର ଲାଇଭ ଉତ୍ତର ରଖିବେ । ଏହା ୨ ବର୍ଷରେ ପ୍ରଥମ ଥର ଯେତେବେଳେ ଶେଖ୍ ହସିନା ପ୍ରେସ୍ କନଫ୍ରେନ୍ସ କରିବେ । ଏହି ଖବର ଆସିବା ମାତ୍ରେ ରାଜନୀତି ଦୁନିଆରେ ଚର୍ଚ୍ଚା ବଢିଛି । ଶେଖ ହାସିନା ଅଗଷ୍ଟ ୨୦୨୪ ରେ ହୋଇଥିବା ହିଂସ୍ରକ ବିରୋଧ ପରେ ବାଂଲାଦେଶ ଛାଡି ଭାରତ ଆସିଯାଇଥିଲେ । ସେବେଠାରୁ ହସିନା ଲିଖିତ ବୟାନ ଜାରି କରିଛନ୍ତି । କିନ୍ତୁ ସେ କେବେ ସାମନାକୁ ଆସିନାହାନ୍ତି । ଏବେ ମିଡିଆ ସହ ଲାଇଭ ଆଲୋଚନାର ଖବର ସାମନାକୁ ଆସିବା ପରେ ଏହି ପ୍ରଶ୍ନ ଉଠୁଛି ଯେ, କ'ଣ ଶେଖ ହାସିନା ନିଜେ କ୍ୟାମେରା ଆଗକୁ ଆସିବେ ? ମିଳିଥିବା ସୂଚନା ଅନୁସାରେ, ହସିନା ଆଗାମୀ ୫ ଅଗଷ୍ଟ, ଅର୍ଥାତ ବୁଧବାର ଅନ୍ତର୍ଜାତୀୟ ମିଡିଆକୁ ସମ୍ବୋଧିତ କରିବେ । ତେବେ ଏହି ସମୟରେ ହସିନା ଦେଖିବାକୁ ମିଳିବେନି । ସୁରକ୍ଷା ଓ ଗୋପନୀୟତା ପାଇଁ ସେ କ୍ୟାମେରା ଆଗକୁ ଆସିବେନି । କେବଳ ଅଡିଓ ଲିଙ୍କ ରିପୋର୍ଟରେ କୁହାଯାଇଛି ଯେ, ହସିନା ଭାରତର କେ?ଣସି ଗୁପ୍ତ ସ୍ଥାନରୁ ଅଡିଓ ଲିଙ୍କ ଜରିଆରେ ଲାଇଭ ଯୋଡି ହେବେ । ଏହା ପୂର୍ବରୁ ତାଙ୍କର ଲିଖିତ କିମ୍ବା ରେକର୍ଡିଂ ବଜାୟ ଜାରି ହେଉଥିଲା ।

ହ୍ୱାଟସ୍ଆପ୍ ବ୍ୟବହାର କରିବନି ପାକିସ୍ତାନୀ ସେନା

ନୂଆଦିଲ୍ଲୀ : ପାକିସ୍ତାନ ସେନା ନିଜର ସମସ୍ତ ଅଧିକାରୀ, ଯବାନ ଏବଂ ପ୍ରଶାସନିକ କର୍ମଚାରୀଙ୍କୁ ହ୍ୱାଟସଆପ୍ (ଡଷବଷ୍ପଷ୍ଠଇକ୍କକ୍ସ) ବ୍ୟବହାର ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛି । ସେନା ପକ୍ଷରୁ ଏକ ଅନ୍ତରୀଣ ନିର୍ଦ୍ଦେଶ ଜାରି କରାଯାଇ ସମସ୍ତ ଅଫିସିଆଲ୍ ଏବଂ ସାମରିକ ଯୋଗାଯୋଗକୁ ଚୀନର ସୋସିଆଲ୍ ଆପ୍ ୱିଚାଟ୍ (ଡରଉଷବଷ୍ପ) କୁ ସ୍ଥାନାନ୍ତର କରିବାକୁ କୁହାଯାଇଛି । ଏହି ନିଷ୍ପତ୍ତି ଚୀନ୍ ଓ ପାକିସ୍ତାନ ଭିତରେ ପ୍ରତିରକ୍ଷା ଓ ରଣନୈତିକ ସହଯୋଗକୁ ମଜବୁତ କରିବା ପାଇଁ ନିଆଯାଇଛି । ପୂର୍ବରୁ ଦୁଇ ଦେଶ ପାରସ୍ପରିକ ସହଯୋଗରେ ମୁଖ୍ୟ ରୂପରେ ଅସ୍ତ୍ରଶସ୍ତ୍ର କିଣୁଥିଲେ । ଚୀନ୍ରୁ ପାକିସ୍ତାନ ଯୁଦ୍ଧ ବିମାନ, ଯୁଦ୍ଧପୋତ ଓ ଏୟାର ଡିଫେନ୍ସ ସିଷ୍ଟମ କିଣୁଛି । ଏହା କେବଳ ଅସ୍ତ୍ରଶସ୍ତ୍ର ଯାଏଁ ସୀମିତ ରହିନାହିଁ । ଏବେ ସାଇବର କ୍ଷମତାକୁ ବଢାଇବା ଓ ସୁରକ୍ଷିତ କମ୍ୟୁନିକେସନ୍ ସିଷ୍ଟମ ବିକଶିତ କରିବାର ଲକ୍ଷ୍ୟ ରଖିଛନ୍ତି । ଆମେରିକୀୟ କମ୍ପାନୀ 'ମେଟା' (ଗରଷ୍ପବ)ର ମାଲିକାନାରେ ଥିବା ହ୍ୱାଟସଆପ୍ରେ ଡାଟା ଲିକ୍, ଗୁଇନ୍ଦାଗିରି ଏବଂ ଚାଟ୍ ହ୍ୟାକ୍ ହେବାର ଆଶଙ୍କା ଥିବା ଦର୍ଶାଇ ପାକିସ୍ତାନ ସେନା ଏହି ନିଷ୍ପତ୍ତି ନେଇଛି । ଏହା ସହ ଚୀନ୍ ଏବଂ ପାକିସ୍ତାନ ମଧ୍ୟରେ ସାମରିକ ଓ ରଣନୀତିକ ସହଯୋଗ କ୍ରମାଗତ ଭାବେ ବୃଦ୍ଧି ପାଉଛି । 'ଡରଉଷବେଷ୍ପ' ଆପଣାଇବା ଦ୍ୱାରା ଦୁଇ ଦେଶର ଡିଜିଟାଲ୍ ଯୋଗାଯୋଗ ବ୍ୟବସ୍ଥା ଅଧିକ ସହଜ ହେବ ବୋଲି ସେନା ବିଚାର କରୁଛିପାକିସ୍ତାନରେ ସୋସିଆଲ ମିଡିଆ ଏବଂ ଇଣ୍ଟରନେଟ୍ ଉପରେ କଟକଣା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଏହା ପୂର୍ବରୁ ମଧ୍ୟ ଜାତୀୟ ସୁରକ୍ଷା ଆଳରେ ପାକିସ୍ତାନ ସରକାର 'ଢ' (ଟ୍ୱିଟର) ଏବଂ ଅନ୍ୟାନ୍ୟ ଆପ୍ ଉପରେ ଅସ୍ଥାୟୀ କଟକଣା ଲଗାଇ ସାରିଛନ୍ତି ।

ପୂର୍ବତନ ରାଜ୍ୟପାଳ ଡିୱାଇ ପାଟିଲଙ୍କ ପରଲୋକ



ମୁମ୍ବାଇ: ଶିକ୍ଷାବିତ୍ ଏବଂ ପୂର୍ବତନ ରାଜ୍ୟପାଳ ଡିୱାଇ ପାଟିଲଙ୍କ ୯୧ ବର୍ଷ ବୟସରେ ବାର୍ଦ୍ଧକ୍ୟ ଜନିତ କାରଣରୁ ମହାରାଷ୍ଟ୍ରର କୋହ୍ଲାପୁରରେ ପରଲୋକ ହୋଇଯାଇଛି । ପାଟିଲ ୨୦୦୯ ରୁ ୨୦୧୩ ପର୍ଯ୍ୟନ୍ତ ତ୍ରିପୁରାର ରାଜ୍ୟପାଳ, ୨୦୧୩ ରୁ ୨୦୧୪ ପର୍ଯ୍ୟନ୍ତ ବିହାରର ରାଜ୍ୟପାଳ ଏବଂ ୨୦୧୪ ରେ କିଛି ସମୟ ପାଇଁ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବରେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ ।୧୯୯୧ ମସିହାରେ ତାଙ୍କୁ ପଦ୍ମଶ୍ରୀ ପ୍ରଦାନ କରାଯାଇଥିଲା । ସେ ଡିୱାଇ ପାଟିଲ ଗ୍ରୁପର ପ୍ରତିଷ୍ଠାତା ଭାବରେ ବହୁଳ ଭାବରେ ଜଣାଶୁଣା । ଏହି ଗ୍ରୁପ ମୁମ୍ବାଇ, ନଭି ମୁମ୍ବାଇ, ପୁଣେ ଏବଂ କୋଲହାପୁରରେ ଡିମ୍ଡ ବିଶ୍ୱବିଦ୍ୟାଳୟ ସମେତ ୧୫୦ ରୁ ଅଧିକ ଶିକ୍ଷାନୁଷ୍ଠାନ ପରିଚାଳନା କରୁଛି । ୨୨ ଅକ୍ଟୋବର ୧୯୩୫ରେ କୋଲହାପୁରରେ ଜନ୍ମଗ୍ରହଣ କରିଥିବା ପାଟିଲ ମହାରାଷ୍ଟ୍ରର ବିଧାୟକ ଭାବରେ ତାଙ୍କର ରାଜନୈତିକ କ୍ୟାରିଅର ଆରମ୍ଭ କରିଥିଲେ । ପରେ ସେ ୨୦୧୮ରେ କଂଗ୍ରେସ ଦଳରେ ଯୋଗ ଦେଇଥିଲେ ।

୬.୪ କୋଟି ଦରମା, ୧୦ ଭୂତ କର୍ମଚାରୀ

ପୁଲିସ୍ ପେ'ରୋଲ୍‌ରେ ସାଂଘାତିକ ସ୍କାମ୍

ମୁମ୍ବାଇ : ପ୍ରତି ମାସରେ ଦରମା ଯାଉଥିଲା । ଦରମା ବାବଦରେ କର୍ମଚାରୀଙ୍କ ଆକାଉଣ୍ଟକୁ ୬.୪ କୋଟି ଟଙ୍କା ଯାଇଛି । ୨୦୧୯ ଓ ୨୦୨୦ରେ ମୁମ୍ବାଇ ପୁଲିସ୍ରେ କାମ କରୁଥିବାରୁ ଏତେ ପରିମାଣର ଟଙ୍କା ଦରମା ଆକାରରେ ଯାଇଥିଲା । କିନ୍ତୁ ଏହାର ୬ ବର୍ଷ ପରେ ସବୁ ସତ ସାମ୍ନାକୁ ଆସିଛି । ଦରମା ପାଉଥିବା କର୍ମଚାରୀ କେବଳ କାଗଜ କଲମରେ ରହିଛନ୍ତି । ବାସ୍ତବରେ ସେମାନେ ହେଉଛନ୍ତି ଭୂତ କର୍ମଚାରୀ । ମୁମ୍ବାଇ ପୁଲିସ ବିଭାଗର ପେ'ରୋଲ୍ ରେକର୍ଡରେ ହୋଇଥିବା ୬.୪୧ କୋଟି ଟଙ୍କାର ଗୋଟିଏ ବଡ଼ ଆର୍ଥିକ ଠକେଇ ଏବେ ସାମ୍ନାକୁ ଆସିଛି । ପୁରୁଣା ବେତନ ପୋର୍ଟାଲ ସେବାର୍ଥରୁ ନୂତନ ସଫ୍ଟୱେରକୁ କର୍ମଚାରୀଙ୍କ ତଥ୍ୟ ସ୍ଥାନାନ୍ତର କରାଯାଉଥିବା ବେଳେ ଏହି ଅନିୟମିତତା ସମ୍ପର୍କରେ ଜଣାପଡ଼ିଛି । ଉତ୍ତର ଆଞ୍ଚଳିକ ବିଭାଗର ଜଣେ ପୁଲିସ ଅଧିକାରୀଙ୍କ ଅଭିଯୋଗ ଅନୁସାରେ, ପୁଲିସ ବିଭାଗ ସହ କୌଣସି ସମ୍ପର୍କ ନଥିବା ୧୦ ଜଣ ବ୍ୟକ୍ତିଙ୍କୁ କର୍ମଚାରୀ ଭାବେ ଦର୍ଶାଯାଇ ସେମାନଙ୍କ ବ୍ୟାଙ୍କ ଖାତାକୁ ପ୍ରତିମାସରେ ଦରମା ପଠାଯାଉଥିଲା ।

ଏଫ୍ଆଇଆର୍‌ରେ ଉଲ୍ଲେଖ ଥିବା ମୁମ୍ବାଇ ପୁଲିସ୍ର ୧୦ ଭୂତ କର୍ମଚାରୀ ହେଉଛନ୍ତି- ରାମଦାସ ଭୋଗଲେ, ସୁଧାକର କଦମ, ସରଜୁ ଯାଦବ, ଭଗବତ ଭୋସଲେ, ଗୁନାଜି ଖାଭକର, ମହାଦେବ ହଲଦଙ୍କର, ରାଜେନ୍ଦ୍ର ସୋନାର, ଉତ୍ତମ ଥୋରାତ, ସୂର୍ଯ୍ୟକାନ୍ତ ପାଟିଲ ଓ ପାଣ୍ଡୁରଙ୍ଗ କଦମ । ଅନାଧିକୃତ ଦରମା କାରବାର ୨୦୧୯ ଡିସେମ୍ବରରୁ ୨୦୨୦ ଫେବୃଆରୀ ଓ ଜୁନରୁ ସେପଟ୍ମ୍ବର ୨୦୨୦ ପର୍ଯ୍ୟନ୍ତ ହୋଇଛି । ପୁଲିସର ପ୍ରାଥମିକ ତଦନ୍ତରେ ଜଣାପଡ଼ିଛି ଯେ ମନ୍ତ୍ରଣାଳୟ ସ୍ତରର କିଛି କିରାଣୀ ପରସ୍ପର ମିଶି ନକଲି ଉପସ୍ଥାପନ ରେଜିଷ୍ଟର ଓ ରେକର୍ଡ ପ୍ରସ୍ତୁତ କରିଥିଲେ । ସେମାନେ ବାହାର ଲୋକଙ୍କ ନାଁକୁ କର୍ମଚାରୀ ତାଲିକାରେ ଯୋଡ଼ି ଦରମା ପଠାଉଥିଲେ । ଘଟଣା ସମୟରେ ଦାୟିତ୍ୱରେ ଥିବା ୫ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ଏଫ୍ଆଇଆର୍‌ରେ ପୂର୍ବତନ ପ୍ରଶାସନିକ ଅଧିକାରୀ ରାମକିଶନ ଗୋସ୍ୱାମୀ, ନାଗେଶ ତଲଭାଡେକର, ବିଜୟା ଚୌହାନ, ହେଡ୍ କ୍ଲର୍କ ଅଜୟ ରାଠୋଡ ଓ ବରିଷ୍ଠ କିରାଣୀ ଅମୋଲ ମେଶ୍ରାମଙ୍କ ନାମ ରହିଛି । ସେମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଅନୁଯାୟୀ ଠକେଇ, ଜାଲିଆତି, ବିଶ୍ୱାସଭଙ୍ଗ ଓ ଅପରାଧିକ ଷଡ଼ଯନ୍ତ୍ର ଭଳି ମାମଲା ହୋଇଛି ।



ନକଲି ସର୍ଭିସ୍ ଆଇଡି ଓ ଡିଫାଇନ୍ଡ କଣ୍ଟ୍ରିବ୍ୟୁସନ୍ ପେନ୍ସନ୍ ସ୍କିମ୍ ଆଇଡି ତିଆରି କରି ଅଭିଯୁକ୍ତମାନେ ଅନାଧିକୃତ ବେତନ ପଠାଇଥିବା ଅଭିଯୋଗରେ ବିଜୟା ଚୌହାନ ଓ ଅମୋଲ ମେଶ୍ରାମଙ୍କୁ ନିଲମ୍ବିତ କରାଯାଇଛି । ନିଲମ୍ବିତ କର୍ମଚାରୀମାନଙ୍କୁ ବେସରକାରୀ ଚାକିରି କିମ୍ବା ବ୍ୟବସାୟ କରିବାକୁ ବାରଣ କରାଯାଇଛି । ସେମାନେ ବିନା ଅନୁମତିରେ ମୁମ୍ବାଇ ବାହାରକୁ ମଧ୍ୟ ଯାଇ ପାରିବେ ନାହିଁ । ବର୍ତ୍ତମାନ ପୁଲିସ ନକଲି କର୍ମଚାରୀ ଭାବେ ଦର୍ଶାଯାଇଥିବା ୧୦ ଜଣଙ୍କ ପ୍ରକୃତ ପରିଚୟ ଓ ସେମାନଙ୍କ ନାମରେ ଖୋଲାଯାଇଥିବା ବ୍ୟାଙ୍କ ଖାତା କାହା ନିୟନ୍ତ୍ରଣରେ ଥିଲା ତା'ର ଯାଞ୍ଚ କରୁଛି ।

ଉଦୟନିଧିଙ୍କୁ ମୁକ୍ତ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ମାଡ୍ରାସ : ମାଡ୍ରାସ ହାଇକୋର୍ଟ ତାମିଲନାଡୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ବିଧାନସଭାର ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନଙ୍କୁ ପଚରାଉଚରା ପରେ ସେହି ଦିନ 'ଷ୍ଟେସନ ବେଲ୍'ରେ ମୁକ୍ତ କରାଯାଉ । ଅଭିନେତ୍ରୀ ତ୍ରିଶାଙ୍କୁ ଇଙ୍ଗିତ କରି ବିବାଦୀୟ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯିବାର କିଛି ସମୟ ପରେ ଏହି ନିର୍ଦ୍ଦେଶ ଆସିଛି । କାବେରୀ ଜଳ ବିବାଦକୁ ନେଇ ଏକ ସଭାରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ଟାର୍ଗେଟ କରି ଦେଇଥିବା ଏକ ବିବାଦୀୟ ମନ୍ତବ୍ୟକୁ ନେଇ ଉଦୟନିଧିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ଅନେକ ଏହି ମନ୍ତବ୍ୟକୁ ଅଭିନେତ୍ରୀ ତ୍ରିଶା ଏବଂ ତାଙ୍କ ସହ ବିଜୟଙ୍କ ସମ୍ପର୍କକୁ ଇଙ୍ଗିତ କରୁଥିବା ଦ୍ୱିଅର୍ଥବୋଧକ ଟିପ୍ପଣୀ ବୋଲି ବ୍ୟାଖ୍ୟା କରିଛନ୍ତି । ଏହାକୁ ନେଇ ତାମିଲନାଡୁର ବିଭିନ୍ନ ରାଜନୈତିକ ଦଳ ମଧ୍ୟ ନିନ୍ଦା କରିଛନ୍ତି । ଏହାକୁ ନେଇ ଥାନାରେ ଈଠକର କେନ୍ଦ୍ରୀୟ ଜିଲ୍ଲା ମହିଳା ଶାଖା ସଂଗଠିକା ଏସ୍. ବୈରବୀ ଏକ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗରେ କୁହାଯାଇଛି ଯେ, ଅଗଷ୍ଟ ୩ ତାରିଖରେ କାବେରୀ ପ୍ରସଙ୍ଗରେ ଆୟୋଜିତ ସଭାରେ ଭିଡ଼ ଭିତରେ ତ୍ରିଶା, ତ୍ରିଶା ବୋଲି ସ୍ଲୋଗାନ ଦେବା ପରେ ଉଦୟନିଧି ଏକ ଅଶ୍ଳୀଳ ଦ୍ୱିଅର୍ଥବୋଧକ ମନ୍ତବ୍ୟ ଦେଇଥିଲେ । ଅଭିଯୋଗକାରୀ କହିଛନ୍ତି ଯେ, ଉଦୟନିଧି ଓ DMKe IT ୱିଙ୍ଗର କିଛି ପଦାଧିକାରୀ ମହିଳାଙ୍କୁ ଅପମାନିତ କରିବା, ଅଭିନେତ୍ରୀ ତ୍ରିଶା ଓ ସାଧାରଣ ମହିଳାଙ୍କୁ ମାନସିକ କଷ୍ଟ ଦେବା ଉଦ୍ଦେଶ୍ୟରେ ଘଟଣାର ୨ ମିନିଟ୍ ୩୯ ସେକେଣ୍ଡର ଭିଡିଓ ସୋସିଆଲ ମିଡିଆ ପ୍ଲାଟଫର୍ମ ଢରେ ପ୍ରସାର କରିଥିଲେ । ପୋଲିସ ଉଦୟନିଧିଙ୍କ ନୀଳାଙ୍କରାଇ ସ୍ଥିତ ବାସଭବନରେ ପହଞ୍ଚିବା ପରେ ତାଙ୍କ ପକ୍ଷରୁ ତୁରନ୍ତ ଅଗ୍ରିମ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରାଯାଇଥିଲା ।

ଶୁଣାଣି ବେଳେ ତାମିଲନାଡୁର ଆଡଭୋକେଟ୍ ଜେନେରାଲ ବିଜୟ ନାରାୟଣ ହାଇକୋର୍ଟଙ୍କୁ କହିଥିଲେ ଯେ, ତଞ୍ଜାଭୁର ପୋଲିସ ଉଦୟନିଧିଙ୍କୁ ଗିରଫ କରି ସେଠାକୁ ନେଇଯାଇଛି । କିନ୍ତୁ ତାଙ୍କୁ ନ୍ୟାୟିକ ହେପାଜତକୁ ପଠାଇବାର କୌଣସି ଉଦ୍ଦେଶ୍ୟ ନାହିଁ; କେବଳ ପଚରାଉଚରା କରି ଷ୍ଟେସନ ବେଲରେ ମୁକ୍ତ କରାଯିବ ।

ବନ୍ୟା ଅଞ୍ଚଳ ପରବର୍ତ୍ତୀ ସହାୟତା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବୈଠକ

ଯାଜପୁର(ପିପିଏସ) ଯାଜପୁର ଜିଲ୍ଲାରେ ସାମ୍ପ୍ରତିକ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସହାୟତା ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି। ଜିଲ୍ଲାପାଳ ଆଜି ବଡ଼ଚଣା ବ୍ଲକ ଗସ୍ତ କରି ରିଲିଫ, ଉଦ୍ଧାର କାର୍ଯ୍ୟ ଓ କ୍ଷୟ କ୍ଷତି ଆକଳନ ନିମନ୍ତେ ବିଭାଗୀୟ ଅଧିକାରୀ ଙ୍କ ସହିତ ସମୀକ୍ଷା କରିଛନ୍ତି।ଏହି ବୈଠକରେ ବଡ଼ଚଣା ବିଧାୟକ ଶ୍ରୀ ଅମର କୁମାର ନାୟକ , ବ୍ଲକ ଅଧକ୍ଷା ଶ୍ରୀମତୀ ମିନତି ସେନାପତି ଯୋଗଦେଇ ବନ୍ୟା ଜନିତ କ୍ଷୟକ୍ଷତି ର ସଠିକ ଆକଳନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ପଲ୍ଲବୀ ରାଣୀ ରାଜ, ବିଡ଼ିଓ, ତହସିଲଦାର ଓ କ୍ଷେତ୍ରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।ଜିଲ୍ଲା ଜରୁରୀକାଳୀନ ବିଭାଗର ସୂଚନା ଅନୁଯାୟୀ, ଜିଲ୍ଲାର ୮ଟି ବ୍ଲକ୍ (ଯାଜପୁର, କୋରେଇ, ଦଶରଥପୁର, ବିଞ୍ଝାରପୁର, ବରୀ, ରସୁଲପୁର, ଧର୍ମଶାଳା ଓ ବଡ଼ଚଣା) ଏବଂ ଯାଜପୁର ପୌରାଞ୍ଚଳର ୧୧୭ଟି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ୪୦୩ଟି ଗ୍ରାମର ପ୍ରାୟ ୩,୯୭,୬୭୮ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି।
ବନ୍ୟା ବିପନ୍ନଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ୨୦୯ଟି ସ୍ଥାନାନ୍ତର କେନ୍ଦ୍ର ଖୋଲାଯାଇ ମୋଟ ୭୯,୭୯୪ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ

ନିଆଯାଇଥିଲା। ବନ୍ୟା ପୀଡ଼ିତଙ୍କ ଖାଦ୍ୟପେୟ ପାଇଁ ୨୦୫ଟି ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର (ରଙ୍କରର କସଞ୍ଚମକ୍ଷରଭ ଉରଭଞ୍ଚକ୍ର) ଖୋଲାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୧୫ଟି କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଏହି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ମୋଟ ୪,୪୪,୩୧୨ ଜଣ (୩,୬୦,୦୦୯ ପ୍ରାପ୍ତବୟସ୍କ ଓ ୮୪,୩୦୪ ଶିଶୁ) ହିତାଧିକାରୀଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି।
ଜରୁରୀକାଳୀନ ସହାୟତା ସ୍ୱରୂପ ପ୍ରଶାସନ ପକ୍ଷରୁ ବ୍ୟାପକ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ଏଥିମଧ୍ୟରେ ୧୩୦୨.୫୩ କ୍ୱିଣ୍ଟାଲ ଚୁଡ଼ା, ୧୮୧.୩୪ କ୍ୱିଣ୍ଟାଲ ଗୁଡ଼/ଚିନି, ୧୬୮୪ଟି ପଲିଥିନ୍ ରୋଲ୍, ୭୫ କିଗ୍ରା ମୁଢ଼ି, ୩୦୦ ପ୍ୟାକେଟ୍ ବିସ୍କୁଟ, ୩୦୦ ପ୍ୟାକେଟ୍ ଦିଆସିଲି ଏବଂ ୩୦୦ ପ୍ୟାକେଟ୍ ମୋମବତି ସାମିଲ ରହିଛି। ଏହାସହ ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟ ଓ ପ୍ରାଣୀସେବା ଯୋଗାଇଦେବା ପାଇଁ ୧୪ଟି ମେଡିକାଲ୍ ଟିମ୍ ଏବଂ ୮ଟି ଭେଟେରିନାରୀ ଟିମ୍‌କୁ ମୁତୟନ କରାଯାଇଛି।ଏହି ବନ୍ୟାରେ ଜିଲ୍ଲାର ପ୍ରାୟ ୨୮,୧୪୬ ହେକ୍ଟର ଚାଷଜମି ଜଳମଗ୍ନ ହୋଇଥିବା ବେଳେ ୧,୧୮,୧୯୦ ବଡ଼ ଗୋରୁଗାଇ, ୫୮,୩୩୮ ସାନ ଗୋରୁଗାଈ ଓ ୪୩,୯୪୪ କୁକୁଡ଼ା ପ୍ରଭାବିତ ହୋଇଛନ୍ତି। ଗୃହପାଳିତ ପ୍ରାଣୀଙ୍କ ମଧ୍ୟରେ ୧ଟି ବଡ଼ ଗୋରୁ, ୬ଟି ଛେଳି/ମେଣ୍ଢା ଏବଂ ୧୦୦୦ କୁକୁଡ଼ାଙ୍କ ମୃତ୍ୟୁ ଘଟିଛି। କ୍ଷତିଗ୍ରସ୍ତ ହୋଇଥିବା ଘର ଗୁଡ଼ିକର ଚୂଡ଼ାନ୍ତ ଆକଳନ ପ୍ରକ୍ରିୟା ବର୍ତ୍ତମାନ ଜାରି ରହିଛି।
ଅପରପକ୍ଷରେ, ବନ୍ୟା ଯୋଗୁଁ ୩୫ଟି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି, ୬ଟି ସ୍ଥାନରେ ଘାଇ ସୃଷ୍ଟି ହୋଇଛି ଏବଂ ୧୧ଟି ରାସ୍ତା ଓ ୩ଟି ପୋଲଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ୍ ଭିତ୍ତିଭୂମିର ୪୨ଟି ଟ୍ରାନ୍ସଫର୍ମର ଓ ଏଲ୍.ଟି ଲାଇନ୍ ନଷ୍ଟ ହୋଇଛି। ଜାରକା ଜଳ ସେଚନ ବିଭାଗ ଅନୁଯାୟୀ, ୨୦ଟି ସ୍ଥାନରେ ଘାଇ ବିପଦ ସୃଷ୍ଟି ହୋଇଥିବା ବେଳେ ୧୦ଟି ନଦୀବନ୍ଧ ଉପରେ ପାଣି ପ୍ରବାହିତ ହୋଇଛି। ବନ୍ୟାଜଳ ହ୍ରାସ ପାଇବା କ୍ଷଣି ପୁନରୁଦ୍ଧାର ଓ ମରାମତି କାର୍ଯ୍ୟ ଆରମ୍ଭ କରାଯିବ।

ରୋଟାରୀ କ୍ଲବ୍ ନୟାଗଡ଼ ପକ୍ଷରୁ ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ

ନୟାଗଡ଼, ୪।୮: ରୋଟାରୀ କ୍ଲବ୍ ନୟାଗଡ଼ ପକ୍ଷରୁ ଆଜି ଓଡ଼ିଆ ସାମ୍ବାଦିକତା ଦିବସ ଗରିମାମୟ ପରିବେଶରେ ପାଳିତ ହୋଇଯାଇଛି। କ୍ଲବ୍ ସଭାପତି ରୋଟାରିଆନ ବାସୁଦେବ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରୀ ଜୋନାଲ ଚେୟାରମ୍ୟାନ ରୋଟାରିଆନ ସରୋଜ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ସୁଜାତା ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।
ଏହି ଅବସରରେ ନୟାଗଡ଼ ଜିଲ୍ଲାର ୨୦ରୁ ଅଧିକ ସାମ୍ବାଦିକ ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକ ନିର୍ମଳ ଚନ୍ଦ୍ର ସୁରଦେଓ, ଆଚାର୍ଯ୍ୟ ବିଶ୍ୱରଞ୍ଜନ, ବୈଦ୍ୟଭୂଷଣ ମହାପାତ୍ର, ରାମକୃଷ୍ଣ ରଥ, ଅଶୋକ ମହାପାତ୍ର ଓ ରଜତ ପଟ୍ଟନାୟକ ପ୍ରମୁଖ ଓଡ଼ିଆ ସାମ୍ବାଦିକତା ଦିବସର ମହତ୍ତ୍ୱ, ଓଡ଼ିଆ ସାମ୍ବାଦିକତାର ଗୌରବମୟ ପରମ୍ପରା ଏବଂ ଏହାର ମୌଳିକତା ଓ ବିଶ୍ୱସନୀୟତା ରକ୍ଷାରେ ସାମ୍ବାଦିକମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ସାମ୍ବାଦିକଙ୍କୁ ରୋଟାରୀ କ୍ଲବ୍ ନୟାଗଡ଼ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କ୍ଲବ୍ ସଦସ୍ୟ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ କୁମାର ବସନ୍ତିଆ, ମିହିର ରଞ୍ଜନ ନାୟକ, ଶ୍ରୀକୁମାର ରଥ, ପ୍ରଶାନ୍ତ କୁମାର ପଟ୍ଟନାୟକ, ବସିରନ ବିବି, ଗୀତାଞ୍ଜଳି ମହାପାତ୍ର, ନିରଞ୍ଜନ ପାତ୍ର, ଗୁଣନିଧି ଶତପଥୀ, ଭାଗିରଥି ସାହୁ, ଜି. ରଶ୍ମି ରାଜ, ମଦନ ମୋହନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ରୋଟାରିଆନ ଧିରେନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅବିନାଶ ସାହୁ ଓ ଦୀପେଶ ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କ୍ଲବର ଯୁଗ୍ମ ସମ୍ପାଦକ ଦେବାଶିଷ ପଣ୍ଡା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଭାରତ ସ୍ୱାଭିମାନ ଓ ପତଞ୍ଜଳି ପକ୍ଷରୁ ଜଡ଼ିବୁଟି ଦିବସ

ଭଦ୍ରକ, ୪।୮: ପତଞ୍ଜଳି ଯୋଗପୀଠ ହରିଦ୍ୱାରର ପ୍ରମୁଖ ବିଜ୍ଞାନୀ ତଥା ସମସ୍ତ ପତଞ୍ଜଳି ଆୟୁର୍ବେଦିକ ଔଷଧ ନିର୍ମାଣରେ ମୁଖ୍ୟ ଭୂମିକା ନିଭାଇ ଆସୁଥିବା ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଜନ୍ମ ଦିନ ଅବସରରେ ଜଡ଼ିବୁଟି ଦିବସ ପାଳିତ ହୋଇଯାଇଛି । ଭାରତ ସ୍ୱାଭିମାନ ଓ ପତଞ୍ଜଳି ଯୋଗ ସମିତି ଭଦ୍ରକ ପକ୍ଷରୁ ଆଗରପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଯୋଗାଭ୍ୟାସ ସହ ବୃକ୍ଷ ରୋପଣ କରାଯାଇଥିଲା । ଭାରତ ସ୍ୱାଭିମାନର ଜିଲ୍ଲା ସଂଯୋଜକ ଯୋଗଗୁରୁ ଧରଣୀଧର କରଙ୍କ ତତ୍ତ୍ୱାବଧାନରେ ବନ୍ଧ ଯୋଗ ସମିତି ପ୍ରଭାରୀ କାଳନ୍ଦୀ ପାତ୍ର, କୋଷାଧ୍ୟକ୍ଷ ମଙ୍ଗଳ ରାଉଳ, ଯୁବ ପ୍ରଭାରୀ ସନ୍ତୋଷ ପଣ୍ଡା, ବରିଷ୍ଠ ଯୋଗ ଶିକ୍ଷକ ଆରତୀ ପାଣିଗ୍ରାହୀ, ରବିନ୍ଦ୍ର ସେଠୀ, ଦେବବ୍ରତ ମହାନ୍ତି, ଗଦାଧର ଦାସ, ସଞ୍ଜୟ ପାଣିଗ୍ରାହୀ, ସନ୍ତୋଷ ସାହୁ, ସହ୍ୟାଚାରୀ ପଦ୍ମା ପ୍ରମୁଖ ମଂଚାସୀନ ରହି ଜଡ଼ିବୁଟି ଦିବସ ଉପରେ ମତ ରଖିଥିବା ବେଳେ ଯୋଗଶିକ୍ଷା ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟା ମନ୍ଦିର ପରିସରରେ ବିଭିନ୍ନ ବୃକ୍ଷ ରୋପଣ କରାଯାଇଥିଲା । ଜିଲ୍ଲା ସାମାଜିକ ଗଣମାଧ୍ୟମ ପ୍ରଭାରୀ ଶ୍ରୀବତ୍ସ କର, ପ୍ରଭାତ ରାଉତ, ବିଦ୍ୟାମନ୍ଦିରର ସମ୍ପାଦକ ଅଶୋକ ପରିଡା, ଗୁରୁଜୀ ଗୁରୁମା ମମତା ମିଶ୍ର, ଶୁଭଲକ୍ଷ୍ମୀ ସାହୁ, ବିବେକ ସେଠୀ, ଶରତ ପଣ୍ଡା,ରାଜୁ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

ଆକ୍ୱାରିୟମ୍ ମାଛ ନେବାକୁ ଆସି ଡକାୟତି

ଭଦ୍ରକ,(ପିପିଏସ୍): ଭଦ୍ରକ ଗ୍ରାମାଂଚଳ ଥାନା ଅନ୍ତର୍ଗତ ଜଗଦଳପୁର ପଂଚାୟତର ଜୋରାଗଡିଆ ଗ୍ରାମର ନିରଞ୍ଜନ ଶତପଥୀଙ୍କ ଘରକୁ ଗତକାଲିରେ ରାତିରେ ଡକାୟତି ପାଇଁ ଚାରି ଜଣ ଦୁଇଟି ମୋଟର ସାଇକେଲରେ ଆସି ଖସି ଯାଇଥିବା ବେଳେ ଗ୍ରାମବାସୀ ମାନେ ଗାଡି ଦୁଇଟିକୁ ଅଟକ ରଖିଛନ୍ତି। ଗ୍ରାମାଂଚଳ ପୋଲିସ ଆସି ତଦନ୍ତ କରୁଥିବା ଜଣା ପଡିଛି। ସୂଚନା ଅନୁସାରେ ଶ୍ରୀ ଶତପଥୀ ନିଜ ଘରେ ସ୍ତ୍ରୀଙ୍କ ସହ ବସି ଟିଭି ଦେଖୁଥିବା ବେଳେ ଦୁଇ ଜଣ ଆସି କବାଟ ଠକ ଠକ କଲେ। ଶ୍ରୀ ଶତପଥୀ କବାଟ ଖୋଲିବାରୁ ସେମାନେ ଏକ ହୋଟେଲ ଖୋଲୁଥିବାରୁ ଆକ୍ୱାରିୟମ୍ ମାଛ ନେବା କଥା କହିଥିଲେ। ସେ କବାଟ ଖୋଲିବାରୁ ସଙ୍ଗେ ସଙ୍ଗେ ଚାରିଜଣ ବନ୍ଧୁକ ଧାରୀ ତାଙ୍କୁ କାବୁ କରିବା ସହ ଏକ ଘରେ ତାଲା ପକାଇ ଡକାୟତି କରୁଥିବା ବେଳେ କୌଣସି ସୂତ୍ରରୁ ଗ୍ରାମବାସୀ ଖବର ପାଇଁ ପୋଲିସ ଖବର ଦେବା ସହ ଘରକୁ ଘେରି ଯାଇଥିଲେ। ପୋଲିସ ଆସିଥିବା ଖବର ପାଇଁ ଘର ପଛ ପଟରେ ଥିବା ଏକ ପୋଖରୀରେ ପଶି ଡକାୟତ ଦଳ ଚାଲିଯାଇଥିବା ସନ୍ଦେହ କରୁଥିବା ବେଳେ ୧୫ ଭରି ସୁନା ସହ ୬୦ ହଜାର ଟଙ୍କା ଲୁଟିବାରେ ସକ୍ଷ୍ୟମ ହୋଇ ଛନ୍ତି। ପୋଲିସ ଘର ଚାରିପଟେ ଖୋଜାଖୋଜି କରିବା ପରେ ସେମାନେ ଛାଡି ଯାଇଥିବା ଦୁଇଟି ବାଇକକୁ ପୋଲିସ ଜବତ କରିଛି। ଲୁଟେରାମାନେ ମୁଖା ପିନ୍ଧି ହିନ୍ଦୀ ଓ ଖଣ୍ଡି ଓଡିଆରେ କଥାବାର୍ତ୍ତା କରୁଥିବାରୁ ସେମାନେ ବାହାର ରାଜ୍ୟର ବୋଲି ଗ୍ରାମାଂଚଳ ଥାନାଧିକାରୀ ସୁବ୍ରତ ଦାସ କହିଛନ୍ତି। ଗତକାଲି ବାଲିପୋଖରୀ ଗ୍ରାମରେ ମଧ ଏଭଳି ଡକାୟତି ଉଦ୍ୟମ କରି ବିଫଳ ହୋଇଥିବା କିଛି ଗ୍ରାମବାସୀ ପ୍ରକାଶ କରିଛନ୍ତି।

‘ନିଶାମୁକ୍ତ ଯୁବକ-ବିକଶିତ ଭାରତ’ ବାର୍ତ୍ତା ନେଇ ଭଦ୍ରକରେ ଜିଲ୍ଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା

ଭଦ୍ରକ, ‘ନିଶାମୁକ୍ତ ଯୁବକ - ବିକଶିତ ଭାରତ’ ଅଭିଯାନର ଅଂଶବିଶେଷ ଭାବରେ ଆଜି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ବିରାଟ ଜିଲ୍ଲା ସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ‘ମାଇଁ ଭାରତ’ ଭଦ୍ରକ ଏବଂ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମକୁ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଲଳିତ ରଞ୍ଜନ ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍.ଏସ୍.ଏସ୍ ର ଜିଲ୍ଲା ନୋଡାଲ୍ ଅଫିସର ଡକ୍ଟର ସୁଦର୍ଶନ ଦାସ ଏବଂ ଜିଲ୍ଲା ଯୁବ ଅଧିକାରୀ ଫୁଆଦ୍ ମହମ୍ମଦ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ନିଶାମୁକ୍ତ ସମାଜ ଗଠନ ପାଇଁ ପ୍ରେରଣା ଯୋଗାଇଥିଲେ। ଏହି ଅବସରରେ ମୋଟ ୮ଟି ବିଭିନ୍ନ ସାଂସ୍କୃତିକ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସଫଳ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଯୁବସମାଜକୁ ନିଶା କବଳରୁ ରକ୍ଷା କରି ଏକ ସୁସ୍ଥ, ସବଳ ତଥା ବିକଶିତ ଭାରତ ଗଠନ ଦିଗରେ ଏହି କାର୍ଯ୍ୟକ୍ରମ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ ମତବ୍ୟକ୍ତ କରିଥିଲେ। ସମସ୍ତଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମଟି ବେଶ୍ ସଫଳ ହୋଇଥିଲା ଏବଂ ସାଧାରଣରେ ଉଚ୍ଚ ପ୍ରଶଂସା ଲାଭ କରିଥିଲା।

ଯୁବ ଯାଦବ ମହାସଭା ତରଫରୁ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲ୍ଲା ଯୁବ ଯାଦବ ମହାସଭା ତରଫରୁ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି । ମାଳଦା ପଂଚାୟତ ର ମାଳଦା ହରିଜନ ସାହି, ଚତୁର୍ଭୁଜପୁର, ଶାରଣା ଆଦି ବିଭିନ୍ନ ବନ୍ୟା ଅଂଚଳ ରେ

ଏହି ରିଲିଫ ପ୍ରଦାନ କରାଯାଇଛି । ଅଟା, ବିସ୍କୁଟ, ଚକଲେଟ ଆଦି ବଂଟନ ହୋଇଛି ପ୍ରାୟ ୩ ଶହ ପରିବାର ଙ୍କୁ ଏହି ରିଲିଫ ଦିଆଯାଇଥିଲା । ରାଜ୍ୟ ଯୁବ ଯାଦବ ସଭାପତି ଅମର କୁମାର ନାୟକ ଙ୍କ ନେତୃତ୍ୱ ରେ ଜିଲ୍ଲା ଯୁବ ଯାଦବ ସଭାପତି ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ଉପସଭାପତି ସଂଜୀବ ନାୟକ, ସୁଜୟ ପାକଳ, ମାଳଦା ପଂଚାୟତ ଯୁବ ଯାଦବ ସଭାପତି ପପୁ ଦାସ ଙ୍କ ସମେତ, ସାମ୍ବାଦିକ ରାଜେନ୍ଦ୍ର ଶତପଥି, ସରପଂଚ ପ୍ରତିନିଧି ବାବୁ ପରିଡା,ପାଣୁଆ ସାମଲ,ସୁଧୀର ସେଠି,ଅଶୋକ ଯେନା ପ୍ରମୁଖ ଉପସ୍ଥିତ ଥିଲେ । ଏଭଳି ସମାଜ ସେବା କାର୍ଯ୍ୟକୁ ଗ୍ରାମବାସୀ ମାନେ ପ୍ରଶଂସା କରିଥିଲେ।

ଗ୍ରାମ୍ୟକମିଟି ପକ୍ଷରୁ ଦେବୋତ୍ତର ବିଭାଗ ଆୟୁକ୍ତଙ୍କୁ ଦାବିପତ୍ର

ବାଙ୍କୀ : ବାଙ୍କୀ ଉପଖଣ୍ଡ ସରଣ୍ଡା ଗଡର ଆରାଧ୍ୟ ଦେବତା ସୁବର୍ଣ୍ଣପୁର ଗ୍ରାମରେ ବିଜେ ଶ୍ରୀ ଶ୍ରୀ ତୃତୀୟା ଦେବ ଜୀଉ ଙ୍କ ସେବାୟତ ମାନଙ୍କ ମନମାନି ଓ ଶ୍ରୀ ଜୀଉ ଙ୍କ ମନ୍ଦିର ନୀତି କାର୍ଯ୍ୟ କରୁନଥିବା ହେତୁ ଶ୍ରୀ ଜୀଉ ଙ୍କ ସେବା କାର୍ଯ୍ୟ ରେ ବିଘ୍ନ ସୃଷ୍ଟି ହେଉଥିବା ନେଇ ବ୍ରାହ୍ମଣ ପୂଜକ ସେବାୟତ ମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ସମସ୍ୟାର ସମାଧାନ ପାଇଁ ବ୍ରାହ୍ମଣ ପୂଜକ ମାନେ ଏକାଠି ଆଲୋଚନା କରିଥିଲେ । ପ୍ରଶାସନ ର ସହଯୋଗ ମିଳୁନଥିବା ରୁ ନୀତି କାର୍ଯ୍ୟ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏଭଳି ଘଟଣା କୁ ସୁବର୍ଣ୍ଣପୁର ଗ୍ରାମ୍ୟ କମିଟି ଆଲୋଚନା କରି ଏହାର ଆସୁ ସମାଧାନ ଓ ମନ୍ଦିର ନୀତିକ୍ରାନ୍ତି ରେ ବିଭ୍ରାଟ ଘଟାଉଥିବା ସେବାୟତ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଶ୍ରୀ ଜୀଉଙ୍କ ମନ୍ଦିର ରୀତି ନୀତି ସୁଚାରୁ ରୂପେ ପାଳନ କରିବାକୁ ଗ୍ରାମ୍ୟ କମିଟି ମଙ୍ଗଳ ବାର ଦିନ ରେଜେଷ୍ଟି ପୋଷ୍ଟ ଜରିଆରେ ଦେବୋତ୍ତର ବିଭାଗ ଆୟୁକ୍ତ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଥାଉ ସର୍ବ ପୁରାତନ ରାଜାରାଜୁଡ଼ା ଅମଳ ରେ ପ୍ରତିଷ୍ଠିତ ଶ୍ରୀ ଶ୍ରୀ ତୃତୀୟା ଦେବ ଜୀଉ । ଏହି ମନ୍ଦିରରେ ପ୍ରଭୁ ଶ୍ରୀ ବଳଭଦ୍ର , ଶୁଭଦ୍ରା , ଶ୍ରୀ ଜଗନ୍ନାଥ ଓ ଦଧିବାମନ ଚତୁର୍ଦ୍ଧା ମୂର୍ତ୍ତି ପୂଜା ପାଆନ୍ତି । ପୂର୍ବ ନିର୍ଦ୍ଧାରିତ ରୀତିନୀତି ଅନୁଯାୟୀ ୩୬ ପ୍ରଜାତି ସେବାୟତ ନିଯୁକ୍ତି କରାଯାଇ ଥିବା ବେଳେ ରୀତି ନୀତି ନିର୍ଦ୍ଧାରିତ ସମୟରେ ସମ୍ପନ୍ନ ହେଉଥିଲା । ୨୦୧୬/୧୭ ମସିହାରେ ଦେବୋତ୍ତର ବିଭାଗ ଏହି ଶ୍ରୀ ଶ୍ରୀ ତୃତୀୟା ଦେବ ଜୀଉ ଙ୍କ ମନ୍ଦିର କୁ ନିଜ ହସ୍ତକୁ ନେଇଥିଲେ । ମନ୍ଦିର ପରିଚାଳନା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର କମିଟି ରେ ସ୍ଥାୟୀ ସଦସ୍ୟ ଭାବେ ସଭାପତି ଭାବେ ବାଙ୍କୀ ତହସିଲଦାର , ବାଙ୍କୀ ଥାନା ଆଇ ଆଇ ସି , ଆଠଗଡ଼ ରେଞ୍ଜର , ସ୍ଥାନୀୟ ସରପଞ୍ଚ , ଗ୍ରାମ୍ୟ କମିଟି ସଭାପତି ଙ୍କ ସମେତ ଅଣ ସେବାୟତ ଙ୍କୁ ନେଇ କମିଟି କରାଯାଇଥିଲେ ମଧ୍ୟ ମାତ୍ର ଗ୍ରାମ୍ୟ କମିଟି ସଭାପତି ଙ୍କ ବ୍ୟତୀତ ଅନ୍ୟ କୌଣସି ସଦସ୍ୟ ମନ୍ଦିର ପରିଚାଳନା ପାଇଁ ଦୃଷ୍ଟି କରିନାହାଁନ୍ତି । ଏହାର ସୁଯୋଗ ନେଇ ଶ୍ରୀ ଜୀଉଙ୍କ ନୀତି କାର୍ଯ୍ୟ ରେ ବିଭିନ୍ନ ସେବାୟତ ମାନେ ନୀତି କାର୍ଯ୍ୟ ରେ ବିଘ୍ନ ଘଟାଉଥିବା ବେଳେ ଅନେକ ସେବାୟତ ଶ୍ରୀ ଜୀଉଙ୍କ ସ୍ଥାବର ସମ୍ପତ୍ତି ବିକ୍ରୀ କରି ସାରିଥିବା ବେଳେ ଅନେକ ଅଣ ସେବାୟତ ମାନେ ଜବର ଦଖଲ କରିରଖିଥିବା ବେଳେ ଆଗକୁ ଶ୍ରୀ ଜୀଉ ଙ୍କ ସମ୍ପତି ବିକ୍ରୀ କରିବା ଉଦ୍ଦେଶ୍ୟରେ ରହିଥିବା ଜଣାପଡ଼ିଛି। ଏଭଳି ଘଟଣା ର ସମାଧାନ ନିମନ୍ତେ ପୂର୍ବରୁ ଦେବୋତ୍ତର ବିଭାଗ କମିଟି ସଭାପତି ତଥା ବାଙ୍କୀ ତହସିଲଦାର ଙ୍କୁ ଅବଗତ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଏଭଳି ଅନେକ ଅସୁବିଧା ନେଇ ୭ ଦିନ ମଧ୍ୟରେ ସମାଧାନ ପାଇଁ ତା ୨୩/୭/୨୬ ରିଖରେ ବାଙ୍କୀ ଉପଜିଲ୍ଲାପାଳ ଙ୍କ ଜରିଆରେ ଦେବୋତ୍ତର ବିଭାଗ କମିଶନର ଓଡିଶା ଙ୍କୁ ଏକ ଦାବିପତ୍ର ପ୍ରଦାନ ପ୍ରଦାନ କରାଯାଇଥିଲା । କୌଣସି ଫଳପ୍ରଦ ନହେବାରୁ ମଙ୍ଗଳବାର ଦିନ ସୁବର୍ଣ୍ଣପୁର ଗ୍ରାମ୍ୟ କମିଟି ପକ୍ଷରୁ ଶ୍ରୀ ଜୀଉ ନୀତି କାର୍ଯ୍ୟ କୁ ସୁପରିଚାଳନା ନିମନ୍ତେ ଦେବୋତ୍ତର ବିଭାଗ ଆୟୁକ୍ତ ଙ୍କୁ ଡାକ ଯୋଗେ ରେଜେଷ୍ଟି ପୋଷ୍ଟ କରାଯାଇଛି । ଅନ୍ୟପଟେ ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ସେଠୀ , ବନବିହାରୀ ପଣ୍ଡା , ରାଜେଶ ପଣ୍ଡା , ଭୁବନାନନ୍ଦ ପଣ୍ଡା ବାଙ୍କୀ ଉପ ଜିଲ୍ଲାପାଳ ଙ୍କୁ ଭେଟି ଏ ସମ୍ପର୍କରେ ସମାଧାନ ଆଲୋଚନା କରି ସହଯୋଗ ନେଇଥିଲେ । ଦେବୋତ୍ତର ବିଭାଗ କମିଶନର ଙ୍କ ସହ ଆଲୋଚନା କରିବା ସହ ପ୍ରଶାସନ କମିଟି ସଦସ୍ୟ ମାନଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି ବାଙ୍କୀ ଉପ ଜିଲ୍ଲାପାଳ ମୋନୋସ୍ମିନି ଦାସ । ଯଥା ସମ୍ଭବ ଏହାର ସମାଧାନ କରାନଗଲେ ବ୍ରାହ୍ମଣ ପୂଜକ ସେବାୟତ ମାନେ ଅନିର୍ଦ୍ଧିଷ୍ଟ କାଳ ପାଇଁ ମନ୍ଦିର ନୀତି କାର୍ଯ୍ୟ ବନ୍ଦ ରଖିବେ ବୋଲି ଚେତାବନୀ ଦେଇଛନ୍ତି ।

ରାଣୀ ପ୍ରତ୍ୟୁଷା ରାଜେଶ୍ୱରୀଙ୍କ ନୟାଗଡ ଭୋଟର ତାଲିକାକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ନୟାଗଡ଼,(ପିପିଏସ୍): ୧୨୨ ନୟାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ୮୫ ନମ୍ବର ବୁଥର କ୍ରମିକ ନମ୍ବର ୨୯୭ ରେ ବିଜେପି ନେତ୍ରୀ ପ୍ରତ୍ୟୁଶା ସିଂଙ୍କ ନାମ ଡ୍ରାଫ୍ଟ ଭୋଟର ତାଲିକାରେ ଆସିବା ପରେ କେଉଁ ଆଧାରରେ ତାଙ୍କ ନାମକୁ ମ୍ୟାପିଙ୍ଗ କରାଗଲା କଂଗ୍ରେସ ପ୍ରଶ୍ନ କରିଛି। ଏହି ମର୍ମରେ ଗତ ୧୦ ଜୁଲାଇରେ କଂଗ୍ରେସ ଦଳର ବିଏଲଏ-୧ ଶ୍ରୀ ଲକ୍ଷ୍ମୀଧର ତ୍ରିପାଠୀ ଏକ ଲିଖିତ ଅଭିଯୋଗ କରିଛନ୍ତି ଯଦି ୨୦୦୨ ରାଞ୍ଚି ଭୋଟର ତାଲିକାରେ ହେମେନ୍ଦ୍ରଙ୍କ ବିଧବା ପତ୍ନୀ ପ୍ରତ୍ୟୁଶାଙ୍କ ନାମ ଦରଜ ଥିବା ନୟାଗଡ଼ ୮୫ ନମ୍ବର ବୁଥ ଈଖଡଂ ମ୍ୟାପିଙ୍ଗରେ ପାଇଲେ ନାହିଁ ତେବେ ନୟାଗଡ଼-୮୫ ବୁଥ ଭୋଟର ତାଲିକାରେ ତାଙ୍କ ନାମ ରହିବା ସମ୍ପୂର୍ଣ୍ଣ ବେଆଇନ । ତେବେ କେଉଁ ଆଧାରରେ ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଇଆରଓ ପ୍ରତ୍ୟୁଷାଙ୍କ ନାମ ଭୋଟର ତାଲିକାରେ ଦରଜ କରାଇଲେ ତାର ବୈଧତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଜିଲ୍ଲା କଂଗ୍ରେସ ସଭାପତି ଶ୍ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ରଣଜିତ ଦାଶ ।
ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଇଆରଓ, ବିଜେପି ସରକାରଙ୍କ ଚାପରେ ଚେପା ହୋଇ ଝଓଜ ନିୟମକ୍ଷବଳିକୁ ଉଲଂଘନ କରି ପ୍ରତ୍ୟୂଶାଙ୍କ ନାମକୁ ଡ୍ରାଫ୍ଟ ଭୋଟର ତାଲିକାରେ ସ୍ଥାନିତ କରିଛନ୍ତି କ୍ଷ ଏହି ସମଗ୍ର ବେଆଇନ ଘଟଣାକୁ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସମର୍ଥନ କରିଥିବା ଶ୍ରୀ ଦାଶ ପ୍ରେସବାର୍ତ୍ତାରେ କହିଛନ୍ତି। ଆଜି ନୟାଗଡ଼ ଉପଜିଲ୍ଲାପାଳଙ୍କ ତଥା ଇଲେକ୍ଟରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ଅଦାଲତରେ ଅଭିଯୋଗକାରୀ ଲକ୍ଷ୍ମୀଧର ତ୍ରିପାଠୀ ଏବଂ ସମ୍ପୃକ୍ତ ୮୫ ନମ୍ବର ବୁଥ ଈଖଡଂ, ସୁପରଭାଇଜର,ଅତିରିକ୍ତ ରଜଙ୍ଗ ଙ୍କ ଉପସ୍ଥିତିରେ ଏହି ମାମଲାର ପ୍ରାରମ୍ଭିକ ଶୁଣାଣି ବେଳେ ପ୍ରତ୍ୟୁଷାଙ୍କ ମ୍ୟାପିଙ୍ଗ ରିପୋର୍ଟ ନକଲ ଦିଆଯାଉ ବୋଲି ଶ୍ରୀ ତ୍ରିପାଠୀ ଲିଖିତ ଭାବରେ ମାଗିଥିବା ସତ୍ତ୍ୱେ କୌଣସି ମ୍ୟାପିଙ୍ଗ ରିପୋର୍ଟ ମ୍ୟୁନିସିପାଲିଟୀ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପାଖରେ ଉପଲବ୍ଧ ନଥିବା ସ୍ୱୀକାର କରି ପ୍ରତ୍ୟୁଶାଙ୍କ ପାଇଁ ଅଡୁଆ ସୁନିଶ୍ଚିତ କରିଥିବା କଂଗ୍ରେସ ପକ୍ଷରୁ କୁହା ଯାଇଛି। ଆଗାମୀ ଗୁରୁବାର ସୁଦ୍ଧା କେଉଁ ଆଧାରରେ ପ୍ରତ୍ୟୁଷଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଗଲା ତାହାର ସବିଶେଷ ବିବରଣୀ ଏଇଆରଓ କଂଗ୍ରେସ ଅଭିଯୋଗକାରୀଙ୍କୁ ପ୍ରଦାନ କଲେ ଶୁକ୍ରବାର ଚୂଡ଼ାନ୍ତ ଚୂଡ଼ାନ୍ତ ଶୁଣାଣି କରାଯିବକ୍ଷ ପାଇଁ ଦିନ ଧାର୍ଯ୍ୟ ହୋଇଛି।

ରାଜନୈତିକ ଶତ୍ରୁତାକୁ ନେଇ ପୂର୍ବତନ ସମିତିସଭ୍ୟଙ୍କୁ ମରଣାନ୍ତକ ଆକ୍ରମଣ

ଭାପୁର,(ପିପିଏସ)ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ରାଜନୈତିକ ଉଷ୍ମତା ଦିନକୁ ଦିନ ବଢ଼ିବାରେ ଲାଗିଛି.କେତେବେଳେ ରାସ୍ତାଘାଟ ମିଥ୍ୟା ବିଲ୍ଲ କୁ ନେଇ ତ କେତେବେଳେ ରାସ୍ତାଘାଟରେ ମରଣାନ୍ତକ ଆକ୍ରମଣକୁ ନେଇ ସଦାସର୍ବଦା ଚର୍ଚ୍ଚାରେ ରହିଆସୁଛି.ଭାପୁର ବ୍ଲକରେ ଏସବୁ କିଛି ନୂଆକଥା ନୁହେଁ ପୂର୍ବରୁ କେନ୍ଦୁପଲ୍ଲୀ ସମିତି ସଭ୍ୟ ଦୀପକ କୁମାର ଜେନାଙ୍କୁ ମରଣାନ୍ତକ ଆକ୍ରମଣ,ବିଧାୟକଙ୍କ ଭାପୁର ବ୍ଲକ ପ୍ରତିନିଧି ଜିତେନ୍ଦ୍ର କୁମାର ରଣସିଂହଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ ଆଉ ଆଜି ଧାନଚେଙ୍ଗଡ଼ା ପଞ୍ଚାୟତର ପୂର୍ବତନ ସମିତିସଭ୍ୟଙ୍କୁ ଦିନ ଦ୍ୱିପହରେ ମରଣାନ୍ତକ ଆକ୍ରମଣ ଘଟଣା ପରେ ଶାସକ ଦଳରେ ଏକ ପ୍ରକାର ଭୟର ବାତାବରଣ ଖେଳିଯାଇଛି. ଘଟଣାରୁ ପ୍ରକାଶ ମଙ୍ଗଳବାର ଦିବା ଘ ୧:୩୦ ମିନିଟ ସମୟରେ ଧାନଚେଙ୍ଗଡ଼ା ସମିତିସଭ୍ୟ ଭୀମସେନ ସାମଲ କୌଣସି ଏକ କାର୍ଯ୍ୟରେ ଭାପୁର ବ୍ଲକକୁ ଆସୁଥିଲେ. ରାକମା ଗ୍ରାମ କଲ୍ୟାଣୀ ମଣ୍ଡପ ନିକଟରେ ଦୁଇଜଣ ଯୁବକ ଏକ ବୁଲେଟ ଗାଡ଼ିରେ ଭୀମସେନଙ୍କ ରାସ୍ତା ଓଗାଳି ଭାପୁର କେଉଁଆଡ଼େ ବୋଲି ପଚାରିଥିଲେ ଭୀମସେନ କିଛି କହିବା ପୂର୍ବରୁ ଏକ କୁରାଢ଼ୀ ସାହାଯ୍ୟରେ ଡାହାଣ ପଟ ହାତକୁ ତିନି ପାହାର ହାଣିବା ପରେ ସେ ଗାଡ଼ିରୁ ତଳେ ପଡ଼ିଯାଇଥିଲେ. ଏହାର ସୁଯୋଗ ନେଇ ଉକ୍ତ ଦୁଇ ସ୍ୱଯୁବକ ବାମ ଡେଣାକୁ ଗୋଟେ ପାହାର, ପିଠିକୁ ଦୁଇ ପାହାର ଓ ବାମ ପଟ ଗୋଡ଼କୁ ଗୋଟିଏ ପାହାର ହାଣିଥିଲେ. ଉକ୍ତ ଦୁଇ ଯୁବକ ହାଣି ସାରିବା ପରେ କଇଁଫୁଲିଆ ଗ୍ରାମ ଅଭିମୁଖେ ଦ୍ରୁତ ଗତିରେ ପଳାଇ ଯାଇଥିଲେ.ଗୁରୁତର ଭୀମସେନଙ୍କୁ ଭାପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯିବା ପରେ ତାଙ୍କୁ ଘରକୁ ପଠାଇଦିଆଯାଇଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି.ଏହିଭଳି ଘଟଣା ଆଜି ନୁହେଁ ଆଗରୁ ବହୁବାର ଘଟିଥିବା ବେଳେ ସ୍ଥାନୀୟ ବିଧାୟକଙ୍କ ସମେତ ତାଙ୍କ ଦଳର ନେତା ଓ କର୍ମୀ ସୁରକ୍ଷିତ ନୁହଁନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ପିଲା କଳିକୁ ନେଇ ହଣାକଟା, ଥାନାରେ ମାମଲା, ଜଣେ ଗିରଫ

ଭାପୁର, (ପିପିଏସ) ପିଲା କଳିକୁ ନେଇ ଗୋଟିଏ ପରିବାରର ବାପା ମାଆ, ପୁଅ ବୋହୁ ଏବଂ ଭଉଣୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଛି. ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦୁଇ ଜଣକୁ ଥାନାକୁ ଆଣି ଅଟକ ରଖିଛି. ପୋଲିସ ସୂତ୍ରରୁ ପ୍ରକାଶ, ବାଇଗୁଣିଆ ଗ୍ରାମର ପଞ୍ଚୁ ମହାପାତ୍ର(୭୨), ସ୍ତ୍ରୀ ଭାସ୍କର

ମହାପାତ୍ର(୬୫), ପୁଅ ରଞ୍ଜନ ମହାପାତ୍ର(୩୩),ବୋହୁ ମିନତୀ ସାହୁ(୨୮) ଏବଂ ଝିଅ ବନିତା ସାହୁ(୩୦) ଗୋଟିଏ ଘରେ ରୁହନ୍ତି. ଝିଅ ବନିତା ଖଣ୍ଡପଡ଼ା ଅଞ୍ଚଳରେ ବିବାହ କରିଥିବା ବେଳେ ତାଙ୍କର ଦୁଇଟି ସନ୍ତାନ ମଧ୍ୟ ଅଛନ୍ତି. ମାତ୍ର ଗତ କିଛି ବର୍ଷ ତଳେ ସ୍ୱାମୀଙ୍କ ବିୟୋଗ ପରେ ବନିତା ପିଲା ଦୁଇଟିଙ୍କୁ ଧରି ବାପଘରେ ରହୁଥିଲେ. ସେହିପରି ବନିତାଙ୍କ ଭାଇ ରଞ୍ଜନଙ୍କର ମଧ ଦୁଇଟି ସନ୍ତାନ ଥିବାବେଳେ କୌଣସି କାରଣକୁ ନେଇ ପିଲାଙ୍କ ମଧ୍ୟରେ କଳି ଲାଗିଥିଲା, ଯାହାକି ପରବର୍ତ୍ତୀ ସମୟରେ ଉଗ୍ର ରୂପ ଧାରଣ କରିଥିଲା. ପରିସ୍ଥିତି ଏଇଭଳି ହୋଇଥିଲା ଯେ ଶେଷରେ ବାପା ମାଆ, ପୁଅ ବୋହୁ ଓ ବିଧବା ଭଉଣୀଙ୍କ ମଧ୍ୟରେ ଗାଁ ମଝିରେ ରକ୍ତାକ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା. ଖବର ପାଇ ଫତେଗଡ଼ ଥାନା ଅଧିକାରୀ ଅଜୟ ସାହୁ ଏବଂ ଜଗନ୍ନାଥପ୍ରସାଦ ଫାଣ୍ଡି ଅଧିକାରୀ ସଞ୍ଜୟ କୁମାର ଜଗଦେବ ଘଟଣାସ୍ଥଳରେ ପହଞ୍ଚି ପଞ୍ଚୁଙ୍କୁ ଗିରଫ କରି

କଳିଙ୍ଗନଗରରେ ଝାଡ଼ଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଯାଜପୁର (ପିପିଏସ) ଦିଗନ୍ତ ନେତା ପୂର୍ବତନ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ର ସଭାପତି ତଥା

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ସିବୁ ସୁରେନ୍ (ଗୁରୁଜୀ) ଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସ କଳିଙ୍ଗନଗର ର ବିଭିନ୍ନ ସ୍ଥାନ ରେ ପାଳନ ହୋଇଯାଇଛି କ୍ଷ ଏହି ଅବସରରେ ଯାଜପୁର ଜିଲ୍ଲାର ସମସ୍ତ ଯେଏମଏମ ସଦସ୍ୟ ଏବଂ ସଦସ୍ୟା ମାନେ କଳିଙ୍ଗନଗର, ନଡ଼ିଆଭଙ୍ଗା ପଞ୍ଚାୟତ,ଚମ୍ପା କୋଇଲା ସମେତ ବିଭିନ୍ନ ଗ୍ରାମରେ ସଭା ର ଆୟୋଜନ ପାଳନ କରା ଯାଇଛି କ୍ଷ ଚମ୍ପାକୋଇଲା ଠାରେ ଏକ ସଭା ର ଆୟୋଜନ କରାଯାଇଥିଲା କ୍ଷ ଏହି ଯେଏମ ଏମ ର ଜିଲା ସଭାପତି ଶମ୍ଭୁନାଥ ମହାନ୍ତ କହିଥିଲେ କି ଝାଡ଼ଖଣ୍ଡର ଯେ ଏମ୍ ଏମ୍ ର ସଭାପତି ତଥା ଝାଡ଼ଖଣ୍ଡର ତିନି ଥର ର ମୁଖମନ୍ତ୍ରୀ ହୋଇ ରାଜ୍ୟ ଓ ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦ ଦାୟିତ୍ୱ ନିର୍ବାହ କରିଥିଲେ କ୍ଷ କଳିଙ୍ଗନଗର ଗୁଳି କାଣ୍ଡ ସମୟରେ ସ୍ଥାନୀୟ ଆଦିବାସୀ ମାନଙ୍କୁ ବହୁ ସହଯୋଗ କରିଥିଲେ ବୋଲି ଶମ୍ଭୁନାଥ ନିଜର ବକ୍ତବ୍ୟ ରେ କହିଥିଲେ କ୍ଷ ଏହି ସଭାରେ ସମ୍ପାଦକ ଗୁଣବନ୍ତ ସିଂ ଦେଓ ମହାନ୍ତ, ସନିଆ ତିରିୟା, ସସ୍ମିତା ପୂର୍ତ୍ତି, ପୂର୍ଣ୍ଣଚନ୍ଦ୍ର ସାଏ, ଲୋକନାଥ ମହାନ୍ତ, ଦୟାଲ ରତନ ମହାନ୍ତ, ସୁନୀଲ ଗାଗରାଇ, ରବିନ୍ଦ୍ର ବାଗେ , ଚାମ୍ପିୟକ୍ଷ ତିରିୟା, ରସିକ ହେମ୍ବ୍ରମ, ଓ ରସାନନ୍ଦ ବଦରା ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ କ୍ଷ ଏହି ଅବସରରେ ଗ୍ରାମର ଭିନ୍ନକ୍ଷମ, ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ମଶାରୀ ବଣ୍ଟନ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢିବା ଉପକରଣ ବଣ୍ଟନ୍ଦ କରାଯାଇଥିଲା ।

ବାଙ୍କୀରେ ବନ୍ୟା ବିପ୍ରାତ, ବିଜେଡି ନେତାଙ୍କ ଦେଖା ମିଳୁନି

ବାଙ୍କୀ, (ପିପିଏସ୍) : ଲଗାଣ ବର୍ଷା ସାଙ୍ଗକୁ ଓ ହୀରାକୁଦ ଜଳ ଭଣ୍ଡାରରୁ ବନ୍ୟା ଜଳ ପ୍ରବାହିତ ହେବାଦ୍ୱାରା ବାଙ୍କୀ ରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଫଳରେ ବାଙ୍କୀ ଉପଖଣ୍ଡ ର ବିଭିନ୍ନ ଅଞ୍ଚଳ ଜଳମଗ୍ନ । ବାଙ୍କୀ ର ବିଭିନ୍ନ ଦଳ ନେତା ଗାଁ ଗାଁ ବୁଲି ବନ୍ୟା ପ୍ଲାବିତ ଅଞ୍ଚଳ ବୁଲି ଲୋକଙ୍କ ସମସ୍ୟା ବୁଝୁଥିବା ବେଳେ ବିଜେଡ଼ି ଦଳ ନେତାଙ୍କ ଦେଖା ମିଳୁନି ବୋଲି ବାଙ୍କୀ ଉପଖଣ୍ଡ ରେ ଚର୍ଚ୍ଚା ଚାଲିଛି । ରାଜ୍ୟ ସଭା ନିର୍ବାଚନ ପରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କ୍ରସ ଭୋଟ ଦେବା ପରେ ରାଜ୍ୟ ବିଜେଡ଼ି ସୁପ୍ରିମୋ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଙ୍କୀ ବିଧାୟକ ଙ୍କୁ ବିଜେଡ଼ି ଦଳରୁ ବହିସ୍କାର କରିଥିଲେ । ତତ୍ପରେ ବାଙ୍କୀ ର ସଂଗଠନ ଦାୟିତ୍ୱ ନୟାଗଡ଼ ବିଧାୟକ ଅରୁଣ ସାହୁ ଙ୍କୁ ଦିଆଯାଇଥିଲା । ସଂଗଠନ ଦାୟିତ୍ୱ ନେବା ପରଠାରୁ ନୟାଗଡ଼ ବିଧାୟକ ତଥା ନବୀନ ପଟ୍ଟନାୟକ ଅତି ନିକଟତର ନେତା ବାଙ୍କୀ ରେ ସଂଗଠନ ପ୍ରତି ଗୁରୁତ୍ୱ ଦେଉନଥିବା ଚର୍ଚ୍ଚା ଚାଲିଛି । ବର୍ତ୍ତମାନ ମହାନଦୀରେ ବନ୍ୟା ବିପ୍ରାତ ଘଟି ବିଭିନ୍ନ ପଞ୍ଚାୟତ ବିଚ୍ଛିନ୍ନ ଥିବା ବେଳେ ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଥିବା ବେଳେ ଲୋକଙ୍କ ଦରଦୀ ବନ୍ଧୁ କହି ବୁଲୁଥିବା ବିଜେଡ଼ି ନେତା ଙ୍କ ଦେଖା ମିଳୁନି । ଅନ୍ୟପଟେ ବାଙ୍କୀ ଭାଜପା ନେତା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ମହୋଦୟ ସାଂସଦ ଡ଼. ଭର୍ତ୍ତୃହରି ମହତାବ ଙ୍କୁ ସାଥିରେ ଧରି ବାଙ୍କୀର ବିଭନ୍ନ ବନ୍ୟାଞ୍ଚଳ ବୁଲୁଥିବା ବେଳେ , କଂଗ୍ରେସ ନେତା ଡ. ଦେବାଶିଷ ପଟ୍ଟନାୟକ ଓ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ବନ୍ୟା କ୍ଷୟକ୍ଷତି ଅଞ୍ଚଳ ବୁଲି ଲୋକଙ୍କ ସମସ୍ୟା ବୁଝିଥିବା ବେଳେ ବାଙ୍କୀ ବିଜେଡ଼ି ସଂଗଠନ ନେତା କି ଜିଲ୍ଲା ବିଜେଡ଼ି ର କୌଣସି ନେତା ଙ୍କ ଦେଖା ମିଳୁ ନଥିବା ନେଇ ବିଭିନ୍ନ ପ୍ରକାର ଆଲୋଚନା ଓ ସମାଲୋଚନା ଚାଲିଥିବା ଶୁଣିବାକୁ ମିଳୁଛି । ବାଙ୍କୀ ବିଧାୟକ ଙ୍କୁ ବିଜେଡ଼ି ଦଳରୁ ବହିସ୍କାର କରିବା ପରେ ବାଙ୍କୀର କିଛି କର୍ମୀ ବିଜେଡ଼ି ଦଳ ପକ୍ଷରୁ ନେତୃତ୍ୱ ନେବା ପାଇଁ ଉଦ୍ୟମ କରିଥିଲେ ମଧ ଦଳ ସଂଗଠନ ନେତା, ଜିଲ୍ଲା ବିଜେଡ଼ି ସଭାପତି କିମ୍ବା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଙ୍କ ବିଶ୍ୱାସ କେହି ହୋଇପାରୁ ନଥିବାରୁ ଦଳ କାହା ଉପରେ ବିଶ୍ୱାସ କରି ପାରୁ ନାହିଁ ବୋଲି ମଧ ଆଲୋଚନାର କେନ୍ଦ୍ର ବିନ୍ଦୁ ପାଲଟିଛି। ଅନ୍ୟପଟେ ବିଜେଡ଼ି ଟିକେଟ ଆଶାରେ ବାଙ୍କୀ ର କେତେକ ଯୁବକର୍ମୀ ଆଉ କିଛି ପୁରୁଖା ବିଜେଡ଼ି କର୍ମୀ ବିଜେଡ଼ି ଟିକେଟ ଆଶାୟୀ ଙ୍କ ଧାଡ଼ି ଲମ୍ବି ଥିଲେ ମଧ ବର୍ତ୍ତମାନ ସୁଦ୍ଧା ବିଜେଡ଼ି ଦଳ କୌଣସି ନିଷ୍କର୍ଷ ରେ ପହଞ୍ଚି ପାରିନି। ଲୋକଙ୍କ ସମସ୍ୟା ସମୟରେ ବିଜେଡ଼ି କର୍ମୀଙ୍କ ଦେଖା ମିଳୁନଥିବା ବେଳେ ଦଳ ବାଙ୍କୀ ର ବିଜେଡ଼ିର ଲମ୍ବା ଆଶାୟୀ କର୍ମୀ ଙ୍କ ଉପରେ ଭରସା କରି ଦଳ ଦାୟିତ୍ୱ ଦେବ ନା ବାହାରୁ ଆମଦାନୀ ନେତା ଙ୍କୁ ବାଙ୍କୀ ସଂଗଠନ ଦାୟିତ୍ୱ ମିଳିବ ତାହା ଆଗାମୀ ଦିନରେ ଜଣାପଡିବ। ଏଭଳି ଘଟଣା ସମ୍ପର୍କରେ ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ ସିଂ ଙ୍କୁ ପଚାରିବାରୁ କହିଲେ ବନ୍ୟା ପରିସ୍ଥିତି ରେ ବିଜେଡ଼ି କର୍ମୀ ମାନେ ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ସହ ଜଳମଗ୍ନ ପରିବାର ଙ୍କୁ ସାହାଯ୍ୟ କରୁଛନ୍ତି । ରାଜ୍ୟସଭା ନିର୍ବାଚନ ପରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଙ୍କୁ ଦଳରୁ ବହିସ୍କାର କରିବା ପରେ ନୟାଗଡ଼ ବିଧାୟକ ଅରୁଣ ସାହୁ ଙ୍କୁ ସଂଗଠନ ଦାୟିତ୍ୱ ଦିଆଯାଇଛି । ଜିଲ୍ଲା ବିଜେଡ଼ି ସଭାପତି ଭାବେ ମୋର ବି କର୍ତ୍ତବ୍ୟ ଜାରି ରଖିଛି ବନ୍ୟା ପରିସ୍ଥିତି କୁ ଅନୁଧ୍ୟାନ କରି ଲୋକଙ୍କୁ କର୍ମୀଙ୍କ ମାଧ୍ୟମରେ ସାହାଯ୍ୟ କରାଯାଉଛି । ଆଗାମୀ ଦିନରେ ବାହାର ଆମଦାନୀ ନୁହେଁ ବାଙ୍କୀ ବିଜେଡ଼ି ନେତୃତ୍ୱ ବାଙ୍କୀ କର୍ମୀଙ୍କୁ ଦିଆଯିବ ବୋଲି ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ ସିଂ କହିଛନ୍ତି ।

OFFICE OF THE DEPUTY DIRECTOR
STATE INFORMATION CENTRE
JAYADEV BHAWAN,BHUBANESWAR
NOTICE INVITING REQUEST FOR PROPOSAL (RFP)

RFP No. 443 SIC, Date: 04/08/26

Sealed proposals are invited from reputed and eligible Service Providers/Agencies registered under the applicable laws for providing 04 (Four) Group-'D' Outsourcing Services at the State Information Centre (Jayadev Bhawan), Bhubaneswar, in accordance with the Finance Department guidelines on outsourcing of services and the provisions of Rule 256(v) of the Odisha General Financial Rules (OGFR).

Brief Details

1. Earnest Money Deposit (EMD): ₹5,000
2.Availability of RFP Document: From the date of publication of the RFP Notice in the newspapers up to 10 (Ten) days thereafter during office hours.
3.Last Date & Time for Submission of Proposals: Within 10 (Ten) days from the date of publication of the RFP Notice in the newspapers, up to 5.00 PM.
4. Place of Submission & Opening: Office of the Joint Director, State Information Centre (Jayadev Bhawan), Bhubaneswar.
5. The authority reserves the right to accept or reject any or all proposals without assigning any reason thereof.
For detailed eligibility criteria, scope of work, terms & conditions, and other information, interested bidders may obtain Request for Proposal (RFP) Document from the office of the undersigned.

Sd/
Joint Director
S.I.C, Jayadev Bhawan
Bhubaneswar

OIPR - 15001/15001/1/26-27/0086

ଗ୍ଲାସ୍‌ଗୋରେ ଭାରତୀୟ ନାରୀଶକ୍ତିର ବିଜୟ, ଭାରତର ୧୩ ସ୍ୱର୍ଣ୍ଣରୁ ଜିତିଲେ ୮

ନୂଆଦିଲ୍ଲୀ: ଅଲିମ୍ପିକ୍ ରୌପ୍ୟ ପଦକ ବିଜୟିନୀ ମୀରାବାଇ ଚାନୁ ସାଇଖୋମ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୪ଟି ସଂସ୍କରଣରେ ପଦକ ଜିତିବା ଏବଂ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ ପଦକ ପାଇବା ସବୁଠାରୁ ଉଲ୍ଲେଖନୀୟ ହୋଇଛି। ଶର୍ମିଳା ଧନକଡ଼ ପାରା ଆଥଲେଟିକ୍ସ ସଟ୍ ପୁଟ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରି ସ୍ମରଣୀୟ ପଦାର୍ପଣ କରିଛନ୍ତି।

ଜୁଡ଼ୋରେ ପ୍ରଥମ ଥର ସ୍ୱର୍ଣ୍ଣ ପଦକ ଜିତି ନୂଆ ଇତିହାସ ମଧ ଯୋଡ଼ିଛନ୍ତି ଭାରତୀୟ ଜୁଡ଼ୋକାମାନେ। ଅସ୍ମିତା ଦେ ଏହି ଗୌରବକୁ ଆଗକୁ ବଢ଼ାଇଥିଲେ। ସେହିଭଳି ଭାରତୀୟ ମହିଳା ମୁଷ୍ଟିଯୋଦ୍ଧାମାନେ କିନ୍ତୁ ସମସ୍ତଙ୍କୁ ଟପିଯାଇଥିଲେ। ବକ୍ସିଂ ରିଙ୍ଗ୍‌ରେ କମାଲ କରିଥିବା ଭାରତୀୟମାନେ ୧୦ ଟି ଫାଇନାଲ୍‌ରେ ପ୍ରବେଶ କରିଥିଲେ। ୭ ଜଣ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ୩ ଜଣ ରୌପ୍ୟ ପଦକ ହାସଲ କରିଥିଲେ। ୭ଟି ସ୍ୱର୍ଣ୍ଣ ମଧ୍ୟରୁ ଦେଶ ମଧ ୫ଟି ମହିଳାଙ୍କଠାରୁ

ପାଇଥିଲା। ସାକ୍ଷୀ ଚୌଧୁରୀ, ପ୍ରୀତି ପାୱାର, ଜସ୍ମିନ ଲାମ୍ବୋରିଆ, ପ୍ରୀୟା ଘଙ୍ଗାସ, ଅରୁନ୍ଧତି ଚୌଧୁରୀ ଏହି ଗୌରବର ଅଧିକାରିଣୀ ହୋଇଥିଲେ। ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍‌ର ସଭାପତି ପିଟି ଉଷା, ଯିଏକି ନିଜେ ଜଣେ ମହାନ କ୍ରୀଡ଼ାବିତ୍ ଏହି ସଫଳତାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ବର୍ଷ ବର୍ଷ ଧରି ଖେଳାଳିଙ୍କ ତ୍ୟାଗ ଓ ବିଶ୍ୱାସର ଏହା ଅସଲ ପ୍ରତିଫଳନ ବୋଲି ସେ କହିଛନ୍ତି। ୧୩ଟି ସ୍ୱର୍ଣ୍ଣ ପଦକରୁ ଭାରତୀୟ ମହିଳା ୮ଟି ଜିତିବା ମୋତେ ଗୌରବାନ୍ୱିତ କରିଛି।

ପ୍ରତିଟି ପଦକ ସଙ୍କଳ୍ପର ପ୍ରତିବଦ୍ଧତାକୁ ଦର୍ଶାଇଛି। ଏହା ଅସଲରେ ଭାରତୀୟ ନାରି ଶକ୍ତିର ବିଜୟ ବୋଲି ପିଟି ଉଷା କହିଥିଲେ। ସାମଗ୍ରିକ ଭାବେ କିନ୍ତୁ ୩୯ ପଦକରୁ ଭାରତୀୟ ପୁରୁଷ ଅଧିକ ଜିତିଥିଲେ। ମହିଳାମାନେ ୮ ସ୍ୱର୍ଣ୍ଣ ପଦକ ଛଡ଼ା ୪ ଲେଖାଏଁ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ପୁରୁଷମାନେ ୩୯ରୁ ୨୩ ପଦକ ଜିତିଥିଲେ। ବଡ଼ ଫରକ ଥିଲା ରୌପ୍ୟ ପଦକରେ। ୧୭ରୁ ୧୩ ରୌପ୍ୟ ଜିତିଛନ୍ତି ଭାରତୀୟ ପୁରୁଷ ଖେଳାଳି। ସେହିଭଳି ଖେଳ ଶୃଙ୍ଖଳା ଦୃଷ୍ଟିରୁ ଦେଖିଲେ ଦୌଡ଼କୁଦରୁ ସର୍ବାଧିକ ୧୬, ବକ୍ସିଂରୁ ୧୦, ଭାରୋତ୍ତୋଳନରୁ ୮ ପଦକ ମିଳିଛି। ଅର୍ଥାତ୍ ଭାରତ ମାତ୍ର ୩ ଖେଳରୁ ୩୪ ପଦକ ଜିତି ପ୍ରାଧାନ୍ୟ ବିସ୍ତାର କରିଥିଲା।

ସ୍ୱର୍ଣ୍ଣପଦକ ହାତଛଡ଼ା ହେବାର ବଡ଼ କାରଣ କହିଲେ ସେଲଭା

ନୂଆଦିଲ୍ଲୀ: ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ପଦକଧାରୀ ସେଲଭା ପ୍ରଭୁଙ୍କ ମତରେ ଫୁଡ୍ ? ପଏଜନିଂ କାରଣରୁ ସେ ଗ୍ଲାସଗୋରେ ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଛନ୍ତି। ସେଲଭା ପୁରୁଷ ଟ୍ରିପଲ ଜମ୍ପରେ ୧୬.୫୨ ମି. ଶ୍ରେଷ୍ଠ ଉଦ୍ୟମ ସହ ଭାରତର ପ୍ରବୀନ ଚିତ୍ରାଭେଲ (୧୬.୫୮ ମି.) ଓ ସ୍କଟଲାଣ୍ଡର ଜୋର୍ଡନ ସ୍କଟ (୧୬.୭୨ ମି.) ପଛକୁ ତୃତୀୟ ସ୍ଥାନରେ ରହିଥିଲେ। ସ୍ୱର୍ଣ୍ଣ ପଦକ ଜିତିବାର ଥିଲା। ମୁଁ ଶୀର୍ଷ ସଫଳତା ପାଇଁ ଆଶା ରଖିଥିଲି। କିନ୍ତୁ କ'ଣ କରାଯାଇପାରିବ। ଯେତେବେଳେ ପ୍ରତିଯୋଗିତା ଆରମ୍ଭ ହେଲା, ସେତେବେଳକୁ ମୁଁ ଫୁଡ୍ ? ପଏଜନିଂ କାରଣରୁ ଅସୁସ୍ଥ ଥିଲି। ମୁଁ ମାନସିକ ସ୍ତରରେ ମଜଭୁତ। ଏଣୁ ମୁଁ ନିଷ୍ପତ୍ତି ନେଇଥିଲି, କିଛି ବି ଘଟୁ, ମୋତେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବାର ଅଛି। ମୋତେ ସୁସ୍ଥ ରହିବାର ଥିଲା। କିନ୍ତୁ ଆଗାମୀ ଥର ପାଇଁ ସର୍ବଦା

ପ୍ରସ୍ତୁତ ରହିବି। ମୋ ପାଖରେ ସ୍ଥିରତା ରହିଛି। ନିର୍ଦ୍ଦିଷ୍ଟ ଦିନ ପ୍ରଦର୍ଶନ କେଉଁ ଭଳି ରହୁଛି, ତାହା ଉପରେ ସବୁ କିଛି ନିର୍ଭର କରେ। ଏବେ ମୁଁ ମୋ ଆପ୍ରୋଚ ଉପରେ କାମ କରିବାକୁ ଚାହେଁ' ବୋଲି ସେଲଭା ପ୍ରକାଶ କରିଛନ୍ତି।

ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ପାକିସ୍ତାନୀ ବକ୍ସର ନିଖୋଜ

ଗ୍ଲାସ୍‌ଗୋ: ସ୍କଟଲାଣ୍ଡର ଗ୍ଲାସ୍‌ଗୋଠାରେ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅବସରରେ ପାକିସ୍ତାନ ଏକ ଅଭାବନୀୟ ଘଟଣାର ସମ୍ମୁଖୀନ ହୋଇଛି। ପାକିସ୍ତାନ ଦଳରେ ସ୍ଥାନ ପାଇ ଗ୍ଲାସ୍‌ଗୋ ଯାଇଥିବା ବକ୍ସର କୁଦ୍ରତୁଲ୍ଲା ଦଳୀୟ ହୋଟେଲରୁ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ପାକିସ୍ତାନ ବକ୍ସିଂ ମହାସଂଘ ତଥା ପାକିସ୍ତାନ ଅଲିମ୍ପିକ୍ସ ସଂଘର ଦାୟିତ୍ୱ ଓ ନିରୀକ୍ଷଣ ବ୍ୟବସ୍ଥା ଉପରେ ପୁଣିଥରେ ପ୍ରଶ୍ନ ଉଠିଛି।

ତେବେ କୁଦ୍ରତୁଲ୍ଲା ୟୁରୋପରେ ରହିବା ଲାଗି ଜାଣିଶୁଣି ହୋଟେଲ ରୁମ୍ ?ରୁ କେଉଁ ଆଡ଼େ ଚାଲି ଯାଇଥିବା ଚର୍ଚ୍ଚା ହେଉଛି। ବିଦେଶରେ ଆୟୋଜିତ ହେଉଥିବା କୌଣସି ବହୁଦେଶୀୟ ପ୍ରତିଯୋଗିତାକୁ ଯାଇ ପାକିସ୍ତାନୀ ଖେଳାଳି ନିଖୋଜ ହେବାର ବି ଏହା ପ୍ରଥମ ଘଟଣା ନୁହେଁ। ଅତୀତରେ ଏଭଳି ଅନେକ ଘଟଣା ପାଇଁ ପାକିସ୍ତାନ ବେଶ୍ ବଦନାମ ହୋଇଛି। ପାକିସ୍ତାନ ଅଲିମ୍ପିକ୍ସ ସଂଘର ଜଣେ ଅଧିକାରୀଙ୍କ ଅନୁସାରେ ନିଜ ବର୍ଗରେ ପ୍ରତିଯୋଗିତା ଶେଷ କରିବା ପରେ କୁଦ୍ରତୁଲ୍ଲା ଦଳୀୟ ହୋଟେଲରୁ ଚୁପଚାପ ବାହାରି ଯାଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ତାଙ୍କ ପାସପୋର୍ଟ ଦଳୀୟ ପ୍ରବନ୍ଧକଙ୍କ ପାଖରେ ଥିବା ସତ୍ତ୍ୱେ ସେ ନିଖୋଜ ହୋଇଛନ୍ତି।

ଏହା ପୂର୍ବରୁ ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବେଳେ ପାକିସ୍ତାନର ଦୁଇଜଣ ବକ୍ସର ସୁଲେମାନ ବାଲୋଚ୍ ଓ ନଜିରୁଲ୍ଲାହ ଖାନ୍ ମଧ ନିଖୋଜ ହୋଇଥିଲେ। ସେହିପରି, ୨୦୨୪ରେ ଇଟାଲୀର ବୁଷ୍ଟୋ ଆର୍ସିଜିଓରେ ଆୟୋଜିତ ବିଶ୍ୱ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ବେଳେ ଏସୀୟ ପ୍ରତିଯୋଗିତା ସ୍ୱର୍ଣ୍ଣପଦକ ବିଜେତା ବକ୍ସର ଜୋହାଇବ ରଶିଦ ମଧ ନିଖୋଜ ହୋଇଥିଲେ। ତାଙ୍କ ରୁମମେଟ୍ ?ଙ୍କ ବିଦେଶୀ ମୁଦ୍ରା ଓ ମୂଲ୍ୟବାନ ସାମଗ୍ରୀ ନେଇ ସେ ଚାଲିଯାଇଥିବା ଅଭିଯୋଗ ହୋଇଥିଲା। ଏଥର ଗ୍ଲାସ୍‌ଗୋକୁ ପାକିସ୍ତାନ ୩୬ ଜଣିଆ ଦଳ ପଠାଇଥିଲା। ହେଲେ ମାତ୍ର ଗୋଟିଏ ପଦକ ସହ ଦେଶକୁ ଫେରିଥିଲା। ଏହି ପଦକଟି ମହିଳା ବକ୍ସର ଫାତିମା ଜେହରା ଜିତିଥିଲେ।

ପ୍ରଥମ ଫ୍ରେଣ୍ଡ୍‌ଲି ମ୍ୟାଚ୍‌ରେ ଭାରତ ବିଜୟୀ

ବେଙ୍ଗାଲୁରୁ:ଭାରତୀୟ ଯୁବ ଫୁଟ୍‌ବଲ୍ ଦଳ (୨୦ ବର୍ଷରୁ କମ୍) ସିଙ୍ଗାପୁର ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଫ୍ରେଣ୍ଡ୍‌ଲି ମ୍ୟାଚ୍‌କୁ ୩-୦ରେ ଜିତି ନେଇଛି। ସୋମବାର ରାତିରେ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ପାଇଁ ରିଶି ସିଂହ ନିଙ୍ଗଥୋଖୋଙ୍ଗଜାମ ଏବଂ ସିଙ୍ଗାମୟୁମ ସାମି ଗୋଲ୍ ଦେଇଥିବାବେଳେ ଅନ୍ୟଟି ସିଙ୍ଗାପୁର ଖେଳାଳିଙ୍କ ନିଜସ୍ୱ ଗୋଲ୍‌ରୁ ଆସିଥିଲା। ବନ୍ଦ ଷ୍ଟାଡିୟମ୍ ଭିତରେ ଖେଳାଯାଇଥିବା ଏହି ମ୍ୟାଚ୍ ଚୀନରେ ଖେଳାଯିବାକୁ ଥିବା ଆଗାମୀ ଏଏଫସି ଏସୀୟ କପ୍ ଯୋଗ୍ୟତା ପର୍ଯ୍ୟାୟର ପ୍ରସ୍ତୁତିର ଅଂଶବିଶେଷ। ଭାରତୀୟ ଯୁବ ଦଳ ଗୁରୁବାର ଆଉ ଏକ ମ୍ୟାଚ୍ ସିଙ୍ଗାପୁର ସହିତ ଖେଳିବ।

ନୂଆ ସ୍କୋରିଂ ଅନେକ ଖେଳାଳିଙ୍କୁ ହଜାଇଦେବ

ନୂଆଦିଲ୍ଲୀ: ଆସନ୍ତାବର୍ଷରୁ ବ୍ୟାଡ୍‌ମିଣ୍ଟନ୍‌ରେ ୧୫ ପଏଣ୍ଟ ଓ ୩ ଗେମ୍ ବିଶିଷ୍ଟ ସ୍କୋରିଂ ବ୍ୟବସ୍ଥା ଲାଗୁ ହେବ। ବ୍ୟାଡ୍‌ମିଣ୍ଟନ୍‌କୁ ଅଧିକ ଆକର୍ଷଣୀୟ ଏବଂ କୌଶଳପୂର୍ଣ୍ଣ କରିବା ଲକ୍ଷ୍ୟରେ ଏଭଳି ଏକ ପରିବର୍ତ୍ତନ କରାଯାଇଛି। ବିଶ୍ୱ ବ୍ୟାଡ୍‌ମିଣ୍ଟନ୍ ମହାସଂଘ ଏହାକୁ ଅନୁମୋଦନ କରି ସାରିଛି। ଅନ୍ତର୍ଜାତୀୟ ଖେଳସୂଚୀର ବ୍ୟସ୍ତତା ତଥା ଖେଳାଳିଙ୍କୁ ଆହତ ସମସ୍ୟାରୁ ରୋକିବା ଲକ୍ଷ୍ୟରେ ବ୍ୟାଡ୍‌ମିଣ୍ଟନ୍‌କୁ ସଂକ୍ଷିପ୍ତ ଫର୍ମାଟ କରାଯାଇଛି। ଯାହାକି ନାଟକୀୟ ଭାବେ ଏହାକୁ ନୂଆ ରୂପ ଦେବ ବୋଲି ବିଶ୍ୱାସ କରାଯାଉଛି। ଏହି ପରିବର୍ତ୍ତନକୁ ଭାରତୀୟ ବ୍ୟାଡ୍‌ମିଣ୍ଟନ୍ କିଂବଦନ୍ତି ପୁଲେଲା ଗୋପୀଚାନ୍ଦ ସ୍ୱାଗତ କରିଛନ୍ତି। ନୂଆ ସ୍କୋରିଂ ନିୟମ ବ୍ୟାଡ୍‌ମିଣ୍ଟନ୍‌କୁ ନୂଆ ରୂପ ଦେବ ବୋଲି ଗୋପୀଚାନ୍ଦ କହିଛନ୍ତି। କିଛି ଖେଳାଳି ଏହାଦ୍ୱାରା ସଫଳ ହେବେ ଏବଂ ଆଉ କିଛିଙ୍କୁ ଏହା ହଜାଇଦେବ ବୋଲି ସେ ଅନୁଭବ କରିଛନ୍ତି।

ଅନ୍ତର୍ଜାତୀୟ କ୍ୟାଲେଣ୍ଡରର ଚାପ ଦୃଷ୍ଟିରୁ ଖେଳାଳିଙ୍କ ଉପରୁ କାର୍ଯ୍ୟଭାର କମାଇବା ପାଇଁ ବିଶ୍ୱ ମହାସଂଘ ଏଭଳି ନିଷ୍ପତ୍ତି ନେଇଛି। ଆସନ୍ତା ବର୍ଷରୁ ୨୧ ପଏଣ୍ଟ ବଦଳରେ ୧୫ ପଏଣ୍ଟକୁ ନେଇ ଖେଳାଯିବ। ତଥାପି ଏହା ଖେଳାଳିଙ୍କୁ ଆହତରୁ ମୁକ୍ତ ରଖିବାର କୌଣସି ଗ୍ୟାରେଣ୍ଟି ନାହିଁ ବୋଲି ଗୋପୀଚାନ୍ଦ ଆଶଙ୍କା ପ୍ରକଟ କରିଛନ୍ତି। 'ମୁଁ ଯେବେ ଅଲ୍ ଇଂଲଣ୍ଡ ଜିତିଥିଲି, ଏହାର କିଛି ମାସ ପୂର୍ବରୁ ନିୟମକୁ ୧୫ରୁ ୭କୁ କମାଇ ଦିଆଯାଇଥିଲା। ମୋତେ ଖାପ ଖୁଆଇବା ପାଇଁ କିଛି ଦିନ ଲାଗିଥିଲା, କାରଣ ମୁଁ ଷ୍ଟ୍ରୋକ୍ ଖେଳାଳିଙ୍କ ମଧ୍ୟରୁ ଜଣେ ଥିଲି।' ଏବେ ସେଭଳି ପରିସ୍ଥିତି ହେବ, କିଛି ସଫଳ ହେବେ ଏବଂ ଆଉ କିଛି ସଂଘର୍ଷ କରିବେ। ଫର୍ମାଟ ସଂକ୍ଷିପ୍ତ ହେବା ଫଳରେ ଖେଳାଳିଙ୍କୁ ଏଣିକି ଅଧିକ ଗତି, ଶକ୍ତି ଓ ମାନସିକ ଦୃଢ଼ତାର ଆବଶ୍ୟକତା ପଡ଼ିବ। ସର୍ଭ-ରିଟର୍ଣ୍ଣ ଏବଂ ଆକ୍ରମଣାତ୍ମକ ପର୍ଯ୍ୟାୟ ନିଶ୍ଚିତ ଭାବେ ନିର୍ଣ୍ଣାୟକ ଭୂମିକା ନେବ ବୋଲି ଗୋପୀଚାନ୍ଦ କହିଛନ୍ତି।

ରାଜ୍ୟଗୋଷ୍ଠୀ ଆୟୋଜନକୁ ନେଇ ଏବେଠାରୁ ରାଜନୀତି

ନୂଆଦିଲ୍ଲୀ: ଅହମଦାବାଦରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ନିଶ୍ଚିତ ହୋଇଯାଇଥିବା ବେଳେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ଏହି ବହୁରାଷ୍ଟ୍ରୀୟ କ୍ରୀଡ଼ା ପ୍ରତିଯୋଗିତା ଅହମଦାବାଦ ବଦଳରେ ହରିୟାଣାରେ ଆୟୋଜନ କରିବାକୁ କଂଗ୍ରେସ ସାଂସଦ ଦିପେନ୍ଦର ହୁଡା ଦାବି କରିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି ଯେ ଗତ ୧୦-୧୫ ବର୍ଷ ହେଲା ଦେଶ ଯେତିକି ପଦକ ଜିତୁଛି ତାହାର ଅଧା ହରିୟାଣାର ଆଥଲେଟ୍‌ମାନେ ଆଣୁଛନ୍ତି। ଏହା ସତ୍ତ୍ୱେ ଅହମଦାବାଦରେ କାହିଁକି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି ଦେଶରେ କୌଣସି

ସ୍ଥାନରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଲକ୍ଷ ଲକ୍ଷ କୋଟି ଟଙ୍କା ବିନିଯୋଗ କରାଯାଉଛି, ତେବେ ଉକ୍ତ ସ୍ଥାନ ହରିୟାଣା ହେବା ଉଚିତ୍। କାରଣ ହରିୟାଣାର ଆଥଲେଟ୍‌ମାନେ ଏହା ପ୍ରମାଣ କରିସାରିଛନ୍ତି।

ହରିୟାଣାକୁ ଯଦି ଆୟୋଜକ କରିପାରୁନାହାନ୍ତି, ତେବେ ଅତିକମରେ ସହଆୟୋଜକ କରନ୍ତୁ ବୋଲି ସେ ଦାବି କରିଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ର ସରକାର ସବୁ ରାଜ୍ୟଗୁଡ଼ିକୁ ସମାନ ଦୃଷ୍ଟିରେ ଦେଖି 'ରାଜଧର୍ମ' ପାଳନ କରିବା ବଦଳରେ 'ରାଜ୍ୟଧର୍ମ' ପାଳନ କରୁଛନ୍ତି। ଏହା ମାଧ୍ୟମରେ ପ୍ରମୁଖ ପ୍ରକଳ୍ପଗୁଡ଼ିକ କେବଳ ଗୁଜରାଟରେ କାର୍ଯ୍ୟକାରୀ କରାଯାଉଛି। ତେବେ ସେ ଆଶା ପ୍ରକାଶ କରିଛନ୍ତି ଯେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ନଂ ୧ ଦେଶ ହେବ।

ସପ୍ତାହର ଶେଷରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୨ - ୮ ଅଗଷ୍ଟ ୨୦୨୬ ଫାଇଲ୍ ଗାଏବ୍



ଜାତୀୟ: ଭାରତର ଛାତ୍ର ପ୍ରତିବାଦରେ ଜାତିସଂଘର ଏଣ୍ଟ୍ରି !
ଅନ୍ତର୍ଜାତୀୟ: ବିପଦ୍‌ଜନକ ମୋଡ଼ରେ ମଧ୍ୟପ୍ରାଚ୍ୟ ଯୁଦ୍ଧ
ବିଶେଷ ପ୍ରସଙ୍ଗ: ଅଫିସ୍‌ରେ ରିଲ୍ସ: ଆସୁ କଟକଣା
କ୍ଷୁଦ୍ରଗଳ୍ପ : ଚାରି ମାଣିଆ
ନାରୀ : ବର୍ଷାରେ ଗର୍ଭବତୀଙ୍କ ଯନ
ଚଳଚ୍ଚିତ୍ର : ଚେନ୍ନାଇରେ ଶ୍ରୁତିଙ୍କ ନୂଆ ଠିକଣା, କ୍ୟାଟ୍ରିନାଙ୍କ ପ୍ରସାଧନ ସାମ୍ରାଜ୍ୟ
ଖେଳ: ବିପଦରେ ବୈଭବ ସୂର୍ଯ୍ୟବଂଶୀଙ୍କ ସ୍ଥାନ !
ଭର୍ତ୍ତୃହରି ମହତାବଙ୍କ ଶେଷପୃଷ୍ଠା: ଇସ୍ତଫା
ଏଥିରେ ଅଛି ମୀନାବଜାର : ମୀନାବଜାର: ଆରାମ, ଚର୍ଚ୍ଚାରେ: ବିନା କପଡ଼ାରେ ବ୍ରତ, ବିଜ୍ଞାନ: ବୋତଲ ଭିତରେ ଅଠା ଲାଖେ ନାହିଁ କାହିଁକି, ପର୍ଯ୍ୟଟନ: ବାରିପଦାର ଶ୍ରୀଜଗନ୍ନାଥ ମନ୍ଦିର, ଧର୍ମ: ସବୁ ଶୁଭ କାର୍ଯ୍ୟ ପୂର୍ବରୁ କାହିଁକି କରାଯାଏ କଳସ ସ୍ଥାପନ ?, କବିତା: ଇଚ୍ଛାପତ୍ର, ଜାଣନ୍ତି କି ? : କୈଳାଶ ମାନସରୋବର ହ୍ରଦରେ ବୁଡ଼ ପକାଇବା ମନା, ସ୍ୱାସ୍ଥ୍ୟ: ଆପଣ ଖାଉଛନ୍ତି କି ଫ୍ରୋଜେନ୍ ଖାଦ୍ୟ ? ଏହିଭଳି ଆହୁରି ଅନେକ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

ଏସିଆନ୍ ଗେମ୍ସରେ ଖେଳିବେନି ଶୀର୍ସେ

ନୂଆଦିଲ୍ଲୀ: ଆସନ୍ତା ମାସରେ ଜାପାନରେ ହେବାକୁ ଥିବା ଏସିଆନ ଗେମ୍ସରେ ଭାରତର ୧୧୦ ମି. ହର୍ଡଲ୍ସ ଷ୍ଟାର ତେଜସ ଶୀର୍ସେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ଏ ନେଇ ଶୀର୍ସେ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ବାମ ପାଦରେ ଦୁଇଟି ଷ୍ଟ୍ରେସ୍ ଫ୍ରାକଚର ସତ୍ତ୍ୱେ ନିକଟରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେବା କାରଣରୁ ତାଙ୍କ ସମସ୍ୟା ବୃଦ୍ଧି ପାଇଛି। ଶୀର୍ସେ ପ୍ରଥମ ଭାରତୀୟ ଭାବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୧୧୦ ମି. ହର୍ଡଲ୍ସ ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ଅତ୍ୟଧିକ ଟେପ ବାନ୍ଧି ଦୌଡ଼ିଥିବା ଶୀର୍ସେ ୮ ଧାବକ ବିଶିଷ୍ଟ ଫାଇନାଲରେ ଅନ୍ତିମ ସ୍ଥାନରେ ରହିଥିଲେ। ପୋଷ୍ଟ ମୋତେ କଦାପି କରିବାକୁ ପଡ଼ିବ ଚିନ୍ତା କରି ନ ଥିଲି। ମୁଁ ହାତରେ ପଦକ ଧରି ପୋଷ୍ଟ କରିବି ଚିନ୍ତା କରିଥିଲି। ଏବେ ମୋତେ ଜିତିବା ପାଇଁ ପ୍ରସ୍ତୁତି କରିବାର ଥିଲା। କିନ୍ତୁ ମୁଁ ଏବେ ଏମ୍‌ଆରଆଇ ରିପୋର୍ଟ ଧରିଛି। ବାମ ପାଦରେ ଦୁଇଟି ଷ୍ଟ୍ରେସ ଫ୍ରାକଚର ହୋଇଛି। ଏଥିଯୋଗୁ ମୋ ସିଜନ ଶେଷ ହୋଇଛି। ସବୁଠୁ ଦୁଃଖର ବିଷୟ ହେଉଛି, ମୁଁ ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିବା ସତ୍ତ୍ୱେ ରେସର ଷ୍ଟାର୍ଟିଂ ଲାଇନରେ ଛିଡ଼ା ହୋଇପାରିବି ନାହିଁ। ଇଞ୍ଜୁରି କାରଣରୁ ମୁଁ ୯ଟି ବୃହତ ପ୍ରତିଯୋଗିତା ମିସ କରିସାରିଛି। ଆଜି ମୋ ପାଖରେ ପ୍ରତ୍ୟାବର୍ତ୍ତନର କାହାଣୀ ନାହିଁ। ମୁଁ ଏବେ ଯନ୍ତ୍ରଣାରେ ଅଛି' ବୋଲି ସେ ପୋଷ୍ଟ କରିଛନ୍ତି।

ଅଷ୍ଟ୍ରେଲୀୟ ଯୁବ ଦଳରେ ଭାରତୀୟ ବଂଶୋଦ୍ଭବ ନୀଲ୍

ସିଡନି: ଭାରତୀୟ ବଂଶୋଦ୍ଭବ ଯୁବ କ୍ରିକେଟର ନୀଲ ପଟେଲଙ୍କ କ୍ରିକେଟ୍ କ୍ୟାରିୟରକୁ ବଡ଼ ପ୍ରୋତ୍ସାହନ ମିଳିଛି। ଭାରତ ଗସ୍ତରେ ଆସିବାକୁ ଥିବା ଅଷ୍ଟ୍ରେଲିଆର ୧୯ ବର୍ଷରୁ କମ୍ ଦଳରେ ସେ ସ୍ଥାନ ପାଇଛନ୍ତି। ସେପ୍ଟେମ୍ବର ୧୩ରୁ ଅକ୍ଟୋବର ୯ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଗସ୍ତରେ ଏହି ଅଷ୍ଟ୍ରେଲିଆ ଯୁବ ଦଳ ଭାରତ ବିପକ୍ଷରେ ତିନୋଟି ଦିନିକିଆ ଓ ଦୁଇଟି ଚାରିଦିନିଆ ମ୍ୟାଚ୍ ଖେଳିବ। ଏହି ସବୁ ମ୍ୟାଚ୍ ରାଜକୋଟ ଓ ଅହମ୍ମଦାବାଦରେ ଅନୁଷ୍ଠିତ ହେବ। ଅଷ୍ଟ୍ରେଲିଆରେ ନୀଲ୍ ନ୍ୟୁ ସାଉଥ୍ ୱେଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି। ଏହି ଆଞ୍ଚଳିକ ଦଳ ପକ୍ଷରୁ ସେ ବ୍ୟାଟିଂ ଓପନ୍ କରିବା ସହ ଅଫ୍‌ସ୍ପିନ ବୋଲିଂ ମଧ କରନ୍ତି।

ଇଣ୍ଡିଆନ୍ ଚ୍ୟାଲେଞ୍ଜର କପ୍ କରାଟେ: ଓଡ଼ିଶାକୁ ୫୧ ସ୍ୱର୍ଣ୍ଣ

ଭୁବନେଶ୍ୱର: କୋଲକାତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ଦଶମ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତା ଇଣ୍ଡିଆନ୍ ଚ୍ୟାଲେଞ୍ଜର କପ୍‌ରେ ଓଡ଼ିଶା କରାଟେକା ୫୧ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୪ କାଂସ୍ୟ ପଦକ ସହ ମୋଟ ୬୬ ପଦକ ଜିତିଛନ୍ତି। ଏହି ସଫଳତା ଲାଗି ପଦକ ବିଜେତାଙ୍କୁ ଓଡ଼ିଶା କରାଟେ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ସ୍ୱର୍ଣ୍ଣ- ଉର୍ଜା ସାମନ୍ତ, ରିସାନ ଦାସ, ଜିତିକା ସାମନ୍ତ, ଜିତିଶା ସାମନ୍ତ, ଆଦ୍‌ଭିକ୍ ନାୟକ, ପ୍ରତୀକ୍ଷା ପଣ୍ଡା, ସୂର୍ଯ୍ୟାଂଶ ପଣ୍ଡା, ଈଶାନୀ ପଣ୍ଡା (ପ୍ରତ୍ୟେକ ୨ଟି ଲେଖାଏଁ), ନ୍ୟାସା କୁମାରୀ, ଦିବ୍ୟପ୍ରସାଦ ନାୟକ, ରୋଶନ ସାଇ ପାଲ୍, ଓମ୍ ସତ୍ୟମ ମହାନ୍ତି, ଆଦ୍ୟାଶା ଷଡ଼ଙ୍ଗୀ, ସ୍ନିଗ୍ଧା ସୁବୁଦ୍ଧି, ତୁଷାର ବିଶ୍ୱାଳ, ରାଜୀବ ଭୋଇ, ପଲକ ପାରହି, ଦେବାଶ୍ରିତା ମହାନ୍ତି, ସଙ୍ଗୋଲ ମୁର୍ମୁ, ସଞ୍ଜନା ମୁର୍ମୁ,

ସାହେବ ବେରା, ସାରଣ ସୋରେଣ, ଶ୍ରେୟାନ ମାଜି, ଏ ଯଶବନ୍ତ କୁମାର, ଇନ୍ଦ୍ରାଣୀ ବେରା, ଜ୍ୟୋତିଜିତ ସାମନ୍ତ, ତ୍ରିଲୋଚନ ରଣା, ତ୍ରିନାଥ ରଣା, ଚନ୍ଦନା ପ୍ରିୟଦର୍ଶିନୀ, ସୌରଜିତ ଦାସ, ସ୍ୱୟଂ ପ୍ରକାଶ ଶତପଥୀ, ସୁମନା ଦାସ, ସୁଜ୍ଞାନୀ ସାବତ, ଆଦ୍ୟାଶା ପ୍ରିୟଦର୍ଶିନୀ, ଶଶାଙ୍କ ମହାରଣା, ବିଦ୍ୟାଂଶୁ ସାହୁ, ଦିଶାନ୍ତିକା ପଣ୍ଡା, ଶ୍ରେୟା ଶୁଭଦର୍ଶିନୀ, ରେୟାଂଶୁ ପଣ୍ଡା, ଦିବିତ ସ୍ୱାଇଁ, ଲୌଲେଶ ବିଶ୍ୱାଳ, ମୋକ୍ଷିତା ପଣ୍ଡା, ସୂର୍ଯ୍ୟ ନାରାୟଣ ମାର୍ଥା। ରୌପ୍ୟ-ରୋହିତ କୁମାର ସ୍ୱାଇଁ, ଓମ୍ ଶୁଭମ ମହାନ୍ତି, ଅଦ୍ୟାଶା ଷଡ଼ଙ୍ଗୀ, ଅଙ୍କୁଶ କୁମାର ବାରିକ, ମାର ବାରିକ, ସାହେବ ବେରା, ସୁମନା ଦାସ, ସୋହମ ସ୍ୱାଇଁ, ଶୁଭଙ୍କର ଦେବନାଥ, ଆୟୁଷ୍ମାନ ପାତ୍ର, ଆହାନ୍ନା ଜୋଷୀ।

କାଂସ୍ୟ-ଆଶୁତୋଷ ବେହେରା, ପ୍ରୟାସ ଘୋଷ ଓ ଶଶାଙ୍କ ମହାରଣା।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583